R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୫୪
ତିଥି : ଅଷ୍ଟମୀ
୨୮ ନଭେମ୍ବର ୨୦୨୫, ଶୁକ୍ରବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 54
28 November 2025, Friday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

### ବିଧାନସଭାକୁ ସମ୍ବୋଧିତ କଲେ ରାଷ୍ଟ୍ରପତି

## ଜଗନ୍ନାଥଙ୍କ ଆଶୀର୍ବାଦ ନଥିଲେ, ମୁଁ ଏଇଠି ନଥାନ୍ତି

ଭୁବନେଶ୍ୱର, ୨୭ ।୧୧ (ସବ୍ୟୁ) : ବିଶ୍ୱର ଅନେକ ଗୃହରେ ସମ୍ବୋଧନ କରିବାର ସୁଯୋଗ ପାଇଛି । କିନ୍ତୁ ଓଡ଼ିଶା ବିଧାନସଭାକୁ ସମ୍ବୋଧନ କରିବାର ସ୍ମୃତି ଟିକିଏ ନିଆରା । ଏଠାରୁ ମୁଁ କଥା କହିବା ଶିଖିଛି । ରାଜନେତା ହିସାବରେ ଲୋକଙ୍କୁ କେମିତି ବ୍ୟବାର କରିବା ଓ ପ୍ରସଙ୍ଗ ଉପସ୍ଥାପନ କରିବା, ତାହା ଓଡ଼ିଶା ବିଧାନସଭା ମୋତେ ଶିଖାଇଛି । ଓଡ଼ିଶା ବିଧାନସଭା ମୋର ଫାଉଣ୍ଡେସନକୁ ସୁଦୃଢ଼ କରିଛି । ଜଗନ୍ନାଥଙ୍କର ଆଶୀର୍ବାଦ ନଥିଲେ, ମୁଁ ଯେଉଁଠି ଅଛି, ବୋଧେ ନଥାନ୍ତି । ଓଡ଼ିଶା ବିଧାନସଭାରେ ଆଜି ବିଧାୟକ, ଅଧିକାରୀ ଏବଂ ନିମନ୍ତ୍ରିତ ଅତିଥିମାନଙ୍କୁ ସମ୍ବୋଧିତ କରି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହା କହିଛନ୍ତି ।

ଗୁରୁବାର ସପ୍ତଦଶ ବିଧାନସଭାର ୫ମ ଅଧିବେଶନକୁ ସମ୍ବୋଧିତ କରି ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ କହିଥିଲେ, ଅତୀତରେ ମୁଁ ଏହି ଗୃହରେ ବସିବାର ସୁଯୋଗ ପାଇଥିଲିଛ ଅନେକ ବର୍ଷ ପରେ ପୁଣି ଥରେ କହିବାର ସୁଯୋଗ ପାଇଛି । ଏଠାରେ ବିଧାୟକ ଭାବେ ପ୍ରଶ୍ନ ପଚାରିଛି । ମନ୍ତ୍ରୀ ଥିବା ବେଳେ ବିଧାୟକମାନଙ୍କର ପ୍ରଶ୍ନ ଉତ୍ତର ଦେଇଛି । ଅନେକ ଲୋକଙ୍କର ସହିତ କାମ କରିବାର ସୁଯୋଗ ପାଇଛି । କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହିତ ଏଠାରେ ୨୦୦୦ ମସିହାରେ ଏକାଠି ବସିବାର ସୁଯୋଗ ପାଇଥିଲି । ଜୁଏଲ ଓରାମ ଏବଂ ପୂର୍ବତନ ବିଧାୟକଙ୍କ ସହିତ ଏକାଠି ହେବାର ସୁଯୋଗ ପାଇଛି ।

ଓଡ଼ିଶା ଏକ ପ୍ରାଚୀନ ଏବଂ ସାଂସ୍କୃତିକ ରାଜ୍ୟ । ଭାରତୀୟ ସଭ୍ୟତାରେ ଓଡ଼ିଶାର ଭୂମିକା ଗୁରୁିବପୂର୍ଣ୍ଣ । ଭୁବନେଶ୍ୱରର ଉପକଣ୍ଠରେ ଦୟାନଦୀ ଆଜି ମଧ୍ୟ ପ୍ରବାହିତ ହେଉଛି । ୧୮୫୭ ମସିହାରେ ଇଂରୋଜମାନଙ୍କ ବିରୋଧରେ ବିଦ୍ରୋହ ଆରମ୍ଭ ହୋଇଥିଲା, ଯାହା ପାଇକ ବିଦ୍ରୋହ ନାମରେ ଜଣାଶୁଣା । ଜୟୀରାଜଗୁରୁ ତାର ନାୟକ ଥିଲେ । ବ୍ରିଟିଶ ଶାସନ କାଳରେ ଓଡ଼ିଶାର ଅନେକ ମହାନାୟକ ଲଢ଼େଇ କରିଥିଲେ । ବୀର ସୁରେନ୍ଦ୍ର ସାଏ, ଲକ୍ଷ୍ମଣ ନାୟକ, ବାଜିରାଉତ, ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସ, ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କୁ ମନେ ପକାଇଥିଲେ ।

ଭାରତର ଗଠନରେ ଓଡ଼ିଶାର ଭୂମିକା ଗୁରୁତ୍ୱପୂର୍ଣ୍ଣ । ସ୍ୱାଧୀନତା ସଂଗ୍ରାମରେ ରମାଦେବୀ, ସାରଳାଦେବୀ, ମାଳତୀ ଦେବୀଙ୍କୁ ଭୁଲି ହେବ ନାହିଁ । ଓଡ଼ିଶା ବିଧାନସଭାରେ ମହିଳା ନେତ୍ରୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ବର୍ତ୍ତମାନର ବାଚସ୍ପତି ମହିଳା, ପୂର୍ବରୁ ମଧ୍ୟ ଓଡ଼ିଶାର ବାଚସ୍ପତି ମହିଳା ଥିଲେ । ସ୍ୱାଧୀନତା ପୂର୍ବରୁ ଏ ଲକ୍ଷ୍ମୀବାଇ ମଧ୍ୟ ଉପବାଚସ୍ପତି ହୋଇଥିଲେ । ନନ୍ଦିନୀ ଶତପଥୀ ଭାରତର ଦ୍ୱିତୀୟ ମୁଖ୍ୟମନ୍ତ୍ରୀ ଭାବେ ଜଣାଶୁଣା । ଓଡ଼ିଶାର ମହିଳାମାନେ ସାହିତ୍ୟକୁ ମଧ ସମୃଦ୍ଧ କରିଛି ।



ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋନହ ଚରଣ ମାଝୀ କମ ଦିନ ମଧ୍ୟରେ ରାଜ୍ୟ ପାଇଁ ବହୁ ଗୁରୁତ୍ୱପୂର୍ଣ୍ଣ କାମ କରିଛନ୍ତି । ରାଜ୍ୟର ମହିଳାମାନେ ସୁଭଦ୍ରା ଟଙ୍କାକୁ ବିନିଯୋଗ କରିଛନ୍ତି, ଲକ୍ଷପତି ଦିଦି ହୋଇପାରିଛନ୍ତି । ଓଡ଼ିଶା ହେଉଛି ଚାଷ ଓ ଚାଷୀର ରାଜ୍ୟ । ସରକାର ଏଠାରେ ଚାଷୀମାନଙ୍କୁ ସବ୍‌ସିଡି ଯୋଗାଇଛନ୍ତି । କୃଷି, ଶିଳ୍ପ ଓ ବାଣିଜ୍ୟ ପାଇଁ ଓଡ଼ିଶା ଅନୁକୂଳ ହେବ । ଉଭୟ କେନ୍ଦ୍ର ଓ ରାଜ୍ୟର ମିଳିତ ଉଦ୍ୟମରେ ଓଡ଼ିଶାର ଶିଳ୍ପର ବିକାଶ ପାଇଁ କାମ ଜାରି ରହିଛି । ଓଡ଼ିଶା ହେଉଛି ଜଗନ୍ନାଥଙ୍କର ମାଟି । ସେଥିପାଇଁ ଓଡ଼ିଶାର ମାଟି, ଖଣି ଓ ଜଙ୍ଗଲ ଭରପୁର ରହିଛି । ଓଡ଼ିଶାରେ ସୁଦୀର୍ଘ ବେଳାଭୂମି ରହିଛି । ୨୦୪୭ରେ ଭାରତ ବିକଶିତ ହୋଇସାରିଥିବ । ୨୦୩୬ରେ ଓଡିଶା ଗଠନକୁ ୧୦୦ ବର୍ଷ ହେବ । ୨୦୩୬ରେ ଓଡ଼ିଶା ସମୃଦ୍ଧ ହୋଇପାରିଲେ, ତାହା ବିକଶିତ ଭାରତରେ ବଡ଼ ଯୋଗଦାନ ହେବ ବୋଲି ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ କହିଥିଲେ ।

ବିଧାନସଭାର ଶୀତ ଅଧିବେଶନର ଅପରାହ୍ନରେ ପ୍ରାରମ୍ଭରେ ବାଚସ୍ପତି ସୁରମା ପାଢ଼ୀ ରାଷ୍ଟ୍ରପତି ଦୌପଦୀ ମୁର୍ମୁଙ୍କୁ ସ୍ୱାଗତ କରି କହିଥିଲେ, ଭାରତର ପ୍ରଥମ ମହିଳା, ରାଷ୍ଟ୍ରର ପ୍ରଥମ ନାଗରିକ, ଜଳ, ସ୍ଥଳ ଓ ଆକାଶବାହିନୀର ମୁଖ୍ୟ ନୁହଁନ୍ତି, ବରଂ ଓଡ଼ିଶାର ପ୍ରଥମ ମହିଳା ଶ୍ରେଷ୍ଠ ବିଧାୟିକା ଭାବେ ୨୦୦୭ ମସିହାରେ ପଣ୍ଡିତ ନୀଳକ= ଦାସ ସମ୍ମାନରେ ସମ୍ମାନିତ, ଝାଡ଼ଖଣ୍ଡ ରାଜ୍ୟର ପ୍ରଥମ ମହିଳା ରାଜ୍ୟପାଳ, ଭାରତବର୍ଷର ପ୍ରଥମ ଆଦିବାସୀ ମହିଳା ରାଷ୍ଟ୍ରପତି, ଭାରତର ସର୍ବକନିଷ୍ଠ ରାଷ୍ଟ୍ରପତି ଏବଂ ଦେଶର ୧୦ ଟି ବିଧାନସଭାକୁ ସମ୍ବୋଧିତ କରିବାରେ ପ୍ରଥମ ରାଷ୍ଟ୍ରପତି ହୋଇପାରିଛନ୍ତି । ଓଡ଼ିଶା ତଥା ଭାରତୀୟ ମହିଳାମାନଙ୍କ ମଧ୍ୟରେ ଅଭୁତପୂର୍ବ ଆଶା ଓ ଉଦ୍ଦୀପନା ସୃଷ୍ଟି କରିଛନ୍ତି । ବିଶ୍ୱ ଦରବାରରେ ଆମ ଓଡିଶାର ଗୌରବଶାଳୀ ଇତିହାସ, ବିଜ୍ଞାନ, କଳା ସଂସ୍କୃତି ଓ ସାହିତ୍ୟକୁ ଉପସ୍ଥାପନା କରି ଆପଣ ଓଡିଆ ଜାତିକୁ ନୂଆ ପରିଚୟ ଦେଇଛନ୍ତି । ନୂତନ ପ୍ରଯୁକ୍ତିବିଦ୍ୟା, କୃତ୍ରିମ ବୁଦ୍ଧିମତାର ପ୍ରୟୋଗ ମଧ୍ୟ ଓଡ଼ିଶା ବିଧାନସଭାକୁ ଅତ୍ୟାଧୁନିକ କରିଛି । ବିଧାୟକମାନଙ୍କୁ ଅପାର ପ୍ରେରଣା ପ୍ରଦାନ (୯ ପୃଷ୍ଠାରେ)

- ୧୧ନଂ ପ୍ରକୋଷ୍ଠରେ ସ୍ମୃତି ସାଉଁଟିଲେ
- ଓଡ଼ିଶା ବିଧାନସଭାରୁ କହିବା ଶିଖିଛି : ରାଷ୍ଟ୍ରପତି
- ବିଶ୍ୱ ଦରବାରରେ ଓଡିଆ ଜାତିକୁ ନୂଆ ପରିଚୟ ଦେଇଛନ୍ତି : ବାଚସ୍ପତି
- ଏହି ଗୃହ ଆପଣଙ୍କୁ ସବୁଦିନ ମନେରଖିବ : ରାଜ୍ୟପାଳ
- ଆଜିର ଦିନଟି ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ : ମୁଖ୍ୟମନ୍ତ୍ରୀ
- ଦେଶର ରାଷ୍ଟ୍ରପତି ହୋଇ ଏ ମାଟିର ଗୌରବ ବୃଦ୍ଧି କରିଛନ୍ତି : ନବୀନ

## ସାଂସଦ, ବିଧାୟକଙ୍କ ଦ୍ୱାରା ଶିକ୍ଷକ ବଦଳି ବିଜ୍ଞପ୍ତି ହାଇକୋର୍ଟରେ ରଦ୍ଦ

କଟକ, ୨୭ ।୧୧ (ସବ୍ୟୁ) : ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ବଦଳି କରିପାରିବେ ନାହିଁ ସାଂସଦ, ବିଧାୟକ। ଏଭଳି ନିୟମ ଆଇନର ବିରୋଧାଚରଣ କରୁଛି । ଏ ସଂକ୍ରାନ୍ତରେ ରାଜ୍ୟ ସରକାରଙ୍କ କୌଣସି ସ୍ପଷ୍ଟ ନିର୍ଦ୍ଦେଶନାମା ମଧ୍ୟ ନାହିଁ । କେବଳ ଶିକ୍ଷା ବିଭାଗର ଜଣେ ଯୁଗ୍ମ ସଚିବଙ୍କ ଜରିଆରେ ଏକ ବିଜ୍ଞପ୍ତି ଜାରି କରି ଦିଆଯାଇଛି । ଏହି ବିଜ୍ଞପ୍ତିକୁ ହାଇକୋର୍ଟ ଆଜି ରଦ୍ଦ କରିବା ସହ ଏଭଳି ଏକ ନିଷ୍ପତ୍ତିକୁ କଡ଼ା ଭାଷାରେ ଭର୍ତ୍ସନା ମଧ୍ୟ କରିଛନ୍ତି । ଏହି ବିଜ୍ଞପ୍ତି ଆଧାରରେ ଯେଉଁ ଶିକ୍ଷକମାନଙ୍କର ବଦଳି ହୋଇସାରିଛି ଏବଂ ସେମାନେ ବଦଳି ସ୍ଥାନରେ ଯୋଗ ଦେଇ ସାରିଛନ୍ତି ଉକ୍ତ ଶିକ୍ଷକମାନେ ସେହି ସ୍ଥାନରେ ଚଳିତ ଶିକ୍ଷାବର୍ଷ ଶେଷ ହେବା ପର୍ଯ୍ୟନ୍ତ କାର୍ଯ୍ୟ କରିବେ । ବର୍ତ୍ତମାନ ଶିକ୍ଷାବର୍ଷ ଚାଲିଥିବାରୁ ମଝି ସମୟରେ ଯଦି ଶିକ୍ଷକମାନଙ୍କୁ ପୁନର୍ବାର ପୂର୍ବସ୍ଥାନକୁ ଫେରାଇ ଅଣାଯାଏ ଏହାଦ୍ୱାରା ଛାତ୍ରଛାତ୍ରୀଙ୍କ ଶିକ୍ଷାଦାନ ବାଧାପ୍ରାପ୍ତ ହେବ । ତେଣୁ ଶିକ୍ଷାବର୍ଷ ଶେଷ ହେବାର ଗୋଟେ ସପ୍ତାହ ପୂର୍ବରୁ ସେହି ଶିକ୍ଷକମାନଙ୍କୁ ସେମାନଙ୍କ ପୂର୍ବ ସ୍ଥାନକୁ ଫେରାଇ ଅଣାଯିବ। ଯଦି ଏହି ଆଦେଶ ଅନୁଯାୟୀ ସରକାର କାର୍ଯ୍ୟ ନକରନ୍ତି ତାହେଲେ ଅଦାଲତ ଏହାକୁ ଗୁରୁତ୍ୱର ସହ ଗ୍ରହଣ କରିବେ ବୋଲି ହାଇକୋର୍ଟ ଆଦେଶରେ ସ୍ପଷ୍ଟ କରିଛନ୍ତି। ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ବଦଳି ସଂକ୍ରାନ୍ତ ବିଜ୍ଞପ୍ତିକୁ ଚାଲେଞ୍ଜ କରି ରୁଜୁ ମାମଲାରେ ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଡି.କେ. ଶ୍ରୀପଦ ଆଜି ଏହି ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟ କହିଛନ୍ତି ଯେ, ଗୋଟେ ଦେଶକୁ ଯଦି ସମ୍ପୂର୍ଣ୍ଣ ଲିଭାଇବାକୁ ଚାହୁଁଛ ତାହେଲେ ପରମାଣୁ ବମ ଆବଶ୍ୟକତା ନାହିଁ । କେବଳ ଉକ୍ତ ଦେଶର ଶିକ୍ଷା ବ୍ୟବସ୍ଥାକୁ ନଷ୍ଟ କରିଦେଲେ ଦେଶଟି ଆପଣାଛାଏଁ ନଷ୍ଟ ହୋଇଯିବ। ସବୁ ସରକାରୀ ବିଦ୍ୟାଳୟରେ ଥିବା ଶିକ୍ଷକମାନେ ସରକାରୀ ଚାକିରିଆ। କିନ୍ତୁ ସମସ୍ତ ସରକାରୀ ଚାକିରିଆ ଶିକ୍ଷକ ନୁହଁନ୍ତି। ତେଣୁ ଏହି ବଦଳି ଆଦେଶ ବିଜ୍ଞପ୍ତି ସମସ୍ତ ସରକାରୀ ଚାକିରିଆଙ୍କ ଭଳି ଶିକ୍ଷକଙ୍କ କ୍ଷେତ୍ରରେ ଲାଗୁ ହୋଇପାରିବ ନାହିଁ ବୋଲି ହାଇକୋର୍ଟ କହିଛନ୍ତି । ଶିକ୍ଷାଦାନ କ୍ଷେତ୍ରରେ ସ୍ୱଚ୍ଛତା ନିହାତି ରହିବା ଦରକାର। ଏଥିରେ କୌଣସି ପ୍ରକାର ରାଜନୈତିକ ହସ୍ତକ୍ଷେପ ଗ୍ରହଣୀୟ ନୁହେଁ । (୯ ପୃଷ୍ଠାରେ)

### ଜେଲ୍‌ରେ ଇମ୍ରାନ୍ ଖାନ୍‌ଙ୍କ ମୃତ୍ୟୁ ଖବରର ସ୍ପଷ୍ଟୀକରଣ ଦେଲେ କର୍ତ୍ତୃପକ୍ଷ

## ସୁସ୍ଥ ଅଛନ୍ତି ଇମ୍ରାନ୍, ନିୟମିତ ଚିକିତ୍ସା ଚାଲିଛି

ନୂଆଦିଲ୍ଲୀ, ୨୭ ।୧୧ : ପାକିସ୍ତାନର ଜେଲରେ ଥିବା କ୍ରିକେଟରୁ ରାଜନେତା ବନିଥିବା ଇମ୍ରାନ ଖାନଙ୍କ ମୃତ୍ୟୁ ଖବର ଦିନକୁ ଦିନ ରହସ୍ୟମୟ ହୋଇପଡୁଛି। ପାକିସ୍ତାନର ଆଡିଆଲା ଜେଲରେ ଇମ୍ରାନ ଖାନ ଅଛନ୍ତି। ମାତ୍ର ତାଙ୍କୁ ଭେଟିବା ପାଇଁ କାହାକୁ ଅନୁମତି ଦିଆଯାଉନାହିଁ। ତେବେ ଜେଲ୍ କର୍ତ୍ତୃପକ୍ଷ କହିଛନ୍ତି ଯେ, ଇମ୍ରାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି ଓ ସେ ନିୟମିତ ଚିକିତ୍ସକଙ୍କ ତତ୍ତ୍ୱାବଧାନରେ ରହିଛନ୍ତି। ତାଙ୍କ ସ୍ୱାସ୍ଥ୍ୟ ନେଇ ଯେଉଁ କଳ୍ପନାଜଳ୍ପନା ରହିଛି ତାହା ଭିତ୍ତିହୀନ।



ବୁଧବାର ଏକ ଖବର ପ୍ରସାରିତ ହୋଇଥିଲା ଯେ, ଜେଲ୍ ଭିତରେ ଇମ୍ରାନ୍ ଖାନଙ୍କ ମୃତ୍ୟୁ ହୋଇଛି। ମାତ୍ର ଏହାକୁ ଖଣ୍ଡନ କରାଯାଇଛି। ଆଡିଆଲା ଜେଲରୁ ତାଙ୍କୁ ଅନ୍ୟ କେଉଁଠିକୁ ନିଆଯିବା ରିପୋର୍ଟ ସତ୍ୟ ନୁହେଁ। ଇମ୍ରାନଙ୍କ ଭଉଣୀ ଲୋରେନ୍ ନିଆଦି ଆଲିମା ଖାନ୍ ଓ ଡ. ଉଜାମ ଖାନ ଅଭିଯୋଗ କରିଥିଲେ ଯେ ତାଙ୍କୁ ଜେଲ ବାହାରେ ନିର୍ଯ୍ୟାତନା ଦିଆଗଲା ଓ ଇମ୍ରାନ ଖାନଙ୍କୁ ସାକ୍ଷାତ କରିବାକୁ ଦିଆଯାଇନଥିଲା। ଏହି ଘଟଣା ପରେ ଏହି ସ୍ୱଷ୍ଟିକରଣ ଆସିଛି। ୭୨ ବର୍ଷୟ ପିଟିଆଇ ନେତା ଇମ୍ରାନଙ୍କର ଚିକିତ୍ସାରେ ଅବହେଳା ଯୋଗୁଁ ମୃତ୍ୟୁ ଘଟିଛି ବୋଲି ଆଫଗାନସ୍ତାନର ଏଗ ଗଣମାଧ୍ୟମ ସଂସ୍ଥାରେ ପ୍ରକାଶ ପାଇଥିଲା। ଏହି ଗୁଜବ ଧୀରେ ଧୀରେ ଭାଇରାଲ ହୋଇଥିଲା। ଆଡିଆଲା (୯ ପୃଷ୍ଠାରେ)

## ୭୧ ବର୍ଷର ଶୀତ ରେକର୍ଡ ଭାଙ୍ଗିଲା ଝାରସୁଗୁଡା

ଭୁବନେଶ୍ୱର, ୨୭ ।୧୧ (ସବ୍ୟୁ): ରାଜ୍ୟରେ ପୁଣି ଖସିଲା ପାରଦ, ବଢ଼ିଲା ଶୀତ । ପ୍ରବଳ ଥଣ୍ଡାରେ କଲବଲ ହେଉଛନ୍ତି ଲୋକେ । ରାଜ୍ୟର କନ୍ଧମାଳଜିଲ୍ଲା ସମେତ ବିଭିନ୍ନ ସ୍ଥାନରେ ଗତକାଲି ତୁଳନାରେ ଆଜି ଅଧିକ ଶୀତ ଅନୁଭୂତ ହେଉଛି । କନ୍ଧମାଳରେ ଗତକାଲି ଠାରୁ ଆଜି ୧.୪ଡିଗ୍ରୀ ପାରଦ ହ୍ରାସ ପାଇ ୭.୪ ଡିଗ୍ରୀ ରେକର୍ଡ ହୋଇଛି । ଏତାସହ ୭୧ ବର୍ଷର ରେକର୍ଡ ଭାଙ୍ଗିଛି ଝାରସୁଗୁଡ଼ା । ଝାରସୁଗୁଡାରେ ଆଜି ସର୍ବନିମ୍ନ ରାତ୍ରି ତାପମାତ୍ରା ୮.୧ଡିଗ୍ରୀ ରେକର୍ଡ ହୋଇଛି । ଯାହାକି ନଭେମ୍ବରରେ ରେକର୍ଡ ହୋଇଥିବା ସବୁଠାରୁ କମ ରାତି ତାପମାତ୍ରା ।

ପାରଦ ତଳମୁଁହା ହେବା ସହ ଜାଡ଼ ଆରମ୍ଭ ହୋଇଯାଇଛି । ପ୍ରବଳ ଥଣ୍ଡା ସାଙ୍ଗକୁ ଜାଡ଼ ସ୍ଥାନୀୟ ଅଞ୍ଚଳବାସୀଙ୍କ ଜୀବନ ଜୀବିକା ପ୍ରଭାବିତ କରିଛି। ଦିନରେ ତାପମାତ୍ରା (୯ ପୃଷ୍ଠାରେ)

## ବିଦେଶୀ ନାଗରିକଙ୍କ ଆଧାରକାର୍ଡ ଥିଲେ କ'ଣ ଭୋଟର ହେବେ ?

ନୂଆଦିଲ୍ଲୀ, ୨୭ ।୧୧ : ସ୍ପେଶାଲ ଇଣ୍ଟେନସିଭ୍ ରିଭିଜନ୍ (ଏସ୍‌ଆଇଆର)ରେ ଆଧାର କାର୍ଡକୁ ବୈଧ ଦସ୍ତାବିଜ୍ ଭାବେ ଗ୍ରହଣ କରିବା ନେଇ ଏବେ ପୁଣି ପ୍ରଶ୍ନ ଉଠିଛି। ଏସ୍‌ଆଇଆରରେ ୧୨ ଦସ୍ତାବିଜ୍ ସମେତ ଆଧାରକାର୍ଡକୁ ଅନୁମତି ଦିଆଯାଇଛି। ତେବେ ଆଧାରକାର୍ଡର ଭୂମିକାକୁ ନେଇ ସୁପ୍ରିମକୋର୍ଟ ବଡ ପ୍ରଶ୍ନ କରିଛନ୍ତି। ଆଧାରକାର୍ଡ ହାସଲ କରିଥିବା ବିଦେଶୀ ନାଗରିକ ବା ଅନୁପ୍ରବେଶକାରୀଙ୍କୁ ଆପେ ଆପେ ଭୋଟର ତାଲିକାରେ ସାମିଲ କରାଯିବା କି ବୋଲି ପ୍ରଶ୍ନ କରିଛନ୍ତି।

ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଓ ଜଷ୍ଟିସ୍ ଜୟମାଲା ବାର୍ଚ୍ଚିଙ୍କ ଖଣ୍ଡପୀଠ ଏହି (୯ ପୃଷ୍ଠାରେ)

### ଏସ୍‌ଆଇ ନିଯୁକ୍ତି କେଳେଙ୍କାରୀ

## ଯାଞ୍ଚ କରୁଛି ସିବିଆଇର ବୈଷୟିକ ଟିମ୍

ଭୁବନେଶ୍ୱର, ୨୭ ।୧୧ (ସବ୍ୟୁ) : ଜବତ ଡିଜିଟାଲ ଡିଭାଇସ୍‌କୁ ନେଇ ତନାଘନା କରୁଛି ସିବିଆଇ ଟେକ୍ନିକାଲ ଟିମ୍ । ଅନ୍ୟ ପକ୍ଷରେ ରିମାଣ୍ଡ ଅନୁମତି ପରେ ୪ ଦଲାଲଙ୍କୁ ସିବିଆଇ ୩ଦିନ ପାଇଁ ହେମାଜତକୁ ନେଇଛି। ପୂର୍ବରୁ ୧୩ଜଣ ପରୀକ୍ଷାର୍ଥୀଙ୍କୁ ସିବିଆଇ ଡାକି ଜେରା କରିବା ପରେ ଦଲାଲଙ୍କ ସହ ପିପିଲି ଅଞ୍ଚଳର ଆଉ ଦୁଇଜଣ ପରୀକ୍ଷାର୍ଥୀଙ୍କ କ୍ରସ ଜେରା ହୋଇଛି । କ୍ରସ ଜେରାର ସମ୍ମୁଖୀନ ହୋଇଥିବା ଦୁଇ ପରୀକ୍ଷାର୍ଥୀ ଗୁରୁବାର ସିବିଆଇରେ ହାଜର ହୋଇଥିଲେ ।

**ପୁଣି ଦୁଇ ପରୀକ୍ଷାର୍ଥୀଙ୍କୁ ଜେରା**

ଅଦାଲତ ରିମାଣ୍ଡ ଅନୁମତି ଦେଇଥିବା ଦଲାଲ ଲୋକନାଥ ସାହୁ, ତପି ମହମ୍ମଦ ଖାନ୍, ବିଶ୍ୱଜିତ ହରିଚନ୍ଦନ ଓ ଏସ୍‌ଏସ୍‌ବି ଯବାନ ବିଶ୍ୱରଞ୍ଜନ ସେନାପତିଙ୍କୁ ହେପାଜତକୁ ନେବା ପୂର୍ବରୁ ଡାକ୍ତରୀ ପରୀକ୍ଷା କରାଯାଇଥିଲା। ଆସନ୍ତା ୨୯ ତାରିଖ ଅପରାହ୍ନ ୪ଟା ପର୍ଯ୍ୟନ୍ତ ୪ ଦଲାଲ ସିବିଆଇ ହେପାଜତରେ ରହିବେ । ଦିଲ୍ଲୀରୁ ଆସି ଭୁବନେଶ୍ୱର ସିବିଆଇ ଅଫିସ୍‌ରେ ପହଞ୍ଚିଥିବା ଟେକ୍ନିକାଲ (୯ ପୃଷ୍ଠାରେ)

### ଓଡ଼ିଶା ବିକାଶ ସମାବେଶ

## ଜଳବାୟୁ ସହନଶୀଳ, ଜନ କୈନ୍ଦ୍ରିକ ବିକାଶ ଲାଗି ରୂପରେଖ

ଭୁବନେଶ୍ୱର, ୨୭ ।୧୧ (ସବ୍ୟୁ): ଓଡ଼ିଶା ୨୦୩୬ ମସିହାରେ ତାର ଜନ୍ମ ଶତବାର୍ଷିକୀ ପାଳନ କରିବାକୁ ଯାଉଛି । ଏହି ପରିପ୍ରେକ୍ଷୀରେ ରାଜ୍ୟରେ ଜଳବାୟୁ ସହନଶୀଳ ଓ ଜନ କୈନ୍ଦ୍ରିକ ଯୋଜନା ବ୍ୟାପକ ଓ ପ୍ରଭାବୀ ଢ଼ଙ୍ଗରେ ହେବା ଆବଶ୍ୟକ, ଯାହା ଦ୍ୱାରା ଲୋକଙ୍କ ମୌଳିକ ଅଧିକାର, ପରିବେଶ ସୁରକ୍ଷା, ଲିଙ୍ଗ ସମାନତା ଓ ଭାଗୀଦାର ଅଂଶଗ୍ରହଣ ମୂଳକ ଶାସନ ସୁନିଶ୍ଚିତ ହୋଇପାରିବ । ଏହି ଲକ୍ଷ୍ୟ ପୂରଣ ପାଇଁ ଦୀର୍ଘମିଆଦୀ ସ୍ଥିରତା, ମର୍ଯ୍ୟାଦାପୂର୍ଣ୍ଣ ଜୀବିକା ଓ ସ୍ଥାପିତ ସମୃଦ୍ଧି ସୁନିଶ୍ଚିତ ହେବ । ଗୁରୁବାର ଏଠାରେ ଉଦଯାପିତ ହୋଇଥିବା ଦୁଇଦିନିଆ "ଓଡ଼ିଶା ବିକାଶ କନକ୍ଲେଭ'ରେ ଏହି ପ୍ରସଙ୍ଗରେ ବ୍ୟାପକ ପରାମର୍ଶ ଉପସ୍ଥାପିତ ହୋଇଛି । ଓଡ଼ିଶାର ବିକାଶ କାର୍ଯ୍ୟକ୍ରମ ମୌଳିକ ଅଧିକାର, ଲିଙ୍ଗ ସମାନତା ଓ ଭାଗିଦାରୀ ବ୍ୟବସ୍ଥା ଉପରେ ଆଧାରିତ ହେବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି ।



୪୦ରୁ ଅଧିକ ସଂସ୍ଥାର ମିଳିତ ସହଯୋଗରେ ଓ ୫୦୦ ରୁ ଅଧିକ ସିଭିଲ ସୋସାଇଟି, କର୍ପୋରେଟ ସଂସ୍ଥା, ଶିକ୍ଷାନୁଷ୍ଠାନ, ସ୍ୱେଚ୍ଛାସେବୀ, ବୁଦ୍ଧିଜୀବୀ, ଗଣମାଧ୍ୟମ ପ୍ରତିନିଧିଙ୍କ ଅଂଶଗ୍ରହଣରେ ଓଡିଶା ବିକାଶ କନକ୍ଲେଭର ଷଷ୍ଠ ସଂସ୍କରଣ ଆୟୋଜିତ (୯ ପୃଷ୍ଠାରେ)

## ଟ୍ରେଡିଂ ନାଁରେ ୫୦ କୋଟି ଠକେଇ, ଜଣେ ଗିରଫ

ସମ୍ବଲପୁର, ୨୭ ।୧୧ (ସବ୍ୟୁ): ସମ୍ବଲପୁର ସଦର ଥାନା ପୋଲିସ ଏକ ବଡ ଧରଣର ଠକେଇ ମାମଲାର ପର୍ଦ୍ଦାଫାଶ କରିଛି। ସେୟାର ବଜାର ଟ୍ରେଡିଂ ନାଁରେ ପ୍ରାୟ ୫୦କୋଟି ଟଙ୍କା ଠକେଇ ମାମଲାରେ ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଯୁବକଙ୍କ ଠାରୁ ୭ଟି ବ୍ୟାଙ୍କ ପାସ୍‌ବୁକ୍, ୩ଟି ଚେକ୍ ବୁକ୍, ୬ଟି ମନିଟର, ୫ଟି ସିପିୟୁ, ଏକ ପ୍ରିଣ୍ଟର, ୩ଟି ମୋବାଇଲ ଫୋନ ଓ କମ୍ପ୍ୟୁଟର ସରଞ୍ଜାମ ଆଦି ଜବତ (୯ ପୃଷ୍ଠାରେ)



# ଶୀତଦିନେ ନିଅନ୍ତୁ କେଶର ଯତ୍ନ

**ଶୀତଦିନ ଆସିଲେ ପ୍ରାୟ ଲୋକଙ୍କର ରୁପି ସମସ୍ୟା ଦେଖିବାକୁ ମିଳିଥାଏ । ଏଥିପାଇଁ ସମସ୍ତେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେବା ସହ ଚିନ୍ତିତ ମଧ ରହିଥାନ୍ତି । ତେବେ ଏଥିପାଇଁ ବିଭିନ୍ନ ପ୍ରକାର ଘରୋଇ ଉପଚାର ରହିଛି, ଯାହାର ଆଲୋଚନା ଶୀତ ଦିନ ଆସିଲେ ଆରମ୍ଭ ହୋଇଥାଏ । ତେବେ ଏହା ବ୍ୟକ୍ତି ଓ ବ୍ୟକ୍ତି ମଧରେ ଭିନ୍ନ ଦେଖିବାକୁ ମିଳିଥାଏ । ତେବେ ଶୀତଦିନେ ଆମେ କରୁଥିବା କିଛି ଭୁଲ କାରଣରୁ ମଧ ରୁପି ସମସ୍ୟା ବଢିବାରେ ଲାଗିଥାଏ । ଆସନ୍ତୁ ସେହିଭଳି କିଛି ଭୁଲ ବିଷୟରେ ପ୍ରଥମେ ଜାଣିବା, ଯାହା ଶୀତଦିନେ କରିବା ଅନୁଚିତ ।**





- ଗରମ ପାଣିରେ ଚୁଟି ଧୋଇବା ।
- ଅଧିକ ସମୟ ପର୍ଯ୍ୟନ୍ତ କେଶକୁ ଓଦା ରଖିବା ।
- ସଲ୍‌ଫେଟ ସାମ୍ପୋର ବ୍ୟବହାର ।
- ରାତିରେ ତେଲ ଲଗାଇ ଶୋଇବା ।
- ଅନେକ ସମୟରେ ଧରି ମୁଣ୍ଡରେ ଉଲର ଟୋପି ପିନ୍ଧିବା ।
- ଅନେକ ଦିନ ଧରି କେଶକୁ ସଫା ନକରିବା ।
- କେଶ ଅଧିକ ଥର ରଙ୍ଗ କରିବା ।
- କେଶରେ ଅଧିକଥର ଷ୍ଟ୍ରେଟ୍‌ନିଂ କିମ୍ବା ଡ୍ରାୟର ବ୍ୟବହାର କରିବା ।

ଉପରୋକ୍ତ ଭୁଲ ଶୀତଦିନେ ଆମର ରୁପି ସମସ୍ୟାକୁ ବଢାଇଥାଏ । ତେବେ ଏହା ସମସ୍ତଙ୍କ କ୍ଷେତ୍ରରେ ସମାନ ରହିବା ଏହା ନୁହେଁ । ତେଣୁ କୌଣସି ଉପାୟ ଆପଣାଇବା ପୂର୍ବରୁ ଏକ୍ସପର୍ଟଙ୍କ ପରାମର୍ଶ ନିଅନ୍ତୁ । କେଶକୁ ସୁସ୍ଥ ରଖିବାର ସବୁଠାରୁ ଭଲ ଉପାୟ ଖାଦ୍ୟରେ ଧ୍ୟାନ ଦେବା । ପ୍ରଥମେ ଏହି ଦିନେ ଅଧିକ ପାଣି ପିଅନ୍ତୁ, ଯାହା ଆମର ଶରୀର ସହିତ ଚୁଟିକୁ ମଧ ହାଇଡ୍ରେଟ ରଖିବ । ସେହିଭଳି ଖାଦ୍ୟରେ ବିଭିନ୍ନ ପୋଷଣ, ଭିଟାମିନ, ମିନେରାଲ୍‌କୁ ସାମିଲ କରନ୍ତୁ । ଖାଦ୍ୟରେ ଆମିଷ, ଶାଗ, ଫଳ ଓ ମଞ୍ଜି ଜାତୀୟ ଖାଦ୍ୟ ସାମିଲ କରନ୍ତୁ । ଏହା ଦ୍ୱାରା କେଶକୁ ସମସ୍ତ ଆବଶ୍ୟକୀୟ ପୋଷଣ ମିଳିବ । ସେହିଭଳି ଯଦି କେଶ ମୂଳ ଲମ୍ବା ସମୟ ଧରି କୁଣ୍ଡାଇ ହେଉଛି କିମ୍ବା ରୁପି ଯମା କମୁନାହିଁ ତେବେ ଡାକ୍ତରଙ୍କ ସହାୟତା ତୁରନ୍ତ ନିଅନ୍ତୁ ।

## ଏହିଦିନ

୧୬୬୦– ଲଣ୍ଡନରେ ଦି ରୟାଲ ସୋସାଇଟି ସ୍ଥାପିତ ।

୧୮୧୪– ଦି ଟାଇମ୍ସ ଅଫ୍ ଲଣ୍ଡନକୁ ପ୍ରଥମକରି ସ୍ୱଚାଳିତ ପ୍ରିଣ୍ଟ ମେସିନରେ ଛପାଗଲା ।

୧୮୯୩– ନ୍ୟୁଜିଲାଣ୍ଡରେ ରାଷ୍ଟ୍ରୀୟ ନିର୍ବାଚନରେ ପ୍ରଥମଥର ପାଇଁ ମହିଳାମାନେ ମତଦାନ କଲେ ।

୧୯୧୯– ଆମେରିକାରେ ଜନ୍ମିତ ଲେଡ଼ି ଆଷ୍ଟୋରଙ୍କୁ ହାଉସ୍ ଅଫ୍ କମର୍ସର ପ୍ରଥମ ମହିଳା ସଦସ୍ୟ ରୂପେ ଚୟନ କରାଗଲା ।



ଅମର ଗୋସ୍ୱାମୀ

୧୯୨୭– ପ୍ରସିଦ୍ଧ ଭାରତୀୟ ଚିକିତ୍ସକ ପ୍ରମୋଦ କରଣ ସେଠିଙ୍କ ଜନ୍ମ ।

୧୯୪୫– ଭାରତର ପ୍ରସିଦ୍ଧ ସାହିତ୍ୟିକ ତଥା ଔପନ୍ୟାସିକ ଅମର ଗୋସ୍ୱାମୀଙ୍କ ଦେହାନ୍ତ ।

୧୯୯୬– ପ୍ରଥମ ମହିଳା ରୂପେ କ୍ୟାପ୍‌ଟେନ ଇନ୍ଦ୍ରାଣୀ ସିଂଙ୍କ ଏୟାରବସ୍ ଏ–୩୦୦ ବିମାନକୁ କମାଣ୍ଡ କଲେ ।

୧୯୯୯– ପାକିସ୍ତାନକୁ ହରାଇବା ପରେ ଦକ୍ଷିଣକୋରିଆକୁ ଏସୀୟ ହକି କପ୍‌ର ଟାଇଟଲ୍ ।

## ଗୁପ୍ତଚର ଓଡଶ



ସାଧାରଣତଃ ଓଡଶ ନାଁ ଶୁଣିଲେ ସମସ୍ତେ ନାକ ଟେକନ୍ତି, କାରଣ ଏମାନେ ଅନେକ ସମସ୍ୟାର କାରଣ ସାଜିଥାଆନ୍ତି । ହେଲେ ଏହି ଜୀବକୁ ମାଲେଶିଆର କିଛି ବୈଜ୍ଞାନିକ ଗୁପ୍ତଚରରେ ପରିଣତ କରିଥିବା ଜଣା ପଡିଛି । ସାଇନ୍ସ ୟୁନିଭର୍ସିଟି ଅଫ ମଲେସିଆରେ ହେଉଥିବା ଗବେଷଣାରେ ଏ ସମ୍ପର୍କରେ ସୂଚନା ମିଳିଛି । ଏହି ପୋକ ଗୁଡିକ ପୁଲସଙ୍କ ପାଇଁ ଖୁବ ସାହାଯ୍ୟକାରୀ ହୋଇପାରିବେ ବୋଲି ସେମାନେ ସୂଚନା ଦେଇଛନ୍ତି । ଏହି ପୋକ ଗୁଡିକ ଯେଉଁ ମଣିଷର ରକ୍ତ ପିଇଥାଆନ୍ତି ସେମାନଙ୍କ ଡିଏନ୍‌ଏକୁ ୪୫ ଦିନ ପର୍ଯ୍ୟନ୍ତ ନିଜ ଶରୀରରେ ସୁରକ୍ଷିତ ରଖିଥାଆନ୍ତି । ତେଣୁ ଏହି ଡିଏନ୍‌ଏ ପୋଲିସ ପାଇଁ ଅପରାଧୀଙ୍କୁ ଧରିବାରେ ସହାୟତା କରିବ ବୋଲି ବୈଜ୍ଞାନିକମାନେ ମତ ଦେଇଛନ୍ତି । ତେବେ ଏହାର ପରୀକ୍ଷଣ ହେବା ବାକି ଅଛି ।

## ସୋସିଆଲ କୋଟ୍ସ



" ସେ ମୋ ପାଇଁ ଜୀବନର ସବୁକିଛି ଥିଲେ । ବର୍ତ୍ତମାନ ଜୀବନରେ ଏକ ଖାଲି ପଣ ଆସିଯାଇଛି, ଯାହା ଜୀବନସାରା ସାଥିରେ ରହିବ । ତାଙ୍କ ସ୍ମୃତି ସାହାରାରେ ଜୀବନ ବ୍ୟତିତ କରିବି ।

ହେମା ମାଳିନୀ, ଅଭିନେତ୍ରୀ



" କ୍ୟାରିୟରରେ ଅନେକ ସଂଘର୍ଷ କରିଛି । ଅଡିସନ ପାଇଁ ଯିବା ସମୟରେ ମୋ ପାଖେ ପୋଷାକ ମଧ ନଥିଲା, ମୁଁ ଭଡାରେ ଆଣୁଥିଲି ।

ରସିକା ଦୁଗଲ, ଅଭିନେତ୍ରୀ



" ମୁଁ ନିଜ ଦେଶରେ କେବେ ବି ଅସୁରକ୍ଷିତ ଅନୁଭବ କରି ନାହିଁ । ମୁମ୍ବାଇ ପୋଲିସ ଠାରୁ କେହି ବି ଭଲ ସୁରକ୍ଷା ଦେବେ ନାହିଁ ।

କପିଲ ଶର୍ମା, ଅଭିନେତା



## ପେନସନ ପାଇଁ ନେଲେ ମାଆଙ୍କ ରୂପ

ଇଟାଲୀର ଏକ ଘଟଣା ବର୍ତ୍ତମାନ ସୋସିଆଲ ମିଡିଆ ସହ ବିଭିନ୍ନ ଗଣମାଧ୍ୟମରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି । ଇଟାଲୀର ମାଣ୍ଟୁଆ ସହରରେ ଥିବା ୫୬ ବର୍ଷୀୟ ଜଣେ ବ୍ୟକ୍ତି ନିଜ ମାଆଙ୍କ ପେନସନ ନେବା ପାଇଁ ତାଙ୍କ ଭଳି ରୂପ ନେଇଛନ୍ତି । ଏପରିକି ସେ ନିଜ ମାଆଙ୍କ ଶବକୁ ୩ ବର୍ଷ ପାଇଁ ଲୁଚାଇ ମଧ ଥିଲେ । ସୂଚନା ଅନୁସାରେ ବ୍ୟକ୍ତିଙ୍କର ମାଆଙ୍କୁ ପ୍ରତିବର୍ଷ ପାଖାପାଖି ୪୭ ଲକ୍ଷର ପେନସନ ମିଳିଥାଏ । ହେଲେ ୨୦୨୨ରେ ଅସୁସ୍ଥତା କାରଣରୁ ତାଙ୍କର ୮୨ ବର୍ଷରେ ମୃତ୍ୟୁ ହୋଇଥିଲା । ହେଲେ ବୃଦ୍ଧାଙ୍କର ପୁଅ ପେନସନ ଟଙ୍କା ଲୋଭରେ ମାଆଙ୍କର ଅନ୍ତିମ ସଂସ୍କାର ମଧ କରିନଥିଲେ । ନିଜ ମାଆର ମୃତ ଶରୀରକୁ ସ୍ଲିପିଂ ବ୍ୟାଗରେ ଭର୍ତ୍ତି କରି ଲୁଚାଇ ରଖିଥିବା ଜଣା ପଡିଛି । ସେହିଭଳି ପେନସନ ଆଣିବା ପାଇଁ ଡକ୍ୟୁମେଣ୍ଟ ରିନ୍ୟୁ କରାଇବା ପାଇଁ ସେ ନିଜ ମାଆଙ୍କ ପୋଷାକ ପିନ୍ଧିବା ସହିତ ମେକଅପ କରି ପେନ୍‌ସନ ଅଫିସରେ ପହଞ୍ଚୁଥିଲେ । ଏତେ ଚାଲାକରେ ସେ କାର୍ଯ୍ୟ କରୁଥିଲେ କି କେହି ଏହାକୁ ଜାଣି ପାରୁନଥିଲେ । ହେଲେ ଜଣେ କର୍ମଚାରୀ ଏହି ଫର୍ଜରୀ ଧରିବାରେ ସଫଳ ହୋଇପାରିଥିଲେ, ଯାହାପରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଗିରଫ ମଧ କରାଯାଇଛି ।

## ପସନ୍ଦ ଆସୁଛି ନୂଆ କେମେଷ୍ଟ୍ରି





ପରଦାକୁ ଆସିବାକୁ ଯାଉଛି ଫିଲ୍ମ ତେରେ ଇଶକ ମେ, ଯେଉଁଥିରେ ଦର୍ଶକ ନୂଆ ଯୋଡି ଧନୁଷ ଓ କ୍ରିତି ସନନ୍‌ଙ୍କୁ ଦେଖିବାକୁ ପାଇବେ । ଫିଲ୍ମଟି ୨୮ ନଭେମ୍ବରରେ ରିଲିଜ ହେବା ନେଇ ସୂଚନା ରହିଛି । ତେବେ ଉଭୟଙ୍କ ଯୋଡିକୁ ଦେଖିବାକୁ ଦର୍ଶକଙ୍କ ଭିତରେ ଖୁବ ଉତ୍ସାହ ରହିଥିବା ସୋସିଆଲ ମିଡିଆ ଚର୍ଚ୍ଚାରୁ ଜଣା ପଡିଛି । ପ୍ରଥମରୁ ରିଲିଜ ହୋଇଥିବା ଟ୍ରେଲରକୁ ଦର୍ଶକ ଖୁବ ଭଲ ପାଇବା ଦେଇଥିଲେ । ଏହି ନୂଆ ଯୋଡିଙ୍କ କେମେଷ୍ଟ୍ରୀକୁ ଟ୍ରେଲରରେ ଦର୍ଶକ ଖୁବ ପସନ୍ଦ କରିଥିଲେ । ସୋସିଆଲ ମିଡିଆରେ ଏହି ଫିଲ୍ମକୁ ଧନୁଷଙ୍କ ଫିଲ୍ମ ରାଝଣା ସହିତ ତୁଳନା ମଧ କରାଯାଉଛି । ଫିଲ୍ମଟି ଏକ ଗଭୀର ପ୍ରେମ କାହାଣୀକୁ ନେଇ ପ୍ରସ୍ତୁତ ହୋଇଥିବା ଟ୍ରେଲରୁ ଜଣା ପଡିଛି । ଫିଲ୍ମର କାହାଣୀ ହିମାଂଶୁ ଶର୍ମା ଲେଖିଥିବାବେଳେ, ପ୍ରଥମଥର ପାଇଁ କ୍ରିତି ଓ ଧନୁଷଙ୍କୁ ଦର୍ଶକ ପରଦାରେ ଦେଖିବାକୁ ପାଇବେ । ଫିଲ୍ମଟି ବକ୍ସ ଅଫିସରେ ଭଲ ପ୍ରଦର୍ଶନ କରିବ ବୋଲି ପୂରା ଟିମ୍ ଆଶା ରଖିଛନ୍ତି ।



## ପୋଷାଜୀବ ଥିଲେ ଅଧିକ ଭଡ଼ା

ବେଙ୍ଗାଲୁରୁରେ ପୋଷା କୁକୁରଙ୍କ ପାଇଁ ଏକ ନୂଆ ନିୟମ ଲାଗୁ ହୋଇଛି । ଏହି ନୂଆ ନିୟମ ଅନୁସାରେ ବର୍ତ୍ତମାନ କୁକୁର ରଖିଲେ ଭଡାଟିଆଙ୍କୁ କୁକୁର ପାଇଁ ମଧ ଭଡା ଦେବାକୁ ହେବ । ଯାହାର ନାଁ ପେଟ ରେଣ୍ଟ ଦିଆଯାଇଛି । ଯଦି ଆପଣଙ୍କ ପାଖରେ ପୋଷା କୁକୁର କିମ୍ବା ବିଲେଇ ଅଛନ୍ତି ତେବେ ଆପଣଙ୍କୁ ପ୍ରତିମାସରେ ଏକ ହଜାରରୁ ଦୁଇ ହଜାର ଟଙ୍କା ଅଧିକ ଦେବାକୁ ହେବ । ଏହି ଟ୍ରେଣ୍ଡ ବାଙ୍ଗାଲୁରର କିଛି ସ୍ଥାନରେ ଲାଗୁ କରାଯାଇଛି । ତେବେ ପୋଷାପଶୁଙ୍କ କାରଣରୁ ଘରକୁ ହେଉଥିବା କ୍ଷତି ପାଇଁ ଏହି ଅଧିକ ଭଡା ନିଆଯାଉଥିବା ସୂଚନା ରହିଛି । ତେଣୁ ବର୍ତ୍ତମାନ ପୋଷା ଜୀବ ରଖିପାରିବେ ହେଲେ ଅଧିକ ଭଡା ଦେବାକୁ ହେବ ।

### ହାହାଃ.. ହାହାଃ..



ରାଜୁ ଏକ ବ୍ୟାଙ୍କକୁ ଗଲା

ରାଜୁ – ମତେ ଏକ ଜଏଣ୍ଟ ଆକାଉଣ୍ଟ ଖୋଲିବାର ଅଛି ।

ବ୍ୟାଙ୍କ କର୍ମଚାରୀ – ହଉ । କାହା ସହିତ ଖୋଲିବେ କୁହନ୍ତୁ ।

ରାଜୁ – ଯାହା ଆକାଉଣ୍ଟରେ ବେଶି ପଇସା ଅଛି ..



ବିଧାନସଭା ପରିସରରେ ଫଟୋ ସେସନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସହିତ ମନ୍ତ୍ରୀ, ବିଧାୟକ



ବିଧାନସଭା ଗୃହରେ ପ୍ରବେଶ କରୁଛନ୍ତି ମହାମହିମ ରାଷ୍ଟ୍ରପତି



ରାଷ୍ଟ୍ରପତିଙ୍କ କାରକେଡ୍



ରାଷ୍ଟ୍ରପତିଙ୍କୁ ସ୍ୱାଗତ କରୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ



ରାଷ୍ଟ୍ରପତିଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ବାଚସ୍ପତି ସୁରମା ପାଢ଼ୀ



ବିଧାନସଭାରେ ଜାତୀୟ ସଙ୍ଗୀତ ଗାନ ସମୟରେ ଦଣ୍ଡାୟମାନ ମହାମହିମ ଓ ବିଧାୟକ, ମନ୍ତ୍ରୀଗଣ

# ନବନିର୍ମିତ କଳିଙ୍ଗ ଅତିଥି ନିବାସ ଉଦ୍‌ଘାଟନ କଲେ ରାଷ୍ଟ୍ରପତି




ଭୁବନେଶ୍ୱର, (ସବ୍ୟୁ): ଦୁଇ ଦିନିଆ ଓଡ଼ିଶା ଗସ୍ତରେ ଆସିଥିବା ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଗୁରୁବାର ଦିନ ଭୁବନେଶ୍ୱରର ରାଜଭବନ ପରିସରରେ ନବନିର୍ମିତ କଳିଙ୍ଗ ଅତିଥି ନିବାସର ଉଦଘାଟନ କରିଛନ୍ତି। ଉଦଘାଟନ ଉତ୍ସବରେ ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି, ପ୍ରଥମ ମହିଳା ଶ୍ରୀମତୀ ଜୟଶ୍ରୀ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ, ଓଡ଼ିଶା ବିଧାନସଭାର ବାଚସ୍ପତି ଶ୍ରୀମତୀ ସୁରମା ପାଢୀ ଏବଂ ଓଡ଼ିଶା ସରକାରଙ୍କ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ସମେତ ଅନେକ ଉଚ୍ଚ ପଦାଧିକାରୀ ଯୋଗ ଦେଇଥିଲେ। ରାଜଭବନର ସବୁଜ ପରିବେଶ ମଧ୍ୟରେ ଅବସ୍ଥିତ କଳିଙ୍ଗ ଅତିଥି ନିବାସରେ ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ଏବଂ ପାରମ୍ପରିକ ସ୍ଥାପତ୍ୟର ପ୍ରତିଫଳନ ହୋଇଛି। କଳିଙ୍ଗ ଅତିଥି ନିବାସରେ ବାହ୍ୟ ଏବଂ ଭିତର ପାର୍ଶ୍ୱ ଉଭୟ ଶାସ୍ତ୍ରୀୟ ଓଡ଼ିଆ କାରିଗରୀ ଆଧାରିତ ମୋଟିଫ୍, ଭାସ୍କର୍ଯ୍ୟ ଏବଂ ଡିଜାଇନ୍ ପ୍ରଦର୍ଶନ କରେ। ପ୍ରତ୍ୟେକ କୋଠରୀକୁ ଓଡ଼ିଶାର ପରିଚୟ ଏବଂ ସାଂସ୍କୃତିକ ଐତିହ୍ୟକୁ ପ୍ରତିଫଳିତ କରିବା ପାଇଁ ଚିନ୍ତନଶୀଳ ଭାବରେ ଡିଜାଇନ୍ କରାଯାଇଛି। କଳିଙ୍ଗ ଅତିଥି ଭବନର ଉଦଘାଟନ ଏକ ଗୁରୁତ୍ୱପୂର୍ଣ୍ଣ ଗର୍ବର ମୁହୂର୍ତ୍ତ କାରଣ ଏହି ମର୍ଯ୍ୟାଦାଜନକ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ପୂର୍ବରୁ ନିଜେ ମାନ୍ୟବର ରାଷ୍ଟ୍ରପତି କରିଥିଲେ।

ଗଛରେ ପିଟିଲା କାର

# ୪ ଗୁରୁତର

ଦଶପଲ୍ଲା ,(ସବ୍ୟୁ): ୫୭ନଂ ଜାତୀୟ ରାଜପଥ ନୂଆଗାଁଓ ଥାନା ଲୁଣିସରା ନିକଟରେ ଏକ ଅଲେଫା କାର ଗଛରେ ଧକ୍କା ହୋଇ ଓଲଟି ପଡିବାରୁ ଗାଡି ଚାଳକଙ୍କ ସହ କାର ମଧ୍ୟରେ ଥିବା ୩ ଜଣ ଗୁରୁତର ହୋଇଛନ୍ତି । ଗୁରୁତରମନେ କାର ଡ୍ରାଇଭର ଗୋକୁଳ ନାୟକ,ବାଲାଜି ସାହୁ, ସଞ୍ଜୟ ନାଏକ,ବିଭୁପ୍ରସଦ ବାରିକ ବୋଲି ଜଣାପଡିଛି । ସେମାନଙ୍କୁ ନୂଆଗାଁ ଅଗ୍ନିଶମ ବାହିନୀ ଓ ଜାତୀୟ ରାଜପଥ ଆମ୍ବୁଲାନସ ଦ୍ୱାରା ଦଶପଲ୍ଲା ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରରେ ପ୍ରାଥମିକ ଚିକିତ୍ସା କରାଯାଇ ନୟାଗଡ ସ୍ଥାନାନ୍ତରିତ କରାଯାଇଛ । ଅଧିକ ଅବସ୍ଥା ଜଟିଳ ହେବାରୁ ନୟାଗଡରୁ ୩ ଜଣ ଙ୍କୁ ଭୁବନେଶ୍ୱର ପଠାଯାଇଛି । ସମସ୍ତ ଗୁରୁତରମାନେ ଦଶପଲ୍ଲା ଥାନା ସାକେଣି ଗାଁର ।

### ଭାରତ ଆନ୍ତର୍ଜାତିକ ବାଣିଜ୍ୟ ମେଳାରେ ପ୍ରଥମ ସ୍ଥାନ ଅଧିକାର କଲା ଓଡ଼ିଶା

# ଟିମ୍ ଓଡ଼ିଶାକୁ ଧନ୍ୟବାଦ ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, (ସବ୍ୟୁ): ନୂଆଦିଲ୍ଲୀରେ ଆୟୋଜିତ ଭାରତ ଆନ୍ତର୍ଜାତିକ ବାଣିଜ୍ୟ ମେଳା-୨୦୨୫ ରେ ଓଡ଼ିଶା ପ୍ରଥମ ସ୍ଥାନ ଅଧିକାର କରି ଗୋଲ୍ଡ ମେଡାଲ ହାସଲ କରିଛି। ନୂଆଦିଲ୍ଲୀରେ ଅନୁଷ୍ଠିତ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ ଅବସରରେ ଭାରତ ବାଣିଜ୍ୟିକ ପ୍ରୋତ୍ସାହନ ସଂଗଠନ ତରଫରୁ ଏହି ପୁରସ୍କାର ପ୍ରଦାନ କରାଯାଇଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ସଫଳତା ପାଇଁ ଖୁସି ପ୍ରକାଶ କରିବା ସହିତ ଟିମ୍ ଓଡ଼ିଶାକୁ ଅଭିନନ୍ଦନ ଓ ଧନ୍ୟବାଦ ଜଣାଇଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ରାଜ୍ୟର ମର୍ଯ୍ୟାଦାକୁ ବୃଦ୍ଧି କରିବା ଦିଗରେ ଏହା ଏକ ଉଲ୍ଲେଖଯୋଗ୍ୟ ସଫଳତା । ସମୁଦାୟ ୩୧ ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ଏହି ଆନ୍ତର୍ଜାତିକ ବାଣିଜ୍ୟ ମେଳାରେ ଯୋଗ ଦେଇଥିଲେ । ଓଡ଼ିଶା ସାମଗ୍ରୀକ ପ୍ରଦର୍ଶନ କ୍ଷେତ୍ରରେ ଉତ୍କର୍ଷ ହାସଲ କରି ଏହି ସଫଳତା ହାସଲ କରିଛି । କ୍ରମାଗତ ଭାବେ ଚତୁର୍ଥ ଥର ପାଇଁ ଓଡ଼ିଶା ଏହି ପୁରସ୍କାର ପାଇବା ସହିତ ଏଥରକୁ ମିଶାଇ ଦୁଇ ଥର ଗୋଲ୍ଡ ମେଡାଲ ପାଇଛି ।



ସୂଚନା ଓ ଲୋକ ସମ୍ପର୍କ ବିଭାଗର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ମେଳାରେ ରାଜ୍ୟ ସରକାରଙ୍କର ୯ଟି ବିଭାଗର ୨୬ ଟି ଷ୍ଟଲ ସ୍ଥାନୀତ ହୋଇଥିଲା। ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଗଠନ ଲକ୍ଷ୍ୟ ଏବଂ ଏକ୍ ଭାରତ ଶ୍ରେଷ୍ଠ ଭାରତର ଆଭିମୁଖ୍ୟକୁ ଏହି ପ୍ରଦର୍ଶନୀ ମାଧ୍ୟମରେ ଉପସ୍ଥାପିତ କରାଯାଇଥିଲା । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗତ ୨୨ ତାରିଖରେ ଓଡ଼ିଶା ରାଜ୍ୟ ଦିବସ ସମାରୋହ ପାଳନ ଅବସରରେ ଓଡ଼ିଶା ମଣ୍ଡପ ବୁଲି ଦେଖିବା ସହିତ ଓଡ଼ିଶାର କଳା, ଐତିହ୍ୟ ଓ ପରମ୍ପରା ପ୍ରଦର୍ଶନର ଉଚ୍ଚ ପ୍ରଶଂସା କରି ଅଂଶଗ୍ରହଣକାରୀଙ୍କୁ ଉତ୍ସାହିତ କରିଥିଲେ ।

# ବିଧାୟକମାନଙ୍କୁ ଗୁରୁତ୍ୱପୂର୍ଣ୍ଣ ମାର୍ଗଦର୍ଶନ ଦେଲେ ରାଷ୍ଟ୍ରପତି

ଭୁବନେଶ୍ୱର(ସବ୍ୟୁ): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗୁରୁବାର ଅପରାହ୍ନରେ ବାୟୁସେନାର ଏକ ସ୍ୱତନ୍ତ୍ର ବିମାନରେ ଭୁବନେଶ୍ୱର ବିମାନବନ୍ଦରରେ ଅବତରଣ କରିଥିଲେ । ସେଠାରୁ ସେ ସ୍ୱତନ୍ତ୍ର କାର୍କେଡ୍ ମାଧ୍ୟମରେ ରାଜଭବନକୁ ଯାଇଥିଲେ । ରାଜଭବନରେ ସାମୟିକ ବିଶ୍ରାମ ପରେ ଓଡ଼ିଶା ବିଧାନସଭାରେ ପହଞ୍ଚିଥିଲେ । ବିଧାନସଭାରେ ତାଙ୍କୁ ରାଜ୍ୟପାଳ ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବାଚସ୍ପତି ସୁରମା ପାଢ଼ୀ, ବିଧାୟକ ଓ ସାଂସଦମାନେ ସ୍ୱାଗତ ଜଣାଇଥିଲେ । ତାଙ୍କ ଅଭିଭାଷଣ ପୂର୍ବରୁ ବିଧାୟକମାନଙ୍କ ସହିତ ଏକ ଫଟୋ ସେସନ୍ ହୋଇଥିଲା । ରାଜ୍ୟ ସରକାର ଏହି କାର୍ଯ୍ୟକ୍ରମ ପାଇଁ ସମସ୍ତ ଆବଶ୍ୟକୀୟ ବ୍ୟବସ୍ଥା କରିଛନ୍ତି ।

ଓଡ଼ିଶା ବିଧାନସଭାରେ ଆଜି ଏକ ବିରଳ ଦୃଶ୍ୟ ଦେଖିବାକୁ ମିଳିଛି । ପ୍ରାୟ ୧୫ ବର୍ଷ ପରେ ଶ୍ରୀମତୀ



ମୁର୍ମୁଙ୍କୁ ଓଡ଼ିଶା ବିଧାନସଭାରେ । ସପ୍ତଦଶ ବିଧାନସଭାର ୫ମ ଅଧିବେଶନ ତଥା ଶୀତକାଳୀନ ଅଧିବେଶନ-୨୦୨୫ର ପ୍ରଥମ ଦିନରେ ବିଧାୟକ, ଅଧିକାରୀ ଓ ନିମନ୍ତ୍ରିତ ଅତିଥିମାନେ ତତ୍କାଳୀନ ରାଇରଂଗପୁର ବିଧାୟକ ତଥା ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କର ଭାଷଣ ନିଜ ସାମ୍ନାରୁ ଶୁଣିବାକୁ ପାଇପାରିଛନ୍ତି । ଶ୍ରୀମତୀ ମୁର୍ମୁ ବିଧାୟକମାନଙ୍କୁ ଗୁରୁତ୍ୱପୂର୍ଣ୍ଣ ମାର୍ଗଦର୍ଶନ ଦେଇଛନ୍ତି । ସେ ତାଙ୍କର ଅନ୍ତର୍ଦୃଷ୍ଟି ଏବଂ ବିଶେଷଜ୍ଞତା ଆଇନ ପ୍ରଣେତାଙ୍କ ସହ ବାଣ୍ଟିଛନ୍ତି । ତାଙ୍କ ଅଭିଭାଷଣ ବିଧାନସଭାରେ ଲୋକଙ୍କ ସମସ୍ୟାର ପ୍ରଭାବଶାଳୀ ପ୍ରତିନିଧିତ୍ୱର ଗୁରୁତ୍ୱକୁ କେନ୍ଦ୍ରିତ କରୁଛି । ରାଷ୍ଟ୍ରପତିଙ୍କର ଏହି ସମ୍ବୋଧନ ଓଡ଼ିଶା ବିଧାନସଭା ପାଇଁ ଇତିହାସରେ ଲିପିବଦ୍ଧ ହୋଇଛି । ଓଡ଼ିଶା ବିଧାନସଭାରେ ପ୍ରଥମ ଥର ପାଇଁ ଜଣେ ରାଷ୍ଟ୍ରପତି ଅଭିଭାଷଣ ରଖିଛନ୍ତି । ଦେଶର ଅନ୍ୟ ୯ଟି ବିଧାନସଭାରେ ଦ୍ରୌପଦୀ ମୁର୍ମୁ ସମ୍ବୋଧିତ କରିଥିବାର ଅଭିଜ୍ଞତା ରଖିଛନ୍ତି ।ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସିଛନ୍ତି ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ । ରାଷ୍ଟ୍ରପତିଙ୍କ ଅଭିଭାଷଣ ଶୁଣିବା ପାଇଁ ସମସ୍ତ ବିଧାୟକଙ୍କ ବ୍ୟତୀତ ପୂର୍ବତନ ବିଧାୟକ, ସରକାରଙ୍କର ବରିଷ୍ଠ ପଦାଧିକାରୀ ଏବଂ କେତେକ ବିଶିଷ୍ଟ ବ୍ୟକ୍ତିଙ୍କୁ ସ୍ୱତନ୍ତ୍ର ନିମନ୍ତ୍ରଣ କରାଯାଇଥିଲା ।

### ଅଭ୍ୟାସଗତ ସଡ଼କ ସୁରକ୍ଷା ନିୟମ ଉଲ୍ଲଙ୍ଘନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ

# ୨୪୧ଟି ଯାନର ପଞ୍ଜିକରଣ ପ୍ରମାଣପତ୍ର ନିଲମ୍ବନ

କଟକ, (ସବ୍ୟୁ):ସଡ଼କ ଦୁର୍ଘଟଣା ଜନିତ ମୃତ୍ୟୁ ହ୍ରାସ ଲକ୍ଷ୍ୟରେ ବାଣିଜ୍ୟ ପରିବହନ ବିଭାଗ ଦ୍ୱାରା 'ଶୂନ ମୃତାହତ ପକ୍ଷ' ପାଳନ କରାଯାଉଛି । ବାଣିଜ୍ୟ ଓ ପରିବହନ ବିଭାଗ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ନିର୍ଦ୍ଦେଶରେ ସଚେତନତା ସହ ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ ଏନଫୋର୍ସମେଣ୍ଟ ବ୍ୟାପକ କରାଯାଇଛି । ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀଙ୍କ ନେତୃତ୍ୱ ଓ ପରିବହନ ଆୟୁକ୍ତ ଅମିତାଭ ଠାକୁରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରାଜ୍ୟବ୍ୟାପୀ ପରିବହନ ବିଭାଗ ଓ ପୋଲିସ ପ୍ରଶାସନର ସହଭାଗିତାରେ ମୋଟରଯାନର ନିୟମ ଉଲ୍ଲଙ୍ଘନ ବିରୋଧରେ ସ୍ୱତନ୍ତ୍ର ଏନଫୋର୍ସମେଣ୍ଟ କରାଯାଉଛି । ସେହିଭଳି ଅଭ୍ୟାସଗତ ନିୟମ ଉଲ୍ଲଙ୍ଘନକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ପଦକ୍ଷେପ ଗ୍ରହଣ କରଯାଇଛି । ବାରମ୍ବାର ସଡ଼କ ସୁରକ୍ଷା ନିୟମ ଉଲ୍ଲଙ୍ଘନ କରି ସଡ଼କରେ ବିପଦ ସୃଷ୍ଟି କରୁଥିବା ଯାନର ତାଲିକା ପ୍ରସ୍ତୁତ କରାଯାଇଛି । ପ୍ରଥମ ପର୍ଯ୍ୟାୟରେ ୨୪୧ଟି ଯାନର ପଞ୍ଜୀକରଣ ପ୍ରମାଣପତ୍ର ନିଲମ୍ବନ କରାଯାଇଛି। ଆଗକୁ ମଧ ବେପରୁଆ ଗାଡ଼ି ଚାଳକଙ୍କ ବିରେଧରେ ଏଭଳି କାର୍ଯ୍ୟାନୁଷ୍ଠାନ ଜାରି ରହିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି । ଏହି ଗାଡ଼ି ଗୁଡ଼ିକ ନିଲମ୍ବନ ଅବଧିରେ ସଡ଼କକୁ ଆସିପାରିବେ ନାହିଁ । ଏହାସହ ଆଇନ୍ ଅନୁଯାୟୀ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ ଲାଗି ବିଭାଗ ନିଷ୍ପତ୍ତି ନେଇଛି ।

ସମ୍ବଲପୁର ଆରଟିଓଙ୍କ ଦ୍ୱାରା ୫୭ଟି ଗାଡ଼ି, ସୁନ୍ଦରଗଡ଼ ଆରଟିଓଙ୍କ ଦ୍ୱାରା ୫୨ଟି, ଭୁବନେଶ୍ୱର ଆରଟିଓ-୧ଙ୍କ ଦ୍ୱାରା ୨୭, ଜଗତସିଂହପୁର ଆରଟିଓଙ୍କ ଦ୍ୱାରା ୨୨, କଟକ ୨୨, ବରଗଡ଼ ୯, ବାଲେଶ୍ୱର ୯, ଭୁବନେଶ୍ୱର-୨ ଆରଟିଓଙ୍କ ଦ୍ୱାରା ୬, ଝାରସୁଗୁଡା ୬, ଚଣ୍ଡିଖୋଲ ୫, କେନ୍ଦ୍ରାପଡ଼ା ୫, ଭଦ୍ରକ ୪, ରାଉରକେଲା ୪, ଯାଜପୁର ୨, କେନ୍ଦୁଝର ୨, ରାଇରଙ୍ଗପୁର ଏଆରଟିଓଙ୍କ ଦ୍ୱାରା ୨, ଏଆରଟିଓ ବଡ଼ବିଲଙ୍କ ଦ୍ୱାରା ୨, ଢେଙ୍କାନାଳ, କୋରାପୁଟ, ନୟାଗଡ଼, ସୋନପୁର, ତାଲଚେର ଆରଟିଓଙ୍କ ଦ୍ୱାରା ଗୋଟିଏ ଲେଖାଏଁ ଗାଡ଼ିର ପଞ୍ଜୀକରଣ ପ୍ରମାଣପତ୍ର ନିଲମ୍ବନ କରାଯାଇଛି। ନିଲମ୍ବିତ ହୋଇଥିବା ଗାଡ଼ି ମଧ୍ୟରେ ଅନେକ ଗାଡ଼ି ୫୦ରୁ ଅଧିକ ଥର ମୋଟର ଯାନ ଆଇନ ଉଲ୍ଲଙ୍ଘନ କରିଥିବା ବେଳେ, ଏପରି କିଛି ଗାଡ଼ି ମଧ ରହିଛି, ଯେଉଁ ଗାଡ଼ି ଗୁଡ଼ିକ ୧୦୦ ରୁ ଅଧିକ ଥର ମୋଟର ଯାନ ଆଇନ ଉଲ୍ଲଙ୍ଘନ କରିଛନ୍ତି । ଦୀର୍ଘ ବର୍ଷ ଧରି ଏହି ଗାଡ଼ି ଗୁଡ଼ିକ ଟ୍ରାଫିକ ନିୟମ ଉଲ୍ଲଂଘନ କରି ଅନ୍ୟ ସଡ଼କ ବ୍ୟବହାରକାରୀଙ୍କ ଜୀବନକୁ ବିପଦରେ ପକାଉଛନ୍ତି । ତେଣୁ ସଡ଼କ ସୁରକ୍ଷାର ଗୁରୁତ୍ୱକୁ ଦୃଷ୍ଟି ରଖି, ଏଭଳି ବେପରୁଆ ଗାଡ଼ି ଚାଳକଙ୍କୁ ନିୟନ୍ତ୍ରଣ କରିବାକୁ ମୋଟର ଯାନ ଆଇ ଅନୁଯାୟୀ କଠୋର ଆଭିମୁଖ୍ୟ ଗ୍ରହଣ ପାଇଁ ବିଭାଗ ନିଷ୍ପତ୍ତି ନେଇଛି।

### ଆରମ୍ଭ ହେଲା ଶୀତ ଅଧିବେଶନ, ଦିବଂଗତଙ୍କ ଲାଗି ଶୋକ

ଭୁବନେଶ୍ୱର (ସବ୍ୟୁ): ବିଧାନସଭାର ଶୀତକାଳୀନ ଅଧିବେଶନ ଆରମ୍ଭ ହୋଇଛି । ପ୍ରଥମ ଦିନର ପ୍ରଥମାର୍ଦ୍ଧ ପୂର୍ବାହ୍ନ ୧୧ଟାରୁ ଗୃହ କାର୍ଯ୍ୟ ଆରମ୍ଭ ହୋଇଛି ୧୧.୧୭ ପର୍ଯ୍ୟନ୍ତ ଚାଲିଥିଲା । ଏହି ସମୟରେ ଦିବଂଗତ ନେତାଙ୍କ ଲାଗି ଶୋକ ପ୍ରସ୍ତାବ ଆଗତ ହୋଇଥିଲା । ପୂର୍ବତନ ସଦସ୍ୟ ସ୍ୱର୍ଗତ ହେମେନ୍ଦ୍ର ପ୍ରସାଦ ମହାପାତ୍ର, ପୂର୍ବତନ ସଦସ୍ୟ ସ୍ୱର୍ଗତ କୃଷ୍ଣଚନ୍ଦ୍ର ମଲ୍ଲିକ, ଓଡିଶା ପୋଲିସର ପୂର୍ବତନ କନେଷ୍ଟବଳ (୩୯) ସ୍ୱର୍ଗତ ସରୋଜ କୁମାର ପ୍ରଧାନଙ୍କ ଉଦେଶ୍ୟରେ ଶୋକ ପ୍ରସ୍ତାବ ଆଗତ କରିଥିଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏହାକୁ ସମର୍ଥନ କଲେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ, ସିପିଆଇଏମ ବିଧାୟକ ଲକ୍ଷ୍ମଣ ମୁଣ୍ଡା । ପରେ ବାଚସ୍ପତି ସୁରମା ପାଢ଼ୀ ଦିବଂଗତଙ୍କ ପାଇଁ ସ୍ମୃତିଚାରଣ କରିଥିଲେ । ଶୋକ ପରେ ୧୧.୧୭ରୁ ଅପରାହ୍ନ ୪.୩୦ ପର୍ଯ୍ୟନ୍ତ ଗୃହ ମଲତବୀ ରହିଥିଲା ।

### ୧୧ ନମ୍ବର ରୁମରେ ପୁରୁଣା ସ୍ମୃତି ସାଉଁଟିଲେ

ଭୁବନେଶ୍ୱର (ସବ୍ୟୁ): ରାଷ୍ଟ୍ରପତି ତାଙ୍କର ବିଧାନସଭା ଗସ୍ତକୁ ଯେପରି ସ୍ମରଣୀୟ କରିପାରିବେ ସେଥିପାଇଁ ବିଧାନସଭା ସଚିବାଳୟ ପକ୍ଷରୁ ପ୍ରସ୍ତୁତି କରାଯାଇଛି । ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ୨୦୦୦ରୁ ୨୦୦୯ ପର୍ଯ୍ୟନ୍ତ ରାଇରଂଗପୁର ବିଧାନସଭା ନିର୍ବାଚନ ମଣ୍ଡଳୀରୁ ବିଧାୟକ ହୋଇଥିଲେ । ସେ ୨୦୦୦ରୁ ୨୦୦୪ ପର୍ଯ୍ୟନ୍ତ ଓଡ଼ିଶା ସରକାରରେ ବାଣିଜ୍ୟ, ପରିବହନ, ମତ୍ସ୍ୟ ଓ ପଶୁସମ୍ପଦ ବିକାଶ ମନ୍ତ୍ରୀ ଥିବାବେଳେ ବିଧାନସଭାର ୧୧ ନମ୍ବର ପ୍ରକୋଷ୍ଠରେ ବସୁଥିଲେ । ଏହି ପ୍ରକୋଷ୍ଠରେ ରାଷ୍ଟ୍ରପତି କିଛି ସମୟ ବିତାଇ ପୁରୁଣା ସ୍ମୃତିକୁ ଯେପରି ମନେ ପକାଇବେ । ସେଥିପାଇଁ ଏହି ପ୍ରକୋଷ୍ଠକୁ ନୂଆ ରୂପ ଦିଆଯାଇଛି । ଏହି ପ୍ରକୋଷ୍ଠରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବାଚସ୍ପତି ସୁରମା ପାଢ଼ୀ, ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି ଓ ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ପ୍ରମୁଖଙ୍କ ସହିତ ଆଲୋଚନା କରିବା ସହିତ ପୁରୁଣା ସାଉଁଟିଥିଲେ । ବିଧାନସଭାରେ କାର୍ଯ୍ୟକ୍ରମ ଶେଷ ପରେ ରାଷ୍ଟ୍ରପତି ରାଜଭବନ ଫେରି ରାଜ୍ୟପାଳଙ୍କ ସ୍ୱତନ୍ତ୍ର ନୈଶ୍ୟ ଭୋଜିରେ ଯୋଗଦେବେ । ୨୮ ତାରିଖ ପୂର୍ବାହ୍ନ ୯ଟା ୧୫ରେ ରାଷ୍ଟ୍ରପତି ଓଡ଼ିଶାରୁ ଲକ୍ଷ୍ନୌ ଅଭିମୁଖେ ଯିବାର କାର୍ଯ୍ୟକ୍ରମ ରହିଛି । ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ ୨୦୦ ଅଫିସର ଓ ୨୫ ପ୍ଲାଟୁନ୍ ଫୋର୍ସ ମୁତୟନ ହୋଇଛନ୍ତି ।

### ରଣେନ୍ଦ୍ରଙ୍କୁ ଦେଖି ଅଟକିଗଲେ ରାଷ୍ଟ୍ରପତି

# ଆମର ଭାଇଭଉଣୀ ଭଳିଆ ସମ୍ପର୍କ ଥିଲା : ରଣେନ୍ଦ୍ର

ଭୁବନେଶ୍ୱର (ସବ୍ୟୁ) : ଓଡିଶା ବିଧାନଭାରେ ମହାମହିମ ରାଷ୍ଟ୍ରପତି । ଐତିହାସିକ ବିଧାନସଭା ଅଧିବେଶନ ଆରମ୍ଭ ପୂର୍ବରୁ ପବିତ୍ର ଗୃହକୁ ସମ୍ବୋଧିତ କରିବା ଅବସରରେ ବିଧାନସଭା ପରିସରରେ ପହଞ୍ଚିଥିଲେ ରାଷ୍ଟ୍ରପତି ଦୌପଦୀ ମୁର୍ମୁ । ଆଉ ସେ ପହଞ୍ଚିବା ପରେ ତାଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା । ପରେ ଫଟୋ ସେସନ ଆରମ୍ଭ ହୋଇଥିଲା । ଫଟୋ ସେସନକୁ ଯିବା ବେଳେ ଦେଖିବାକୁ ମିଳିଥିଲା ଏକ ରୋଚକ ଦୃଶ୍ୟ । ରାଷ୍ଟ୍ରପତି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କୁ ଦେଖି କିଛି ସମୟ ଅଟକିଯାଇଥିଲେ । ଆଉ ତାଙ୍କ ସହ କଥା ହୋଇଥିଲେ । ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଶ୍ରୀ ସ୍ୱାଇଁଙ୍କ ସହ କ'ଣ କଥା ହେଲେ ଏବଂ ତାଙ୍କୁ ସେ କଣ କହିଲେ, ଗଣମାଧ୍ୟମ ଆଗରେ ସେ ବଖାଣିଛନ୍ତି । ଶ୍ରୀ ସ୍ୱାଇଁ କହିଲେ, ରାଷ୍ଟ୍ରପତି ମତେ କହିଲେ ତମେ ସବୁଠୁ ପୁରୁଣା । ଆମେ ଏକାଠି ବସୁଥିଲୁ । ସେ ମନ୍ତ୍ରୀ ଥିଲେ, ମୁଁ ବି ମନ୍ତ୍ରୀ ଥିଲି । ଆମର ଭାଇ-ଭଉଣୀ ଭଳିଆ ସମ୍ପର୍କ ଥିଲା । ମନ୍ତ୍ରିମଣ୍ଡଳରେ ଆମେ ଦୁଇ ସହକର୍ମୀ ଥିଲୁ । ମତେ ଦେଖି ସିଏ କହିଲେ, ଆପଣ ତ ସବୁଠାରୁ ସିନିୟର ମୋଷ୍ଟ ପର୍ସନ । ମୁଁ ବି କହିଲି ଆପଣ ବି ସିନିୟର ମୋଷ୍ଟ ସିଟିଜେନ୍ ଅଫ୍ ଦ କଣ୍ଟ୍ରି । ପୁରୁଣା ସ୍ମୃତି ଗୁଡାକ ସବୁ ତାଜା ହୋଇଗଲା ବୋଲି କହିଛନ୍ତି ଶ୍ରୀ ସ୍ୱାଇଁ ।

### ଜଟଣୀ ପୌରପରିଷଦରେ ପରିମଳ ଟେଣ୍ଡରର ବାବଦରେ ବ୍ୟାପକ ଅନିୟମିତତା ଅଭିଯୋଗ

# ଦୁର୍ନୀତି ବାବଦରେ ସ୍ୱର ଉଠାଇଲେ କାଉନସିଲର

ଜଟଣୀ, (ସବ୍ୟୁ): ଜଟଣୀ ପୌରପରିଷଦରେ ପରିମଳ ବାବଦରେ ମହା ଦୁର୍ନୀତିର ଅଭିଯୋଗ ଉଠାଇଛନ୍ତି ଖୋଦ କାଉନସିଲର। ସ୍ୱଚ୍ଛଭାରତ ମିଶନ ସହରରେ ଏକ ପ୍ରକାର ଠପ ହୋଇଯାଇଥିବା ଦେଖିବାକୁ ମିଳିଛି ।ସାଧାରଣରେ ଉଠିଥିବା ଅଭିଯୋଗ ମୁତାବକ ବର୍ତ୍ତମାନ ସହରର ପରିମଳ ବ୍ୟବସ୍ଥା ସମ୍ପୂର୍ଣ୍ଣ କୋମାରେ । ପୌରପରିଷଦ ଅନ୍ତର୍ଗତ ସମୁଦାୟ ୨୩ ଗୋଟି ୱାର୍ଡରୁ ପ୍ରତ୍ୟକ ଦିନ ଆବର୍ଜନା ସଂଗ୍ରହରେ ଅବ୍ୟବସ୍ଥା । କାରଣ ସହରର ଅଳିଆ ଆବର୍ଜନା ସଂଗ୍ରହ ନିମନ୍ତେ ବିଓବି ଗାଡ଼ି ୨୧ଟି, ଟାଟା ଏସି ୬ଟି, ଟ୍ରାକ୍ଟର ୯ ଟି ସମୁଦାୟ ୩୬ ଟି ଗାଡ଼ି ବ୍ୟବହାର ହୋଇଥାଏ । କିନ୍ତୁ ବର୍ତ୍ତମାନ ଏହି ଗାଡ଼ି ସଂଖ୍ୟା ୨୦ ରେ ପହଂଚିଛି । ତେବେ ପ୍ରତ୍ୟେକ ୱାର୍ଡରୁ ଅଳିଆ ଆବର୍ଜନା ସଂଗ୍ରହ ସଠିକ ନ ହେବା ଫଳରେ କୁଢ଼କୁଢ଼ ଅଳିଆ ଗଦା ହୋଇ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି । ପୌରପରିଷଦ ପକ୍ଷରୁ ଏକ କୋଟିରୁ ଉର୍ଦ୍ଧ ମୂଲ୍ୟରେ କିଣା ଯାଇଥିବା "ସ୍ୱାପିଙ୍ଗ" ଗାଡିର ସଠିକ ବ୍ୟବହାର ନ ହୋଇ ତେଲ, ରକ୍ଷଣାବେକ୍ଷଣ ବାବଦକୁ ମାସିକ ତିନି ଲକ୍ଷ ଟଙ୍କା ଆତ୍ମସାତର




ଅଭିଯୋଗ ଆଣିଛନ୍ତି ପୂର୍ବତନ ଅଧକ୍ଷ । ପୌରପରିଷଦରେ କାର୍ଯ୍ୟରତ ସମୁଦାୟ ଦୁଇଶହ ବତିଶି ଠିକା ସଫେଇ କର୍ମଚାରୀ ପ୍ରତ୍ୟକ ମାସରେ ସଠିକ କର୍ମଚାରୀ କାର୍ଯ୍ୟ କରୁନଥିଲେ ମଧ ସେମାନଙ୍କ ମଧ୍ୟରୁ ଶତକଡା ୨୫ ଭାଗ ଦରମା ଅର୍ଥକୁ ଆତ୍ମସାତ କରୁଥିବାର ଅଭିଯୋଗ ହେଉଛି । ପୌରପରିଷଦରେ ବ୍ଲିଚିଙ୍ଗ ପାଉଡର ଠାରୁ ଆରମ୍ଭ କରି ମଶା ତେଲ, ମଶା ଧୂଆଁ, ଗାଡ଼ି ତେଲ, ଗାଡ଼ି ମରାମତି ବାବଦକୁ ମିଛ ବିଲ୍ କରି ମାସିକ ଲକ୍ଷ ଲକ୍ଷ ଟଙ୍କାକୁ ଦୀର୍ଘଦିନ ଧରି ଗୋଟିଏ ବିଭାଗର ଗାଦି ମାଡ଼ି ବସିଥିବା ପୌରପରିଷଦର କାର୍ଯ୍ୟରତ ପରିମଳ ବିଭାଗର ମୁଖ୍ୟ ସହାୟକ ଓ ଲୋକପ୍ରତିନିଧିଙ୍କ ମିଳିତ ସହଯୋଗରେ ମାସିକ ଲକ୍ଷ ଲକ୍ଷ ଟଙ୍କା ଆତ୍ମସାତ କରୁଥିବା ଅଭିଯୋଗ ହେଉଛି । ପୌରପରିଷଦ ପକ୍ଷରୁ ଏଲ.ଏଣ୍ଡ. କେ. ଠିକା ସଂସ୍ଥାକୁ ପରିମଳ କାର୍ଯ୍ୟ ପାଇଁ ଠିକା ଦିଆଯାଇଥିବା ସ୍ଥଳେ ଠିକା ସଂସ୍ଥାର କାର୍ଯ୍ୟକାଳ ସରିଯାଇଥିଲେ ମଧ ନୂତନ ଭାବରେ ଟେଣ୍ଡର ନ କରି ବାରମ୍ବାର ତିନିଥର ଅବଧି ବଢ଼ାଇ ଠିକା ସଂସ୍ଥା ଠାରୁ ମାସିକ ତିନି ଲକ୍ଷ ଟଙ୍କା ଚାନ୍ଦା ବାବଦରେ ଆଦାୟ ହେଉଥିବା କାର୍ଯ୍ୟାଳୟର କିଛି କର୍ମଚାରୀଙ୍କ ଠାରୁ ଶୁଣିବାକୁ ମିଳୁଛି ଏହି ଟେଣ୍ଡର ପ୍ରକ୍ରିୟା ଅନିୟମିତତା ବାବଦରେ ସିଧାସଳଖ ସ୍ୱର ଉଠାଇ ଅଭିଯୋଗ ଆଣିଛନ୍ତି କାଉନସିଲର ଶଶାଙ୍କ ଶେଖର ରାୟ, ବିଷ୍ଣୁକୁମାର ସାହୁଙ୍କ ସମେତ ଆଉ କିଛି ଲୋକ ପ୍ରତିନିଧି । ଏ ନେଇ ପୌର ନିର୍ବାହୀ ଅଧିକାରୀଙ୍କ ମତ ନେବାରେ ସେ କହିଛନ୍ତି ଯାହାଭି ହୋଇଥାଇପାରେ ତାହା ନଗରପାଳଙ୍କ ଜ୍ଞାତ ସାରରେ ହୋଇଛି ଅପରପକ୍ଷେ ନଗରପାଳ କୁଆଡ଼େ ସଫେଇ ଦେଇଛନ୍ତି ମୁଁ ଦସ୍ତଖତ କରିନାହିଁ ତେଣୁ ମୁଁ ମୋର କିଛି କରିବାର ନାହିଁ କ୍ଷ ଅତଏବ ଖୋର୍ଦ୍ଧା ଜିଲ୍ଲାପାଳ ଏହି ସବୁ ଦୁର୍ନୀତିର ଅଧ୍ୟାୟକୁ ଅନୁଧ୍ୟାନ କରି ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାପାଇଁ ସାଧାରଣରେ ଦାବୀ ହେଉଛି ।


### ଜିଲ୍ଲାର ବେଆଇନ ବାଲି ଉତ୍ତୋଳନ ସ୍ଥାନ ଚିହ୍ନଟ

# ଲିଜ୍‌ଧାରୀଙ୍କ ଉପରେ ପ୍ରାୟ ୧୨ କୋଟି ଟଙ୍କାର ଜୋରିମାନା ପ୍ରସ୍ତାବ

କଟକ,(ସବ୍ୟୁ): ଜିଲ୍ଲା ପ୍ରଶାସନ ଏବଂ ଖଣି ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ, କଟକ ସର୍କଲ, ଦ୍ୱାରା ୨୦୨୫ ମସିହା ମେ-ଜୁନ୍ ମାସ ଅର୍ଥାତ୍ ବନ୍ୟା ସମୟ ପୂର୍ବରୁ କଟକ ଜିଲ୍ଲାର ପ୍ରମୁଖ ବାଲି ଉତ୍ସଗୁଡ଼ିକରେ ଏକ ବ୍ୟାପକ ଡ୍ରୋନ/ଡିଜିପିଏସ୍-ଆଧାରିତ ସର୍ଭେ କରାଯାଇଥିଲା । ବେଆଇନ ଉତ୍ତୋଳନର ପରିମାଣ ଆକଳନ କରିବା ତଥା ଲଘୁ ଖଣିଜ ପଦାର୍ଥ ଉତ୍ତୋଳନର ବୈଜ୍ଞାନିକ, ସ୍ୱଚ୍ଛ ଏବଂ ଦାୟିତ୍ୱପୂର୍ଣ୍ଣ ତଦାରଖ ସୁନିଶ୍ଚିତ କରିବା ପାଇଁ ଏହି ସର୍ଭେ କରାଯାଇଥିଲା ।ବାରଙ୍ଗ, ନରସିଂହପୁର, ଡମପଡ଼ା, କଟକ ସଦର, ନିଶ୍ଚିନ୍ତକୋଇଲି, କିଶନନଗର ବାଙ୍କୀ, ଆଠଗଡ଼ ଏବଂ କଣ୍ଟାପଡ଼ା ତହସିଲର ଅନେକ ଅନୁମୋଦିତ ବାଲି ଘାଟ ଏହି ସର୍ଭେରେ ଅନ୍ତର୍ଭୁକ୍ତ ହୋଇଥିଲା । ଡିଜିପିଏସ୍ ମ୍ୟାପିଂ ସହିତ ଉଚ୍ଚ-ରିଜୋଲ୍ୟୁସନ୍ ଡ୍ରୋନ୍ ଚିତ୍ର ମାଧ୍ୟମରେ ଲିଜ୍ ହୋଲ୍ଡ କ୍ଷେତ୍ର ଭିତରେ ଏବଂ ବାହାରେ ବାଲି ଉତ୍ତୋଳନର ସଠିକ ପରିମାଣ ଆଦି ଆକଳନ କରାଯାଇଥିଲା । ଏହି ତଥ୍ୟକୁ ଓଡ଼ିଶା ସ୍ପେସ୍ ଆପ୍ଲିକେସନ୍ ସେଣ୍ଟର (ORSAC) ଦ୍ୱାରା ବିଧିବଦ୍ଧ ଭାବରେ ଯାଞ୍ଚ କରାଯାଇଛି ।ସର୍ଭେ ଫଳାଫଳର ପ୍ରାରମ୍ଭିକ ବିଶ୍ଳେଷଣରୁ କାଠଯୋଡି ନଦୀ ବାଲି ବିଦ୍ୟାଧରପୁର, କାଠଯୋଡି ନଦୀ ବାଲି ମୁଣ୍ଡମୁହାଣ, କୁଆଖାଇ ନଦୀ ବାଲି ନାରଣପୁର, କାଠଯୋଡି ନଦୀ ବାଲି ୟୁନିଟ୍-୩୭ ବାଦାମବାଡି, ସିଙ୍ଗୁଆ ନଦୀ ବାଲି ଜରିପଡ଼ା, ବଲଦା-ନୈଲୋ ଦେବୀ ନଦୀ ବାଲି, ବଳରାମପୁର ବାଲି ଖଣି, କାଳିକାପ୍ରସାଦ ବାଲି ଘାଟ, ବୈଦେଶ୍ୱର ବାଲି ଉତ୍ସ, ସୁବର୍ଣ୍ଣପୁର ବାଙ୍କିର ବାଲି ଉତ୍ସ, ଧନୀପୁର ମହାନଦୀ ବାଲି, ବ୍ରହ୍ମପୁରା ମହାନଦୀ ବାଲି, ଲୁଣା ନଦୀ ବାଲି ଡିମାଣ୍ଡୋ ଏବଂ ଡୋଣ୍ଡୋ ମହାନଦୀ ବାଲି ସମେତ ଅନେକ ସ୍ଥାନରେ ଗୁରୁତ୍ୱପୂର୍ଣ୍ଣ ବେଆଇନ ବାଲି ଖନନ ହୋଇଥିବା ଜଣାପଡ଼ିଛି ।ଚିହ୍ନଟ ହୋଇଥିବା ଅତିରିକ୍ତ ଖନନକୁ ଆଧାର କରି, ଓଡ଼ିଶା ଲଘୁ ଖଣିଜ ରିହାତି ସଂଶୋଧିତ ନିୟମ, ୨୦୨୩ ଏବଂ ଅନ୍ୟାନ୍ୟ ପ୍ରଯୁଜ୍ୟ ବୈଧାନିକ ବ୍ୟବସ୍ଥା ଅନୁଯାୟୀ ସମ୍ପୃକ୍ତ ଲିଜଧାରୀ/ ପରିଚାଳକମାନଙ୍କ ଉପରେ ପ୍ରାୟ ୧୨ କୋଟି ଟଙ୍କାର ଜରିମାନା ଲାଗୁ କରାଯିବାର ପ୍ରସ୍ତାବ ରହିଛି । ଉପଯୁକ୍ତ ଯାଞ୍ଚ ଏବଂ ଡିମାଣ୍ଡ ନୋଟିସ୍ ଜାରି କରିବା ପରେ ଏହି ଦଣ୍ଡ ଚୂଡ଼ାନ୍ତ କରାଯିବ ।

# କିମ୍ସରେ ଓଡ଼ିଶାର ପ୍ରଥମ ଡିଜିଟାଲ୍ ପାଥୋଲୋଜି ସ୍କାନର୍

ଭୁବନେଶ୍ୱର, (ସବ୍ୟୁ): ଦ୍ରୁତ ଓ ଠିକ୍ ରୋଗ ନିର୍ଣ୍ଣୟ ପାଇଁ କିମ୍ସରେ ଓଡ଼ିଶାର ପ୍ରଥମ ଅତ୍ୟାଧୁନିକ ଡିଜିଟାଲ୍ ପାଥୋଲୋଜି ସ୍କାନର କାର୍ଯ୍ୟ ଆରମ୍ଭ କରିଛି। କିମସ



ପାଥୋଲୋଜି ବିଭାଗରେ ଅତ୍ୟାଧୁନିକ ଏସ୍‌ଜି୬୦ ଡିଜିଟାଲ୍ ପାଥୋଲୋଜି ସ୍କାନରକୁ କାର୍ଯ୍ୟକ୍ଷମ କରାଯାଇଛି। ଠିକ୍ ରୋଗ ନିଦାନ କ୍ଷେତ୍ରରେ ଏହା ଏକ ବଡ଼ ସଫଳତା ବୋଲି କୁହାଯାଉଛି। କିଟ୍, କିସ୍ ଓ କିମ୍ସ ପ୍ରତିଷ୍ଠାତା ଡ ଅଚ୍ୟୁତ ସାମନ୍ତ ଆଜି ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ସ୍କାନର ସମସ୍ତ ପ୍ରକାର ରୋଗ ନିଦାନ ନିର୍ଭୁଲ ଭାବେ ନିର୍ଣ୍ଣୟ କରିପାରିବ। ଦ୍ରୁତ ଡିଜିଟାଇଜେସନ୍ ଓ ସ୍ୱୟଂଚାଳିତ ସ୍ଲାଇଡ୍ ବିଶ୍ଳେଷଣ ମାଧ୍ୟମରେ କର୍କଟ ଭଳି ଗୁରୁତର ରୋଗର ଚିହ୍ନଟ ପାଇଁ ସମୟ ହ୍ରାସ କରିବା ସହ ରୋଗୀଙ୍କ ପାଇଁ ଚିକିତ୍ସାକୁ ଆହୁରି ସରଳ ଓ ସୁଗମ କରିବ।

ଏଥିରେକମ୍ପ୍ୟୁଟରସ୍କ୍ରିନ୍‌କିମ୍ବାମୋବାଇଲ୍ ଡିଭାଇସରେ ଦେଖାଯାଇପାରୁଥିବା ଉଚ୍ଚ ରିଜୋଲ୍ୟୁସନ୍ ଡିଜିଟାଲ୍ ପ୍ରତିଛବି ଓ ସ୍କାନିଂ ଡିଭାଇସ୍ ସହିତ ଗ୍ଲାସ୍ ସ୍ଲାଇଡ୍ କ୍ୟାପଚର କରାଯିବା ସମୟରେ ଡିଜିଟାଲ୍ ସ୍ଲାଇଡ୍ ସୃଷ୍ଟି କରାଯାଏ । ସ୍ୱତନ୍ତ୍ର ଡିଜିଟାଲ୍ ପାଥୋଲୋଜି ସଫ୍‌ଟୱେର ବ୍ୟବହାର କରି ନେଟ୍‌ୱାର୍କରେ ଡିଜିଟାଲ୍ ସ୍ଲାଇଡ୍ ସେୟାର କରିବାର ସୁବିଧା ରହିଛି। ଏହା ସ୍ନାତକ, ସ୍ନାତକୋତ୍ତର ଶିକ୍ଷା ଓ ବାହ୍ୟ ଗୁଣବତ୍ତା ଆଶ୍ୱାସନା ପାଇଁ ହିଷ୍ଟୋପାଥୋଲୋଜି ଶିକ୍ଷାର ପୂର୍ଣ୍ଣ ସ୍ପେକ୍ଟ୍ରମ୍ ନିଯୁକ୍ତ କରି ଡାକ୍ତରୀ ଛାତ୍ରମାନଙ୍କ ପାଇଁ ମଧ ସହାୟକ ହେବ। ଏହି ସ୍କାନର ମେସିନ୍‌ରେ ମଧ ଡାଇଗ୍ନୋଷ୍ଟିକ୍ ସେବାର କୃତ୍ରିମ ବୁଦ୍ଧିମତା (ଏଆଇ)ବ୍ୟବହାରର ବ୍ୟବସ୍ଥା ରହିଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କିମସ ପରାମର୍ଶଦାତା ଡା ଆର ଏନ ସାମନ୍ତ, କିମ୍ସ ପାଥୋଲୋଜି ବିଭାଗୀୟ ମୁଖ୍ୟ ପ୍ରଫେସର ରଞ୍ଜନା ଗିରି ଏବଂ କିମ୍ସର ଅନ୍ୟ ବରିଷ୍ଠ ଡାକ୍ତର ଓ ଅଧିକାରୀମାନେ ଉପସ୍ଥିତ ଥିଲେ ।

### ଭାରସାମ୍ୟ ହରାଇ ଓଲଟିଲା ବସ୍, ଅଳ୍ପକେ ବର୍ତ୍ତିଲେ ଯାତ୍ରୀ

ଚୌଦ୍ୱାର,(ସ.ବ୍ୟୁ.): ଚୌଦ୍ୱାର ମଧ ଦେଇଯାଇଥିବା ୫୫ନଂ. ଜାତୀୟ ରାଜପଥ ଓଟିଏମ୍ ଛକ ନିକଟରେ ଏକ ଯାତ୍ରୀବାହୀ ବସ୍ ଭାରସାମ୍ୟ ହରାଇ ଓଲଟି ପଡ଼ିଥିବା ବେଳେ ଅଳ୍ପକେ ଯାତ୍ରୀବର୍ତ୍ତି ଯାଇଥିବା ଜଣାପଡ଼ିଛି । ସୂଚନାଥାଉକି, ପୂଜାରିଣୀ ନାମକ ଏକ ଘରୋଇ ବସ୍ ଅନୁଗୁଳରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ବେଳେ ଚୌଦ୍ୱାର ଓଟିଏମ୍ ଛକ ନିକଟରେ ଥିବା ଓଭର ବ୍ରିଜ୍ ଉପରେ ହଠାତ୍ ଭାରସାମ୍ୟ ହରାଇ ଡିଭାଇଡର ସହ ପିଟି ହୋଇ ଜାତୀୟ ରାଜପଥ ଉପରେ ଓଲଟି ପଡ଼ିଥିଲା । ସ୍ଥାନୀୟ ଲୋକେ ଏବଂ ଚୌଦ୍ୱାର ପୁଲିସ୍ ଘଟଣାସ୍ଥଳରେ ପହଂଚି ସମସ୍ତ ଯାତ୍ରୀଙ୍କ ସହ ଡ୍ରାଇଭର ଓ ହେଲପରଙ୍କୁ ଉଦ୍ଧାର କରିଥିବା ବେଳେ ବସ୍‌ରେ ୨୫ରୁ ୩୦ ଜଣ ଯାତ୍ରୀ ଥିଲେ । ଏହି ଦୁର୍ଘଟଣା ପାଇଁ ଜାତୀୟ ରାଜପଥ ଉପରେ କିଛି ସମୟ ପାଇଁ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା । ଏହି ଦୁର୍ଘଟଣାରେ କେହି ଗୁରୁତର ହୋଇନଥିବା ବେଳେ ଆହତ ଯାତ୍ରୀ ଏବଂ ଗାଡ଼ିର ଚାଳକ ଓ କଣ୍ଡକ୍ଟରଙ୍କୁ ଚିକିତ୍ସା ନିମନ୍ତେ ଡାକ୍ତରଖାନା ପଠାଯିବା ସହ ରାସ୍ତାରୁ ଗାଡ଼ି ଉଠାଯିବା ପରେ ଚଳାଚଳ ସ୍ୱାଭାବିକ ହୋଇଥିଲା ।

### ୨୬୫ ଗ୍ରାମ ବ୍ରାଉନସୁଗର, ୯ ହଜାର ୬୦୦ ଟଙ୍କା ଜବତ

# ନିଶା ମାଫିଆ ଅବଦୁଲ ଖାଁ ଗିରଫ

ପୁରୀ, (ସବ୍ୟୁ): ବେଆଇନ ଭାବେ ବ୍ରାଉନ ସୁଗର୍ ବିକ୍ରି ଅଭିଯୋଗରେ ପିପିଲି ଥାନା ପୋଲିସ ଗୁରୁବାର ଦିନ ଜଣେ ନିଶା ବେପାରୀଙ୍କୁ ଗିରଫ କରିଛି । ଅଭିଯୁକ୍ତ ର ପରିଚୟ ହେଲା ଏହି ଥାନା ଅଧୀନ ଦାନଗୋହିରି ଗ୍ରାମର ଅବଦୁଲ କୟୁମ୍ ଖାଁ (୪୪) । ଅଭିଯୁକ୍ତ ଠାରୁ ପୋଲିସ ଏକ ଜରି ପୁଡିଆରେ ଥିବା ୨୬୫ ଗ୍ରାମ ବ୍ରାଉନ ସୁଗାର୍ ଓ ନଗଦ ୯ ହଜାର ୬୦୦ ଶହ ଟଙ୍କା ଜବତ କରିଛି। ଜବତ ହୋଇ ଥିବା ବ୍ରାଉନ ସୁଗାରର ଆନୁମାନିକ ବଜାର ମୂଲ୍ୟ ପ୍ରାୟ ୨୬ ଲକ୍ଷରୁ ଉର୍ଦ୍ଧ ହେବ । ପୁରୀ ଏସପି ପ୍ରତୀକ ସିଂଙ୍କ ସୂଚନା ମୁତାବକ ପିପିଲି ଥାନା ପୋଲିସ ବିଶେଷ ସୂତ୍ରରୁ ଖବର ପାଇ ଥିଲା ଯେ, ଅଭିଯୁକ୍ତ ଅବଦୁଲ ବ୍ରାଉନ ସୁଗାର ନିଶା ବିକ୍ରି କରୁଛି। ତାକୁ ଧରିବା ପାଇଁ ପୋଲିସ ଜାଲ



ବିଛାଇ ଥିଲା। ଆଜି ପୋଲିସ ତାକୁ ଗିରଫ କରି କୋର୍ଟ ଚାଲାଣ କରିଛି। ସବଇନିସ୍ପେକ୍ଟର ଭାସ୍କର ମାଣିଆଙ୍କ ଅଭିଯୋଗ କ୍ରମେ ପୋଲିସ କେଶ ନମ୍ବର ୭୨୯/୨୫ ଏନଡିପିଏସ ଆକ୍ଟର ବିଭିନ୍ନ ଦଫାରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି । ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ପିପିଲି ଥାନା ଆଇଆଇସି ସୌମେନ୍ଦୁ ତ୍ରିପାଠୀ ଉପସ୍ଥିତ ଥିଲେ।

### ଦ୍ୱିତୀୟ ଶ୍ରୀକ୍ଷେତ୍ର ସେବାୟତଙ୍କ ଅଭିନବ ଅହିଂସାତ୍ମକ ପନ୍ଥା

# ଦାବି ପୂରଣ ନହେଲେ ଡିସେମ୍ବର ୧ରୁ ଦୀପ ଧରି ଆଣ୍ଠେଇ ଆନ୍ଦୋଳନ ହେବ



ବାରିପଦା, (ସବ୍ୟୁ) : ଦ୍ୱିତୀୟ ଶ୍ରୀକ୍ଷେତ୍ର ଭାବେ ପ୍ରସିଦ୍ଧ ବାରିପଦାର ଶ୍ରୀଶ୍ରୀ ହରିବଳଦେବ ମହାପ୍ରଭୁ ଜଗନ୍ନାଥଙ୍କ ମନ୍ଦିର ସେବକ ବୃନ୍ଦଙ୍କ ପକ୍ଷରୁ ବିଭିନ୍ନ ଦାବି ନେଇ ଆସନ୍ତା ଡିସେମ୍ବର ୧ତାରିଖ ଠାରୁ ପ୍ରତ୍ୟେକ ଦିନ ମୟୂରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସକାଳ ୧୦ଘଟିକାରୁ ୧ଘଟିକା ପର୍ଯ୍ୟନ୍ତ ଆଣ୍ଠେଇ ହାତରେ ପ୍ରଜ୍ୱଳିତ ଦୀପ ଧରି ଅଭିନବ ଉପାୟରେ ସେବାୟତଙ୍କ ଅହିଂସାତ୍ମକ ପନ୍ଥା ଗ୍ରହଣ କରିବା ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ୧୧ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରିଛନ୍ତି ।

ଦାବିଗୁଡିକ ଯଥାକ୍ରମେ ଏହି ମନ୍ଦିର ପରିଚାଳନା ପାଇଁ ରାଜା ସମୟରେ ଖଞ୍ଜା ଥିବା ଜମି ସବୁ ସରକାରୀ ବାବୁମାନଙ୍କ ଦ୍ୱାରା ସମୟ କ୍ରମେ ଶାଗ, ମାଛ ଦରରେ ହରିଲୁଟ ହେବା ଫଳରେ ମନ୍ଦିର ପରିଚାଳନାରେ ଆର୍ଥିକ ସମସ୍ୟା ସୃଷ୍ଟି ହୋଇଛି, କାଜୁ ନିଗମ ଏକହଜାର ଏକର ଜାଗାରେ କାଜୁ ନିଲାମ କରୁଥିଲେ ବି ବାରମ୍ବାର ଚିଠି ଲେଖିବା ପରେ ବି ଲିଜ୍ ନବୀକରଣ ନ କରି ବିନାମୂଲ୍ୟରେ ଏକହଜାର ଏକର ଜାଗା ଦଖଲ କରୁଛନ୍ତି, ସରକାରଙ୍କ ଧାର୍ଯ୍ୟ ମୂଲ୍ୟରେ ଏକର ପ୍ରତି ୧୫ହଜାର ଟଙ୍କା ଦେବାକୁ ମନା କରୁଛନ୍ତି, ମାତ୍ର ଏକର ପ୍ରତି ଦୁଇଲକ୍ଷ ଟଙ୍କା କାଜୁ ନିଲାମ କରୁଛନ୍ତି, ୨୦୧୯ରେ ଲିଜ୍ ସରିଥିଲେ ବି କାଜୁ ନିଗମ କିଛି ପଦକ୍ଷେପ ନେଉ ନାହାନ୍ତି କି ମହାପ୍ରଭୁଙ୍କ ଜାଗା ଛାଡୁନାହାନ୍ତି, ପୁରୀ ଭଳି ବାରିପଦାରେ ୩ଟି ରଥ ହେଉଥିଲେ ବି ରଥ ପାଇଁ କିଛି ଅନୁଦାନ ନ ମିଳିବା ଦୁଖଦାୟକ, ବାରିପଦା ଦେବୋତ୍ତର ବିଭାଗ ଦେଢ କୋଟି ଋଣ ରେ ବସିଛି, ନଗଦ ଖଞ୍ଜା ଯୋଗାଉ ଥିବା ଦୋକାନୀ ୪୦ଲକ୍ଷ ବାକି ଥିବାରୁ ଆଉ ଜିନିଷ ଦେବାକୁ ମନା କରୁଛି, ତେଣୁ ଠାକୁରଙ୍କ ନୀତି ବନ୍ଦ ହେବାର ଆଶଙ୍କା, ଦେବୋତ୍ତର ବିଭାଗର ଜମି ଅନ୍ୟ ଲୋକ ମାଡି ବସିଛନ୍ତି ଏଣୁ ଏମାନଙ୍କୁ ଉଚ୍ଛେଦ ପାଇଁ ଦେବୋତ୍ତର ଅଫିସର, ଅମିନ, କିରାଣୀ ନିଯୁକ୍ତି ହେଉ, ମନ୍ଦିରର ସ୍ଥାୟୀ ଅଫିସ ପାଇଁ ଅନୁଦାନ ମିଳୁ, ମନ୍ଦିର ଜାଗାରେ ସିଏସଆର କିମ୍ବା ଅନ୍ୟ ପାଣ୍ଠିରୁ କଲ୍ୟାଣ ମଣ୍ଡପ, ତୁଳସୀ ବଗିଚା, ବ୍ୟବସାୟୀକ ଅନୁଷ୍ଠାନ କଲେ ମନ୍ଦିର ଜାଗା ସୁରକ୍ଷିତ ରହିବ ଏବଂ ମନ୍ଦିର ର ନୀତ ହୋଇପାରିବ, ମନ୍ଦିର ନୀତି ପରିଚାଳନା ପାଇଁ ସ୍ୱତନ୍ତ୍ର ୫୦କୋଟି ଟଙ୍କାର ଅନୁଦାନ ଦିଆଯାଉ ଏବଂ ମନ୍ଦିରର ଅଧିକ ସେବକ ନିଯୁକ୍ତି କରାଯିବା ଆବଶ୍ୟକ ରହିଥିବା ନେଇ ବିଭିନ୍ନ ଦାବି କରାଯାଇଛି।

ଏହି ସମ୍ପର୍କରେ ବିଭିନ୍ନ ଦାବି ନେଇ ବିଗତ ସରକାରଙ୍କ ଠାରୁ ଆରମ୍ଭ କରି ବର୍ତ୍ତମାନର ବିଜେପି ସରକାର ମଧ ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ, ନଗରଉନ୍ନୟନ ମନ୍ତ୍ରୀଙ୍କ ସହିତ ବାରମ୍ବାର ସାକ୍ଷାତ କରି ଆଲୋଚନା କରି ପ୍ରତିଶୃତି ପାଇବା ସହିତ ବିଭାଗୀୟ ମନ୍ତ୍ରୀ ବାରିପଦା ଗସ୍ତରେ ଆସିଥିବା ସମୟରେ ଦେବୋତ୍ତର ମାନଙ୍କ ସହିତ ବସି ଆଲୋଚନା କରି ନିଜେ ଆଇନମନ୍ତ୍ରୀ ଗଣମାଧ୍ୟମରେ ପ୍ରତିଶୃତି ଦେବା ସହିତ ତାଙ୍କର ନିଜ ଏକ୍ସ ଆକାଉଣ୍ଟରେ ପ୍ରସାର କରିଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ କୌଣସି ଗୋଟିଏ ବି କାମ କାର୍ଯ୍ୟକାରି ନହେବା ସହିତ ଟଙ୍କାଟିଏ ବି ଅନୁଦାନ ମଧ ଦେବୋତ୍ତର ବିଭାଗକୁ ଆସିନାହିଁ ଫଳରେ ବର୍ତ୍ତମାନ ମନ୍ଦିର ସମ୍ପୂର୍ଣ୍ଣ ବନ୍ଦ ହେବା ପରିସ୍ଥିତି ସୃଷ୍ଟି ହୋଇଛି। ଏଣୁ ସେବାୟତମାନଙ୍କ ପକ୍ଷରୁ ଦିବେଦନ କରାଯାଇଛି ଯେ, ଉପରୋକ୍ତ ସମସ୍ତ ଦାବିକୁ ବିଚାରକୁ ନେବା ସହ କରାଯାଇଥିବା ସମସ୍ତ ପ୍ରତିଶୃତି ପାଳନ କରନ୍ତୁ, ନଚେତ୍ ଆଗାମୀ ଡିସେମ୍ବର ୧ତାରିଖ ସୋମବାର ଠାରୁ ପ୍ରତ୍ୟେକ ଦିନ ସକାଳ ୧୦ଘଟିକା ରୁ ୧ଘଟିକା ପର୍ଯ୍ୟନ୍ତ ମୟୂରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆଣ୍ଠେଇ ହାତରେ ପ୍ରଜ୍ୱଳିତ ଦୀପ ଧରି ଅଭିନବ ଉପାୟରେ ଅହିଂସାତ୍ମକ ପନ୍ଥା ଗ୍ରହଣ କରାଯିବା ବୋଲି ସେବାୟତ କାମେଶ୍ୱର ତ୍ରିପାଠୀ, ଅରୁଣ କୁମାର ମିଶ୍ର, ଦେବକାନ୍ତ ପଣ୍ଡା, ଚଣ୍ଡିପ୍ରସାଦ ଦାଶ, ପ୍ରଦୀପ ପଣ୍ଡା, ଅମିତ ମିଶ୍ର, ଶଶିଭୂଷଣ ଦାଶ ଓ ସୋମନାଥ ପଣ୍ଡା ପ୍ରମୁଖ ପ୍ରେସ ବିବୃତ୍ତି ମାଧ୍ୟମରେ ସୂଚନା ଦେଇଛନ୍ତି ।

## ମୟୂରଭଞ୍ଜ ଛଉ ନୃତ୍ୟ ଗୁରୁଙ୍କୁ ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର

ବାରିପଦା, (ସବ୍ୟୁ) : ଢୋଲ ବାଦ୍ୟ ଗୁରୁ ବିଘ୍ନରାଜ ଧଡା ଓ ମହୁରୀ ଗୁରୁ ବିରଞ୍ଚି ମହାନ୍ତ ସାଂସ୍କୃତିକ ଜଗତର ସର୍ବୋଚ୍ଚ ସମ୍ମାନ ଭାବେ ପରିଚିତ ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀ ପୁରସ୍କାରରେ ଭୂଷିତ ହୋଇଛନ୍ତି । ଚଳିତ ୨୦୨୫ ବର୍ଷ ପାଇଁ ଉଭୟଙ୍କୁ ରାଜ୍ୟସରକାର ଉକ୍ତ ପୁରସ୍କାର ପ୍ରଦାନ କରିଛନ୍ତି । ସେହିପରି ଯୁବ ତଥା ଉଦୀୟମାନ କଳାକାରଙ୍କୁ ଏକାଡେମୀ ପକ୍ଷରୁ ପ୍ରଦାନ କରାଯାଉଥିବା କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକ ଯୁବ ପୁରସ୍କାର ମଧ ମୟୂରଭଞ୍ଜ ର ୩ଜଣ ପ୍ରମୁଖ ଛଉ ନୃତ୍ୟ ଶିଳ୍ପୀଙ୍କୁ ପ୍ରଦାନ କରାଯାଇଛି । ୨୦୨୪ ମସିହା ପାଇଁ ଶିବ ଚରଣ ମହାନ୍ତଙ୍କୁ ଏହା ପ୍ରଦାନ କରାଯାଇଥିବା ବେଳେ ୨୦୨୫ ମସିହା ପାଇଁ ସଚିନା ଧଡା ଓ ସୁଶାନ୍ତ ବେହେରାଙ୍କୁ ଉକ୍ତ ପୁରସ୍କାର ମିଳିଛି । ତେବେ ମୟୂରଭଞ୍ଜ ଛଉ ନୃତ୍ୟ ଜଗତରେ ଏକ କାଳୀନ ପାଞ୍ଚ ଜଣଙ୍କୁ ଏକାଡେମୀ ପକ୍ଷରୁ ପ୍ରଥମ ଥର ପାଇଁ ପୁରସ୍କୃତ କରାଯାଇଥିବାର ଜଣାଯାଇଛି । ଛଉ ନୃତ୍ୟର ସଂରକ୍ଷଣ ତଥା ପୁନରୁଦ୍ଧାର ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ବିଗତ ୨୦୧୬ ମସିହାରୁ ଆରମ୍ଭ କରାଯାଇଥିବା ପ୍ରୋଜେକଫ ଛାଉଣୀର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ତଥା ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀର ଏକ୍ସପର୍ଟ କମିଟି ସଦସ୍ୟା ଶୁଭଶ୍ରୀ ମୁଖାର୍ଜୀ ଏନେଇ ପୁରସ୍କୃତ ବ୍ୟକ୍ତି ବିଶେଷଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ମୟୂରଭଞ୍ଜ ଛଉ ଇତିହାସରେ ଏହା ଏକ ବିଶେଷ ଉପଲବ୍ଧି ବୋଲି ସେ କହିଛନ୍ତି ।

ସେହିପରି ମୟୂରଭଞ୍ଜରେ ଦରବାରରାଜ୍‌ର ଅନ୍ତ ପରେ ଛଉ ନୃତ୍ୟ ପ୍ରତି ସବୁ କ୍ଷେତ୍ରରେ ଉଦାସୀନତା ଦେଖିବାକୁ ମିଳୁ ଥିଲା । ଏହି କଳା ସହିତ ସଂପୃକ୍ତ ବ୍ୟକ୍ତି ବିଶେଷ ଙ୍କୁ କାଁ ଭାଁ କେବେ କେମିତି ରାଜ୍ୟ ଓ କେନ୍ଦ୍ର ସଙ୍ଗୀତ ଏକାଡେମୀ ପକ୍ଷରୁ ପୁରସ୍କାର ପ୍ରଦାନ କରାଯାଉଥିବା ବେଳେ ଏକ କାଳୀନ ପାଞ୍ଚ ଜଣ କଳାକାରଙ୍କୁ ରାଜ୍ୟ ଏକାଡେମୀ ସମ୍ମାନୀତ କରିବା ଆଗାମୀ ପିଢ଼ି ପାଇଁ ପ୍ରେରଣାଦାୟୀ ହେବ ବୋଲି ପ୍ରୋଜେକଫ ଛାଉଣୀର ନିର୍ଦ୍ଦେଶକ ବିଭୁଦତ୍ତ ଦାସ ଆଶାବ୍ୟକ୍ତ କରିଛନ୍ତି ।

## ମିନିଟ୍ରକ୍‌କୁ ଧକ୍କା ଦେଲା ବାଇକ୍, ଜଣେ ମୃତ

ବ୍ରହ୍ମପୁର, (ସବ୍ୟୁ): ବାଇଗଣବାଡି ଛକ ଠାରେ ଛିଡା ହୋଇଥିବା ଏକ ମିନିଟ୍ରକକୁ ଏକ ବାଇକ ଧକ୍କା ଦେବାରୁ ସଂପୃକ୍ତ ବାଇକ ଚାଳକଙ୍କ ମୃତ୍ୟୁ ହୋଇଯାଇଛି। ମୃତକ ଜଣଙ୍କ ହେଲେ ଲୋଚାପଡା ବ୍ୟାଙ୍କକଲୋନୀ ଅଞ୍ଚଳର କୁମାରଚନ୍ଦ୍ର ବେହେରା ଓରଫ ଜିତୁ(୪୨)। ସଦର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗସ୍ତ ବାଇକ ଓ ମିନିଟ୍ରକକୁ ଅଟକ ରଖି ତଦନ୍ତ ଚଳାଇଛି। ଆଜି ସନ୍ଧ୍ୟା ୫ଟା ୪୦ ବେଳେ କୁମାରଚନ୍ଦ୍ର ଏକ ବାଇକ ଯୋଗେ ମୋହନାରୁ ବ୍ରହ୍ମପୁର ଫେରୁଥିଲେ । ଏହି ସମୟରେ ଦିଗହପହଣ୍ଡି-ବ୍ରହ୍ମପୁର ରାସ୍ତାର ବାଇଗଣବାଡି ଛକ ଠାରେ ଏକ ମିନି ଟ୍ରକ ପାର୍କିଂ କରି ରାସ୍ତାକଡରେ ଛିଡା ହୋଇଥିଲା। ସାହି ରାସ୍ତାରେ ଦ୍ରୁତଗତିରେ ଆସୁଥିବା କୁମାର ଚନ୍ଦ୍ର ଉକ୍ତ ମିନିଟ୍ରକକୁ ପଛପଟୁ ଧକ୍କା ଦେଇଥିଲେ । ଦୁର୍ଘଟଣା ପରେ ସେ ରାସ୍ତାରେ ଛିଟିକି ପଡିଥିଲେ । ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ପାଇଁ ଏମକେସିଜି ମେଡିକାଲକୁ ପଠାଇଥିଲେ । ହେଲେ ଏମକେସିଜିର ଡାକ୍ତରମାନେ ତାଙ୍କୁ ମୃତ ଘୋଷଣା କରିଥିଲେ ।

## ଚର୍ଚ୍ଚାରେ ଗୋପାଳପୁର ନିର୍ବାଚନମଣ୍ଡଳୀ

ଗୋପାଳପୁର, (ସବ୍ୟୁ): ସାରା ଓଡିଶା ରାଜନୀତିରେ ଏକ ଚର୍ଚ୍ଚିତ ନିର୍ବାଚନ ମଣ୍ଡଳୀ ହେଉଛି ଗୋପାଳପୁର ନିର୍ବାଚନ ମଣ୍ଡଳୀ । ଦୀର୍ଘ ଚବିଶି ବର୍ଷ ଶାସନ ଗାଦିରେ ବିଜେଡି ବସିବା ପରେ ବର୍ତମାନ ଦୁଇ ବର୍ଷ ବି ପୂରଣ କରିନି ନୂତନ ବିଜେପି ସରକାର । ବହୁ ଆଶା ନେଇ ଗୋପାଳପୁର ନିର୍ବାଚନ ମଣ୍ଡଳୀର ଜନସାଧାରଣ ବିଜେପିକୁ ଆଶୀର୍ବାଦ କରିଥିଲେ ଏବଂ ବିଜେପି ଉଭୟ ଲୋକସଭାକ୍ଷେତ୍ର ସହ ବିଧାନସଭାରେ ବିପୁଳ ଜନସମର୍ଥନ ପାଇ ବିଜୟୀ ହୋଇଥିଲା । ବିଜେପି ସରକାର ଜନସାଧାରଣଙ୍କ କିଛି ଆଶା ପୂରଣ କରିଛି ଏବଂ ଅନ୍ୟ କିଛି ପୂରଣ କରିବାକୁ ଚେଷ୍ଟା କରୁଛି, ଏହା କେତେ ଦୂର ପୂରଣ ହେବ ତାହା ସମୟ ହିଁ କହିବ । ହେଲେ ବର୍ତମାନ ସମୟରେ ଗୋପାଳପୁରରେ ବିଜେଡି ସ୍ଥିତି ପୁରା ଦେବାଳିଆ ଅବସ୍ଥାରେ । ନା ଏଠି ଅଛନ୍ତି ନେତା ନା ନେତୃତ୍ୱ । ପୂର୍ବତନ ବ୍ରହ୍ମପୁର ବିଧାୟକ ପ୍ରାର୍ଥୀ ଗୋପାଳପୁର ନିର୍ବାଚନମଣ୍ଡଳୀରେ ପରାଜୟ ହେବା ପରେ ବର୍ତ୍ତମାନ ହତ୍ୟା ମାମଲାରେ ଜେଲରେ ଅଛନ୍ତି । ତେଣୁ କୌଣସି ବିଜେଡିର ବ୍ଲକ ଅଧକ୍ଷା, ଉପାଧାକ୍ଷାଙ୍କ ସହ ଯୁବନେତା ବୋଲାଉଥିବା ନେତାଙ୍କ ଦେଖା ଦର୍ଶନ ନାହିଁ ।

ବର୍ତମାନ ନିର୍ବାଚନ ମଣ୍ଡଳୀରେ ଚର୍ଚ୍ଚା ଯେ, ଆଗାମୀ ଭବିଷ୍ୟତରେ କେବଳ କଂଗ୍ରେସ ହିଁ ଲୋକଙ୍କ ସାହା ଭରସା ହେବ । ଏହାର ଅନେକ କାରଣ ବି ରହିଛି । ପିସିସି ସଭ୍ୟ ଡା. ଶମ୍ଭୁ ପାଣିଗ୍ରାହୀ ବିଗତ ନିର୍ବାଚନରେ କଂଗ୍ରେସରୁ ଆଶାୟୀ ଥିଲେ । ମାତ୍ର ବଡ ଦୁଃଖ ଏବଂ ପରିତାପର ବିଷୟ ଏହା ଯେ, ଜଣେ ଅଜଣା ଅଚିହ୍ନା ବ୍ୟକ୍ତିଙ୍କୁ କଂଗ୍ରେସ ଟିକେଟ ଦେଇ ନିଜ ଗୋଡ଼ରେ ନିଜେ କୁରାଢି ମାରିଥିଲା । ନଚେତ ଆଜିର ଦିନରେ ନିର୍ବାଚନ ମଣ୍ଡଳୀର ରୂପରେଖ ଅନ୍ୟ ପ୍ରକାରର ହୋଇ ଥାନ୍ତା । ମାତ୍ର ଆଜିର ଦିନରେ ଡା. ଶମ୍ଭୁ ପାଣିଗ୍ରାହୀ ଲୋକଙ୍କ ପାଖରେ ପହଞ୍ଚି ସେମାନଙ୍କ ସୁଖ, ଦୁଃଖରେ ସାମିଲ ହେଉଛନ୍ତି ତାହାକୁ ଅଞ୍ଚଳରେ ଲୋକେ ଭୁରି ଭୁରି ପ୍ରଂଶସା କରୁଛନ୍ତି । ଭବିଷ୍ୟତରେ କଂଗ୍ରେସ ହିଁ ଲୋକଙ୍କ ସାହା ଭରସା ହେବ ବୋଲି ଚର୍ଚ୍ଚା ହେଉଛି ।

## ରାଜ୍ୟ ମହିଳା କମିଶନ ପକ୍ଷରୁ ଶିବିର ଅଦାଲତ



ବ୍ରହ୍ମପୁର, (ସବ୍ୟୁ): ମହିଳା ମାନଙ୍କ ପାରିବାରିକ କଳହର ଆପୋଷ ବୁଝାବଣା ମାଧ୍ୟମରେ ମାମଲା ସମାଧାନ ହୋଇପାରିବ। ବିଜେପି ଲୋକଙ୍କ ସରକାର । ରାଜ୍ୟ ବିଜେପି ସରକାର ଗଠନ ପରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ପ୍ରୟାସରେ ଲୋକଙ୍କ ପାଖକୁ ଯାଇ ସମସ୍ୟା ସମାଧାନ କରିବାକୁ ସମସ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି ।

ଏହି ପରିପ୍ରେକ୍ଷୀରେ ବ୍ରହ୍ମପୁର ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ପହଞ୍ଚି ଥିଲେ ଓଡିଶା ରାଜ୍ୟ ମହିଳା ଆୟୋଗ ସୋଭାନା ମହାନ୍ତି। ତାଙ୍କ ସହିତ ରହିଥିଲେ ବିଭାଗୀୟ ସଦସ୍ୟା ମୁକ୍ତା ସାହୁ, କାଉଁସିଲର ବନ୍ଦନା ମହାନ୍ତି, ପ୍ରିୟଦର୍ଶିନୀ ଆଚାର୍ଯ୍ୟ ଏବଂ ଅତିରିକ୍ତ ଉପଜିଲ୍ଲାପାଳ ରୀନା ନାୟକ । ଗଞ୍ଜାମ, ଗଜପତି ଜିଲ୍ଲାର ରହିଥିବା ପ୍ରାୟ ୩୫ ଗୋଟି ପାରିବାରିକ ଅଭିଯୋଗ ଗୁଡିକର କଲେ ଶୁଣାଣି । ଯୌତୁକ ନିର୍ଯାତନା, ପାରିବାରିକ ନିର୍ଯାତନା, ମହିଳାଙ୍କ ଶାରୀରିକ ମାନସିକ ନର୍ଯାତନା,ଯୌନ ଶୋଷଣ, ବିବାହ ବିଚ୍ଛେଦ ଓ ନାରୀ ନିର୍ଯାତନା ପରି ୨୫ଟି ମାମଲା ଉପରେ ବିଚାର କରାଯାଇଥିଲା। ୧୬ଟି ମାମଲାରେ ଉଭୟ ପକ୍ଷର କେହି ସମାଧାନ ପାଇଁ ରାଜି ହୋଇନଥିବା ବେଳେ ୪ ଟି ଆପୋଷ ବୁଝାବଣାରେ ସମସ୍ୟାର ସମାଧାନ ହୋଇଥିଲା। ଆଉ ଅନ୍ୟ ଦୁଇଟି ମାମଲା ପୋଲିସ ଅଧକ୍ଷଙ୍କୁ ରେଫର କରାଯାଇଥିବା କହିଛନ୍ତି ଅଧକ୍ଷା। ରାଜ୍ୟ ସରକାର ମହିଳାଙ୍କ ନିମନ୍ତେ ସମସ୍ତ ସୁବିଧା ଯୋଗାଇ ଦେଇଛନ୍ତି। କୋର୍ଟକଚେରୀ ପୂର୍ବରୁ ପାରିବାରିକ ଅଭିଯୋଗକୁ ସମାଧାନ ହୋଇ ପାରୁଛି ବୋଲି ଅଧକ୍ଷା ଶ୍ରୀମତୀ ମହାନ୍ତି କହିଛନ୍ତି ।

## ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟରେ ସମ୍ବିଧାନ ଦିବସ

କଟକ, (ସ୍ୱପ୍ର): ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟରେ ୭୭ତମ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଆୟୋଜିତ ସଚେତନତା ପଦଯାତ୍ରାକୁ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଆଭାସୀ ମାଧ୍ୟମରେ ଉଦଘାଟନ କରି ସମ୍ବିଧାନ ପ୍ରଣେତା ବାବା ସାହେବ ଡ. ବି.ଆର୍ ଆମ୍ବେଦକରଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇବା ସହ ଆମ ଦେଶର ସମ୍ବିଧାନ ବିଶ୍ୱର ସର୍ବବୃହତ୍ତ ସମ୍ବିଧାନ ଓ ଏହାର ମର୍ଯ୍ୟାଦା ରକ୍ଷା କରିବା ପ୍ରତ୍ୟେକ ନାଗରିକଙ୍କର ପ୍ରଧାନ କର୍ତ୍ତବ୍ୟ ବୋଲି କହିଥିଲେ । ସଚେତନା ପଦଯାତ୍ରା କ୍ୟାମ୍ପସ ପରିକ୍ରମା କରିବା ପରେ ସମବେତ ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା ଓ ପଦାଧିକାରୀ ଭାରତୀୟ ସମ୍ବିଧାନର ମୁଖବନ୍ଧର ଶପଥ ପାଠ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ବରିଷ୍ଠ ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ଉପଦେଷ୍ଟା ପ୍ରଫେସର ସୁଶାନ୍ତ କୁମାର ଦାସ, ନିର୍ଦ୍ଦେଶକ ଲୋକନାଥ ବେହେରା, ପ୍ରାଧ୍ୟାପକ ଦିଲ୍ଲୀପ କୁମାର ମଲ୍ଲିକ ପ୍ରମୁଖ ଗଣତନ୍ତ୍ରର ସୁରକ୍ଷା କବଚ ସମ୍ବିଧାନର ମହତ୍ତ୍ୱ ସମ୍ପର୍କରେ ମାର୍ଗଦର୍ଶନ କରିଥିଲେ । ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ସଂଯୋଜକ ପ୍ରାଧ୍ୟାପକ ସୁଶାନ୍ତ କୁମାର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ଜୁଆ ଆଡ୍ଡା ଉପରେ ଚଢ଼ାଉ, ପାଞ୍ଚ ଗିରଫ

ଧରାକୋଟ, (ସବ୍ୟୁ): ଧରାକୋଟ ଥାନା ଅନ୍ତର୍ଗତ ମୁଣ୍ଡମରାଇ ପଞ୍ଚାୟତର ପୋଡ଼ାପଲି ଗ୍ରାମ ନିକଟରେ ଥିବା ଆମ୍ବ ତୋଟା ନିକଟରେ ଚାଲିଥିବା ଏକ ଜୁଆ ଆଡ୍ଡା ଉପରେ ଚଢ଼ଉ କରିଛି ଧରାକୋଟ ପୋଲିସ । ଏକ ବଶ୍ୱସ୍ତ ସୂତ୍ରରୁ ଖବର ପାଇବା ପରେ ଥାନା ଅଧିକାରୀ ଚନ୍ଦ୍ରିକା ସ୍ୱାଇଁଙ୍କ ନିର୍ଦ୍ଦେଶରେ ଏସଆଇ ସୁସ୍ମିତା ପଣ୍ଡା, ଏଏସଆଇ ଅନିଲ କୁମାର ଶବର, କନେଷ୍ଟେବଲ ମହେଶ୍ୱର ସ୍ୱାଇଁ, ସିମାଞ୍ଚଳ ମହାରଣା, ମଙ୍ଗୁଲୁ ଖଣ୍ଡୁଆଳ, ଜାନକୀକାନ୍ତ ବେହେରା, ଜେମସ ରାଇକା, ସୂର୍ଯ୍ୟମ ଶବର ଓ ରାଜକିଶୋର ସାହୁ ପ୍ରମୁଖ ମିଳିତ ଭାବରେ ଜୁଆ ଆଡ୍ଡା ଉପରେ ଚଢ଼ାଉ କରି ସେଠାରୁ ପାଞ୍ଚ ଜଣଙ୍କୁ ଗିରଫ କରିବା ସହିତ ଚାରିଟି ମୋବାଇଲ, ଚାରି ବାଇକ, ନଗଦ ୧୨, ୩୦୦ ଟଙ୍କା ଜବତ କରିଥିଲେ । ଗିରଫ ପରେ ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି ।

## ୭୭ତମ ସମ୍ବିଧାନ ଦିବସ ଓ ଆଲୋଚନାଚକ୍ର

ଭଞ୍ଜନଗର, (ସବ୍ୟୁ): ରାଧାକୃଷ୍ଣ ପାଠାଗାର ତରଫରୁ ୭୭ତମ ସମ୍ବିଧାନ ଦିବସ ଉପଲକ୍ଷେ ସମ୍ବିଧାନର ସୁରକ୍ଷା କାହିଁକି ଜରୁରୀ ? ପ୍ରସଙ୍ଗ ଭିତ୍ତିକ ଆଲୋଚନା ସଭା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନିରଞ୍ଜନ ପ୍ରଧାନଙ୍କ ସଭାପତିତ୍ୱରେ ପାଠାଗାରରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅତିଥି ମାନଙ୍କ ଦ୍ୱାରା ସମ୍ବିଧାନ ପୁସ୍ତକ ଓ ବାବାସାହେବ ଆମ୍ବେଦକରଙ୍କ ଫଟୋଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ କରାଯାଇଥିଲା । ଭଞ୍ଜନଗର ବାରଆସୋସିଏସନର ସଭାପତି ତଥା ବରିଷ୍ଠ ଆଇନଜୀବୀ ଲକ୍ଷ୍ମୀକାନ୍ତ ମହାପାତ୍ର ମୁଖ୍ୟଅତିଥି ରୂପେ ଯୋଗଦେଇ କହିଥିଲେଯେ, ଭାରତର ସ୍ୱାଧୀନତା ସଂଗ୍ରାମରେ ବିଭିନ୍ନ ଧର୍ମ, ଜାତି ଓ ବର୍ଣ୍ଣର ଲୋକମାନେ ଯୋଗଦେଇ ଭାରତକୁ ସ୍ୱାଧୀନ କରିବାକୁ ସକ୍ଷମ ହୋଇଥିଲେ । ଏଣୁ ଭାରତ ସବୁବେଳେ ତାର ସମ୍ବିଧାନ ଆଧାରରେ ସାର୍ବଭୌମ, ସମାଜବାଦ, ଧର୍ମ ନିରପେକ୍ଷ, ଗଣତାନ୍ତ୍ରିକ, ସାଧାରଣତନ୍ତ୍ର ରାଷ୍ଟ୍ରହୋଇ ରହିବ । ସମ୍ମାନିତ ଅତିଥି ବରିଷ୍ଠ ଆଇନଜୀବୀ ରାଜେନ୍ଦ୍ର ପ୍ରସାଦ ପ୍ରଧାନ କହିଥିଲେ ଯେ, ପ୍ରତିବର୍ଷ ଆଇନ ଦିବସ ରୂପେ ପାଳନ କରାଯାଉଥିବା ନଭେମ୍ବର ୨୬ କୁ ୨୦୨୫ ଠାରୁ ସମ୍ବିଧାନ ଦିବସ ରୂପେ ପାଳନ ହୋଇଆସୁଅଛ । ଅନ୍ୟତମ ସମ୍ମାନିତ ଅତିଥି କେନ୍ଦୁପଦର ମହାବିଦ୍ୟାଳୟର ପ୍ରାକ୍ତନ ପ୍ରାଧ୍ୟାପକ, ତିରୁପତି ବାଲାଜୀ ପାତ୍ର, ମୁଖ୍ୟବକ୍ତା କବି ପ୍ରଶାନ୍ତ ମହାନ୍ତି, ବରିଷ୍ଠ ଆଇନଜୀବୀ ଅଭିମନ୍ୟୁ ଗୌଡ଼, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପଦ୍ମ ଚରଣ ପ୍ରଧାନ, ସାମ୍ବାଦିକ ଦିଲୀପ ପଗଡ଼ ଓ ସମ୍ପାଦକ ଭଂଜକିଶୋର ପ୍ରଧାନ ଆଲୋଚନାରେ ଅଂଶ ଗ୍ରହଣକରି କହିଥିଲେଯେ, ସମ୍ବିଧାନ ହେଉଛି ଗଣତନ୍ତ୍ରର ଜୀବନରେଖା ।

ସମ୍ବିଧାନକୁ ସମ୍ପୂର୍ଣ୍ଣରୂପେ ନବଦଳାଇ ଲୋକହିତରେ ପରିବର୍ତ୍ତିତ ପରିସ୍ଥିତିରେ ଆବଶ୍ୟକ ମତେ ସଂଶୋଧନ କରାଯିବା ଉଚିତ । ଆଲୋଚନା ସଭାରେ ଆମ୍ବେଦକରବାଦୀ ସୁଧୀର ନାୟକ, କୃଷକ ନେତା ଦୀନବନ୍ଧୁ ଜେନା, ଆଇନଜୀବୀ ରଂଜିତ କୁମାର ତ୍ରିପାଠୀ, ମନୋଲିମା ଗୌଡ଼, ସାମ୍ବାଦିକ କାର୍ତ୍ତିକେଶ୍ୱର ପ୍ରଧାନ, ତାରିଣି ନାୟକ, କେଦାର ନାଥ ଜେନା, ବୈଦ୍ୟନାଥ ପ୍ରଧାନ, କୃଷ୍ଣ ନାୟକଙ୍କ ସମେତ ବହୁ ବିଜ୍ଞ ବ୍ୟକ୍ତିତ୍ୱ ଉପସ୍ଥିତ ରହିଥିଲେ । ସମ୍ପାଦକ ଭଂଜକିଶୋର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

## ନିଷ୍ଟ୍ ବିଶ୍ୱବିଦ୍ୟାଳୟରେ ୭୬ତମ ସମ୍ବିଧାନ ଦିବସ




ଗୋଲନ୍ଥରା, (ସବ୍ୟୁ) : ସ୍ଥାନୀୟ ନିଷ୍ଟ ବିଶ୍ୱବିଦ୍ୟାଳୟରେ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ଏଥିରେ ରାଜନୀତି ବିଜ୍ଞାନ ବିଶେଷଜ୍ଞ ଏବଂ ଶିକ୍ଷାବିତ୍ ପ୍ରଫେସର ବିଷ୍ଣୁ ଚରଣ ଚୌଧୁରୀ ମୁଖ୍ୟବକ୍ତା ଭାବରେ ଯୋଗଦେଇ ସମ୍ବିଧାନ କଣ, ସମ୍ବିଧାନର ମୁଖ୍ୟ ଉଦେଶ୍ୟ ନାଗରିକ ମାନଙ୍କର କର୍ତ୍ତବ୍ୟ, ଅଧିକାର ବିଭିନ୍ନ ଧାରା ଏବଂ ପ୍ରସ୍ତାବନକୁ ବିସ୍ତୃତ ଭାବରେ ଛାତ୍ରୀ ମାନଙ୍କୁ ଅବଗତ କରିଥିଲେ । ସେ ଗତ ୭୫ ବର୍ଷ ମଧ୍ୟରେ ସମ୍ବିଧାନକୁ ସାମାଜିକ ପରିବର୍ତ୍ତନ ଏବଂ ସମୟର ଆବଶ୍ୟକତା ସହିତ ପ୍ରାସଙ୍ଗିକ ରଖିବା ପାଇଁ ଏଥିରେ କରାଯାଇଥିବା ସଂଶୋଧନ ବିଷୟରେ ମଧ କହିଥିଲେ । ଡିନ ଏକାଡ଼େମିକ ପି. ରାଜେଶ କୁମାର, ଭାରପ୍ରାପ୍ତ କୁଳସଚିବ ଡ. ବିଷ୍ଣୁକର ନାୟକ, କମ୍ପ୍ୟୁଟର ବିଭାଗର ପ୍ରଫେସର ଡ଼. ମାନସ ରଞ୍ଜନ ପାତ୍ର, ଡ଼. ଲକ୍ଷ୍ମୀ କାନ୍ତ ରାଜୁ, ଡ଼. ଆଇଶା ତସ୍ନିନ, ପ୍ର. ଆଶିଷ ଦାସ, ଡ଼. ସବ୍ୟସାଚୀ ରଥ, ଡ଼. ସୋରେନ ମିଶ୍ର, ଡ଼. ବରାଦ ପ୍ରସାଦ ସେଠି, ଡ଼. ଦୁର୍ଗାମାଧବ ପାଢ଼ୀ, ଡ଼. ସୁଶାନ୍ତ ପାତ୍ର ପ୍ରମୁଖ ଏଥିରେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ । ଡ଼. ପ୍ରୀତି ରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ନୂତନ ଏସଡିଆଇପିଆରଓଙ୍କ କାର୍ଯ୍ୟରେ ଯୋଗଦାନ



ବାରିପଦା, (ସବ୍ୟୁ) : ଆଜି ମୟୂରଭଞ୍ଜ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟରେ ଶିଶିର କୁମାର ମୁଣ୍ଡୁୟା (ଓ.ଆଇ.ଏସ-୨) ବାରିପଦା ସଦର ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଭାବେ ତାଙ୍କ କାର୍ଯ୍ୟରେ ଯୋଗଦାନ କରିଛନ୍ତି । ଆଜି ଶ୍ରୀ ମୁଣ୍ଡୁୟା ତା'ଙ୍କ କାର୍ଯ୍ୟରେ ଯୋଗଦାନ କରିବା ଅବସରରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ମୟୂରଭଞ୍ଜ ବିକାଶ ରଞ୍ଜନ ମହାନ୍ତି ଓ କାର୍ଯ୍ୟାଳୟର ସମସ୍ତ କର୍ମଚାରୀବୃନ୍ଦ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ ।

## ବାଲିପଦରରେ ମା' ମହାଲକ୍ଷ୍ମୀଙ୍କ ପୂଜା ଉତ୍ସବ ଆରମ୍ଭ

ବୁଗୁଡା, (ସବ୍ୟୁ) : ବାଲିପଦର ବଣିକ ସଂଘ ଓ ଶ୍ରୀରାମ ପରିବା ବଜାର ସଂଘର ମିଳିତ ଆନୁକୂଲ୍ୟରେ ବସଷ୍ଟାଣ୍ଡ ଠାରେ ମା' ମହାଲକ୍ଷ୍ମୀଙ୍କ ପୂଜା ଉତ୍ସବ ଆରମ୍ଭ ହୋଇଯାଇଛି । ଏ ଅବସରରେ ପୁରୋହିତ ଜଗନ୍ନାଥ ଶତପଥୀ, ପ୍ରଦୀପ ଖାଡ଼ଙ୍ଗା, ବଳରାମ ତ୍ରିପାଠୀ ପ୍ରମୁଖ ଯଥା ରୀତିନୀତି ପ୍ରକାରେ ପୂଜା କାର୍ଯ୍ୟ ସମ୍ପାଦନ କରିଥିବାବେଳେ କର୍ତ୍ତା ଭାବେ ତ୍ରିନାଥ ସାସମଲ ଦାୟିତ୍ୱ ନିର୍ବାହ କରିଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ପୂଜା କମିଟିର ସଭାପତି ନାରାୟଣ ସାମନ୍ତରା ଓ ସମ୍ପାଦକ ରାଜେନ୍ଦ୍ର ମହାରଣା ଏବଂ କର୍ମକର୍ତ୍ତାଗଣ ପରିଚାଳନା କରିଥିବା ବେଳେ ବଣିକ ସଂଘ ସଭାପତି ଲକ୍ଷ୍ମୀ ନାରାୟଣ ନାୟକ ଓ ପରିବା ବଜାର ସଂଘ ସଭାପତି ରଙ୍କନିଧି ପଲାଇଙ୍କ ସମେତ ସଂଘ ଦ୍ୱୟର ସଦସ୍ୟମାନେ ଏଥିରେ ସକ୍ରିୟ ସହଯୋଗ କରିଥିଲେ । ଏହି ପୂଜା ଉତ୍ସବ ଆସନ୍ତା ଗୁରୁବାର ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ବୋଲି ପୂଜା କମିଟି ପକ୍ଷରୁ ପ୍ରକାଶ ପାଇଛି ।

## ସମ୍ବିଧାନ ବଞ୍ଚାଅ ଅଭିଯାନ, କଂଗ୍ରେସ ପକ୍ଷରୁ ଜନସାମାବେଶ



ଆସିକା, (ସବ୍ୟୁ): ସ୍ଥାନୀୟ ଟାଉନ ହଲ୍ ପଡିଆ ଠାରେ କଂଗ୍ରେସ ପକ୍ଷରୁ ସମ୍ବିଧାନ ବଞ୍ଚାଅ ଦିବସ ବୁଧବାର ପାଳିତ ହୋଇଛି । ଏହି ଅବସରରେ ଗଞ୍ଜାମ ଜିଲ୍ଲା (ପଶ୍ଚିମାଞ୍ଚଳ)ର ସଭାପତି ତଥା ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନାଙ୍କ ପୌରହିତ୍ୱରେ ଏକ ବିଶାଳ ଜନସମାବେଶ ଅନୁଷ୍ଠିତ ହୋଇଥିଲା ।

ସଭାରେ ପଶ୍ଚିମ ଜିଲ୍ଲାର ପୂର୍ବତନ ସଭାପତି ରବୀନ୍ଦ୍ର ନାଥ ଶର୍ମା, ସତ୍ୟ ନାରାୟଣ ରଥ, ଅବସରପ୍ରାପ୍ତ ଶିକ୍ଷକ ଏ ଯୁଧିଷ୍ଠିର ଦୋରା, ଗଙ୍ଗାଧର ଶତପଥୀ, ଗତ ସାଧାରଣ ନିର୍ବାଚନରେ ଆସିକା ସଂସଦୀୟ କ୍ଷେତ୍ରର ପ୍ରାର୍ଥୀ ଦେବକାନ୍ତ ଶର୍ମା, ସୋରଡ଼ା ବିଧାନସଭା ପ୍ରାର୍ଥୀ ହରେକୃଷ୍ଣ ରଥ, ଆସିକା ବିଧାୟକ ପ୍ରାର୍ଥୀ, ସୁରଭି ବିଷୋୟୀ, ଜିଲ୍ଲାର ଦାୟୀତ୍ୱରେ ଥିବା ରାଜ୍ୟ ପ୍ରଭାରୀ ବିଜୟ ପ୍ରଧାନ, ଖଲ୍ଲିକୋଟ ବିଧାୟକ ପ୍ରାର୍ଥୀଙ୍କ ସମେତ ଦଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ମଞ୍ଚାସିନ ଥିଲେ । ବକ୍ତାମାନେ ନିଜନିଜ ବକ୍ତବ୍ୟରେ ସମ୍ବିଧାନ ଦେଶର ଆତ୍ମା କହି ଜାତି ଧର୍ମ ଓ ବର୍ଣ୍ଣ ନିର୍ବିଶେଷରେ ସମସ୍ତଙ୍କୁ ସମାନ ଅଧିକାର ଦେଉଥିବାରୁ ଏହାର ସୁରକ୍ଷା ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ । ସମ୍ବିଧାନକୁ ବାଞ୍ଚାଇବାକୁ ହେଲେ ସମସ୍ତ ନାଗରିକଙ୍କୁ ଭୋଟ ଚୋରି ରୋକିବାକୁ ହେବ ।

ତେଣୁ ଆଗାମୀ ନିର୍ବାଚନରେ ଇଭିଏମ ବଦଳରେ ବାଲାଟ ପେପରରେ ନିର୍ବାଚନ କରିବାକୁ ବିଧାୟକ ଶ୍ରୀ ଜେନା ଦାବି କରି ସମ୍ବିଧାନର ମର୍ଯ୍ୟାଦାକୁ କ୍ଷୁର୍ଣ୍ଣ କରିବାକୁ କେନ୍ଦ୍ର ସରକାରଙ୍କ ଅପଚେଷ୍ଟାକୁ କଂଗ୍ରେସ ଦଳ ଓ ଏହାର ନେତା ରାହୁଲ ଗାନ୍ଧୀ ପ୍ରତିହତ କରି ଆସୁଥିବା ଓ ତାଙ୍କ ସମସ୍ତ ଚେଷ୍ଟା ଓ ଉଦ୍ୟମ ପଛରେ ଜନସାଧାରଣ ସାମିଲ ହେବାକୁ ଶ୍ରୀ ଜେନା ଆହ୍ୱାନ ଦେଇଥିଲେ । ଶେଷରେ ସାଂସଦ ପ୍ରାର୍ଥୀ ଶ୍ରୀ ଶର୍ମା ଧନ୍ୟବାଦ ଅର୍ପଣ କରିଥିଲେ । ଆୟୋଜିତ ସମାବେଶରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ସହସ୍ରାଧିକ ଦଳୀୟ କର୍ମୀ ଓ ସଂଗଠକ ଯୋଗ ଦେଇଥିଲେ ।

## ଚାଉଳ ହଡପକାରୀଙ୍କୁ ସୁରକ୍ଷା ଦେଉଛି ବ୍ଲକ ପ୍ରଶାସନ

ଧରାକୋଟ, (ସବ୍ୟୁ) : ଧରାକୋଟ ବ୍ଲକରେ ଚାଉଳ ହଡ଼ପ ଘଟଣା ବର୍ତମାନ ନୀତି ଦିନିଆ ହୋଇଗଲାଣି । ଗତ କିଛି ମାସ ତଳେ ବାହାରପୁର ଯୋଗାଣ ସହାୟକ ଚୋରାରେ ଚାଉଳ ବିକ୍ରି କରୁଥିବା ବେଳେ ଗ୍ରାମବାସୀଙ୍କ ଦ୍ୱାରା ଧରାପଡ଼ିଥିଲେ । ପରବର୍ତ୍ତୀ ସମୟରେ ଏହି ଘଟଣାକୁ ଚପାଇ ଦିଆଯାଇଥିଲା । ପୁଣି ଧରାକୋଟ ବ୍ଲକ ମଛାକୋଟ ପଞ୍ଚାୟତରେ ଯୋଗାଣ ସହାୟକ ଅଭୟପୁର ଗ୍ରାମର ମୃତ ବଞ୍ଚା ନାୟକ, ମାଗି ଡାକୁଆ, ମରଦକୋଟ ଗ୍ରାମର ମୃତ ହେମ ପାତ୍ରଙ୍କ ନାମରେ ଚାଉଳ ଉଠାଇ ହଡପ କରୁଥିବା ଘଟଣା ସାମ୍ନାକୁ ଆସିଛି । ପ୍ରକାଶ ଥାଉକି ମଛାକୋଟ ପଞ୍ଚାୟତରେ ଯୋଗାଣ ସହାୟକ ଜଣକ ଅନେକ ମୃତବ୍ୟକ୍ତି ଓ ପ୍ରବାସୀ ମାନଙ୍କ ନାମରେ ଚାଉଳ ଓ ୭୦ବର୍ଷରୁ ଅଧିକ ଇ.ଶ୍ରମ କାର୍ଡଧାରୀଙ୍କ ନାମରେ ରାସନ କାର୍ଡ କରି ଚାଉଳ ହଡପ କରୁଥିବା ଗ୍ରାମବାସୀଙ୍କ ପକ୍ଷରୁ ଅଭିଯୋଗ ପରେ ସ୍ଥାନୀୟ ସରପଞ୍ଚ ମଙ୍ଗୁଲୁ ପାତ୍ର ଏକ ଲିଖିତ ଅଭିଯୋଗପତ୍ର ଧରାକୋଟ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଦେବା ସହିତ ଧରାକୋଟ ଠାରେ ଅନୁଷ୍ଠିତ ୧୦/୧୧/୨୦୨୫ ତାରିଖରେ ଜନ ଶୁଣାଣି ବେଳେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଧରାକୋଟ ବିଡ଼ିଓ ଗତ ୨୧/୧୧/୨୦୨୫ ଶୁକ୍ରବାର ଦିନ ମଛାକୋଟ ପଞ୍ଚାୟତ ଠାରେ ପହଞ୍ଚି ପଞ୍ଚାୟତ କମିଟି, ପଞ୍ଚାୟତ କର୍ମଚାରୀ, ଯୋଗାଣ ସହାୟକ ଓ ଅଭିଯୋଗ ଦେଇଥିବା ଲୋକଙ୍କ ସହ ଆଲୋଚନା କରି ଫେରିଥିବା ସୂଚନା ରହିଛି । ମଛାକୋଟ ସରପଞ୍ଚଙ୍କ କହିବା ମୁତାବକ ଯୋଗାଣ ସହାୟକ ଅଭିଯୋଗ ସମ୍ପୂର୍ଣ୍ଣ ସତ୍ୟ ସେ ଭୁଲ କରିଥିବା କଥା ମାନିଥିବା ବେଳେ ବ୍ଲକ ପ୍ରଶାସନ ଉକ୍ତ ଯୋଗାଣ ସହାୟକଙ୍କୁ ଘଣ୍ଟ ଘୋଡାଉଛନ୍ତି ଏବଂ ତାଙ୍କୁ ସହଯୋଗ କରୁଛନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତ । ଏଥି ପୂର୍ବରୁ ମଧ ସମ୍ପୃକ୍ତ ଯୋଗାଣ ସହାୟକ ଜଣଙ୍କ ବହୁବାର ଏହିପରି ଚାଉଳ ହଡପ କରିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ତୁରନ୍ତ ଏହାର ତଦନ୍ତ କରି ଦୋଷୀ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି ।

### ଅତିରିକ୍ତ ତହସିଲଦାରଙ୍କ ପରିବାରକୁ ବାସନ୍ଦ ସହ ବିବାହ ଭୋଜିକୁ ନା

## ଥାନାର ଦ୍ୱାରସ୍ଥ ହୋଇ ଅଭିଯୋଗ କଲେ ପରିବାର

ଛତ୍ରପୁର, (ସବ୍ୟୁ): ଗଞ୍ଜାମ ଜିଲ୍ଲାର ଆସିକା ଅତିରିକ୍ତ ତହସିଲଦାର ସୌଦାଗର ବେହେରାଙ୍କ ପରିବାରକୁ କୁଳସମାଜ ପକ୍ଷରୁ ଅପମାନ କରାଯିବା ସହିତ ବିବାହ ଭୋଜି କାର୍ଯ୍ୟରେ ବାସନ୍ଦ କରାଯାଇଥିବା ନେଇ ଛତ୍ରପୁର ଥାନାରେ ପରିବାର ପକ୍ଷରୁ ଅଭିଯୋଗ ହୋଇଛି । ଅତିରିକ୍ତ ତହସିଲଦାର ଶ୍ରୀ ବେହେରାଙ୍କ ଘର ଛତ୍ରପୁର ଥାନା ଅଧୀନ ମୁନିଷିପେଣ୍ଟ ଗ୍ରାମ । ସେ ଅନ୍ୟ ଏକ ଜାତିର ଝିଅକୁ ବିବାହ କରିଥିବାରୁ କୈବର୍ତ୍ତ ସମାଜ ପକ୍ଷରୁ ଅତିରିକ୍ତ ତହସିଲଦାରଙ୍କ ପରିବାରକୁ କୈବର୍ତ୍ତ କୂଳ ସମାଜ ପକ୍ଷରୁ ଏପରି କରାଯାଇଥିବା ଅଭିଯୋଗ ହୋଇଛି । ଏନେଇ ଅତିରିକ୍ତ ତହସିଲଦାରଙ୍କ ପିତା ବିଜୟ ବେହେରା ଛତ୍ରପୁର ଥାନାରେ ଲିଖିତ ଭାବେ କୈବର୍ତ୍ତ ସମାଜ ଭଦ୍ର ବ୍ୟକ୍ତି ନାମରେ ଅଭିଯୋଗ କରିଛନ୍ତି ।

ଅନ୍ୟପକ୍ଷରେ କୈବର୍ତ ସମାଜ ପକ୍ଷରୁ ଅତିରିକ୍ତ ତହସିଲଦାର ପରିବାରକୁ କୂଳରୁ ବାସନ୍ଦ କରାଯାଇ ନାହିଁ, ଏହା ଭିତ୍ତିହୀନ ବୋଲି କହିଛନ୍ତି ସଭାପତି ରମେଶ ବେହେରା । ଏନେଇ ଛତ୍ରପୁର ଥାନାରେ ଉଭୟ ପକ୍ଷକୁ ନେଇ ଆଲୋଚନା ଚାଲିଥିଲା । ଦୀର୍ଘ ସମୟ ଆଲୋଚନା ପରେ ମଧ୍ୟ କୌଣସି ସମାଧାନର ବାଟ ଫିଟିନିଥିଲା । ପରବର୍ତ୍ତୀ ସମୟରେ କୈବର୍ତ୍ତ ସମାଜର ମହାସଭାର କର୍ମକର୍ତ୍ତାଙ୍କ ଉପସ୍ଥିତିରେ ଘଟଣା ସଂପର୍କରେ ଆଲୋଚନା କରାଯିବ ବୋଲି ସୂଚନା ମିଳିଛି । ସେହିପରି ଛତ୍ରପୁର ଥାନାରେ ଏସଂକ୍ରାନ୍ତରେ କୌଣସି ମାମଲା ରୁଜୁ ହୋଇନଥିବା ଥାନା ଅଧିକାରୀ ସବ୍ୟସାଚୀ ମଲ୍ଲ କହିଛନ୍ତି ।

# ଷ୍ଟେସନରେ ରେଲ୍ ୟୁଜର୍ସ କମିଟିର ଶାନ୍ତିପୂର୍ଣ୍ଣ ଗଣଧାରଣା



ତାଳଚେର,(ସବ୍ୟ) : ତାଳଚେର ରେଳ ଷ୍ଟେସନକୁ ସମସ୍ତ ଯାତ୍ରୀବାହୀ ଟ୍ରେନ୍ ଆସିବା ,ଯଥାଶୀଘ୍ର ତାଳଚେର-ଅନୁଗୋଳ ଓ୍ୱାଇ ଲାଇନ୍ କାର୍ଯ୍ୟକାରୀ କରିବା, ତାଳଚେର ମଧ୍ୟରେ ଥିବା ସମସ୍ତ ରେଲୱେ ଓଭରବ୍ରିଜ୍ ଗୁଡିକ ନିର୍ମାଣ କରିବା, ତାଳଚେର ରୋଡ୍ ଷ୍ଟେସନକୁ ଯାତାୟତର ସୁବିଧା ପାଇଁ ରାସ୍ତାଘାଟ ତିଆରି କରିବା, ଉଭୟ ଷ୍ଟେସନ୍ ର ଉନ୍ନତି କରଣ ଓ ଯାତ୍ରୀ ମାନଙ୍କର ସୁରକ୍ଷା ଦାବୀରେ ରେଲୟୁଜର୍ସ କମିଟି ପକ୍ଷରୁ ତାଳଚେର ଷ୍ଟେସନ୍ ସମ୍ମୁଖରେ ୪୮ ଘଂଟିଆ ଶାନ୍ତିପୂର୍ଣ୍ଣ ଗଣଧାରଣା ଦିଆଯାଇ ବିଭିନ୍ନ ଦାବୀ ଉପସ୍ଥାପନ କରାଯାଇଥିଲା । ଅପରାହ୍ନରେ ଏରିଆ ରେଲୱେ ମ୍ୟାନେଜର ପବନ କୁମାର ବିଶ୍ୱକର୍ମା ଧାରଣାଗତ କମିଟିର କର୍ମକର୍ତ୍ତା ଓ ସଦସ୍ୟମାନଙ୍କୁ ଡାକି ଆଲୋଚନା କରିଥିଲେ । ପୁରୀ-ଅନୁଗୋଳ ମେମୁ ଟ୍ରେନ୍ ତାଳଚେର ଠାରେ ରାତ୍ର ୮.୨୦ ରେ ପହଂଚିବାର ସମୟ ଥିବାବେଳେ ପ୍ରତ୍ୟେକ ଦିନ ରାତ୍ର ୧୦ ଘଟିକା ପରେ ଓ ପୁରୀ-ତାଳଚେର ପାସେଞ୍ଜର ଟ୍ରେନ୍ ପହଂଚିବାର ସମୟ ରାତ୍ର ଘ.୯.୨୦ମି. ଥିବାବେଳେ ରାତ୍ର ୧୨ଟା ରେ ପହଂଚୁଛି ଉଭୟ ଟ୍ରେନ୍ ସଠିକ୍ ସମୟରେ ତାଳଚେର ଠାରେ ପହଂଚିବା ପାଇଁ କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେବା ସହ ଉଭୟ ଷ୍ଟେସନ୍ ର ଉନ୍ନତିକରଣ ଓ ଯାତ୍ରୀ ମାନଙ୍କର ସୁରକ୍ଷା ବିଷୟରେ ଆଲୋଚନା କରାଯାଇଥିଲା ଏବଂ ୱାଇ ଲାଇନ୍ର କାର୍ଯ୍ୟକାରିତା, ଓଭରବ୍ରିଜ୍ ଗୁଡିକ ନିର୍ମାଣ ପାଇଁ ଖୁବ୍ ଶୀଘ୍ର ଖୋର୍ଦ୍ଧା ଡିଆରଏମ୍ ଙ୍କ ସହ ଏକ ଉଚ୍ଚ ସ୍ତରୀୟ ବୈଠକ କରାଯିବା ପାଇଁ ଏକ ଲିଖିତ ପ୍ରତିଶ୍ରୁତି ଦେଇଥିଲେ ଏହାପରେ ଏହି ଗଣଧାରଣା ସ୍ଥଗିତ ରଖାଗଲା ।

ଏହି ଆନ୍ଦୋଳନରେ ଉପସଭାପତି ଚିନ୍ତାମଣି ମହାପାତ୍ର, ସାଧାରଣ ସଂପାଦକ ଅଭୟ ପାଣି, ଜାତୀୟ ମାନବାଧିକାର ରାଜ୍ୟ ସଭାପତି ଦେବେନ୍ଦ୍ର ସିଂ, କେଶବ ଭୁଡିଆ, ପ୍ରଫୁଲ୍ଲ ନାଏକ, ଗଗନ ଦାସ, ବରିଷ୍ଠ ସାମ୍ବାଦିକ ମନୋଜ ଶତପଥି, ଶଙ୍କରମୋଦୀ, ମଦନ ଅଗ୍ରୱାଲ, ଶୋଭାରାଣୀ ଦେବୀ, ମାନସୀ ମହାପାତ୍ର, ସୁକାନ୍ତ ଦାସ, ବିନୋଦ ଲାଲ, ଅରୋନ୍ ପାଣି, ଜିତେନ୍ଦ୍ର ମହାପାତ୍ରଙ୍କ ସମେତ ବହୁ ପୁରୁଷ ଓ ମହିଳା ଉପସ୍ଥିତ ଥିଲେ ।

## ଭୂତକୋଠି ପାଲଟିଲାଣି ପଥପ୍ରାନ୍ତ ସେବା କେନ୍ଦ୍ର

# ଯାତ୍ରୀ ହନ୍ତସନ୍ତ : କାର୍ଯ୍ୟକ୍ଷମ କରିବାକୁ ଦାବି

କାମାକ୍ଷାନଗର ,(ସବ୍ୟ) : ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ବ୍ଲକ ମହୁଲପାଳ ଠାରେ ଥିବା ପଥପ୍ରାନ୍ତ ସେବାକେନ୍ଦ୍ର ଭୂତକୋଠି ପାଲଟିଗଲାଣି । ଯାତ୍ରୀ ଓ ଗାଡିଚାଳକ ହନ୍ତସନ୍ତ ହେଉଥିବାବେଳେ ଏହାକୁ ତୁରନ୍ତ କାର୍ଯ୍ୟକ୍ଷମ କରିବାପାଇଁ ସାଧାରଣ ରେ ଦାବି ହେଉଛି । ଦୂରଦୂରାନ୍ତକୁ ଯାତ୍ରା କରୁଥିବା ଯାତ୍ରୀ ତଥା ଗାଡିଚାଳକଙ୍କ ସୁବିଧା ନିମନ୍ତେ ପୂର୍ବ ସରକାରଙ୍କ ସମୟରେ ବିଭିନ୍ନ ସ୍ଥାନରେ ପଥପ୍ରାନ୍ତ ସେବାକେନ୍ଦ୍ର ନିର୍ମାଣ ହୋଇଥିଲା । କିଛି ସମୟ ବିଶ୍ରାମ ନେବା ସହିତ ସ୍ନାନ, ଶୌଚ ଓ ଖାଦ୍ୟପେୟର ବ୍ୟବସ୍ଥା କରାଯାଇଥିଲା । କିନ୍ତୁ କିଛିମାସ ହେବ ସରକାରୀ ଦୃଷ୍ଟିର ଅଭାବ ତଥା ପ୍ରଶାସନର ଅବହେଳା ଯୋଗୁ ଏବେ ପଥପ୍ରାନ୍ତ ସେବାକେନ୍ଦ୍ର ଭୂତକୋଠି ପାଲଟିଗଲାଣି ।

ଢେଙ୍କାନାଳ ଜିଲ୍ଲା ସଦର ମହକୁମାର କାମାକ୍ଷାନଗରକୁ ଦେଇ ଯାଇଥିବା ପୂର୍ଭ ବିଭାଗ ରାସ୍ତାଟି ପୂର୍ବ ଓଶିଶାରୁ ପଶ୍ଚିମଓଡିଶାକୁ ଯୋଗାଯୋଗର ପ୍ରମୁଖ ମାଧ୍ୟମ ପାଲଟିଛି ।



ପ୍ରତ୍ୟେକ ଦିନ ଏହି ରାସ୍ତାରେ ଶତାଧିକ ଯାନବାହାନ ଚଳାଚଳ କରୁଥିବା ବେଳେ ଏହା ରାଜଧାନୀ ଭୁବନେଶ୍ୱର, ବାଣିଜ୍ୟ ସହର କଟକ ସହିତ ରାଉରକେଲା, ଦେବଗଡ଼, ସମ୍ବଲପୁର, ଝାରସୁଗୁଡା, ସୁନ୍ଦରଗଡ଼ ଭଳି ପଶ୍ଚିମଓଡ଼ିଶାର ବହୁ ଗୁରୁତ୍ୱପୂର୍ଣ୍ଣ ସହରକୁ ଯୋଗାଯୋଗ କରିଥାଏ ।ସେଥିପାଇଁ ଏହି ରାସ୍ତାରେ ପୂର୍ବ ସରକାର ଙ୍କ ସମୟରେ ପୂର୍ବତନ ପୂର୍ତ୍ତ ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକଙ୍କ ଦ୍ୱାରା କାମାକ୍ଷାନଗର ସହର ଠାରୁ ୬ କିଲୋମିଟର ଦୂର ମହୁଲପାଳ ନିକଟରେ ନିର୍ମାଣ କରାଯାଇଥିଲା । ପୂର୍ତ୍ତ ବିଭାଗ ତରଫରୁ ୨. ୮୮ ଏକର ଜାଗା ରେ କୋଟିକୋଟି ଟଙ୍କା ବ୍ୟୟ ଅଟକଳ ରେ ନିର୍ମିତ ହୋଇଥିଲା ।

ତେଣୁ ଏପରିସ୍ଥଳେ କୋଟିକୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ପଥପ୍ରାନ୍ତ କେନ୍ଦ୍ର କିପରି ପରିଚାଳିତ ହେବ ତାହାକୁ ନେଇ ସ୍ଥାନୀୟ ବାସିନ୍ଦା ପ୍ରଶ୍ନ କରିଛନ୍ତି । ତେଣୁ ଯାତ୍ରୀ, ଗାଡିଚାଳକ ଓ ଢେଙ୍କାନାଳରୁ କାମାକ୍ଷାନଗର ଦେଇ ଯିବାଆସିବା କରୁଥିବା ହଜାରହଜାର ଯାତ୍ରୀ ଙ୍କ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଏହି କେନ୍ଦ୍ରକୁ ପୁନଃ କାର୍ଯ୍ୟକ୍ଷମ କରିବା ପାଇଁ ଦାବି ଜୋର ଧରିଛି । କିଛିମାସ ଧରି ବନ୍ଦ ରହିବା ଫଳରେ ଏହି କେନ୍ଦ୍ର ପରିସରରେ ଲଟା, ବୁଦା ମାଡି ଭୂତକୋଠି ପାଲଟିଥିବା ବେଳେ ଲକ୍ଷାଧିକ ଟଙ୍କାର ବହୁ ମୂଲ୍ୟବାନ ସାମଗ୍ରୀ ନଷ୍ଟ ହେବାକୁ ବସିଲାଣି । କେନ୍ଦ୍ର ପରିସରରେ ଥିବା ଉଦ୍ୟାନ ସମ୍ପୂର୍ଣ୍ଣ ନଷ୍ଟ ହେବାକୁ ବସିଥିବା ବେଳେ ଏଥିରେ ବ୍ୟବହୃତ ଚେୟାର, ଓ ଅନ୍ୟ ଆସବାବପତ୍ର ଗୁଡିକ ଭାଙ୍ଗିରୁଜି ଗଲାଣି । ଫଳରେ କୋଟିକୋଟି ଟଙ୍କାର ପ୍ରକଳ୍ପଟି ନଷ୍ଟ ହୋଇଥିବା ବେଳେ ଏହା ଉପରେ ନିର୍ଭର କରୁଥିବା ବହୁ ଯାତ୍ରୀ ଓ ସାଧାରଣ ଲୋକେ ହନ୍ତସନ୍ତ ହେଉଛନ୍ତି । ତେଣୁ ପ୍ରଶାସନ ଓ ସରକାର ତୁରନ୍ତ ଏହି ସେବାକେନ୍ଦ୍ର କୁ କାର୍ଯ୍ୟକ୍ଷମ କରାଇବା ପାଇଁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି ।

# ବସ୍‌କୁ ପିଟିଲା କାର, ଜଣେ ଗୁରୁତର

ଠାକୁରଗଡ ,(ସବ୍ୟ) : ଅନୁଗୋଳ ଜିଲ୍ଲା ହଣ୍ଡପା ଥାନା ନୂଆଁଝୁଣ୍ଟ ନିକଟରେ ଗୁରୁବାର ସକାଳେ ଏକ ଯାତ୍ରୀ ବାହୀ ବସ ପଛରେ ଏକ କାର ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଛି । ଏହି ଦୁର୍ଘଟଣାରେ କାର ଚାଳକ ଗୁରୁତର ଆହାତ ହୋଇଥିବା ବେଳେ ୩ ଜଣ ଅଳ୍ପକେ ରକ୍ଷା ପାଇଯାଇଛନ୍ତି । ଅନୁଗୋଳରୁ ସମ୍ବଲପୁର ଅଭିମୁଖେ ଡେଜି ନାମକ ଏକ ଘରେଇ ଯାତ୍ରୀବାହୀ ବସ ଯାଉଥିବା ବେଳେ କଟକରୁ ସମ୍ବଲପୁର ଅଭିମୁଖେ ଯାଉଥିବା ଏକ କାର ଓଡି ୧୫ ଏଏ ୨୭୬୭ଟବସ ପଛରେ ପିଟି ହୋଇ ଦୁର୍ଘଟଣା ଗ୍ରସ୍ତ ହୋଇଥିଲା । ଏହି ଦୁର୍ଘଟଣା ରେ କାର ବସିଥିବା ୪ ଜଣଙ୍କ ମଧ୍ୟରୁ ଚାଳକ ଗୁରୁତର ଆହାତ ହୋଇଥିଲେ। ତାଙ୍କୁ ସ୍ଥାନୀୟ ଅଞ୍ଚଳବାସୀ ଉଦ୍ଧାର କରି ଚିକିସା ପାଇଁ କିଶୋରନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି । ହଣ୍ଡପା ପୋଲିସ ଘଟଣା ସ୍ଥଳ ରେ ପହଞ୍ଚି ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି ।

# କାର୍ଯ୍ୟରେ ଯୋଗଦେଲେ ଏସ୍‌ଡିପିଆର୍‌ଓ




ଅନୁଗୋଳ, (ସବ୍ୟ) : ସୁଶ୍ରୀ ସନମ୍ ସ୍ମିତା ସାହୁ ଅନୁଗୋଳ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଭାବେ ଯୋଗଦାନ କରିଛନ୍ତି । କଳିଙ୍ଗ ଷ୍ଟାଡିୟମ ଠାରେ ଆୟୋଜିତ ହୋଇଥିବା ନିଯୁକ୍ତି ମେଳା ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ଠାରୁ ସେ ନିଯୁକ୍ତିପତ୍ର ଗ୍ରହଣ କରିଥିଲେ ।

ଏହି ଅବସରରେ ସୁଶ୍ରୀ ସାହୁ ଆଗାମୀ ଦିନରେ ନିଜର ଦାୟିତ୍ୱ ସୂଚାରୁରୂପେ ତୁଲାଇବା ପାଇଁ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ, ଜିଲ୍ଲାର ସମସ୍ତ ପ୍ରଶାସନିକ ଅଧିକାରୀ ଏବଂ ସମସ୍ତ ଗଣମାଧ୍ୟମର ପ୍ରତିନିଧି ମାନଙ୍କ ସାହାଯ୍ୟ ସହଯୋଗ କାମନା କରିଛନ୍ତି ।

# ୧୮ ବିଭାଗ ଦାୟିତ୍ୱରେ ଅଛି, ମୁଁ କିଛି କହିପାରିବି ନାହିଁ

ଆଠମଲ୍ଲିକ ,(ସବ୍ୟ) : ଆଠମଲ୍ଲିକ ଉପଖଣ୍ଡରେ ଦୀର୍ଘ ଦିନ ଜେଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପଦବୀ ଖାଲି ପଡ଼ିଛି ଏ ବାବଦରେ ବିଭିନ୍ନ ଗଣମାଧ୍ୟମରେ ବାରମ୍ବାର ଖବର ପ୍ରସାରଣ ପରେ ମଧ୍ଯ ସ୍ଥାୟୀ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ନିଯୁକ୍ତି ଦିଆ ନଯାଇ ବିଭିନ୍ନ ଅଧିକାରୀଙ୍କୁ ଅତିରିକ୍ତ ଦାୟିତ୍ୱ ଦିଆ ଯାଉଥିବା ଅଭିଯୋଗ ହେଉଛି । ଗତ ମଙ୍ଗଳବାର ଅନୁଗୁଳ ଜିଲ୍ଲାପାଳ ଏକ ସମୀକ୍ଷା ବୈଠକ ରେ ଯୋଗ ଦେବା ପାଇଁ ଆଠମଲ୍ଲିକ ଗସ୍ତ ରେ ଆସିଥିଲେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକ ସନ୍ଧ୍ୟା ସାତଟାରେ ଚାଲିଥିଲା ଫଳରେ ଗଣମାଧ୍ୟମ ପ୍ରତିନିଧି ମାନେ ସମ୍ବାଦ ପରିବେଷଣ କାର୍ଯ୍ୟରେ ବ୍ୟସ୍ତ ରହି ଥିବାରୁ ସୂଚନା ପାଇବାରେ ଅସୁବିଧା ସୃଷ୍ଟି ହୋଇଥିଲା ।

ଜିଲ୍ଲାପାଳଙ୍କ ସମୀକ୍ଷା ବୈଠକକୁ ସମ୍ବାଦ ପତ୍ରରେ ପ୍ରକାଶିତ କରିବା ପାଇଁ ଜଣେକ ସାମ୍ବାଦିକ ସୂଚନା ଓ ଲୋକ ସମ୍ପର୍କ ଦାୟିତ୍ୱ ରେ ଥିବା ଜଣେ ଅଧିକାରୀଙ୍କୁ ଫୋନ ଯୋଗେ ପଚାରି ବୁଝିଥିଲେ ସେ ତତକ୍ଷଣାତ ବିରକ୍ତି ପ୍ରକାଶ କରି ମୁଁ ୧୮ ବିଭାଗ ଦାୟିତ୍ୱ ରେ ଅଛି ମୁଁ କୌଣସି ଉତ୍ତର ଦେଇ ପାରିବି ନାହିଁ, ଯଦି ପାରୁଛ ମୋତେ ଏ ଦାୟିତ୍ୱରୁ ହଟେଇ ଦିଅ। ଏହା ଶୁଣି ସମ୍ପୃକ୍ତ ସାମ୍ବାଦିକ ଚକିତ ହୋଇ ଯାଇଥିଲେ। ଏ ଘଟଣା କୁ ଗୁରୁତର ସହ ବିଚାର କରି ଉକ୍ତ ଅଧିକାରୀ ସମସ୍ୟାର ସମାଧାନ କରିବାକୁ ଗଣମାଧ୍ୟମ ପ୍ରତିନିଧି ମହଲରେ ଦାବୀ ହେଉଛି।

# ଟାଟା ପାୱାର ବିରୋଧରେ ମୁଖ୍ୟମନ୍ତ୍ରୀ ଓ ଜିଲ୍ଲାପାଳଙ୍କୁ ଦାବିପତ୍ର

ଢେଙ୍କାନାଳ, (ସବ୍ୟ) : ଢେଙ୍କାନାଳ ଜିଲ୍ଲାରେ ଟାଟା ପାୱାରର ମନମୁଖୀ କାର୍ଯ୍ୟ ଏବଂ ବିଦ୍ୟୁତ ଯୋଗାଣରେ ସର୍ବନିମ୍ନ ନିୟମାବଳୀ ପାଳନ ନକରି ସ୍ମାର୍ଟ ମିଟର ଲଗାଇ ଉପଭୋକ୍ତାଙ୍କୁ ଶୋଷଣ ପ୍ରତିବାଦରେ ବିଦ୍ୟୁତ ଉପଭୋକ୍ତା କ୍ରିୟାନୁଷ୍ଠାନ କମିଟି ତରଫରୁ ମୁଖ୍ୟମନ୍ତ୍ରୀ ଏବଂ ଜିଲ୍ଲାପାଳଙ୍କୁ ଲିଖିତ ଭାବରେ ଦାବୀପତ୍ର ପ୍ରଦାନ କରାଯାଇଛି । ବିଦ୍ୟୁତ ଉପଭୋକ୍ତା କ୍ରିୟାନୁଷ୍ଠାନ କମିଟି ତରଫରୁ ଏକ ପ୍ରତିନିଧି ଦଳ ଆଜି ଜିଲ୍ଲାପାଳଙ୍କୁ ଭେଟିବା ସହିତ ଏକ ଦାବୀପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଛନ୍ତି । ଢେଙ୍କାନାଳ ଜିଲ୍ଲାରେ ଟିପିସେଡିଏଲ ତରଫରୁ ସ୍ମାର୍ଟ ମିଟର ଲଗାଇବାକୁ ନେଇ ଅସନ୍ତୋଷ ବ୍ୟକ୍ତ କରିବା ସହିତ ପ୍ରଥମେ ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ନକରିବା, ଉପଯୁକ୍ତ ଭୋଲଟେଜ ବ୍ୟବସ୍ଥା, ଆବଶ୍ୟକ ବ୍ୟବସ୍ଥା ଯାଞ୍ଚ ସହିତ ବୁିଦ୍ୟତ ଯୋଗାଇବାକୁ ଠିକ ନକରିବା ଦ୍ୱାରା ଉପଭୋକ୍ତାମାନେ ଶୋଷଣର ଶିକାର ହେଉଛନ୍ତି । ଟାଟା ପାୱାରର ଏଭଳି ମନୋମୁଖୀ କାର୍ଯ୍ୟ ପ୍ରତିବାଦରେ ବିଦ୍ୟୁତ ଉପଭୋକ୍ତାମାନଙ୍କୁ କମିଟି ଗଠନ କରାଯାଇଛି । ଏହି କମିଟିରେ ଜିଲ୍ଲା ବାର ଆସୋସିଏସନ, ସାମ୍ବାଦିକ ସଙ୍ଘ, ବିଭିନ୍ନ ରାଜନୈତିକ ଦଳ, ଚାମ୍ବରଅଫ କମର୍ସ, ବସ ଓ ଟ୍ରକ ଆସୋସିଏସନ, ବିଭିନ୍ନ ସଙ୍ଗଠନ ମାନେ ଏକତ୍ରିତ ହୋଇ ବିଦ୍ୟୁତ ଉପଭୋକ୍ତାଙ୍କ ସ୍ୱାର୍ଥ ଦୃଷ୍ଟିରୁ ସ୍ମାର୍ଟ ମିଟର ଲଗାଇବାକୁ ବନ୍ଦ କରିବା ସହିତ ଗତ ୧୭ ତାରିଖ ଦିନ ଢେଙ୍କାନ ବନ୍ଦ ଡାକରା ଦିଆଯାଇଥିଲା । ଟାଟା ପାୱାର ଓଡିଶା ରାଜ୍ୟ ବିଦ୍ୟୁତ ନିୟାମକ ଆୟୋଗର ନିତୀ ନିୟମ ଉଲଙ୍ଘନ କରି ଏଭଳି କାର୍ଯ୍ୟ କରାଯାଉଛି ।

ପ୍ରଥମେ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ସହିତ ସମାନ ଭୋଲଟେଜ, ଭିଜିଲାନ୍ସର ପୁନରୁଦ୍ଧାର, ମନଇଛା ବିଲ ଏବଂ ଜରିମାନା ଉଛେଦ ସହିତ ତୁରନ୍ତ ବିଦ୍ୟୁତ୍ ଉପଭୋକ୍ତା କ୍ରିୟାନୁଷ୍ଠାନ କମିଟି, ଜିଲ୍ଲା ପ୍ରଶାସନ ଓ ଟାଟା ପାୱାରର ପ୍ରତିନିଧିଙ୍କ ସହିତ ଏକ ମିଳିତ ବୈଠକ ଡକାଯାଇ ସମସ୍ୟାର ସମାଧାନ କରିବା ସହିତ ସ୍ମାର୍ଟ ମିଟର ଲଗାଇବାକୁ ସମ୍ପୂର୍ଣ୍ଣ ଭାବରେ ବନ୍ଦ କରିବାକୁ ଦାବୀ କରାଯାଇଛି । ଏହାକୁ ନେଇ ଏକ ଦାବୀ ପତ୍ର ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଛି ।

# ନଗରପାଳଙ୍କ ସହ ୧୩ କାଉନସିଲର୍ ବିଜେଡିକୁ କଲେ ଗୁଡ଼ବାଏ

ତାଳଚେର, (ସବ୍ୟ) : ସୁଚିନ୍ତିତ, ସୁପରିକଳ୍ପିତ ଓ ବିଚାର ଧାରାକୁ ନେଇ ତାଳଚେର ପୌରପରିଷଦରେ ୧୦ବର୍ଷ ହେବ ଉନ୍ନତି ଏବଂ ବିକାଶ ଅଣାଇଛ ପଡ଼ିଥିବାରୁ ତାଳଚେର ପୌରପରିଷଦ ନଗରପାଳ ସମେତ ୧୩ଜଣ ବିଜେଡ଼ି କାଉନସିଲର ନବୀନ ବାବୁଙ୍କୁ ଗୁଡ଼ବାଏ କରିଥିବା ଘଟଣା ଏବେ ଚର୍ଚ୍ଚା ପରିସରକୁ ଆସିଛି । ସେମାନେ ବିଜେଡ଼ିର ସଦସ୍ୟ ପଦରୁ ଇସ୍ତଫା ଦେଇ ସାରିଛନ୍ତି ବହୁ ଦିନରୁ ସେମାନେ ଡ଼ବଲଇଞ୍ଜିନ ସରକାର ଦଳରେ ଯୋଗଦାନ କରିବେ ବୋଲି ଯେଉଁ ଚେଷ୍ଟା ଚଳାଇଥିଲେ ଆଜି ତାହା ସଫଳ ହେବାକୁ ଯାଉଛି ଆସନ୍ତାକାଲି ବିଧିବଦ୍ଧ ଭାବେ ରାଜ୍ୟ ବିଜେପି କାର୍ଯ୍ୟାଳୟରେ



ବିଜେପିର ସଦସ୍ୟତା ଗ୍ରହଣ କରିବେ ବୋଲି ବିଶେଷ ସୂତ୍ରରୁ ଜଣାପଡ଼ିଛି ।

ଦଳ ଉପରେ ସେହି ଅସନ୍ତୋଷ ବିଜେଡ଼ି କାଉନସିଲର ହେଲେ ଓ୍ୱାର୍ଡ଼ ନଂ- ୧ ଆସିଫ ଖାନ, ୨ ନମ୍ବର ଯଶୋବନ୍ତ ମିଶ୍ର, ୩ନଂ- ଲିପିକା ବେହେରା, ୫ନଂ- ସଞ୍ଜିବ ବେରା, ୬ନଂ - ଜିତେନ୍ଦ୍ର ଭୂୟାଁ, ୯ନଂ- ମମତା ରାଉତ, ୧୦ନଂ- ଅଜି ସାହୁ, ୧୧ ନିରୁପମା ପଟ୍ଟନାୟକ, ୧୨ ସଞ୍ଜିବ ଗଡ଼ନାୟକ, ୧୪ ନଂ- ବଳଭିଦ୍ର ରୁଦ୍ର, ୧୫ନଂ- ସରିତା ପାଲ, ୧୮ ନଂ- ଲୀନା ସାହୁ, ୨୦ନଂ- ସାଗର ମିଶ୍ର ପ୍ରମୁଖ ବିଜେପିରେ ଯୋଗଦାନ କରିବାର କାର୍ଯ୍ୟକ୍ରମ ଏକରକମର ସ୍ଥିରିକୃତ ହୋଇଛି ବୋଲି କୁହାଯାଉଛି ।

ତେବେ ତାଳଚେର ପୌରପରିଷଦର ୨୧ଟି ୱାର୍ଡ଼ ମଧ୍ୟରୁ ପୂର୍ବରୁ ୧୮ ଜଣ ବିଜେଡ଼ିରେ ରହିଥିବା ବେଳେ ୩ଜଣ ବିଜେପିର ରହିଥିଲେ ଏବେ ୧୩ଜଣ ବିଜେପିରେ ଯୋଗଦାନ କରିବାପରେ ବିଜେପି ୧୮ ଓ ବିଜେଡ଼ିର ୩ ରହିବେ ବୋଲି ଚର୍ଚ୍ଚା ଯୋର ଧରିଛି ତେବେ ଏହାରେ କାହା ପାଲି ପଡ଼ିବ ତାକୁ ନେଇ ସବୁଠି ଚର୍ଚ୍ଚା ।

# ନୂଆଗାଁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡ଼ା ଉତ୍ସବ

ତାଳଚେର,(ସବ୍ୟ) : ତାଳଚେର ବ୍ଲକ ଗୁରୁଜାଙ୍ଗୁଲି ପଂଚାୟତ ନୂଆଗାଁ ସରସ୍ୱତୀ ଶିଶୁବିଦ୍ୟାମନ୍ଦିରର ୨୧ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ବିଜେପି ମିଡ଼ିଆସେଲ ସଂଯୋଜକ ପର୍ଶୁରାମ ବାରିକ ମୁଖ୍ୟ ଅତିଥିଭାବେ ଯୋଗଦେଇ କ୍ରୀଡ଼ା ଦେଶକୁ ସମୃଦ୍ଧଶୀଳ, ପ୍ରଗତିଶୀଳ ସ୍ମାର୍ଟ କରିବା ସହିତି ସହଯୋଗିତା ସହଭାଗୀତା, ସହନଶୀଳତା, ଶୃଙ୍ଖଳାବଦ୍ଧ ଖେଳରୁ ହୋଇଥାଏ ବୋଲି ସେ କହିଥିଲେ । ରାଷ୍ଟ୍ରିୟତାକୁ ପାଥେୟକରି ଦେଶ ପ୍ରଥମ ଆଧାରରେ ଗଢ଼ି ଉଠିଥିବା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରଛାତ୍ରୀଙ୍କ ସ୍ଥାନ ସମାଜରେ ପ୍ରତିଷ୍ଠିତ ହୁଏ ବୋଲି ସେ ପ୍ରକାଶ କରିଥିଲେ ।

ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ପ୍ରଦୀପ ଦାସ ପୌରହିତ୍ୟ କରିଥିଲେ । ରାଷ୍ଟ୍ରିୟ ପ୍ରମୁଖ କାର୍ଯ୍ୟକର୍ତ୍ତା ବିବେକର ପ୍ରଧାନ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ । ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ବିଭାଗ କ୍ରୀଡ଼ା ପ୍ରତିଯୋଗିତା ହେବାପରେ କୃତୀଛାତ୍ରଛାତ୍ରୀଙ୍କୁ ପୁରସ୍କାର ବଂଟନ କରାଯାଇଥିଲା । ସମସ୍ତ ଗୁରୁଜୀ, ଗୁରୁମା ପ୍ରମୁଖ ଉପସ୍ଥିତ ରହି ସହଯୋଗର ହାତବଢ଼ାଇଥିଲେ ।

# ଅନୁଗୋଳ ଜିଲ୍ଲା କଂଗ୍ରେସ ପକ୍ଷରୁ ସମ୍ବିଧାନ ବଞ୍ଚାଅ ଦିବସ ପାଳିତ



ଅନୁଗୋଳ,(ସବ୍ୟ) : ସ୍ଥାନୀୟ କଂଗ୍ରେସ ଭବନଠାରେ ଅନୁଗୋଳ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଜିଲ୍ଲା ସଭାପତି ସୁନୀଲ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ସମ୍ବିଧାନ ଦିବସ ଅବସରରେ ସମ୍ବିଧାନ ବଞ୍ଚାଅ ଦିବସ ପାଳିତ ହୋଇଯାଇଛି । ପ୍ରଥମେ ସମ୍ବିଧାନ ପ୍ରଣେତା ଭାରତରନି ସ୍ୱର୍ଗତ ଡଃ ବାବା ସାହେବ ଆମ୍ବେଦକରଙ୍କ ତୈଳ ଚିତ୍ରରେ ମାଲ୍ୟାର୍ପଣ କରିବା ପରେ ଅନୁଷ୍ଠିତ ସଭାରେ ଭାରତର ଗଣତନ୍ତ୍ର ବର୍ତ୍ତମାନ ବିପନ୍ନ । ଏଣୁ ଭାରତୀୟ ଜାତୀୟ କଂଗ୍ରେସର ନେତା ତଥା ଲୋକ ସଭାର ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀ କେନ୍ଦ୍ର ସରକାରଙ୍କ ଉପରେ ବିଭିନ୍ନ ପ୍ରକାରର ଚାପ ପ୍ରୟୋଗ କରି ଆସୁଛନ୍ତି । ରାହୁଲ ଗାନ୍ଧୀ ଦେଶର ସମ୍ବିଧାନର ସୁରକ୍ଷା ପାଇଁ ଦେଶ ସାରା ସମ୍ବିଧାନ ବଞ୍ଚାଅ ଦିବସ ପାଳନ ହେଉଛି ବୋଲି ବିଭିନ୍ନ ବକ୍ତାମାନେ ମତବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ କଂଗ୍ରେସ ନେତା ପୂର୍ବତନ ପାଲଲହଡ଼ା ବିଧାୟକ ପ୍ରାର୍ଥୀ ଫକୀର ସାମଲ, ଗୋପାଳ ଚନ୍ଦ୍ର ନାଥ, ତପନ ପ୍ରଧାନ, ରୂପାଦୀପ୍ତା ମହାପାତ୍ର, ଚିରଞ୍ଜନ ନାଏକ, ବଳବୀର ସିଂହ, ସହଦେବ ବେହେରା, ରାଜୁ ସାହୁ, ସନ୍ତୋଷ ପଟ୍ଟନାୟକ, ଅମୂଲ୍ୟ ବେହେରା, ବିନୋଦ ମାଝୀ,ସୁଶାନ୍ତ ଶଶୀକାନ୍ତ ସାମଲ, ସୁଦୀପ ମିଶ୍ର, ସଞ୍ଜୟ ମାଣ୍ଡୋଠିଆ, ରାକେଶ ମିଶ୍ର, ଅଳକା ମହାପାତ୍ର, କସିବା ଖାନ, ସ୍ୱାଗତିକା ସାହୁ, ପ୍ରଦ୍ୟୁମ୍ନ ସାହୁ, ଲୁଲୁ ପାଣିଗ୍ରାହୀ, ଅଲେଖ ବେହେରା, ସୁବାଷ ସାହୁ, ହେମନ୍ତ ମହାଲିକ, ଅରୁଣ ଦାସ, ରଶ୍ମି ରଞ୍ଜନ ସାହୁ, ସଂଗ୍ରାମ ବେହେରା ପ୍ରମୁଖ ଶତାଧିକ କଂଗ୍ରେସ ନେତା ଓ କର୍ମୀ ଉପସ୍ଥିତ ରହି ମତବ୍ୟକ୍ତ କରିଥିଲେ ।

## ରାସ୍ତା କାର୍ଯ୍ୟ ନିମ୍ନମାନର

# ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବିପତ୍ର

ଆଠମଲ୍ଲିକ ,(ସବ୍ୟ) : ଅନୁଗୁଳ ଜିଲ୍ଲା ଆଠମଲ୍ଲିକ ପୂର୍ତ୍ତ ଡିଭିଜନ ଅଧୀନ ରେ ଠାକୁରଗଡ଼ ହାଇ ସ୍କୁଲ ଛକ ଠାରୁ ଭାୟା ଆମ୍ବସରମୁଣ୍ଡା ଦେଇ ସଂଯାମୁରା ଗ୍ରାମ ପର୍ଯ୍ୟନ୍ତ ନିର୍ମାଣ ହେଉଥିବା ରାସ୍ତା କାର୍ଯ୍ୟ ଅତି ନିମ୍ନମାନର ହେଉଥିବା ଅଭିଯୋଗ କରି ପୂର୍ବତନ ସରପଞ୍ଚ ମହେଶ୍ୱର ଦେହୁରୀ ଗ୍ରାମବାସୀଙ୍କ ଦସ୍ତଖତ ସମ୍ବଳିତ ଏକ ଦାବିପତ୍ର କୁ ଭିଡ଼ିଓ ଯୋଗେ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ଦେଇଥିବା ଜଣାପଡ଼ିଛି।ଦାବିପତ୍ରରେ ଲିଖିତ ଦାବୀ ଅନୁଯାଇ ରାସ୍ତାର ପୂର୍ବର ମୋଟାଲ ପିଚ୍ ଖୋଳିଲା ପରେ ପର୍ଯ୍ୟାପ୍ତ ପାଣି ନପଡିବା,ରାସ୍ତା ମଝିରେ ଥିବା ପୋଲ ଗୁଡ଼ିକ ଓସାରିଆ କରିବା ସମୟରେ ଉଚିତ ମାନର ଛଡ ଓ ସିମେଣ୍ଟ ବ୍ୟବହାର ନହେବା, ଆମ୍ବ ସର ମୁଣ୍ଡା ଖେଳପଡିଆ ପାଖ ହୋମ ପାଇପ ପକାଇବା ସମୟରେ ପୁରୁଣା ହୋମ ପାଇପ ପକାଇବା ପ୍ରଭୃତି ଦାବୀ ରହିଛି ।ତେଣୁ ମୁଖ୍ୟମନ୍ତ୍ରୀ ବିଧାନସଭାର ଏକ ବିଷୟିକ ଗୃହ କମିଟି, ପବ୍ଲିକ ଆକାଉଣ୍ଟ କମିଟି ଦ୍ୱାରା ତଦନ୍ତ କରିବାକୁ ଶ୍ରୀ ଦେହୁରୀ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବୀ କରିଛନ୍ତି।ଉକ୍ତ ଦାବିପତ୍ରକୁ ବିଧାୟକ ନଳିନୀକାନ୍ତ ପ୍ରଧାନ ଓ ପୂର୍ତ୍ତ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ପ୍ରଦାନ କରାଯାଇଥିବା ପୂର୍ବତନ ସରପଞ୍ଚ ଶ୍ରୀ ଦେହୁରୀ ପ୍ରକାଶ କରିଛନ୍ତି ।

## ଖଣ୍ଡୋ ପଥର କୁଆଁରୀରୁ ବିସ୍ଫୋରକ ଜବତ ଘଟଣା

# ସଂପୃକ୍ତ ଅଭିଯୁକ୍ତଙ୍କୁ ସହାୟତା କରିଥିବା ଅଭିଯୁକ୍ତ ଗିରଫ

କଣିହାଁ, (ସବ୍ୟ): ଅନୁଗୁଳ ଜିଲ୍ଲା କଣିହାଁ ବ୍ଲକ କୁଲମା ଗ୍ରାମପଞ୍ଚାୟତ ଅନ୍ତର୍ଗତ ଖଣ୍ଡୋ ଗ୍ରାମ ପଥର କୁଆଁରୀ ଠାରୁ ବେଆଇନ ଭାବେ ଗଚ୍ଛିତ ଥିବା ବିପୁଳ ପରିମାଣର ବିସ୍ଫୋରକ (୨୭୫.୫୦ କେଜି) ଜବତ ଘଟଣାରେ ପୁଲିସ ଅଭିଯୁକ୍ତମାନଙ୍କୁ ସହାୟତା କରିଥିବା ଅଭିଯୁକ୍ତ ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।ଅଭିଯୁକ୍ତ ଜଣକ ହେଲେ କେନ୍ଦ୍ରାପଡ଼ା ପଟ୍ଟାମୁଣ୍ଡାଇ ହାଟପାଟଣା ଗ୍ରାମର ସଞ୍ଜୟ କୁମାର ତ୍ରିପାଠୀ (୫୬) । ଉକ୍ତ ମୋକଦ୍ଦମା ତଦନ୍ତ ଅଧିକାରୀ କଣିହାଁ ଥାନା ଆଇଆଇସି ରଶ୍ମୀ ରଞ୍ଜନ ଦଳେଇ ଓ ପୁଲିସ କର୍ମଚାରୀ ତାଙ୍କୁ ଭୁବନେଶ୍ୱର ପଟିଆ ରହୁଥିବା ଘରୁ ଗିରଫ କରିଛି।ବେଆଇନ ବିସ୍ଫୋରକ ଜବତ ଘଟଣାରେ ସଂପୃକ୍ତ ସମସ୍ତ ଅଭିଯୁକ୍ତ ମାନଙ୍କୁ ସଞ୍ଜୟ ଲୁଚାଇ ରଖିଥିଲେ ସୂଚନା ଯୋଗାଏ, କିଛି ଦିନ ପୂର୍ବରୁ ତାଳଚେର ସବ୍ କଲେକ୍ଟର, ଡେପୁଟି ଡାଇରେକ୍ଟର ମାଇନ୍ସ ତାଳଚେର ଏବଂ ରେଙ୍ଗାଳି ପୋଲିସ ମିଳିତ ଚଢ଼ାଉକରି ଖଣ୍ଡୋ ପଥରକୁଆଁରୀରୁ ବିସ୍ଫୋରକ ଜବତ କରିଥିଲା ଏହାକୁ ନେଇ ରେଙ୍ଗାଳି ଥାନାରେ ଏକ ମୋକଦ୍ଦମା ୧୨୧/୧୨-୧୧-୨୦୨୫ ରୁଜୁ ହୋଇଛି ।

# ହାତୀ ପଲଙ୍କ ଦ୍ୱାରା ଭଗ୍ନ ଚଣ୍ଡେଶ୍ୱରୀ ମନ୍ଦିର ପାଚେରୀ ମରାମତି ହେଉନି

ହିନ୍ଦୋଳ, (ସବ୍ୟ) : ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡର ଆରାଧ୍ୟ ଦେବୀ ମା ଚଣ୍ଡେଶ୍ୱରୀଙ୍କ ମନ୍ଦିର ଚତୁଃପାର୍ଶ୍ୱରେ ଥିବା ପାଚେରୀର କିଛି ଅଂଶ ହାତୀ ପଲଙ୍କ ଦ୍ୱାରା ଭାଙ୍ଗି ଯାଇଥିଲେ ମଧ୍ୟ ତାଙ୍କୁ ମରାମତି କରିବା ଦିଗରେ ଏନ୍‌ଏସି କର୍ତ୍ତୃପକ୍ଷ ମନ ବଳାଉ ନଥିବାରୁ ମନ୍ଦିର ପରିସର ଏବେ ବୁଲା ଗାଈଗୋରୁଙ୍କ ବିଚରଣ ସ୍ଥଳ ପାଲଟିଛି । ଗାଈଗୋରୁ ମନ୍ଦିର ପରିସରକୁ ଅବାଧରେ ପ୍ରବେଶ କରି ଏଣେ ତେଣେ ବିଚରଣ କରିବାଦ୍ୱାରା ବହୁ ଫୁଲ ଗଛ ନଷ୍ଟ ହେବା ସଙ୍ଗେ ସଙ୍ଗେ ମନ୍ଦିର ପରିସର ଅପରିଷ୍କାର ଅପରିଚ୍ଛନ୍ନ ହୋଇଯାଉଛି ।



ପାଚେରୀର ଭଗ୍ନାଂଶକୁ ମରାମତି କରିବା ସହ ଏହାର ଚତ୍ୱ ପାଖରେ ଅବଶିଷ୍ଟାଂଶ ପାଚେରୀ ନିର୍ମାଣ କରିବାକୁ ମନ୍ଦିର ପରିଚାଳନା କମିଟି ପକ୍ଷରୁ ପ୍ରାୟ ଏକ ମାସ ପୂର୍ବେ ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ଲିଖିତ ଓ ମୌଖିକ ଭାବେ ନିବେଦନ କରାଯାଇଥିବା ନେଇ କମିଟିର ବରିଷ୍ଠ କାର୍ଯ୍ୟକର୍ତ୍ତା ଧରଣୀ ଧର ପାଳ ଜଣାଇଛନ୍ତି ।

ତେବେ କାର୍ଯ୍ୟ ନିର୍ବାହୀ ଅଧିକାରୀ ବିଭାଗୀୟ ଯନ୍ତ୍ରୀଙ୍କୁ ପଠାଇ ଭଗ୍ନ ସ୍ଥଳୀର ଖର୍ଚ୍ଚ ଅଟକଳ କରିବା ପରେ ଯାଇ ଭଗ୍ନ ହାଟ ପାଚେରୀ ମରାମତି କାର୍ଯ୍ୟ କରିବାକୁ ଆଶ୍ୱାସନା ଦେଇଥିଲେ ବେଳେ ଏ ପର୍ଯ୍ୟନ୍ତ କେହି ଯନ୍ତ୍ରୀ ଘଟଣା ସ୍ଥଳକୁ ଯାଇ ନଥିବା ଅଭିଯୋଗ କରିଛନ୍ତି। ଏନ୍‌ଏସିର ବିଭିନ୍ନ ୱାର୍ଡରେ ହେଉଥିବା ପୀଠସ୍ଥଳୀ,କ୍ଲବ୍, ସରକାରୀ ସାଂସ୍କୃତିକ ଅନୁଷ୍ଠାନ, କଂକ୍ରିଟ ରାସ୍ତା, ଡ୍ରେନ ଆଦି ନିର୍ମାଣ କରିବା ଓ ସେଗୁଡ଼ିକର ଆବଶ୍ୟକ ସ୍ଥଳେ ମରାମତି କାର୍ଯ୍ୟ କରିବା ଏନ୍‌ଏସିର ବାଧ୍ୟତା ମୂଳକ କାର୍ଯ୍ୟ ହୋଇଥିବା ବେଳେ ସେଥି ପ୍ରତି ଅହେତୁକ ବିଳମ୍ବ ସଂସ୍କାର କାର୍ଯ୍ୟ ଦକ୍ଷତା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଚଣ୍ଡେଶ୍ୱରୀ ଭଗ୍ନ ପ୍ରାଚୀର ମରାମତି ଦିଗରେ ଏନ୍‌ଏସି କର୍ତ୍ତୃପକ୍ଷ ଯତ୍ନବାନ ହେବାକୁ ଏଠାକାର ବୁଦ୍ଧିଜୀବୀ ମହଲ ଦୃଷ୍ଟି ଆକର୍ଷଣ କରିଛନ୍ତି ।

# ଜିଲ୍ଲା ଉନ୍ନୟନ ସମନ୍ୱୟ ଏବଂ ନିରୀକ୍ଷଣ ବୈଠକ

ଢେଙ୍କାନାଳ, (ସବ୍ୟ) : ଢେଙ୍କାନାଳ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ ଠାରେ ଜିଲ୍ଲା ଉନ୍ନୟନ ସମନ୍ୱୟ ଏବଂ ନିରୀକ୍ଷଣ (ଦିଶା) ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ସାଂସଦ ରୁଦ୍ର ନାରାୟଣ ପାଣିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗର ମନ୍ତ୍ରୀ ଯୁକ୍ତ କୃଷ୍ଣ ଚନ୍ଦ୍ର ପାତ୍ର, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ପ୍ରଧାନ, କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ, ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ, ବନଖଣ୍ଡ ଅଧିକାରୀ ସୁମିତ କୁମାର କର, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଦୀପ୍ତି ରଞ୍ଜନ ସେଠୀଙ୍କ ସମେତ ବିଭିନ୍ନ ବ୍ଲକର ଚେୟାରମ୍ୟାନ,ସରପଞ୍ଚ,ଏ.ଜି.ଓ. ର କର୍ମକର୍ତ୍ତା ଓ ସମସ୍ତ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ । ପ୍ରାରମ୍ଭରେ ଜିଲ୍ଲାପାଳ ସମସ୍ତଙ୍କୁ ସ୍ୱାଗତ ଜଣାଇଥିଲେ । ଜିଲାରେ ବିଭିନ୍ନ ବିଭାଗରେ ହେଉଥିବା କାର୍ଯ୍ୟରେ ସମନ୍ୱୟ ରକ୍ଷାକରି ବିକାଶର ଧାରାକୁ ତ୍ୱରାନ୍ୱିତ କରିବାକୁ ସଂପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଥିଲେ । ଟିମ୍ ଓ୍ୱାର୍କ ମାଧ୍ୟମରେ ଜିଲ୍ଲାର ବିକାଶ ନିମନ୍ତେ ସମସ୍ତେ ସଚ୍ଚୋଟତାର ସହିତ କାମ କରିବାକୁ ଓ କାର୍ଯ୍ୟର ଗୁଣବତ୍ତା ପ୍ରତି ଧ୍ୟାନ ଦେବାକୁ ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ ଶ୍ରୀ ପାତ୍ର ଗୁରୁତାରୋପ କରିଥିଲେ । ମଧ୍ୟାହ୍ନ ଭୋଜନରେ ଯୋଗାଇ ଦିଆଯାଉଥିବା ଚାଉଳ ବାଟମାରଣା ହେଉଥିବା କହି ଏଥିପ୍ରତି ବିଶେଷ ଦୃଷ୍ଟି ଦେବାକୁ ମନ୍ତ୍ରୀ ଯୋଗାଣ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ଜାତୀୟ ରାଜପଥ ନିର୍ମାଣ କାର୍ଯ୍ୟ, ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ରାସ୍ତା ଓ ସେତୁ ନିର୍ମାଣ କାର୍ଯ୍ୟ, ପି.ଏମ୍. ଶ୍ରୀ ଯୋଜନାରେ ସ୍କୁଲ ଗୃହ ନିର୍ମାଣ କାର୍ଯ୍ୟ, ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ, ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା କରାଯାଉ ଥିବା ଯକ୍ଷ୍ମା ନିରାକରଣ କାର୍ଯ୍ୟକ୍ରମ, ଭୁବନ,ଗଁଦିଆ, ପରଜଙ୍ଗ, କାଙ୍କଡ଼ାହାଡ ଓ ସଦର ବ୍ଲକ୍ ରେ ପାନୀୟ ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟ, ପ୍ରଧାନ ମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜନାର କାର୍ଯ୍ୟକାରିତା ସମ୍ପର୍କରେ ବିଭାଗୀୟ ଅଧିକାରୀ ମାନେ ବୈଠକରେ ଅବଗତ କରାଇଥିଲେ । ଶେଷରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଦୀପ୍ତି ରଞ୍ଜନ ସେଠୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଆର୍ଡେଣ୍ଟ ଷ୍ଟିଲ ପକ୍ଷରୁ ମେଗା ସ୍ୱାସ୍ଥ୍ୟ ଶିବିର ଉଦ୍‌ଯାପିତ

କେନ୍ଦୁଝର ,(ଜିପ୍ର):କେନ୍ଦୁଝର ଜିଲ୍ଲା ଫୁଲଝର ସ୍ଥିତ ଆର୍ଡେଣ୍ଟ ଷ୍ଟିଲ ପ୍ରାଇଭେଟ ଲିମିଟେଡ ପରିସରରେ ଭୁବନେଶ୍ୱର ହାଇଟେକ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ସହଯୋଗରେ ଦୁଇ ଦିନିଆ ବାର୍ଷିକ ମେଗା ସ୍ୱାସ୍ଥ୍ୟଶିବିର ଉଦଯାପିତ ହୋଇଯାଇଅଛି । ଏଥିରେ ପ୍ରଥମ ଦିନ ପରି ଦ୍ୱିତୀୟ ଦିନ ମଧ୍ୟ ହାଇଟେକ ହସ୍ପିଟାଲର କର୍ଣ୍ଣ,ନାସା ଓ ଗଳା ବିଶେଷଜ୍ଞ ଡାକ୍ତର ଶିବ କଲ୍ୟାଣ ସୁମନ ପ୍ରଧାନ, ହୃଦ ବିଶେଷଜ୍ଞ ଡାକ୍ତର ରିତେଶ ଆଚାରଯ , ଭେଷଜ ବିଶେଷଜ୍ଞ ଡାକ୍ତର ଅନୁରାଗ ଅନୁଭବ ନାୟକ,ଦନ୍ତ ବିଶେଷଜ୍ଞ ଡାକ୍ତର ସୌରଭ ରଞ୍ଜନ ଅଗ୍ରୱାଲ ଏବଂ ଚକ୍ଷୁ ଚିକିତ୍ସା ବିଶେଷଜ୍ଞ ଡାକ୍ତର ସୌମ୍ୟ ରଞ୍ଜନ ସାହୁ ସହ ପାରମେଡିକାଲ ଷ୍ଟାଫ ଓ ଲାବୋରେଟୋରି ଟେକ୍‌ନସିଆଲଦ୍ୱାରା ଦ୍ୱାରା କାରଖାନାରେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ କାର୍ଯ୍ୟ କରୁଥିବା ୬୦୦ କର୍ମଚାରୀଙ୍କ ବାର୍ଷିକ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା । ବିଶେଷ କରି ରକ୍ତଚାପ, ଇସିଜି, ମଧୁମେହ, ହିମଗ୍ଲୋବିନ, ଶ୍ୱାସ, ରେସପିରୋଟାରୀ, ଦନ୍ତ ଓ ଚକ୍ଷୁ ପରୀକ୍ଷା କରାଯାଇଥିଲା । ଆର୍ଡେଣ୍ଟ ଷ୍ଟିଲର ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ଡକ୍ଟର




ଶୁଭାଶିଷ ଦାସ ମେଗା ସ୍ୱାସ୍ଥ୍ୟ ଶିବିରକୁ ଉଦ୍ଘାଟନ କରିଥିଲେ ।ମାନବ ସମ୍ବଳ,ଶିଳ୍ପ ସମ୍ବନ୍ଧ ଓ ପ୍ରଶାସନ ମୁଖ୍ୟ ରଞ୍ଜନ କୁମାର ନାୟକ ଏହି ଦୁଇ ଦିନିଆ ମେଘା ସ୍ୱାସ୍ଥ୍ୟ ଶିବିରକୁ ପରିଚାଳନା କରିଥିଲେ । ଏହି ସ୍ୱାସ୍ଥ୍ୟ ଶିବିରକୁ କାରଖାନା ମୁଖ୍ୟ ଇଂ ସନ୍ତୋଷ କୁମାର ଲେଙ୍କା, ପରିଚାଳକ ଦିଲୀପ କୁମାର ପାଣି, ଅର୍ଥ ଏବଂ ହିସାବ ମୁଖ୍ୟ ବିଭୁ ପ୍ରସନ୍ନ ଜେନା, ଆଇଟି ମୁଖ୍ୟ ଦେବଦତ୍ତ ରାଉତରାୟ ସହ ରବୀନ୍ଦ୍ର ନାଥ ଓ ଦୀପକ ମଲ୍ଲିକ, ମାନବ ସମ୍ବଳ ବିଭାଗରୁ ଡମ୍ବରୁଧର ମହାନ୍ତ ସହ ଜଗତ ପ୍ରଧାନ, ଫାରମାସିଷ୍ଟ ନିହାର ରଞ୍ଜନ ମହାନ୍ତ, ସୁରକ୍ଷା ବିଭାଗରୁ ରାମାକାନ୍ତ ଷଡଙ୍ଗୀ ସହ ବନମାଳୀ ମହନ୍ତ ଓ ଇଲେକଟ୍ରିକାଲର ପ୍ରାଣବନ୍ଧୁ ଖୁଣ୍ଟିଆ, ଇଉଟିଲିଟି ବିଭାଗ ତରଫରୁ ଶ୍ରୀ ଉଦୟ ଖୁଣ୍ଟିଆ ସହ ଶ୍ରୀ ବି ବେହେରା ଏବଂ ମେକାନିକାଲ, ପ୍ରଡକ୍ସନ ଆଦି ସମସ୍ତ ବିଭାଗୀୟ ମୁଖ୍ୟ ସହ ଅନାନ୍ୟ କର୍ମଚାରୀ ପୂର୍ଣ୍ଣ ସହଯୋଗ କରିଥିଲେ ।

## ଓଡିଶା ବ୍ୟବସାୟୀଙ୍କୁ ଫତୁଆ ଜାରି : ସୀମାନ୍ତରେ ତେଜୁଛି ଉତ୍ତେଜନା

# ପାଲଟା ଜବାବ ଦେଲେ ଓଡ଼ିଆ ବ୍ୟବସାୟୀ, ସ୍ଥିତି ଗମ୍ଭୀର

ଭୋଗରାଇ,(ସବ୍ୟୁ): ଓଡିଶା ସୀମାନ୍ତ ବାଲେଶ୍ୱରଜିଲାରେ ପଶ୍ଚିମବଙ୍ଗ ସରକାର ଓ ପ୍ରଶାସନ କୌଶଳଗତ ଭାବେ ଓଡିଶା ସୀମାନ୍ତ କେତେକ ଗ୍ରାମ ଦଖଲକୁ ନେଇଁ ବାରମ୍ବାର ଆଗ୍ରାସନ ପ୍ରୟାସ ପରେ ଏବେ ଏସ ଆଇ ଆର ( ଭୋଟର ତାଲିକାରେ ସ୍ୱତନ୍ତ୍ର ସଘନ ) କୁ ଆଳକରି ପଶ୍ଚିମବଙ୍ଗ କ୍ଷମତାସୀନ ( ଟି ଏମ ସି ) ଦଳର ନେତା, ପ୍ରଶାସନ ମିଳିତ ଭାବେ ନିଉ ଦୀଘାରେ ବ୍ୟବସାୟ କରୁଥିବା ଶତାଧିକ ଓଡ଼ିଆ ବ୍ୟବସାୟୀଙ୍କୁ ହଠାତ ଏଠାରୁ ଦୋକାନ ବନ୍ଦ କରି ଚାଲିଯିବାକୁ ଫତୁଆ ଜାରି କରିଛନ୍ତି । ଅଧିକାଂଶ ଓଡ଼ିଆ ବ୍ୟବସାୟୀ ଭୋଗରାଇ ଅଞ୍ଚଳର ହୋଇଥିବାବେଳେ ବାଲିଆପାଳ, ଜଳେଶ୍ୱର ବସ୍ତା ଅଞ୍ଚଳର ବ୍ୟବସାୟୀମାନେ ଦୋକାନ ବନ୍ଦ କରି କର୍ମସଂସ୍ଥାନ ହରାଇ ଚିନ୍ତାଗ୍ରସ୍ତ ହେବା ସହିତ ଭୋଗରାଇର ସ୍ଥାନୀୟ ନେତା,ବିଧାୟକ, ବାଲେଶ୍ୱର ଏମପି, ଜିଲାପାଳ ଓ ଏସପିଙ୍କ ହସ୍ତକ୍ଷେପ ଲୋଡିଛନ୍ତି। ସୂଚନାନୁଯାୟୀ, ପଶ୍ଚିମବଙ୍ଗ ଓଲ୍ଡ ଏବଂ ନିଉ ଦୀଘାରେ ୩ ହଜାରରୁ ଉର୍ଦ୍ଧ ବେକାର ଯୁବତୀ ଯୁବକ ମାନେ ବିଭିନ୍ନ ସଂସ୍ଥା, ହୋଟେଲ, ମୁହାଁଣ ମାଛ ମାର୍କେଟରେ କର୍ମସଂସ୍ଥାନରେ ନିଯୁକ୍ତି ଅଛନ୍ତି । ପଶ୍ଚିମବଙ୍ଗ ଦୀଘା ଅଞ୍ଚଳର ଟିଏମସି ନେତା, ବ୍ୟବସାୟୀ ଓ ପ୍ରଶାସନ ମିଳିତ ଭାବେ ଓଡ଼ିଆ ବ୍ୟବସାୟୀଙ୍କୁ ସେଠାରୁ ହଟାଇବାକୁ ନେଇଁ ପୁଣି ଖେଳ ଖେଳୁଥିବାରୁ ଉଭୟ ରାଜ୍ୟ ସୀମାନ୍ତରେ ଉତ୍ତେଜନା ସୃଷ୍ଟି ହୋଇଛି । ଏଭଳି ସ୍ଥିତିରେ ଭୋଗରାଇ ବ୍ଲକର ବ୍ୟବସାୟୀ ଓ ରାଜନୈତିକ ଦଳର ନେତୃସ୍ଥାନୀୟ ବ୍ୟକ୍ତିଙ୍କ ମଧ୍ୟରେ ବାତାବରଣ ସରଗମ ହେବାରେ ଲାଗଛି। ଚନ୍ଦନେଶ୍ୱର ଅଞ୍ଚଳର ବ୍ୟବସାୟୀ, ରାଜନୈତିକ ଦଳର ନେତୃବୃନ୍ଦ, ସୀମାନ୍ତବାସୀ ପଶ୍ଚିମବଙ୍ଗର ଟି ଏମ ସି ଓ ପ୍ରଶାସନର ଦାଦାଗିରିକୁ ତୀବ୍ର ଭତ୍ସନା କରିବା ସହିତ ଚନ୍ଦନେଶ୍ୱର ବଜାର, ଉଦୟପୁର ଓ ତାଳସାରୀରେ ଥିବା ବଙ୍ଗୀୟ ବ୍ୟବସାୟୀଙ୍କୁ ଓଡିଶାରୁ ହଟିଯିବାକୁ ପାଲଟା ଜବାବ ଦେଇଛନ୍ତି । ଓଡିଶାରୁ ପଶ୍ଚିମବଙ୍ଗକୁ ଯାଉଥିବା ସମସ୍ତ ଗାଡିକୁ ସାହାବାଜିପୁର ସୀମାନ୍ତରେ ଅଟକ ରଖିବାକୁ ମଧ୍ୟ ସ୍ଥାନୀୟ ଲୋକେ ଧମକ ଦେଇଛନ୍ତି । ଏଭଳି ସମ୍ବେଦନଶୀଳ ଘଟଣାକୁ ନେଇଁ ଉଭୟ ରାଜ୍ୟ ବ୍ୟବସାୟୀ, ପ୍ରଶାସନ, ନେତୃମଣ୍ଡଳୀଙ୍କ ମଧ୍ୟରେ ସ୍ଥିତି ଗମ୍ଭୀର ରହିଛି ।ଖବର ଲେଖା ବେଳକୁ ନିଉ ଦୀଘାରେ ବୁଧବାର ସନ୍ଧ୍ୟାରେ ଉଭୟ ରାଜ୍ୟର ସ୍ଥାନୀୟ ନେତା ଓ ବ୍ୟବସାୟୀଙ୍କ ମଧ୍ୟରେ ଜରୁରୀ ଭିତ୍ତିରେ ଆଲୋଚନା ଚାଲିଛି । ଭୋଗରାଇ ବିଧାୟକ ଗୌତମ ବୁଦ୍ଧ ଦାସ ଏହି ଘଟଣାକୁ ନେଇଁ ତୀକ୍ଷ୍ଣ ନଜର ରଖିଥିବାବେଳେ ଏହା ଏକ ଦୁର୍ଭାଗ୍ୟପୂର୍ଣ୍ଣ ଘଟଣା ବୋଲି କହିବା ସହିତ ପଶ୍ଚିମବଙ୍ଗ ଓ ଓଡିଶା ମଧ୍ୟରେ ସାଂସ୍କୃତିକ ସମ୍ପର୍କ ଅତି ନିବିଡ଼ ଓ ଭାଗିଦାରୀ ରହିଥିବାରୁ ଉଭୟ ରାଜ୍ୟର ନେତା, ପ୍ରଶାସନ, ବ୍ୟବସୟୀ ଓ ସୀମାନ୍ତବାସୀଙ୍କୁ ସଂଯୋମ ରଖିବାକୁ ନିବେଦନ କରିଛନ୍ତି ଝ ଉଭୟ ରାଜ୍ୟର ଭାଇଚାରା ସମ୍ପର୍କ ଅତୁଟ ରଖିବାକୁ ସାହାବାଜିପୁର ସରପଞ୍ଚ ଅରୁଣ କୁମାର ଗିରି, ସମିତି ସଦସ୍ୟ ତରଣୀକାନ୍ତ ସେନାପତି ଓ ହୁଗୁଳି ପଞ୍ଚାୟତର ପ୍ରାକ୍ତନ ସରପଞ୍ଚ ତପନ କୁମାର ପଣ୍ଡା ସୂଚନା ଦେଇଥିବାବେଳେ ଭାଜପା ନେତା ଦିଲ୍ଲୀପ କାମିଲା ଟିଏମସି ନେତା ଓ ପ୍ରଶାସନ ଦବଙ୍ଗଗିରି ବନ୍ଦ ନକଲେ ସୀମାନ୍ତବାସୀ କଡା ଆଭିମୁଖ୍ୟ ଗ୍ରହଣ କରିବବୋଲି ଚେତାବନୀ ଦେଇଛନ୍ତି ।

# ସାଇ ନୃତ୍ୟ ସଙ୍ଗୀତ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

ବାଲେଶ୍ୱର,(ସବ୍ୟୁ): ସ୍ଥାନୀୟ ସାଇ ନୃତ୍ୟ ସଂଗୀତ ମହାବିଦ୍ୟାଳର ୫୧ତମ ବାର୍ଷିକ ଉତ୍ସବ ରବିବାର ସନ୍ଧ୍ୟାରେ ଗାନ୍ଧୀସ୍ମୃତି ଭବନରେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ବାଲେଶ୍ୱର ସଦର ବିଧାୟକ ମାନସ କୁମାର ଦତ୍ତ ସମାରୋହକୁ ଉଦ୍‌ଘାଟନ କରିଥିଲେ।ମହାବିଦ୍ୟାଳୟ ପରିଚାଳନା ପରିଷଦର ଉପସଭାପତି ହୃଷିକେଶ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ସାଧାରଣ ସମ୍ପାଦକ ବିଷ୍ଣୁଚରଣ ମହାନ୍ତି ସାଂପାଦକୀୟ ବିବରଣୀ ପାଠ କରିବା ସହ ଅନୁଷ୍ଠାନର ବିଭିନ୍ନ ସମସ୍ୟା ସମ୍ପର୍କରେ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମୁଖ୍ୟବକ୍ତା ବାଲେଶ୍ୱର କେନ୍ଦ୍ରୀୟ ବିଦ୍ୟାଳୟ ନଂ୧ର ଅଧ୍ୟକ୍ଷ ଅଂଜନ କୁମାର ଖଟୁଆ ବକ୍ତବ୍ୟରଖି ଅନୁଷ୍ଠାନର ଉତ୍ତରୋତର ଉନ୍ନତି କାମନା କରିଥିଲେ । ସାଂସ୍କୃତିକ ସଂପାଦକ ଗୁରୁ ଗୌରବ ରବୀନ୍ଦ୍ର କୁମାର ବିଶ୍ୱାଳ ଅତିଥିଙ୍କୁ ମଞ୍ଚ ଆହ୍ୱାନ କରିଥିବା ବେଳେ ଅଧ୍ୟକ୍ଷ ବସନ୍ତ କୁମାର ଦାସ, ଉପସଭାପତି ହରି ମୋହନ ମଲ୍ଲିକ, ଯୁଗ୍ମ ସଂପାଦକ କାହ୍ନୁଚରଣ ଲେଙ୍କା ଉପସ୍ଥିତ ଥିଲେ। ଏହି ଅବସରରେ ଅନୁଷ୍ଠାନ ତରଫରୁ ଗୁରୁ ଦିଲୀପ କୁମାର ମହାପାତ୍ରଙ୍କୁ ପ୍ରତିଭା ସମ୍ମାନ ଦିଆଯାଇଥିଲା। ଆରାଧା ବେହେରାଙ୍କୁ କୋଇଲି ମଣି ଦେବୀ ସ୍ମୃତି ପୁରସ୍କାର, ଏକାମ୍ର ରଂଜନ ଖିଲାରଙ୍କୁ ଅଚ୍ୟୁତାନନ୍ଦ ଦାସ ସ୍ମୃତି ସମ୍ମାନ, ଏସ୍ତେର ଦିବ୍ୟାଂଶୀ ପାଣିଗ୍ରାହୀଙ୍କୁ ଯଦୁନାଥ ପଟ୍ଟନାୟକ ସ୍ମୃତି ସମ୍ମାନ, ରାଜଲକ୍ଷ୍ମୀ ମହାଳିକଙ୍କୁ ଧ୍ରୁବେନ୍ଦ୍ର ନାରାୟଣ ଦାସ ସ୍ମୃତି ସମ୍ମାନ, ବିଦ୍ୟାଜ୍ୟୋତି ସାହୁଙ୍କୁ ସତ୍ୟସାଧନ ଦାସ ପଟ୍ଟନାୟକ ସ୍ମୃତି ସମ୍ମାନ, ଜନ୍ମେଜୟ ତାଲଦିଙ୍କୁ ଅରୁଣ ଦେ ସ୍ମୃତି ସମ୍ମାନ, ପ୍ରିୟାଂଶୁ ସାହୁଙ୍କୁ ହାରାଧନ ଆଚାର୍ଯ୍ୟ ସ୍ମୃତି ସମ୍ମାନ, ଗୌରବ କୁମାର ସାହୁଙ୍କୁ ଶ୍ରୀମା ଅରବିନ୍ଦ ସ୍ମୃତି ସମ୍ମାନ, ସ୍ମୃତିସ୍ୱରୂପା ମିଶ୍ରଙ୍କୁ ସୁବଳଚନ୍ଦ୍ର ରଣା ସ୍ମୃତି ସମ୍ମାନ ଓ ଶ୍ୱେତାଲିଲା ଶୁଭଦର୍ଶନୀଙ୍କୁ ଭାଗବତ ଦାସ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏଥି ସହିତ କର୍ମଚାରୀ ଅନ୍ୟୁତାନନ୍ଦ ଗୋଛାୟତ ଓ ପୁରୁଷୋତ୍ତମ ବେହେରାଙ୍କୁ ଉତ୍ସର୍ଗୀକୃତ ସେବା ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଚେକ୍ ବାଉନସ : ୩ ମାସ ଜେଲ

ଭଣ୍ଡାରିପୋଖରୀ,(ସବ୍ୟୁ) :ମଞ୍ଜୁରୀରୋଡ ଫାଣ୍ଡି ଅନ୍ତର୍ଗତ ଖପୁରିଆପଦା ଗ୍ରାମର ସୁମନ୍ତ ଶେଖର ପଣ୍ଡାଙ୍କୁ ଚେକ ବାଉନସ ମାମଲାରେ ୩ ମାସ ଜେଲ ଦଣ୍ଡାଦେଶ ହୋଇଥିବା ଜଣାଯାଇଛି। ନାଆମୀ ସେବା ସମବାୟ ସମିତିକୁ ଋଣ ପରିଶୋଧ କରିବା ପାଇଁ ପ୍ରଦାନ କରିଥିବା ଚେକ ବାଉନ୍ସ ହୋଇଥିବା ମାମଲାର ବିଚାର କରି ଭଦ୍ରକ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ-୨ ଏହି ଦଣ୍ଡାଦେଶ ଶୁଣାଇଛନ୍ତି। ବିବରଣୀ ରୁ ପ୍ରକାଶ ଯେ ଅଭିଯୁକ୍ତ ସୁମନ୍ତ ଗତ ୨୦୦୬ ମସିହା ଜୁଲାଇ ୩୧ ତାରିଖରେ ନାଆମୀ ସମବାୟ ସମିତିରୁ ୪ ଲକ୍ଷ ୨୦ ହଜାର ଟଙ୍କା ଋଣ ନେଇଥିଲେ। ଋଣ ବୁଝି ମୁତାବକ ଧାର୍ଯ୍ୟ ସମୟସୀମା ମଧ୍ୟରେ ଅଭିଯୁକ୍ତ ସୁଧମୂଳ ଫେରସ୍ତ କରିନଥିଲେ। ମାତ୍ର ଋଣ ପରିଶୋଧ ପାଇଁ ଅଭିଯୁକ୍ତ ୫ଲକ୍ଷ ୩୫ ହଜାର ୧୫୦ ଟଙ୍କା ମୂଲ୍ୟର ୦୯୫୧୪୨ନଂ ଚେକ ଯୋଗେ ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ଭଣ୍ଡାରିପୋଖରୀ ଶାଖାକୁ ୨୦୧୩ ଜୁନ ୫ ତାରିଖରେ ପ୍ରଦାନ କରିଥିଲେ। ଅର୍ଥ ଉଠାଣ ପାଇଁ ଏହି ଚେକ ସଂପୃକ୍ତ ବ୍ୟାଙ୍କ ଶାଖାରେ ପରଦିନ ଦାଖଲ ହୋଇଥିଲା। ମାତ୍ର ବ୍ୟାଙ୍କ ଜମାଖାତାରେ ଅର୍ଥ ନଥିବାରୁ ସଂପୃକ୍ତ ଚେକ ଉପରେ ଅର୍ଥ ଉଠାଣ ହୋଇ ପାରିନଥିଲା। ଏ ସମ୍ପର୍କରେ ଅଭିଯୁକ୍ତଙ୍କୁ ୨୦୧୩ ଜୁନ ୨୪ ତାରିଖରେ ଓକିଲ ନୋଟିସ ଯୋଗେ ଜଣାଇ ଦିଆଯାଇ ଅର୍ଥ ପୈଠ ପାଇଁ ସୁଯୋଗ ଦିଆଯାଇଥିଲା। ଅଭିଯୁକ୍ତ ଏହାକୁ କର୍ଣ୍ଣପାତ କରିନଥିଲେ। ନାଆମୀ ସେବା ସମବାୟ ସମିତି ପକ୍ଷରୁ ଭଦ୍ରକ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ-୨ରଙ୍କ ଅଦାଲତରେ କମ୍ପ୍ଲେଣ୍ଟ କେସ ନଂ୧୩୫୩/୨୦୧୩ ଦାୟର କରାଯାଇଥିଲା। ଏହାର ବିଚାର କରି ଗତ ଅକ୍ଟୋବର ୭ ତାରିଖରେ ଚେକ ବାଉନ୍ସ ମାମଲାରେ ଦୋଷୀ ସାବ୍ୟସ୍ତ କରି ୩ ମାସ ଜେଲ ଦଣ୍ଡାଦେଶ ଶୁଣାଇଥିବା ଜଣାଯାଇଛି।

# ଡ଼ାକ୍ତରଙ୍କୁ ଆକ୍ରମଣ ଘଟଣା, ଅନ୍ୟ ୨ ସୁପାରିକିଲର ଗିରଫ



ସୋର,(ସବ୍ୟୁ): ସୋର କଲେଜ ଛକ ନିକଟରେ ଶିଶୁ ରୋଗ ବିଶେଷଜ୍ଞ ଡାକ୍ତର ବ୍ରଜସୁନ୍ଦର ସ୍ୱାଇଁଙ୍କୁ ହାଣିବା ଘଟଣାରେ ପୁଲିସ ଅନ୍ୟ ଦୁଇ ଜଣ ସୁପାରି କିଲରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୁଚନା ଅନୁସାରେ ଗତ ସେପ୍ଟମ୍ବର ମାସ ୧୭ ତାରିଖ ସଂଧ୍ୟାରେ ଡାକ୍ତର ବ୍ରଜସୁନ୍ଦର ସ୍ୱାଇଁ ସୋର କଲେଜଛକରେ ଥିବା ନିଜ କ୍ଲିନିକରୁ ଘରକୁ ବାହାରୁଥିବା ବେଳେ ହଠାତ ଦୁଇଟି ବାଇକରେ ୬ ଜଣ ଦୁର୍ବୃତ୍ତ ଆସି ତାଙ୍କୁ ଏକ କଟୁରୀରେ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ତାଙ୍କ ବାପା ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ଉଦ୍ଧାର କରି ସୋରର ଏକ ଘରୋଇ କ୍ଲିନିକକୁ ନେଇଥିବା ବେଳେ ସେଠାରେ ତାଙ୍କର ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା। ସୋର ପୁଲିସ ଘଟଣା ସ୍ଥଳରୁ ଦୁଇଟି କଟୁରୀ ଜବତ କରି ଅଭିଯୋଗ ମୂଳେ କେଶ୍ ନମ୍ବର ୭୫୮/୨୫ ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲେ। ବାଲେଶ୍ୱର ଏସ୍ପିଙ୍କ ନିର୍ଦ୍ଦେଶରେ ଏକ ଟିମ ସୋର ସମେତ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ତିନି ଜଣ ଯୁବକଙ୍କ ସମେତ ଜଣେ ନାବାଳକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିବା ସହିତ ସେମାନଙ୍କ ନିକଟରୁ ଗୋଟିଏ ବୋଲେରୋ, ଦୁଇଟି ବାଇକ ଓ ୩ଟି ମୋବାଇଲ ଫୋନ ଜବତ କରିଥିବା ବେଳେ ଏହି ଘଟଣାରେ ସଂମ୍ପୃକ୍ତ ଅନଯମାନେ ଫେରାର ଥିଲେ। ତେବେ ବୁଧବାର ବିଳମ୍ବିତ ରାତିରେ ସୋର ଥାନାଧିକାରୀ ମୁକୁନ୍ଦ ମୁରାରୀ ପାତ୍ର ଅନ୍ୟଦୁଇ ସୁପରି କିଲର ଖନ୍ତାପଡା ଥାନା ବିରୁଆଁ ଗ୍ରାମର ପଙ୍କଜ ଦାସ(୨୩) ଓ ଜଗା ସିଂ(୨୪) କୁ ତାଙ୍କ ଘରୁ ଗିରଫ କରିବା ସହିତ ଘଟଣାରେ ବ୍ୟବହୃତ ଏକ ପଲସର ବାଇକକୁ ଜବତ କରିଥିଲେ।

# ଗୋଟିଏ ରାତିରେ ୨ ଜାଗାରୁ ଚୋରି

ଦୋବଲ, (ସବ୍ୟୁ): ଧାମନଗର ଥାନା ଅଞ୍ଚଳରେ ଗତ ବୁଧବାର ରାତିରେ ୨ଟି ଭିନ୍ନ ଭିନ୍ନ ସ୍ଥାନରେ ଚୋରି ହୋଇଛି। ମୁସ୍ତଫାପୁର ପଞ୍ଚାୟତ ବେଲମଳା ଗ୍ରାମରେ ହରପ୍ରିୟା ସ୍ୱାଇଁଙ୍କ ଦୁଇ ମହଲା ପକାଘରର ସିଡିଘର ବାଟେ ଦେଇ ଚୋରମାନେ ପ୍ରବେଶ କରି ଗଡରେଜ ଭାଙ୍ଗି ୨ଟି ସୁନା ଚେନ, ୨ହଳ କାନଫୁଲ ଓ ପ୍ରାୟ ୫୦ ହଜାର ଟଙ୍କା ଲୁଟି ନେଇଥିବା ଅଭିଯୋଗ ଥାନାରେ ଅଭିଯୋଗ ହୋଇଛି। ଘଟଣା ଖବର ପାଇ ଏସଆଇ ନାରାୟଣ ନାୟକ ସନ୍ଧାନୀ କୁକୁର ଓ ବୈଜ୍ଞାନିକ ଟିମ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ସେହିପରି ଏହି ଥାନା ଭଗବାନପୁର ପଞ୍ଚାୟତ ଅନହରପୁର ଗ୍ରାମର ଶିକ୍ଷକ ଭାସ୍କର ଚନ୍ଦ୍ର ଦାସଙ୍କ ଘରରୁ ବୁଧବାର ରାତିରେ ମଧ୍ୟ ଚୋରି ହୋଇଥିବା ଜଣାପଡ଼ିଛି। ପରିବାରଲୋକ ବନ୍ଧୁଙ୍କ ବିବାହ ଘରକୁ ବୁଲିବାକୁ ଯାଇଥିବା ସୁଯୋଗରେ ଚୋରମାନେ ଘର ଭିତରେ କଳକାନା ବୁଲାଇ ସୁନା ଅଳଙ୍କାର ଚୋରି କରି ନେଇଥିବା ଅଭିଯୋଗ ହୋଇଛି। ଏଠାରେ ମଧ୍ୟ ସନ୍ଧାନୀ କୁକୁର ଓ ବୈଜ୍ଞାନିକ ଦଳ ତଦନ୍ତ କରିଛନ୍ତି। ଧାମନଗର ଥାନା ଅଞ୍ଚଳରେ ଚୋରି ଘଟଣା ବଢ଼ିବାରୁ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥା କଡାକଡି ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

# ନଷ୍ଟକରି ଦେଲେ ଲଗାଇବାକୁ ଆସିଥିବା ଚାରା ଗଛ

ବାହାନଗା,(ସବ୍ୟୁ): କେନ୍ଦ୍ର ସରକାରଙ୍କଠୁ ଆରମ୍ଭ କରି ରାଜ୍ୟ ସରକାର ପର୍ଯ୍ୟନ୍ତ ବୃକ୍ଷରୋପଣ କରି ପରିବେଶ ଗଠନ କରିବାରେ ତତ୍ପର ହେଉଥିବାବେଳେ ମାତ୍ର କିଛି ଅଧିକାରୀଣିଙ୍କ ଅବହେଳା ପାଇଁ ଚାରା ଗଛ ଗୁଡିକ ନଷ୍ଟ ହେଉଛି । ଏଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ଖନ୍ତାପଡ଼ା ଥାନା ବରୁଣ ସିଂ ପଂଚାୟତ କାର୍ଯ୍ୟାଳୟରେ। ଘଟଣା ଅନୁସାରେ ଭାରତର ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନରେ ସାରା ଓଡ଼ିଶାରେ ସରକାରୀ ତାହାବିଲରୁ ଟଙ୍କା ଖର୍ଚ୍ଚ କରାଯାଇ ଶତାଧିକ ବୃକ୍ଷରୋପଣ କରାଗଲା। ସେହି ଅନୁସାରେ ବରୁଣ ସିଂ ପଞ୍ଚାୟତରେ ପଞ୍ଚାୟତ ନିର୍ବାହୀ ଅଧିକାରିଣୀ ଇନ୍ଦୁରେଖା ଦାସଙ୍କ ତତ୍ତ୍ୱାବଧାନରେ ଚାରା ଗଛ ଦିଆ ଯାଇଥିଲା। କିଛି ମାତ୍ରାରେ ରୁପଣ କରି ବାକିତକ ଚାରା ଗଛଗୁଡିକୁ ଲୋକମାନଙ୍କୁ ବାଣ୍ଟି ଦିଆନଯାଇ ପଞ୍ଚାୟତ ଅଫିସ ସମ୍ମୁଖରେ ରଖିଦେଲେ।ମାତ୍ର ତାର ରକ୍ଷଣାବେକ୍ଷଣ ଅଭାବରୁ ପ୍ରାୟ ୪୦ରୁ ଅଧିକ ଗଛ ମରିଯାଇଥିବା ଦେଖିବାକୁ ମିଳିଛି। । ଘଟଣା ବାବଦରେ ଆମେ ପଞ୍ଚାୟତ କାର୍ଯ୍ୟନିର୍ବାହି ଅଧିକାରିଣୀ ଇନ୍ଦୁରେଖା ଦାସଙ୍କୁ ପଚାରିବାରୁ ସେ କହନ୍ତି ମୁଁ ସୋରରୁ ଯାଇ କଣ ସେ ଗଛଗୁଡିକ ବଞ୍ଚାଇ ଥାଆନ୍ତି। ତାଛଡା ଆବଶ୍ୟକ ଠାରୁ ଅଧିକ ଗଛ ଆସିଥିବାରୁ ତାହା ନଷ୍ଟ ହୋଇଯାଇଛି ବୋଲି ମତ ରଖିଥିଲେ।ତେବେ ଜିଲ୍ଲା ପ୍ରଶାସନ ଏହା ଉପରେ ଗୁରୁତ୍ୱ ଦେଇ ଦାୟିତ୍ୱହୀନ ଅଧିକାରିଣୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଦ୍ୱିତୀୟ ଦିନରେ ଉନ୍ନୟନମୂଳକ ଯୋଜନାର ସମୀକ୍ଷା କଲେ ସଚିବ

ଭଦ୍ରକ,(ସବ୍ୟୁ): ବୁଧବାର ଦିନ ସମୀକ୍ଷା ବୈଠକ ପରେ ରାଜେଶ ପ୍ରଭାକର ପାଟିଲ,ଭାପ୍ରସେ କମିଶନର ତଥା ସଚିବ ସମବାୟ ବିଭାଗ ବାଗୁରାଇ ସ୍ଥିତ ଇନଡୋର ଷ୍ଟାଡିୟମ ଠାରେ ପହଂଚି ସେଠାରେ ଖେଳୁଥିବା ପିଲାମାନଙ୍କ ସହିତ କଥାବାର୍ତ୍ତା କରିଥିଲେ ଏବଂ ଖେଳ ଦୁନିଆରେ ନିଜକୁ କିପରି ଭାବେ ଓଡିଶା ଏବଂ ସାରା ଭାରତ ବର୍ଷରେ ପରିଚୟ ସୃଷ୍ଟି କରିବା ସହିତ ଓଡିଶାକୁ ବିଶ୍ୱସ୍ତରରେ ପରିଚିତ କରାଇବା ପାଇଁ ପରାମର୍ଶ ଦେଇଥିଲେ। ଗୁରୁବାର ଦିନ ପ୍ରଥମେ ବରପଦା ଅଙ୍ଗନବାଡି କେନ୍ଦ୍ର ପରିଦର୍ଶନ କରିବା ସହିତ କୁନି କୁନି ପିଲାମାନଙ୍କ ସହିତ ଭାବ ବିନିମୟ କରିଥିଲେ ଏବଂ ପିଲାମାନଙ୍କର ଖାଦ୍ୟର ମାନ,ଶିକ୍ଷାର ମାନ କିଭଳି ଭାବେ ଉନ୍ନତ କରିହେବ ସେ ଦିଗରେ ଅଙ୍ଗନବାଡି କର୍ମୀଙ୍କୁ ପରାମର୍ଶ ଦେଇଥିଲେ। ପରେ ପରେ ସେଠାରେ ଥିବା ଡିଏଏସ୍ ସରକାରୀ ହାଇସ୍କୁଲ ପରିଦର୍ଶନ କରି ଉପସ୍ଥିତ ଥିବା ଶିକ୍ଷକ ଏବଂ ପିଲାମାନଙ୍କ ସହ ଉନ୍ନତ ଶିକ୍ଷାଦାନ ଓ ଗୁଣାତ୍ମକ ମଧ୍ୟାନ ଭୋଜନ ବିଷୟରେ ଆଲୋଚନା କରିଥିଲେ। ଏହା ପରେ ହରିପୁର ସ୍ଲଜ ଷ୍ଟୋରେଜ ସେଣ୍ଟର କାର୍ଯ୍ୟର ତଦାରଖ କରିଥିଲେ, ତାହାପରେ କୋରକରାସ୍ଥିତ କାନ୍ତକବି ଲକ୍ଷ୍ମୀକାନ୍ତ ମେମୋରିଆଲ ପାର୍କ ପରିଦର୍ଶନ କରି କାର୍ଯ୍ୟର ଅଗ୍ରଗତି ଉପରେ ସମୀକ୍ଷା କରିଥିଲେ। ବାକିଥିବା କାର୍ଯ୍ୟକୁ ସମୟସୀମା ମଧ୍ୟରେ ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହା ପରେ ପୌରପାଳିକା ଅତ୍ୟାଧୁନିକ ପାଠାଗାରକୁ ପରିଦର୍ଶନ କରି ପାଠାଗାର ନିମନ୍ତେ ସମସ୍ତ ପାରିପାର୍ଶ୍ୱିକ ସ୍ଥିତିକୁ ତଦାରଖ କରିଥିଲେ। ଶେଷରେ ଆହାର କେନ୍ଦ୍ର ପରିଦର୍ଶନ କରି ଖାଦ୍ୟର ମାନ ଯାଂଚ କରିଥିଲେ। ଉପସ୍ଥିତ ଥିବା ସାଧାରଣ ନାଗରିକମାନଙ୍କୁ ଆହାର କେନ୍ଦ୍ର ଖାଦ୍ୟର ମାନ ସଂପର୍କରେ ପଚାରି ବୁଝିଥିଲେ। ଏଥିରେ ଜିଲ୍ଲାପାଳ ଦିଲୀପ ରାଉତରାଏ,ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତି,ଓଏସ୍‌ଡି,ଜିଲ୍ଲା କ୍ରୀଡା ଉପବିଭାଗ ରମେଶ ମହାନ୍ତି ଉପସ୍ଥିତ ଥିଲେ।

# ମିରାକିଲ ପବ୍ଲିକ ସ୍କୁଲ : ୧୬୨ କୁନି ବୈଜ୍ଞାନିକ ପ୍ରକଳ୍ପ ପ୍ରଦର୍ଶିତ

ବାସୁଦେବପୁର,(ସବ୍ୟୁ): ସ୍ଥାନୀୟ ମିରାକିଲ ପବ୍ଲିକ ସ୍କୁଲରେ ବିଜ୍ଞାନ ମେଳା ଆୟୋଜିତ ହୋଇଯାଇଛି । ଏହି ବିଜ୍ଞାନ ମେଳାକୁ ମୁଖ୍ୟ ଅତିଥି ଭାରତୀୟ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆର ବାସୁଦେବପୁର ଶାଖାର ମୁଖ୍ୟ ପରିଚାଳକ ଅମିତ କୁମାର ସାହୁ ଉଦଘାଟନ କରିଥିଲେ। ମିରାକିଲ ପବ୍ଲିକ ସ୍କୁଲର ସମ୍ପାଦକ ରାହାସ ବିହାରୀ ମହାନ୍ତି,ଅଧ୍ୟକ୍ଷ ପ୍ରିତିରଞ୍ଜନ ସାହୁ ଯୋଗ ଦେଇଥିଲେ। ଆୟୋଜିତ ବିଜ୍ଞାନ ମେଳାରେ ୧୬୨ଜଣ କୁନି ବୈଜ୍ଞାନିକ ସେମାନଙ୍କର ଖିଆଲି ମନର ଅଭୂତପୂର୍ବ ବିକଶିତ ଚିନ୍ତାଧାରାକୁ ପରିପ୍ରକାଶ କରିବା ପାଇଁ ୧୬୨ଟି ପ୍ରକଳ୍ପ ପ୍ରଦର୍ଶିତ କରିଥିଲେ। ବିଜ୍ଞାନ ମେଳା ଜ୍ଞାନ ପାଇଁ ନୁହେଁ,କୁନି କୁନି ଶିଶୁମାନଙ୍କ ମଧ୍ୟରେ ନୂତନ ପରିକଳ୍ପନା ଓ ନୂତନ ଉଦ୍ଭାବନ କରିବା ପାଇଁ ରାସ୍ତା ଦେଖାଇବ ବୋଲି ସମ୍ପାଦକ ଶ୍ରୀମହାନ୍ତି କହିଥିଲେ।

# କଳାବ୍ୟାଚ ପିନ୍ଧି ବିକ୍ଷୋଭ ପ୍ରଦର୍ଶନ କଲେ ଓଏଭି ଶିକ୍ଷକ-ଶିକ୍ଷୟିତ୍ରୀ

ବେତନଟୀ,(ସବ୍ୟୁ): ଓଡିଶା ଆଦର୍ଶ ବିଦ୍ୟାଳୟ(ଓଏଭି) ଶିକ୍ଷକସଂଘର ଆହ୍ୱାନକ୍ରମେ ବେତନଟୀ ଉପକଣ୍ଠ ଗରୁଡବସାସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟ ସମ୍ମୁଖରେ ଅଭିଭାବକଙ୍କ ସହିତ କଳାବ୍ୟାଚ ପିନ୍ଧି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି ଶିକ୍ଷକଶିକ୍ଷୟିତ୍ରୀ । ଜିଲ୍ଲାପାଳଙ୍କୁ ୧୩ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିବାପରେ ମାନ୍ୟବର ଲୋକପ୍ରିୟ ବିଧାୟ ସନାତନ ବିଜୁଳିଙ୍କୁ ମଧ୍ୟ ଦାବିପତ୍ର ପ୍ରଦାନ କରିଥିଲେ । ( ଓଏଭି ଛାତ୍ରଛାତ୍ରୀଙ୍କୁ ଏନଏମଏମଏସ ପରୀକ୍ଷାରେ ଅଂଶଗ୍ରହଣ ପାଇଁ ଅନୁମତି, ସର୍ବଭାରତୀୟ ସ୍ତରରେ ହେଉଥିବା ପ୍ରବେଶିକା ପରୀକ୍ଷା ନିଟ ଏବଂ ଜେଇଇରେ ଶତକଡା ୧୫ ପ୍ରତିଶତ ସଂରକ୍ଷଣ, ଓଏଭି କର୍ମଚାରୀଙ୍କୁ ସରକାରୀ ମାନ୍ୟତା, ୟୁନିଫୋର୍ମ କୋଡ ମାନ୍ୟତା, ଶାରୀରିକ ଶିକ୍ଷା, ସଂଗୀତ ଏବଂ କମ୍ପ୍ୟୁଟର ଶିକ୍ଷକଙ୍କୁ ସମାନ କାମକୁ ସମାନ ଦରମା ପାଇଁ ୪ହଜାର ୬ଶହ ଟଙ୍କା ଗ୍ରେଡ-ପେ ପ୍ରଦାନ, ପ୍ରତ୍ୟେକ ଓଏଭି ସ୍କୁଲରେ ବିଜ୍ଞାନ ଓ ବାଣିଜ୍ୟ ଭଳି କଳାବିଭାଗ ଖୋଲିବା ସହିତ ଓଡିଆ, ହିନ୍ଦୀ, ସଂସ୍କୃତ ବିଷୟ ପାଇଁ ପିଜିଟି ପଦବୀ ସୃଷ୍ଟି କରିବା, ଚିତ୍ରାଙ୍କନ ଶିକ୍ଷକ ପାଇଁ ଟିଜିଟି ଭିଜୁଆଲ ଆର୍ଟ ମାନ୍ୟତା ଦେବା, ଅଧ୍ୟକ୍ଷ ମାନଙ୍କ ଗ୍ରେଡ -ପେ ସମସ୍ୟାର ସମାଧାନକରିବା, ଓଏଭି କର୍ମଚାରୀଙ୍କ ସନ୍ତାନଙ୍କ ପ୍ରବେଶ ନିମନ୍ତେ ସ୍ୱତନ୍ତ୍ର ସ୍ଥାନ ସଂରକ୍ଷଣ ବ୍ୟବସ୍ଥା, କିରାଣୀ ମାନଙ୍କ ଚାକିରୀକୁ ସ୍ଥାୟୀ କରିବା ଭଳି ବିଭିନ୍ନ ଦାବି ପୂରଣ ତଥା ସମସ୍ୟା ସମାଧାନ ନିମନ୍ତେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ରାଜ୍ୟବ୍ୟାପୀ ଶିକ୍ଷକସଂଘ ପକ୍ଷରୁ ବାରମ୍ବାର ଦାବି ଉପସ୍ଥାନ କରାଯାଇ ଆସୁଛି । ତେବେ କଳାବ୍ୟାଚ ପିନ୍ଧି ଶିକ୍ଷକ/ଶିକ୍ଷୟିତ୍ରୀମାନେ ବିକ୍ଷୋଭ ପ୍ରଦର୍ଶନ ଆରମ୍ଭ କରିଥିବା ବେଳେ ବଳେ ଓଡିଶା ଆଦର୍ଶ ବିଦ୍ୟାଳୟ ଶିକ୍ଷକସଂଘ ଦ୍ୱାରା ଉପସ୍ଥାପିତ ଦାବି ପୂରଣ ଏବଂ ସମସ୍ୟାର ସମାଧାନ ନହେଲେ ଆସନ୍ତା ଡିସେମ୍ବର ୮ତାରିଖରେ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନକୁ ତୀବ୍ରତର କରାଯିବା ନେଇ ଶିକ୍ଷକସଂଘ କହିଛି।

# ବସ ଧକ୍କାରେ ବାଇକ ଚାଳକ ମୃତ,ରାସ୍ତା ଅବରୋଧ

ବନ୍ତ,(ସବ୍ୟୁ): ଗୁରୁବାର ମଧ୍ୟାହ୍ନ ପ୍ରାୟ ୧୨ଟାରେ ବନ୍ତ ଥାନା ଅଧିନ ଭଦ୍ରକ-ଆନନ୍ଦପୁର ୫୩ନଂ. ରାଜ୍ୟ ରାଜପଥର ବଗଦା କାଶିପୁର ଛକ ଠାରେ ବସ ଚାପାରେ ଜଣେ ଯୁବକ ମୃତ୍ୟୁ ବରଣ କରିଥିବା ବେଳେ ଅନ୍ୟ ଜଣେ ଯୁବକ ଗୁରୁତର ଆହତ ହୋଇ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିବା ଜଣାଯାଇଛି । ମୃତ ଯୁବକ ଜଣକ ଟିଲୋ ମାଳିସାହି ଗ୍ରାମର ପଦ୍ମନାଭ ସାହୁଙ୍କ ପୁଅ ସ୍ମୃତି ରଞ୍ଜନ(୨୪) ହୋଇଥିବା ବେଳେ ଗୁରୁତର ଆହତ ଜଣକ ଟିଲୋ ବଡସାହି ଗ୍ରାମର ସୁବ୍ରତ ବରାଳ(୧୯) ବୋଲି ଜଣାଯାଇଛି । ଟିଲୋ ମାଳିସାହି ଗ୍ରାମର ପଦ୍ମନାଭ ସାହୁଙ୍କ ପୁତ୍ର ସ୍ମୃତି ରଞ୍ଜନ ଓ ଟିଲୋ ବଡସାହି ଗ୍ରାମର ସୁବ୍ରତ ବରାଳ ଏକ ବାଇକ ଯୋଗେ ବରପଦାରୁ ବନ୍ତ ଅଭିମୁଖେ ଆସୁଥିଲେ । ଏହି ସମୟ ମଧ୍ୟରେ ବିଶ୍ୱନାଥ ନାମକ ଯାତ୍ରାବାହୀ ବସ ଭଦ୍ରକରୁ ଆନନ୍ଦପୁର ଅଭିମୁଖେ ଆସୁଥିବା ବେଳେ ବଗଦା କାଶିପୁର ଛକ ନିକଟରେ ବସଟି ଡାହାଣ ପାଖକୁ ମାଡି ଭାରସାମ୍ୟ ହରାଇ ବାଇକକୁ ଧକ୍କା ଦେବାରୁ ସ୍ମୃତି ରଞ୍ଜନ ବସ ଚକା ତଳେ ପଡିଯାଇଥିଲେ । ତାଙ୍କ ମୁଣ୍ଡ ଉପରେ ବସ ଚକା ଚଢି ଯିବାରୁ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା । ପଛରେ ବସିଥିବା ଟିଲୋ ବଡସାହି ଗ୍ରାମର ସୁବ୍ରତ ଗୁରୁତର ଭାବେ ଆହତ ହୋଇଥିଲେ । ଏହାକୁ ନେଇ ଘଟଣା ସ୍ଥଳରେ ଉତ୍ତ୍ୟକ୍ତ ଲୋକେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ । ଖବର ପାଇ ବନ୍ତ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଥିଲା । ଅତିରିକ୍ତ ତହସିଲଦାର ପ୍ରସନ୍ନ କୁମାର ମହାନ୍ତି, ଥାନାଧିକାରୀ ମୋନାଲିସା କରଙ୍କ ସମେତ ସରପଞ୍ଚ ପ୍ରତିନିଧି ସନ୍ତୋଷ କୁମାର ନାୟକ, ଖଗେଶ୍ୱର ବେହେରା ପ୍ରମୁଖ ଅବରୋଧକାରୀଙ୍କୁ ବୁଝାସୁଝା କରିବା ପରେ ପ୍ରାୟ ୨ ଘଣ୍ଟା ପରେ ରାସ୍ତା ଅବରୋଧ ହଟିଥିଲା ।

# ପିଇଓ କରୁଥିଲେ ଭତ୍ତା ହଡ଼ପ : ଧରିଲେ ସାଂସଦ

ବାଲେଶ୍ୱର,(ସବ୍ୟୁ): ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ବସ୍ତା ନିର୍ବାଚନ ମଣ୍ଡଳୀ ପରିଦର୍ଶନ ସମୟରେ ବାଲିଆପାଳ ବ୍ଲକରେ ଜନଶୁଣାଣୀ କାର୍ଯ୍ୟକ୍ରମରେ କିଛି ହିତାଧିକାରୀ ଦୀର୍ଘ ବର୍ଷ ଭତ୍ତା ପାଇବାରୁ ବଞ୍ଚିତ ଥିବା ଖବର ପାଇ ଏହାର ତଦନ୍ତ କରି ଏକ ବିରାଟ ଆର୍ଥିକ ଚଞ୍ଚକତାର ପର୍ଦ୍ଦାଫାଶ କରିଛନ୍ତି। ଘଟଣାକ୍ରମ ଏହିପରି, ବାଲିଆପାଳ ବ୍ଲକ ଅନ୍ତର୍ଗତ କୁଣ୍ଡୁଳି ପଞ୍ଚାୟତରେ ପିଇଓ ତେବେ ଗୌତମ ସେଠୀ ନାମକ ବ୍ୟକ୍ତି ବିଧବା ଓ ବୃଦ୍ଧ ବ୍ୟକ୍ତିଙ୍କ ଭତ୍ତା ଟଙ୍କା ଦୀର୍ଘ ବର୍ଷ ଧରି ହଡ଼ପ କରିଛନ୍ତି। ଏସାଂସଦ ବିଭିନ୍ନ ରେଜିଷ୍ଟାର ଯାଞ୍ଚ କରିବା ପରେ ସମ୍ପୃକ୍ତ ଅଭିଯୁକ୍ତଙ୍କ ସମେତ ବାଲିଆପାଳ ବିଡ଼ିଓ ରାଧା ରଞ୍ଜନ ଦାସ,ଏଇଇ, ଏମ୍‌ଆଇ,




ବିଏସ୍‌ଓ ଓ ବଞ୍ଚିତ ହିତାଧିକାରୀଙ୍କୁ ବିଧବା ମହିଳା ସ୍ନେହଲତା ମହାପାତ୍ର ଓ ବୃଦ୍ଧା ଦିବ୍ୟାଙ୍ଗ ମହିଳା ନେପୁରୀ ମଲ୍ଲିକ ,ବାଲେଶ୍ୱର ସାର୍କିଟ ହାଉସକୁ ଡ଼କାଇ ଏହାର ସତ୍ୟାସତ୍ୟ ପଦାକୁ ଆଣିଛନ୍ତି। ସବୁକିଛି ଯାଞ୍ଚ ପରେ ପିଇଓ ଗୌତମ ସେଠୀ ସ୍ୱୀକାର କଲେ ପ୍ରାୟ ୪ ବର୍ଷ ଧରି ସେ ଏହି ଦୁର୍ନୀତିରେ ଲିପ୍ତ ଅଛନ୍ତି । ହଡ଼ପ କରିଥିବା ଟଙ୍କାର ହିସାବ କରି ଉଭୟଙ୍କୁ କିଛି ଅର୍ଥ ନଗଦ ଆକାରରେ ଫେରାଇଛନ୍ତି ଓ ଅବଶିଷ୍ଟ ଆସନ୍ତା ସୋମବାର ସୁଦ୍ଧା ଫେରାଇବାକୁ ଲିଖିତ ପ୍ରତିଶ୍ରୁତି ଦେଇଛନ୍ତି। ଏହି ଦୁର୍ନୀତି ଏତିକିରେ ସୀମିତ ନଥିବ, ଏଥିରେ ଆହୁରି ଅନେକଙ୍କ ସମ୍ପୃକ୍ତି ଥିବ ବୋଲି ସାଂସଦ କହିଛନ୍ତି । ବିଭାଗୀୟ ତଦନ୍ତ ହେଲେ ଏହାର ପ୍ରକୃତ ସ୍ୱରୂପ ସାମ୍ନାକୁ ଆସିବ ବୋଲି କହିଛନ୍ତି। ସାଂସଦଙ୍କ ହସ୍ତକ୍ଷେପ ଯୋଗୁଁ ଅସହାୟ ବିଧବା ମହିଳା, ଦିବ୍ୟାଙ୍ଗ ମହିଳା ଉପକୃତ ହୋଇଥିବାରୁ ସେମାନେ ସାଂସଦଙ୍କୁ ଭୂରି ଭୂରି ପ୍ରଶଂସା କରିବା ସହିତ ଧନ୍ୟବାଦ ଅର୍ପଣ କରିଛନ୍ତି।

# ବରିଷ୍ଠ ସାମ୍ବାଦିକ ରାମଚନ୍ଦ୍ର ମହଲଙ୍କ ମାତୃ ବିୟୋଗ

ନୀଳଗିରି, (ସବ୍ୟୁ):ନୀଳଗିରର ବରିଷ୍ଠ ସାମ୍ବାଦିକ ରାମଚନ୍ଦ୍ର ମହଲଙ୍କ ମାତୃବିୟୋଗ ହୋଇଯାଇଛି। ନୀଳଗିରି ଏନ.ଏ.ସି ଅନ୍ତର୍ଗତ ୯ ନମ୍ବର ୱାର୍ଡ ସିମୁଳିଆ ଗ୍ରାମର ବରିଷ୍ଠ ସାମ୍ବାଦିକ ରାମଚନ୍ଦ୍ର ମହଲଙ୍କ ବାପା ସ୍ୱର୍ଗତଃ ରତ୍ନାକରଙ୍କ ସହଧର୍ମିଣୀ ଅନ୍ନପୂର୍ଣ୍ଣା ଦେବୀ(୮୮)ଙ୍କର ବାସଭବନରେ ଗୁରୁବାର ଅପରାହ୍ନ ପ୍ରାୟ ସାଢ଼େ୨ଟାରେ ପରଲୋକ ହୋଇଯାଇଛି। ଅନ୍ନପୂର୍ଣ୍ଣା ଏକମାସ ହେବ ଶଯ୍ୟାଶାୟୀ ଥିଲେ।ତାଙ୍କର ୪ପୁଅ ରାମଚନ୍ଦ୍ର, ଲକ୍ଷ୍ମଣ, ଭରତ,ଶତ୍ରୁଘନ ଥିବାବେଳେ ମଝିଆପୁଅ ଭରତ ମୁଖାଗ୍ନି ଦେଇଛନ୍ତି। ମୃତ୍ୟୁ ଖବର ପାଇ ନୀଳଗିରିର ବହୁ ସାମ୍ବାଦିକ ଓ ବିଶିଷ୍ଟବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରିଥିଲେ। ଗ୍ରାମମଶାଣିରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ସୂଚନା ମିଳିଛି ।

# ସ୍କ୍ରିନରେ ବଞ୍ଚୁଥିବା ଜୀବନର ଆଶା ଅନେକ, ଆଶଙ୍କା ଗଭୀର

## ତ୍ୟାଗଭୂମି ମହୋତ୍ସବ ତୃତୀୟ ସନ୍ଧ୍ୟା





ଭଦ୍ରକ,(ସବ୍ୟୁ): ଡିଜିଟାଲ ସଂସ୍କୃତିର ତୀବ୍ର ବିସ୍ତାର ଆଜି ଜୀବନର ପ୍ରତ୍ୟେକ ସ୍ତରକୁ ସ୍ପର୍ଶ କରିଛି। ଶିକ୍ଷା, ଚାକିରି, ବ୍ୟବସାୟ ଓ ଯୋଗାଯୋଗରେ ଏହା ଅପାର ସୁଯୋଗ ସୃଷ୍ଟିକରିବା ସହ ସମାଜ ଓ ଜୀବନ ପାଇଁ ନୂତନ ସମ୍ଭାବନାର ଦୁଆର ଖୋଲି ଦେଇଛି। ଏଥି ସହିତ ଗୋପନୀୟତା ହାନି, ତଥ୍ୟଭ୍ରମ, ମାନସ୍ତାତିକରେ ସଙ୍କଟ, ଶାରିରୀକ ସାମର୍ଥ୍ୟରେ କ୍ଷୟ ଓ ସାମାଜିକ ବିଯୋଗ ପ୍ରଭୃତିକୁ ନେଇ ଗଭୀର ଆଶଙ୍କା ମଧ୍ୟ ବୃଦ୍ଧି ପାଉଛି। ଡିଜିଟାଲ ଲାଭକୁ ସୁରକ୍ଷା କରିବା ସହିତ ଏହାର ବିପଦକୁ ନିୟନ୍ତ୍ରଣ କରିବା ଆଗାମୀ ସମୟର ସବୁ ଠାରୁ ବଡ଼ ଚାଲେଞ୍ଜ ବୋଲି ବୁଧବାର ତ୍ୟାଗଭୂମି ମହୋତ୍ସବର ତୃତୀୟ ସନ୍ଧ୍ୟାରେ ଡିଜିଟାଲ ସଂସ୍କୃତି, ଆଶା ଓ ଆଶଙ୍କା ଶୀର୍ଷକ ଆଲୋଚନାଚକ୍ରରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି ।ତ୍ୟାଗଭୂମି ସାଂସ୍କୃତିକ ସମ୍ମେଳନର କାର୍ଯ୍ୟକାରୀ ସଭାପତି ଇଂ ଅମ୍ବିକା ବଲ୍ଲଭ ସ୍ୱାଇଁଙ୍କ ପୌରୋହିତ୍ୟରେ ଆଜିର ମଞ୍ଚ ଏ ମାଟିର ସୁପୁତ୍ର ଉତ୍କଳ କେଶରୀ ହରେକୃଷ୍ଣ ମହତାବଙ୍କ ନାମରେ ଉତ୍କଳ କେଶରୀ ମଞ୍ଚ ନାମରେ ଉତ୍ସର୍ଗୀକୃତ ହୋଇଥିଲା। ମୁଖ୍ୟବକ୍ତା ଭାବେ 'ପ୍ରଗତିବାଦୀ'ର ସମ୍ପାଦକ ବିରୁପାକ୍ଷ ତ୍ରିପାଠୀ ,ମୁଖ୍ୟଅତିଥି ଭଦ୍ରକ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ ଦୁର୍ଗା ଶଙ୍କର ଦାସ ,ବରେଣ୍ୟ ଅତିଥି ଭାବେ ସ୍ତମ୍ଭକାର ଅଭୟ ଦ୍ୱିବେଦୀ ଯୋଗଦେଇ ବିଷୟ ଭିତ୍ତିକ ବକ୍ତବ୍ୟ ପ୍ରଦାନ କରିଥିଲେ। ଅଧ୍ୟାପକ ଦତ୍ତାତ୍ରେୟ ଦାଶ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ।

ଏଥିରେ ସଭାପତି ଅଜୟ ନାୟକ, ସମ୍ପାଦକ ଗଦାଧର ବଳ, ବାବୁଲାଲ ଦାସ, ବରିଷ୍ଠ ଅଧିବକ୍ତା ପର୍ଶୁରାମ ଦ୍ୱିବେଦୀ, ଇଂ ଅଖିଳ ମୋହନ ପାଢ଼ି,ଇନ୍ଦ୍ରମଣି ପଣ୍ଡା, ଅଶୋକ ଦ୍ୱିବେଦୀ, ବସୁମିତ୍ରା ସାହୁ, ସାମ୍ବାଦିକ ପ୍ରତାପ ଦାସ, ନିରଞ୍ଜନ ବିଶ୍ୱାଳ, ସାମ୍ବାଦିକ ପ୍ରଦୀପ ମହାପାତ୍ର, ଗୟାଧର ପଣ୍ଡା, ରମାକାନ୍ତ ପାଳ ପ୍ରମୁଖ ଯୋଗ ଦେଇଥିଲେ।

# ଆଇଟିଡ଼ିଏର ପ୍ରକଳ୍ପସ୍ତରୀୟ କମିଟି ବୈଠକ

କେନ୍ଦୁଝର, (ଜିପ୍ର/ସବ୍ୟୁ):କେନ୍ଦୁଝର ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା(ଆଇଟିଡ଼ିଏ)ର ପ୍ରକଳ୍ପ ସ୍ତରୀୟ କମିଟି ବୈଠକ ଜିଲ୍ଲାପାଳ ବିଶାଳ ସିଂହଙ୍କ ଅଧ୍ୟକ୍ଷତାରେ ଦରବାର ହଲରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସାଂସଦ କେନ୍ଦୁଝର ଅନନ୍ତ ନାୟକ, ଘଷିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ, ତେଲକୋଇ ବିଧାୟକ ଫକୀର ମୋହନ ନାଏକ, ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ, ସଦର ବିଧାୟକ ତଥାମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ଗୋପୀନାଥ ରାମ ଏହି ବୈଠକରେ ଯୋଗ ଦେଇ ଆଦିବାସୀ ବିକାଶ ପ୍ରକଳ୍ପର ସମୀକ୍ଷା କରିଥିଲେ ଏବଂ ନୂତନ




ପ୍ରସ୍ତାବଗୁଡ଼ିକୁ ଅନୁମୋଦନ କରିଥିଲେ।ପ୍ରାରମ୍ଭରେ, ପୂର୍ବ ବୈଠକର ବିବରଣୀ ଗୃହ ସମ୍ମୁଖରେ ଉପସ୍ଥାପନ କରାଯାଇ ସର୍ବସମ୍ମତିକ୍ରମେ ଅନୁମୋଦନ କରାଯାଇଥିଲା। ପରେ ୨୦୨୧-୨୨ରୁ ଅକ୍ଟୋବର ୨୦୨୫ ପର୍ଯ୍ୟନ୍ତ ବିଭିନ୍ନ ଯୋଜନା ଅଧୀନରେ ପ୍ରାପ୍ତ ଅନୁଦାନ ଏବଂ ଖର୍ଚ୍ଚ ବିବରଣୀର ସମୀକ୍ଷା କରାଯାଇଥିଲା। ସଦସ୍ୟମାନେ ବିନିଯୋଗ କରାଯାଇଥିବା ଅର୍ଥ ଉପରେ ସନ୍ତୋଷ ପ୍ରକାଶ କରିଥିଲେ ଏବଂ ଚାଲୁଥିବା ପ୍ରକଳ୍ପଗୁଡ଼ିକର ସମୟାନୁବର୍ତ୍ତୀ କାର୍ଯ୍ୟାନୱୟନ ସୁନିଶ୍ଚିତ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।ବୈଠକରେ ସମ୍ବିଧାନର ଧାରା ୨୭୫(୧) ଏବଂ ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ ଅଧୀନରେ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ କାର୍ଯ୍ୟ ଯୋଜନାର ରୂପରେଖକୁ ଅନୁମୋଦିତ କରାଯାଥିଲା।ଯୋଜନା ଅନୁଯାୟୀ, କେନ୍ଦୁଝର ଜିଲ୍ଲାର ଆଦିବାସୀ ବହୁଳ ଅଞ୍ଚଳରେ ଭିତ୍ତିଭୂମି ଏବଂ ଜୀବିକା ବିକାଶ କାର୍ଯ୍ୟ କରିବା ପାଇଁ ସମ୍ବିଧାନର ଧାରା ୨୭୫(୧) ଅନୁଯାୟୀ ୨୨୨୬୬.୫୦ ଲକ୍ଷ ଟଙ୍କା ଏବଂ ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ ଅଧୀନରେ ୮୧୩.୬୭ ଲକ୍ଷ ଟଙ୍କା ଆବଣ୍ଟନ କରାଯିବ।ବୈଠକ ଶେଷରେ ସମସ୍ତ ସଦସ୍ୟ ମଞ୍ଜୁର କାର୍ଯ୍ୟଗୁଡ଼ିକୁ ସମୟସୀମା ମଧ୍ୟରେ ସମ୍ପାଦିତ କରାଯିବା ନେଇ ତ୍ୱରିତ ପଦକ୍ଷେପ ଗ୍ରହଣ କରିବା ପୂର୍ବକ କେନ୍ଦୁଝରର ଆଦିବାସୀ ଜନସଂଖ୍ୟାକୁ ସ୍ଥାୟୀ ବିକାଶ ଏବଂ ଲାଭ ପ୍ରଦାନକୁ ସୁନିଶ୍ଚିତ କରିବା ପାଇଁ ଅଧିକାରୀ ମାନଙ୍କୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମକୁ କେନ୍ଦୁଝର ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଶିବଶଙ୍କର ମିଶ୍ର ପରିଚାଳନା କରିଥିଲେ।

(ଶ୍ରୀମଭଗବଦ୍ ଗୀତା ୧/୨୩)

**ଅର୍ଜ୍ଜୁନ-ବିଷାଦଯୋଗଃ**

ସଞ୍ଜୟ ଉବାଚ

**ଯୋତ୍ସ୍ୟମାନାନବେକ୍ଷେହଂ ଯ ଏତେତ୍ର ସମାଗତାଃ ।**
**ଧାର୍ତ୍ତରାଷ୍ଟ୍ରସ୍ୟ ଦୁର୍ବୁଦ୍ଧେର୍ଯୁଦ୍ଧେ ପ୍ରିୟଚିକୀର୍ଷବଃ ।। ୨୩ ।।**

ହେ ଅଚ୍ୟୁତ ! ଅହଂ ଯାବତ୍ ଏତାନ୍ (ପୁରତଃ ସ୍ଥିତାନ୍) ଯୋଦ୍ଧୁକାମାନ୍ ଅବସ୍ଥିତାନ୍ ନିରୀକ୍ଷେ (ପଶ୍ୟାମି) ଅସ୍ମିନ୍ ରଣସମୁଦ୍ୟମେ (ଯୁଦ୍ଧବ୍ୟାପାରେ) ମୟା କୈଃ ସହ ଯୋଦ୍ଧବ୍ୟଂ (ଯୁଦ୍ଧଂ କର୍ତ୍ତବ୍ୟଂ), ଅତ୍ର ଯୁଦ୍ଧେ ଦୁର୍ବୁଦ୍ଧେଃ (ମନ୍ଦବୁଦ୍ଧେଃ) ଧାର୍ତ୍ତରାଷ୍ଟ୍ରସ୍ୟ (ଦୁର୍ଯ୍ୟୋଧନସ୍ୟ) ପ୍ରିୟଚିକୀର୍ଷବଃ ( ପ୍ରିୟଂ କର୍ତ୍ତୁଂ ଇଚ୍ଛନ୍ତଃ) ଯେ ଏତେ ରାଜାନଃ ସମାଗତାଃ (ଉପସ୍ଥିତାଃ), (ତାନ୍) ଯୋତ୍ସ୍ୟମାନାନ୍ ଅହଂ ଯାବତ୍ ଅବେକ୍ଷେ (ଅବଲୋକୟାମି), (ତାବତ୍) ଉଭୟୋଃ ସେବୟୋଃ ମଧ୍ୟେ ମେ (ମମ) ରଥଂ ସ୍ଥାପୟ ।। ୨୩ ।।

# ଓଡ଼ିଶା ରାଜନୀତି ପ୍ରତି ଦୃଷ୍ଟିପାତ

ଗଣତନ୍ତ୍ର ପାଇଁ ରାଜନୀତି ଶ୍ରେଷ୍ଠ ନୀତି । ଆମ ରାଜନୀତିରେ ଅନେକ ଆସିଛନ୍ତି, ଉପରକୁ ଉଠିଛନ୍ତି ଓ ପଡ଼ିଛନ୍ତି- ଆଉ ଶେଷରେ ଆମମାନଙ୍କଠାରୁ ବିଦାୟ ବି ନେଇଛନ୍ତି । ମାତ୍ର ସେହି ରାଜନେତାମାନେ ଓଡ଼ିଶା ରାଜନୀତିରେ ନିଜ ନିଜର ବ୍ୟକ୍ତିତ୍ୱର ପ୍ରଭାବ ରଖି ଯାଇଥିଲେ ମଧ୍ୟ ପରବର୍ତ୍ତୀ କାଳରେ, ପରଲୋକ ଗମନ କରିବା ପରେ ମଧ୍ୟ ସେମାନଙ୍କ ବ୍ୟକ୍ତିତ୍ୱ ମଳିନ ପଡ଼ି ଯାଇଥିବା ପରିଲକ୍ଷିତ ହୋଇଛି । ଯେଉଁମାନେ ନିଜର ତ୍ୟାଗ ଓ ନିଷ୍ଠା ବଳରେ ରାଜନୀତିକୁ ଏକ ପବିତ୍ର ଧର୍ମ ବୋଲି ମାନି ଏ ରାଜ୍ୟ ପାଇଁ କିଛି କରି ଯାଇଥିଲେ, ସେମାନଙ୍କ ଅବର୍ତ୍ତମାନରେ ମଧ୍ୟ ଲୋକେ ସେମାନଙ୍କୁ ମନେ ରଖିଛନ୍ତି । ଓଡ଼ିଶାରେ ରାଜନୀତି କ୍ଷେତ୍ରରେ ଅନେକ ବରପୁତ୍ର ଅବତୀର୍ଣ୍ଣ ହୋଇଛନ୍ତି ଓ ଆଉ କେତେକ ହୋଇ ପାରିନାହାନ୍ତି । ମାତ୍ର ଯେଉଁମାନେ ଆମ ରାଜ୍ୟ ପାଇଁ କିଛି କାମ କରି ଯାଇଛନ୍ତି, ଲୋକେ ସେମାନଙ୍କୁ ମନେ ରଖିଛନ୍ତି । ସେମାନଙ୍କ ନୀତି ଓ ଆଦର୍ଶ ଆମମାନଙ୍କୁ ଅନୁପ୍ରାଣୀତ କରୁ ବା ନ କରୁ ପଛେ, ସେମାନେ ସମସ୍ତେ ଆମମାନଙ୍କର ବିଶ୍ୱାସଭାଜନ ବା ଶ୍ରଦ୍ଧାଭାଜନ ହୋଇ ପାରିଛନ୍ତି ।

ପ୍ରତ୍ୟକ୍ଷ ରାଜନୀତିରେ ପ୍ରବେଶ କରି କ୍ଷମତାରେ ରହିବା ପାଇଁ ସମସ୍ତେ ସୁଯୋଗ ପାଆନ୍ତି ନାହିଁ । ପାଇଲେ ମଧ୍ୟ ବିଭିନ୍ନ ପ୍ରତିକୂଳ ପରିସ୍ଥିତି ମଧ୍ୟରେ ସେମାନେ କ୍ଷମତା ରାଜନୀତିରେ ଦୀର୍ଘ ଦିନ ଧରି ରହିପାରନ୍ତି ନାହିଁ । ଅବଶ୍ୟ କେହି କେହି ରାଜନୀତିରେ ବା କ୍ଷମତା ରାଜନୀତିରେ ବେଶୀ ଦିନ ରହି ପାରନ୍ତି । ପୁଣି ସେଥିପ୍ରତି ବୀତସ୍ପୃହ ହୋଇ ପରେ ସେମାନେ ହତାଶ ହୋଇଥିବା ପରି ଜଣା ପଡ଼ନ୍ତି ।

ଓଡ଼ିଶା ପ୍ରଦେଶ ଗଠନ ପାଇଁ ଯେଉଁ ବରପୁତ୍ରମାନେ ଅକ୍ଲାନ୍ତ ପରିଶ୍ରମ କରି ରାଜ୍ୟରେ ଏକ ସୁସ୍ଥ ରାଜନୀତିକ ବାତାବରଣ ସୃଷ୍ଟି କରିଥିଲେ, ସେମାନଙ୍କ ମଧ୍ୟରୁ ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସ ଚିର ସ୍ମରଣୀୟ । ପାରଳା ମହାରାଜା, ବିଶ୍ୱନାଥ ଦାସ, ଚୌଧୁରୀ ଭାଗବତ ପ୍ରସାଦ ମହାପାତ୍ର, ହରେକୃଷ୍ଣ ମହତାବ, ନବକୃଷ୍ଣ ଚୌଧୁରୀ, ପଣ୍ଡିତ ନୀଳକଣ୍ଠ ଦାସ ପ୍ରଭୃତି ଉଜ୍ଜ୍ୱଳ ଦୃଷ୍ଟାନ୍ତ ମଧ୍ୟ ସୃଷ୍ଟି କରିଥିଲେ ।

ପରବର୍ତ୍ତୀ କାଳରେ ଓଡ଼ିଶାରେ ଦୀର୍ଘ ଦିନର କଂଗ୍ରେସ ଓ ଅଣ କଂଗ୍ରେସ ଶାସନ ଅମଳରେ ବିଜୁ ପଟ୍ଟନାୟକ, ବୀରେନ ମିତ୍ର, ନନ୍ଦିନୀ ଶତପଥୀ, ରାଜେନ୍ଦ୍ର ନାରାୟଣ ସିଂହଦେଓ, ପବିତ୍ର ମୋହନ ପ୍ରଧାନ, ଜାନକୀ ବଲ୍ଲଭ ପଟ୍ଟନାୟକ, ବସନ୍ତ କୁମାର ବିଶ୍ୱାଳ, ହେମାନନ୍ଦ ବିଶ୍ୱାଳ, ଗିରିଧର ଗମାଙ୍ଗ, ନୀଳମଣି ରାଉତରାୟ, ନବୀନ ପଟ୍ଟନାୟକ ପ୍ରଭୃତି ମୁଖ୍ୟମନ୍ତ୍ରୀ ବା ଉପ-ମୁଖ୍ୟମନ୍ତ୍ରୀମାନେ ସେମାନଙ୍କ କାର୍ଯ୍ୟକଳାପ ଲାଗି ସ୍ମରଣୀୟ ହୋଇ ରହିଛନ୍ତି । ଆହୁରି ଅନେକ ସୁବିଧା ସୁଯୋଗ ପାଇ ପାରିଥିଲେ, ଓଡ଼ିଶାର ରାଜନୀତିକୁ ସେମାନେ ମଧ୍ୟ ଉଚ୍ଚ ସ୍ଥାନକୁ ନେଇ ପାରିଥା'ନ୍ତେ, ଏଥିରେ ସନ୍ଦେହ ନାହିଁ ।

ଭାରତୀୟ ରାଜନୀତିରୁ ଗୋଟିଏ ଦୃଷ୍ଟାନ୍ତ ଏଠାରେ ଦେଉଛୁ । ଯେଉଁ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କର ୧୫୦ତମ ଜୟନ୍ତୀ ଉପଲକ୍ଷେ ପଦଯାତ୍ରା ଓ ଅନ୍ୟାନ୍ୟ ଉତ୍ସବ ବର୍ଷ ସାରା ଓଡ଼ିଶାରେ ଚାଲିଛି, ସେହ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ଅତି ସାଧାରଣ ପରିବାରରୁ ଆସିଥିଲେ ମଧ୍ୟ ନିଜର ପ୍ରତିଭା ବଳରେ ସେ ରାଜନୀତିରେ ଉପରକୁ ଉଠିଥିଲେ । ସେ ହୁଏତ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ହୋଇଥା'ନ୍ତେ, ମାତ୍ର ସେ ସୁଯୋଗରୁ ତାଙ୍କୁ ବଞ୍ଚିତ କରା ଯାଇଥିଲା, ଫଳରେ ତାଙ୍କୁ ବାଧ୍ୟବାଧକତାରେ ଉପ-ପ୍ରଧାନମନ୍ତ୍ରୀ କରାଯାଇଥିଲା । ଗାନ୍ଧିଜୀ ନେହରୁଙ୍କୁ ପ୍ରଧାନମନ୍ତ୍ରୀ ହେବା ଲାଗି ହୁଏତ ଇଛା କରିଥିଲେ । ଏହା ତାଙ୍କର ଠିକ୍ କି ଭୁଲ ନିଷ୍ପତ୍ତି ତାହା ହୁଏତ ଦେଶବାସୀ ଭାବିଚିନ୍ତି ବିଚାର କରିବେ । ସେହିପରି ଓଡ଼ିଶାର ଅନେକ ଯୋଗ୍ୟ ବ୍ୟକ୍ତି ଥିଲେ, ଯେଉଁମାନେ ମୁଖ୍ୟମନ୍ତ୍ରୀ ହେବା ଲାଗି ଯୋଗ୍ୟତା ଅର୍ଜନ କରିଥିଲେ ମଧ୍ୟ ତାହାର ସୁଯୋଗ ସେମାନେ ପାଇ ପାରି ନଥିଲେ । ଆହୁରି ଅନେକ ବ୍ୟକ୍ତିଙ୍କର ପ୍ରଭାବ ନଥିଲେ ମଧ୍ୟ ସେମାନେ ଅଚାନକ ପ୍ରତ୍ୟକ୍ଷ ରାଜନୀତିରେ ଶୀର୍ଷସ୍ଥାନକୁ ଯାଇ ମୁଖ୍ୟମନ୍ତ୍ରୀ ବା କେନ୍ଦ୍ର ମନ୍ତ୍ରୀ ହୋଇ ନିଜ ନିଜର କାର୍ଯ୍ୟଦକ୍ଷତାକୁ ପ୍ରତିପାଦିତ କରି ପାରିଥିଲେ ବା କରି ପାରିଛନ୍ତି ।

ଆମ ରାଜ୍ୟର ଅନେକ ପ୍ରଭାବଶାଳୀ ସ୍ୱାଧୀନତା ସଂଗ୍ରାମୀ ଓ ସମାଜସେବୀ ପ୍ରତ୍ୟକ୍ଷ ରାଜନୀତି ପ୍ରତି ବୀତସ୍ପୃହ ହୋଇଥିବାରୁ ତାହାର ସୁଯୋଗ ଶସ୍ତା ରାଜନେତାମାନେ ଅବଶ୍ୟ ନେଇଥିଲେ ବା ନେଉଛନ୍ତି । ଏବେ ବି ଅନେକ ଉତ୍ତମ, ସଚ୍ଚୋଟ ଓ ଶିକ୍ଷିତ ଲୋକଙ୍କୁ ରାଜନୀତି ମଧ୍ୟକୁ ପ୍ରବେଶର ସୁଯୋଗ ଦିଆଯାଉ ନାହିଁ । ନ ହେଲେ ରାଜନୀତିକୁ ସେମାନେ ହୁଏତ ଉଚ୍ଚ ସ୍ଥାନକୁ ନେଇ ଏକ ଭିନ୍ନ ମୂଲ୍ୟବୋଧ ଓ ଆଦର୍ଶ ସୃଷ୍ଟି କରି ପାରିଥାନ୍ତ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଲକ୍ଷେ ନୂଆ ଯୁବକଙ୍କୁ ରାଜନୀତିରେ ପ୍ରବେଶ କରାଇବାକୁ (ଯେଉଁମାନେ ରାଜନୀତି ପରିବାରରୁ ଆସିନଥିବେ) ଯେଉଁ ଉଦ୍ୟମ ଜାରି ରଖିଛନ୍ତି, ତାହା ଅବଶ୍ୟ ସ୍ୱାଗତଯୋଗ୍ୟ ।

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ମଣିଷ ଅନ୍ତରରେ ଦେବ ଓ ଦାନବ



ମନୋରଞ୍ଜନ ମହାନ୍ତି

ମଣିଷର ଅନ୍ତରରେ ଦେବତ୍ୱ ଅଛି, ଦାନବତ୍ୱ ଅଛି । ସଂଯମ, ସତ୍ୟ, ଶୀଳ, ଦୟା ଗୋଟିଏ ଗୋଟିଏ ଦିବ୍ୟ ଗୁଣ । ଏସବୁର ଅଭାବରେ ମଣିଷ ଦାନବ ସ୍ତରକୁ ଖସିଆସେ । ପୃଥିବୀରେ ପ୍ରତିଦିନ କେତେ କେତେ ହିଂସା, ହତ୍ୟା, ରକ୍ତପାତ, ବ୍ୟଭିଚାର, ପାଶବିକତାର ଘଟଣା ଘଟିଯାଉଛି । ଆଧ୍ୟାତ୍ମିକ ଚେତନାର ଅଭାବରୁ ଏସବୁ ହେଉଛି । ମଣିଷ କିଭଳି ସ୍ୱର୍ଗୀୟ ଗୁଣର ଅଧିକାରୀ ହେବ ସେଥିପାଇଁ କେତେ ଆଧ୍ୟାତ୍ମିକ ସଂଗଠନ ଗଢ଼ା ହେଉଛି, ଆଧ୍ୟାତ୍ମିକ ପୁସ୍ତକ ଉପରେ ଆଲୋଚନା ହେଉଛି, କେତେ ନୀତି ବା ଉପଦେଶ ଦିଆଯାଉଛି, ବହୁ ସଂସ୍କାରମୂଳକ କାର୍ଯ୍ୟକ୍ରମର ଆୟୋଜନ ହେଉଛି । କିନ୍ତୁ ସର୍ବୋପରି ଆବଶ୍ୟକ ହେଉଛି ବ୍ୟକ୍ତିର ଆତ୍ମସଚେତନତା ଓ ଆତ୍ମୋପଲବ୍ଧି ।

୧୮୬୧ ମସିହା ମାର୍ଚ୍ଚ ୪ତାରିଖ ଦିନ ଆବ୍ରାହାମ୍ ଲିଙ୍କନ୍ ଯୁକ୍ତରାଷ୍ଟ୍ର ଆମେରିକାର ଷୋଡ଼ଶ ରାଷ୍ଟ୍ରପତି ଭାବରେ ଶପଥ ଗ୍ରହଣ କଲେ ଓ ଯେତେବେଳେ ସିଏ ତରଙ୍କର ଭାଷଣ ପ୍ରଦାନ କଲେ, ସେତେବେଳେ ଆମେରିକାରେ ଗୋଟାଏ ପ୍ରାଣଘାତୀ ଭୟଙ୍କର ଗୃହଯୁଦ୍ଧର ଆଶଙ୍କା ପ୍ରକାଶ ପାଇଥିଲା । ଦାସପ୍ରଥାକୁ ଲୋପ କରିବା ପାଇଁ ଲିଙ୍କନ୍‌ଙ୍କର ସଂକଳ୍ପ ହେତୁ ଦାକ୍ଷିଣାତ୍ୟର ୭ଟି ରାଜ୍ୟ ଯୁକ୍ତରାଷ୍ଟ୍ରରୁ ଅଲଗା ହୋଇଯାଇଥିଲେ । ଆଶଙ୍କା ପ୍ରକାଶ ପାଉଥିଲା ଯେ ଅବଶିଷ୍ଟ ୮ଟି ଦାକ୍ଷିଣାତ୍ୟ ରାଜ୍ୟ ମଧ୍ୟ ଯୁକ୍ତରାଷ୍ଟ୍ରରୁ ଅଲଗା ହୋଇଯିବେ । ଅତ୍ୟଧିକ ପତଳା ଶରୀର ହେଲେ ମଧ୍ୟ ଦୃଢ଼ମନା ରାଷ୍ଟ୍ରପତି ଲିଙ୍କନ୍ ନିଜ ଦେଶବାସୀଙ୍କୁ ନିବେଦନ କରି କହିଲେ, ସମ୍ପର୍କର ଆଧ୍ୟାତ୍ମିକ ତନ୍ତ୍ରୀ ବା ତାର (କର୍ଡ଼୍)ଗୁଡ଼ିକ ତଥାପି ଯୁକ୍ତରାଷ୍ଟ୍ରର ସହଗାନ (କୋରସ୍)କୁ ସଂପ୍ରସାରିତ କରିବ । ଯେତେବେଳେ ସେଗୁଡ଼ିକ ପୁନର୍ବାର ଆମ ଦିବ୍ୟ ସ୍ୱଭାବର ସ୍ପର୍ଶ ଲାଭ କରିବେ । ଗୋଟେ ରକ୍ତାକ୍ତ ସଂଘର୍ଷକୁ ଏଡ଼ାଇଦେବା ଆଶାରେ ଲିଙ୍କନ୍ ଏପରି କହିଥିଲେ । ତେବେ ଆମର ଦିବ୍ୟ ସ୍ୱଭାବ କହିଲେ ଲିଙ୍କନ୍ ସୂଚିତ କରିଥିଲେ କରୁଣା, ପ୍ରେମ ଓ ମୈତ୍ରୀକୁ, ଯାହାର ସ୍ପର୍ଶରେ ମଣିଷ-ମଣିଷ ମଧ୍ୟରେ ସମ୍ପର୍କର ଆଧ୍ୟାତ୍ମିକ ତନ୍ତ୍ରୀଗୁଡ଼ିକ ଯୁକ୍ତରାଷ୍ଟ୍ରର ସହଗାନକୁ ସଂପ୍ରସାରିତ କରିପାରିବେ ଅର୍ଥାତ୍ ମଣିଷ-ମଣିଷ ମଧ୍ୟରେ ଆଧ୍ୟାତ୍ମିକ ସମ୍ପର୍କ ପ୍ରତିଷ୍ଠିତ ହୋଇ ଯୁକ୍ତରାଷ୍ଟ୍ରରେ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ସମ୍ଭବ ହେବ, ସମସ୍ତେ ଏକ ସ୍ୱରରେ ବନ୍ଧୁତ୍ୱର ସଂଗୀତ ଗାନ କରିପାରିବେ । ଲିଙ୍କନ୍ ଏହା ମଧ୍ୟ ସୂଚିତ କରିଥିଲେ ଯେ ମଣିଷର ଅନ୍ତରରେ ଥିବା ରାକ୍ଷସମାନେ ହେଉଛନ୍ତି ଘୃଣା, କ୍ରୋଧ ଓ ହିଂସା, ଯାହା ମଣିଷଠାରେ ଅଶାନ୍ତି ଉପଦ୍ରବ ସହିତ ରାଷ୍ଟ୍ରରେ ଗୃହଯୁଦ୍ଧ ସୃଷ୍ଟି କରିବ । ଏ ସମସ୍ତ ରାକ୍ଷସଙ୍କୁ ଦମନ କରିବା ଉଦ୍ଦେଶ୍ୟରେ ମଣିଷ ଚେଷ୍ଟା କରିବା ଆବଶ୍ୟକ ।

୧୮୮୬ ମସିହାରେ ପ୍ରକାଶିତ ଆର୍.ଏଲ୍.ଷ୍ଟିଭେନ୍‌ସନ୍‌ଙ୍କ ଉପନ୍ୟାସ 'ଡକ୍ଟର୍ ଜେକିଲ୍ ଆଣ୍ଡ ମିଷ୍ଟର୍ ହାଇଡ୍'ରେ ଡକ୍ଟର୍ ଜେକିଲ୍ ଜଣେ ଭଲ ଭଦ୍ର ଚରିତ୍ର, କିନ୍ତୁ ମିଷ୍ଟର୍ ହାଇଡ୍ ମାନବଘାତୀ, ଦୁହେଁଯାକ ବିଲ୍‌କୁଲ୍ ଓଲଟା ବା ବିପରୀତ ମାନସିକତାର ଚରିତ୍ର । ଆମ ସମସ୍ତଙ୍କ ଅନ୍ତରରେ ଡକ୍ଟର୍ ଜେକିଲ୍ ଅଛନ୍ତି, ମିଷ୍ଟର୍ ହାଇଡ୍ ବି ଅଛନ୍ତି, ପ୍ରତି ମୁହୂର୍ତ୍ତରେ ଆମ ଭିତରେ ସଂଘର୍ଷ ଚାଲିଛି ଭଲ ଆଉ ମନ୍ଦର ।

ଜର୍ମାନ୍-ସ୍ୱିସ୍ ଦାର୍ଶନିକ-ଔପନ୍ୟାସିକ ହର୍ମାନ୍ ହେସ୍ ୧୯୨୭ ମସିହାରେ ପ୍ରକାଶିତ ତାଙ୍କର ନୀତିଶିକ୍ଷାମୂଳକ ଗଳ୍ପ ଷ୍ଟିପେନ୍‌ଉଲ୍‌ଫ୍‌ରେ ମଣିଷ ପ୍ରକୃତିର ଏହି ଦ୍ୱିବିଧତାକୁ ଉପସ୍ଥାପନ କରିଛନ୍ତି । ଗଳ୍ପର ନାୟକ ମଧ୍ୟବୟସ୍କ ହ୍ୟାରି ହଲର୍ ଗୋଟେ ସୁଦୃଢ଼ ଭାବାତ୍ମକ ଓ ଆଧ୍ୟାତ୍ମିକ ସଂକଟରେ ପୀଡ଼ିତ । ସେ ନିଜକୁ ଦୈନନ୍ଦିନ ଜୀବନର ପାରମ୍ପରିକତା ଠାରୁ ପୃଥକ ହୋଇ ରହିଥିବା ଜଣେ ସମାଜ ବାହାରର ବ୍ୟକ୍ତି ଭାବରେ ବିଚାର କରୁଛି । ତା' ଅନ୍ତରରେ ପ୍ରତିଦିନ ଅନବରତ ସଂଘର୍ଷ ଲାଗିରହିଛି ସତ୍ୟ ଆଉ ଅସତ୍ୟ ମଧ୍ୟରେ । ସେ ଅନୁଭବ କରୁଛି ତା' ଭିତରେ ଗୋଟେ କ୍ରୁର କାମୁକ ବ୍ୟକ୍ତିସତ୍ତା ରହିଛି, ପୁଣି ଇଚ୍ଛା କରୁଛି ନିଜକୁ ଗ୍ୟେଟେ ଓ ମୋଜାର୍ଟଙ୍କ ଭଳି ଅମର ଦିବ୍ୟ ପୁରୁଷଙ୍କ ସ୍ତରକୁ ଉନ୍ନୀତ ହେବା ପାଇଁ । ଆମ ସମସ୍ତଙ୍କ ଭିତରେ ଏଭଳି ଗୋଟେ ଷ୍ଟିପେନ୍‌ଉଲ୍‌ଫ୍ ଗୁପ୍ତରେ ଅଛି । ଆମ ଅନ୍ତରରେ ଗୋଟିଏ ପାର୍ଶ୍ୱରେ ଅଛି ସତ୍ୟ, ସାଧୁତା, ଦୟାଳୁତା, ଉଦାରତା, ଆଉ ଆର ପାର୍ଶ୍ୱରେ ମିଥ୍ୟା, ଛଳ, କପଟ, ଲୋଭ, ଦ୍ୱେଷ ଇତ୍ୟାଦି । ଉଭୟ ପାର୍ଶ୍ୱ ମଧ୍ୟରେ ଲଢ଼େଇ ଲାଗିଛି ।

ଯେତେବେଳେ ମଣିଷ ଠିକ୍ ଭୁଲ୍‌ର ପ୍ରଭେଦ ଅର୍ଥାତ୍ ସେ କେଉଁ ଠିକ୍ କର୍ମ ନିଶ୍ଚିତ କରିବାର କଥା, କିନ୍ତୁ କେଉଁ ଭୁଲ୍ କର୍ମ ପ୍ରଲୋଭିତ ହୋଇ କରୁଛି ନିର୍ଣ୍ଣୟ କରେ, ସେତେବେଳେ ସେ ଦୁଇଟି ସ୍ୱର ଶୁଣିପାରେ, ଗୋଟିଏ ହେଉଛି ତା ଅନ୍ତରସ୍ଥ ଦେବତାର, ଆରଟି ଗୋଟେ କାମୋତ୍ତେଜକ ଦାନବର । ଦେବତାର ଆହ୍ୱାନକୁ ଏଡ଼ାଇ ଦାନବର ପ୍ରଲୋଭନ ଦ୍ୱାରା ସେ ବଶୀଭୂତ ହେଉଛି ଅର୍ଥାତ୍ ଭୁଲ୍ କର୍ମ କରୁଛି, ଯେଉଁ ଅବସ୍ଥାକୁ ଗ୍ରୀକ୍‌ମାନେ କହନ୍ତି, ଆକ୍ରାସିଆ ବା ଆତ୍ମନିୟନ୍ତ୍ରଣର ଅଭାବଓ। ଏପରି ଅବସ୍ଥାରେ ସେ ଅସତ୍ ଉପାୟରେ ଅର୍ଥ ଅର୍ଜନ କରେ, କ୍ଷମତା ଆହରଣ କରେ, ଅନୈତିକ ଯୌନାଚାରରେ ଲିପ୍ତ ରହେ, ହିଂସାଚରଣ କରି ହତ୍ୟା ରକ୍ତପାତର ବିଭୀଷିକା ସୃଷ୍ଟି କରେ ଓ ତା ଠାରୁ ଅଧିକ ପ୍ରତିଭାଧର ବ୍ୟକ୍ତି ପ୍ରତି ଅସହିଷ୍ଣୁତା ପ୍ରଦର୍ଶନ କରେ । ଦାନବର ଏପରି ସବୁ ପ୍ରଲୋଭନକୁ ଏଡ଼ାଇଦେଲେ ଯାଇ ଦେବତାର ଆହ୍ୱାନକୁ ଗ୍ରହଣ କରିହେବ ।

କବି ଓ ଔପନ୍ୟାସିକ ଡି.ଏଚ୍.ଲରେନ୍ସ କହନ୍ତି, ମୁଁ କେବେ ମାନବଜାତିକୁ ମୋ ଉପରେ କୌଣସି ଚାପ ପ୍ରୟୋଗ କରିବାକୁ ଅନୁମତି ଦେବି ନାହିଁ, କିନ୍ତୁ ମୋ ଭିତରେ ଓ ଅନ୍ୟ ପୁରୁଷ, ନାରୀଙ୍କ ଭିତରେ ଥିବା ଈଶ୍ୱରଙ୍କୁ ଚିହ୍ନିବାକୁ ଓ ତାଙ୍କ ଅଧୀନତା ସ୍ୱୀକାର କରିବାକୁ ସବୁବେଳେ ଉଦ୍ୟମ କରିବି । ତାହାହିଁ ମୋ ଜୀବନର ପଥ । ନିଜ ଭିତରେ ଥିବା ଈଶ୍ୱରଙ୍କୁ ଚିହ୍ନିବା ଅର୍ଥାତ୍ ନିଜର ଅନ୍ତର୍ନିହିତ ଐଶ୍ୱରିକତାକୁ ଆବିଷ୍କାର କରି ବିକଶିତ କରିବା ଦ୍ୱାରା ଅସୁର ଶକ୍ତି ଆପେ ଆପେ ପରାସ୍ତ, ଅବଦମିତ ହେବ, ଆସୁରିକତା ଲୋପ ପାଇଯିବ । ଅନ୍ୟ ସମସ୍ତଙ୍କ ଅନ୍ତରସ୍ଥ ଐଶ୍ୱରିକତାକୁ ଅନୁଭବ କରିବା ଦ୍ୱାରା ପାରସ୍ପରିକ ମୈତ୍ରୀ ଓ ଭ୍ରାତୃତ୍ୱର ଭାବ ବୃଦ୍ଧି ପାଇବ । ଆଲ୍‌ଡସ୍ ହକ୍ସଲେ ସେଥିପାଇଁ କହନ୍ତି, ମଣିଷର ଜୀବନ ଦେବତ୍ୱ ଅଭିମୁଖେ ଏକ ନିରବଚ୍ଛିନ୍ନ ଯାତ୍ରା ।

**ନିଜ ଭିତରେ ଥିବା ଈଶ୍ୱରଙ୍କୁ ଚିହ୍ନିବା ଅର୍ଥାତ୍ ନିଜର ଅନ୍ତର୍ନିହିତ ଐଶ୍ୱରିକତାକୁ ଆବିଷ୍କାର କରି ବିକଶିତ କରିବା ଦ୍ୱାରା ଅସୁର ଶକ୍ତି ଆପେ ଆପେ ପରାସ୍ତ, ଅବଦମିତ ହେବ, ଆସୁରିକତା ଲୋପ ପାଇଯିବ । ଅନ୍ୟ ସମସ୍ତଙ୍କ ଅନ୍ତରସ୍ଥ ଐଶ୍ୱରିକତାକୁ ଅନୁଭବ କରିବା ଦ୍ୱାରା ପାରସ୍ପରିକ ମୈତ୍ରୀ ଓ ଭ୍ରାତୃତ୍ୱର ଭାବ ବୃଦ୍ଧି ପାଇବ ।**

ପରସ୍ୱାପହାରୀ, ନରହନ୍ତା ରତ୍ନାକର ମହର୍ଷି ବାଲ୍ମୀକିରେ ରୂପାନ୍ତରିତ ହେଲେ, 'ରାମାୟଣ' ରଚନା କଲେ । ବାରାଙ୍ଗନାସକ୍ତ ବିଲ୍ୱମଙ୍ଗଳ ସଂସ୍କାରିତ ହୋଇ କୃଷ୍ଣଭକ୍ତ ହେଲେ, 'କୃଷ୍ଣକର୍ଣ୍ଣାମୃତମ୍' ଲେଖିଲେ । ପତ୍ନୀଙ୍କ ପ୍ରତି ଅତ୍ୟନ୍ତ ଆସକ୍ତ ତୁଳସୀ ଦାସ ସନ୍ଥରେ ପରିଣତ ହେଲେ, 'ଶ୍ରୀରାମଚରିତ ମାନସ' ଲେଖିଲେ । ନିଶା ଓ ନାରୀ ପ୍ରତି ଆସକ୍ତ ଅମୀଚାନ୍ଦ ନାରକୀୟ ଗୁଣଗୁଡ଼ିକୁ ପରିହାର କରି ଈଶ୍ୱରଙ୍କ ପରମ ଭକ୍ତରେ ପରିଣତ ହେଲେ, ଭଜନ ଲେଖିଲେ ଓ ନିଜେ ସୁଲଳିତ କଣ୍ଠରେ ସେଗୁଡ଼ିକୁ ଗାନ କଲେ । ଅଗଷ୍ଟିନ୍ ରୂପାନ୍ତରିତ ହେଲେ ସେଣ୍ଟ୍ ଅଗଷ୍ଟିନ୍‌ରେ ଓ ରଚନା କଲେ 'କନ୍‌ଫେସନ୍ସ ଅଫ୍ ସେଣ୍ଟ୍ ଅଗଷ୍ଟିନ୍' ଭଳି ଗୋଟେ ପ୍ରଭାବଶାଳୀ ଗ୍ରନ୍ଥ । ଜନ୍ ବୁନିୟାନ୍ ସ୍ୱରଚିତ 'ଦି ପିଲ୍‌ଗ୍ରିମ୍ସ ପ୍ରୋଗ୍ରେସ୍' ପୁସ୍ତକରେ କହନ୍ତି, ମଣିଷର ଜୀବନ ଏକ ତୀର୍ଥଯାତ୍ରା ଓ ପ୍ରତ୍ୟେକ ମଣିଷ ଜଣେ ଜଣେ ତୀର୍ଥଯାତ୍ରୀ । ମଣିଷ ଭିତରେ ଥିବା ଅସୁରତ୍ୱର ବିନାଶ ଓ ଈଶ୍ୱରତ୍ୱର ବିକାଶ ସେହି ତୀର୍ଥଯାତ୍ରାର ବିଶେଷତ୍ୱ ।

କ୍ରିଷ୍ଟିଆନି ଉଲ୍‌ଫ୍ ଜଣେ ଚିକିତ୍ସକ ଥିଲେ । ପରବର୍ତ୍ତୀ ସମୟରେ ସେ ଲୋକମାନଙ୍କୁ ସଚେତନତା, ଆନ୍ତରିକ ସ୍ଥିତି ଓ ପରିବେଶ ପ୍ରତି ସଚେତନତା ଏବଂ ଧର୍ମ ସମ୍ବନ୍ଧୀୟ ଶିକ୍ଷାଦାନ କଲେ । ସେ କହନ୍ତି, ତଥାଗତ ବୁଦ୍ଧ ୪ଟି ବ୍ରହ୍ମବିହାର ପ୍ରତିପାଦନ କଲେ ଯାହା ହେଉଛି ମଣିଷ-ହୃଦୟର ୪ଟି ସର୍ବୋଚ୍ଚ ଗୁଣ, ଯଥା- ମେତ୍ତା (ଅନୁରାଗଶୀଳ ଦୟାଳୁତା), କରୁଣା, ଉପେକ୍ଷା (ସମଭାବ) ଓ ମୁଦିତା (ସହାନୁଭୂତିପୂର୍ଣ୍ଣ ଆନନ୍ଦ) । ଏଥିମଧ୍ୟରୁ ସର୍ବୋତ୍କୃଷ୍ଟ ହେଉଛି ମୁଦିତା ଅର୍ଥାତ୍ ଅନ୍ୟର ସୁଖରେ ସୁଖୀ ହେବାର ଗୁଣ । ଏହି ଗୁଣଗୁଡ଼ିକ ମଣିଷ-ଜୀବନର ଦିବ୍ୟତ୍ୱକୁ ପ୍ରକଟ କରିଥାଏ ।

ତେବେ ଦିବ୍ୟତ୍ୱ ପ୍ରାପ୍ତି ନିମିତ୍ତ ଆଧ୍ୟାତ୍ମିକ ସାଧନା ଲୋଡ଼ା । ଯୋଗବଶିଷ୍ଠ ରାମାୟଣରେ ଋଷି ବଶିଷ୍ଠ ଯେଉଁ ପୁରୁଷାର୍ଥ ଶବ୍ଦ ଉଚ୍ଚାରଣ କରିଛନ୍ତି, ତାର ଅର୍ଥ ମାନବୀୟ ପ୍ରୟାସ । ଯେତେବେଳେ ସେ ଲକ୍ଷ୍ୟ କରିଛନ୍ତି ରାଜକୁମାର ଶ୍ରୀରାମ ଆତ୍ମତୁଷ୍ଟ, ତନ୍ଦ୍ରାଳୁ ହେଉଛନ୍ତି, ସେତିକିବେଳେ ସେ ପୁରୁଷାର୍ଥର କଥା କହିଛନ୍ତି, ଯାହା ମନୁଷ୍ୟ-ଜୀବନରେ ଅତି ଆବଶ୍ୟକ ଦିବ୍ୟ ଉତ୍କର୍ଷ ସାଧନ ନିମନ୍ତେ । ହେକ୍ଟର୍ ଗାର୍ସିଆ ଓ ଫ୍ରାନ୍‌ସିସ୍ ମିରାଲିସ୍ ସେମାନଙ୍କ ରଚିତ ପୁସ୍ତକ 'ଦି ଇକିଗାଇ ଜର୍ଣ୍ଣି'ରେ ଯେଉଁ ଜାପାନୀ ଶବ୍ଦ ଗାନ୍‌ବରିମାସୁ ଉଲ୍ଲେଖ କରିଛନ୍ତି, ତାର ମାର୍ମିକ ଅର୍ଥ ହେଉଛି କେବଳ କ୍ରମାଗତ ଅଧ୍ୟବସାୟ ବଳରେ ଜୀବନର ଦିବ୍ୟ ଲକ୍ଷ୍ୟ ପ୍ରାପ୍ତି ସମ୍ଭବ । ତେବେ ପୁରୁଷାର୍ଥ (ମାନବୀୟ ପ୍ରୟାସ), ଗାନ୍‌ବରିମାସୁ (କ୍ରମାଗତ ଅଧ୍ୟବସାୟ) ବଳରେ ମଣିଷ ନିଜ ଅନ୍ତରସ୍ଥ ଦାନବତ୍ୱର ବିନାଶ କରି ଦେବତ୍ୱର ବିକାଶ କରିପାରିବ । ସେତେବେଳେ ବ୍ୟାସଦେବଙ୍କ ମହାଭାରତରେ ବର୍ଣ୍ଣିତ ୪ଟି ଗୁଣ (ସଂଯମ, ସତ୍ୟ, ଶୀଳ, ଦୟା), ବୁଦ୍ଧଦେବଙ୍କ ପ୍ରତିପାଦିତ ୪ଟି ବ୍ରହ୍ମବିହାର (ମେତ୍ତା, କରୁଣା, ଉପେକ୍ଷା, ମୁଦିତା) ଆହରଣ କରି ମଣିଷ ଦେବତ୍ୱରେ ଅଧିରୂଢ଼ ହୋଇ ପାରିବ ।

**ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ**
**ଧର୍ମଶାଳା, ଯାଜପୁର**
**ମୋ-୯୮୫୩୨୮୨୯୬୨**

# ଶବ୍ଦ ପ୍ରଦୂଷଣର ବିପଦ

ଗିରିଧାରୀ ସାମଲ

ପରିବେଶ ପ୍ରଦୂଷଣ ପରେ ଶବ୍ଦ ପ୍ରଦୂଷଣ ଆଉ ଏକ ଗୁରୁତର ସମସ୍ୟା ଭାବେ ଆଧୁନିକ ସମାଜରେ ମୁଣ୍ଡ ଟେକିଛି । ଏଥିଯୋଗୁଁ ଆଜିର ମଣିଷ, ମୁଖ୍ୟତଃ ସହରର ମଣିଷ ବିଭିନ୍ନ ପ୍ରକାର ମାନସିକ ଓ ଶାରୀରିକ ରୋଗରେ ଆକ୍ରାନ୍ତ ହେଉଛି । ଗଣତାନ୍ତ୍ରିକ ବିଧି ବ୍ୟବସ୍ଥାରେ ବ୍ୟକ୍ତି ସ୍ୱାଧୀନତା ମିଳୁଥିବା ଯୋଗୁଁ ବାକ୍ ସ୍ୱାଧୀନତା ତା'ର ହକ୍ ବୋଲି ସମସ୍ତେ ଧରି ନିଅନ୍ତି । କିନ୍ତୁ ବାକ୍ ସ୍ୱାଧୀନତାର ଅର୍ଥ ନୁହେଁ ଚିତ୍କାର କରିବା ଓ ଅନ୍ୟର ସ୍ୱାଧୀନତାକୁ ଅପହରଣ କରିବା । ଆମର ଅଜ୍ଞାତସାରରେ ଶବ୍ଦ ପ୍ରଦୂଷଣ ଆମର କେତେ କ୍ଷତିକରେ ତାହା ଆମେ ଜାଣୁନା । ଫଳରେ ସାମାନ୍ୟ ସାମାନ୍ୟ କଥାରେ ଆମେ ଉଚ୍ଚ ଶବ୍ଦରେ ବିଭିନ୍ନ କାରବାର କରିବାରେ ଗର୍ବ କରୁ ଓ ଆନନ୍ଦ ଅନୁଭବ କରୁଁ ।

ଶବ୍ଦ ପରିବେଷଣରେ ଆମେ ସିନା କ୍ଷଣିକ ଆନନ୍ଦ ଅନୁଭବ କରୁଛେ, କେବେ ଚେଷ୍ଟା କରିଛେ କି ନିରବତାର ସ୍ୱର ଶୁଣିବା ପାଇଁ ? କୁହାଯାଏ ନିରବତାର ଗଭୀରତାରେ ଲୁଚି ରହିଥାଏ ଈଶ୍ୱରଙ୍କ ସ୍ୱର । ତା'କୁ ଶୁଣିବା ପାଇଁ କେବେ ଚେଷ୍ଟା କରିଛେ କି ? ସେଥିପାଇଁ ତ ମୁନି ଋଷିମାନେ ସହରର ଚାକଚକ୍ୟ ଓ ଶବ୍ଦ ଆଡ଼ମ୍ବର ଛାଡ଼ି ସୁଦୂର ବଣ, ଜଙ୍ଗଲ ଓ ପାହାଡ଼ ପର୍ବତର ଗହ୍ୱର ଭିତରେ ବସି ଈଶ୍ୱର ପ୍ରାପ୍ତି ପାଇଁ ଧ୍ୟାନସ୍ଥ ହୁଅନ୍ତି । ସେଥିପାଇଁ ସେମାନେ ପ୍ରଦୂଷଣମୁକ୍ତ ହୋଇ ସୁସ୍ଥ ଶରୀର ରଖିବା ସହିତ ଦୀର୍ଘଜୀବୀ ହୋଇପାରନ୍ତି, ପ୍ରଜ୍ଞା ପ୍ରାପ୍ତ ହୁଅନ୍ତି ।

ଅଧିକାଂଶ ସହର ଓ ସହରତଳି ଅଞ୍ଚଳଗୁଡ଼ିକରେ ଯନ୍ତ୍ରପାତି ମାଧ୍ୟମରେ ଉଚ୍ଚ ଶବ୍ଦ ସୃଷ୍ଟି କରିବା ଏକ ଆଭିଜାତ୍ୟ ବୋଲି ଅନେକେ ମନେକରନ୍ତି । ଏହା ମୁଖ୍ୟତଃ ମଧ୍ୟବିତ୍ତ, ଉଚ୍ଚମଧ୍ୟବିତ୍ତ ଓ ଧନୀକ ଶ୍ରେଣୀ ବ୍ୟକ୍ତିମାନଙ୍କ ପାଖରେ ପ୍ରାୟତଃ ଦେଖାଯାଏ । ସବୁ କଥାରେ ବାଣ, ବାଜା ନ ହେଲେ ଅଧିକାଂଶଙ୍କର ପ୍ରାୟତଃ ଚଳେନା । ତାହା ପୁଣି ଉଚ୍ଚ ଶବ୍ଦରେ । ଆମର ବାହାଘର ଓ ଭୋଜିଘରେ ବାଣ ଓ ବାଜାର ରୋଷଣୀ ହୁଏ । ତାହା ପୁଣି ସାଧାରଣ ଭାବେ ନୁହେଁ, କାନକୁ ତାଳୁ ଭଳି ଉଚ୍ଚ ଶବ୍ଦ ସୃଷ୍ଟି କରୁଥିବା ଡିଜେ ସାଉଣ୍ଡରେ ଓ ବୋମା ଫୁଟିବା ଭଳି ବାଣରେ ।

ଜନ୍ମ ଦିନରେ ବାଜାବାଣ, ବ୍ରତଘରେ ବାଜାବାଣ, ବିବାହରେ ବାଜାବାଣ, ନିର୍ବାଚନ ଜିତିଲେ ବାଜାବାଣ, ଶୋଭାଯାତ୍ରାରେ ବାଜାବାଣ, ନେତାଙ୍କୁ ସଂଖୋଳିବାରେ ବାଜାବାଣ, ପୂଜା ପାର୍ବଣରେ ବାଜାବାଣ ସବୁଠି ଉଚ୍ଚ ଶବ୍ଦ । ଦୀପାବଳି ଦିନ ଗ୍ରାମାଞ୍ଚଳ ଠାରୁ ଆରମ୍ଭ କରି ସହରାଞ୍ଚଳ ପର୍ଯ୍ୟନ୍ତ ଉଚ୍ଚ ଶବ୍ଦରେ ଯେଭଳି ବାଣ ଫୁଟାଯାଏ ତାହା କେବଳ ମଣିଷକୁ ନୁହେଁ ଗୃହପାଳିତ ପଶୁପକ୍ଷୀଙ୍କୁ ମଧ୍ୟ ଆତଙ୍କିତ କରିପକାଏ ।

ଦେଖାଯାଇଛି ଯଦି କୌଣସି ଗଛ ମୂଳେ ବିସ୍ଫୋରଣ କଲା ଭଳି ବାଣ ଫୁଟାଯାଏ, ତେବେ ସେ ଗଛର ପତ୍ରଗୁଡ଼ିକ ଝାଉଁଳି ପଡ଼ନ୍ତି । କାରଣ ସେମାନେ ମଧ୍ୟ ଉଚ୍ଚ ଶବ୍ଦ ସହିବାର ଶକ୍ତିକୁ ହରାଇ ବସିଥାନ୍ତି । ଶବ୍ଦକୁ ଭଲ ପାଉ ନଥିବା ଲୋକମାନଙ୍କ କଥା ସେତେବେଳେ ସମସ୍ତେ ଭୁଲି ଯାଇଥାନ୍ତି । ସଂଗୀତ ପ୍ରତି ସାଧାରଣତଃ ଲୋକମାନଙ୍କ ଆଗ୍ରହ ଥାଏ । କିନ୍ତୁ ଯେଭଳି ଭାବେ ଉଚ୍ଚ ଶବ୍ଦ ପ୍ରଦୂଷଣ କରୁଥିବା ଯନ୍ତ୍ରପାତି ମାଧ୍ୟମରେ ସଂଗୀତ ପରିବେଷଣ କରାଯାଉଛି ତାହା ଆନନ୍ଦ ଅପେକ୍ଷା ବିରକ୍ତି ଭାବ ଉଦ୍ରେକ କରୁଛି ଏବଂ କାନକୁ ଅସୁଖକର ଲାଗୁଛି ।

**ଦେଖାଯାଇଛି ଯଦି କୌଣସି ଗଛ ମୂଳେ ବିସ୍ଫୋରଣ କଲା ଭଳି ବାଣ ଫୁଟାଯାଏ, ତେବେ ସେ ଗଛର ପତ୍ରଗୁଡ଼ିକ ଝାଉଁଳି ପଡ଼ନ୍ତି । କାରଣ ସେମାନେ ମଧ୍ୟ ଉଚ୍ଚ ଶବ୍ଦର ସହିବାର ଶକ୍ତିକୁ ହରାଇ ବସିଥାନ୍ତି । ଶବ୍ଦକୁ ଭଲ ପାଉ ନଥିବା ଲୋକମାନଙ୍କ କଥା ସେତେବେଳେ ସମସ୍ତେ ଭୁଲି ଯାଇଥାନ୍ତି । ସଂଗୀତ ପ୍ରତି ସାଧାରଣତଃ ଲୋକମାନଙ୍କ ଆଗ୍ରହ ଥାଏ । କିନ୍ତୁ ଯେଭଳି ଭାବେ ଉଚ୍ଚ ଶବ୍ଦ ପ୍ରଦୂଷଣ କରୁଥିବା ଯନ୍ତ୍ରପାତି ମାଧ୍ୟମରେ ସଂଗୀତ ପରିବେଷଣ କରାଯାଉଛି ତାହା ଆନନ୍ଦ ଅପେକ୍ଷା ବିରକ୍ତି ଭାବ ଉଦ୍ରେକ କରୁଛି ଏବଂ କାନକୁ ଅସୁଖକର ଲାଗୁଛି ।**

ସେହିଭଳି ଏବେ ସହରମାନଙ୍କରେ ଯାନବାହନ ଚଳାଚଳ ଦ୍ରୁତଗତିରେ ବୃଦ୍ଧି ପାଇବାରେ ଲାଗିଛି । କାର, ଟ୍ରକ, ଟ୍ରାକ୍ଟର, ବସ୍, ମିନି ବସ୍, ମଟର ସାଇକେଲ, ସ୍କୁଟର ଇତ୍ୟାଦି ଯାନବାହନଗୁଡ଼ିକ ହର୍ଣ୍ଣ ବଜେଇବା ଠାରୁ ଆରମ୍ଭ କରି ଯାନବାହନ ଚାଲିବାର ଶବ୍ଦ, ଆକାଶରେ ଅତି ପାଖରେ ଉଡୁଥିବା ଜେଟ ପ୍ଲେନ, ହେଲିକ୍ୟାପ୍ଟର, ମନ୍ଦିର ଓ ମସ୍‌ଜିଦ୍‌ରେ ବାଜୁଥିବା ଲାଉଡ ସ୍ପିକର ଇତ୍ୟାଦି ପରିବେଷଣକୁ ଆହୁରି ଉତ୍କଟ କରୁଛି ।

ଶିଳ୍ପାଞ୍ଚଳଗୁଡ଼ିକରେ ଶବ୍ଦ ନିୟନ୍ତ୍ରଣ ସୀମା ୭୫ ଡେସିବେଲ ରହିଥିବା ବେଳେ ଏହା ୧୧୫ ଠାରୁ ଅଧିକ ରହୁଛି । ଫଳରେ ସେ ଅଞ୍ଚଳରେ ବସବାସ କରୁଥିବା ଜନଜୀବନ ଅସ୍ତବ୍ୟସ୍ତ ହେବା ସହ ବିଭିନ୍ନ ପ୍ରକାର ମାନସିକ ଓ ଶାରୀରିକ ରୋଗରେ ପୀଡ଼ିତ ହୁଅନ୍ତି । ଘରେ ମଧ୍ୟ ଫୁଡ୍ ମିକ୍ସର, ଗ୍ରାଇଣ୍ଡର, ଭକ୍ୟୁମ୍‌କୁଲର, ୱାସିଙ୍ଗମେସିନ୍, ଏସି, ଟିଭି, ଆଇପଡ୍ସ, ଇୟରଫୋନ, ଦୀର୍ଘ ସମୟ ଧରି କୁକୁର ଭୋକିବା ଆଦିରୁ ସୃଷ୍ଟି ଶବ୍ଦ ମଧ୍ୟ ପ୍ରଦୂଷଣର ଅନ୍ୟତମ କାରଣ । ସେହିପରି ସହରଗୁଡ଼ିକରେ ଦିନରାତି ଲାଗି ବହୁତଳ ପ୍ରାସାଦ ନିର୍ମାଣରେ ବ୍ୟବହୃତ ଯନ୍ତ୍ରପାତିରୁ ଯେଉଁ ଶବ୍ଦ ସୃଷ୍ଟି ହୁଏ ତାହା ମଧ୍ୟ ଅତ୍ୟନ୍ତ ଅସହ୍ୟକର । ଖାଲି ସ୍ଥଳ ଭାଗରେ ନୁହେଁ, ଜଳ ଭାଗରେ ମଧ୍ୟ ବ୍ୟବହୃତ ଟ୍ରଲର, ସବ୍‌ମ୍ୟାରିନ୍ ଓ ବୁଡ଼ାଜାହାଜରୁ ନିର୍ଗତ ହେଉଥିବା ଶବ୍ଦ ଦ୍ୱାରା ଜଳଜୀବୀମାନେ ଆଘାତ ପ୍ରାପ୍ତ ହୁଅନ୍ତି । ଏପରିକି ଅସହ୍ୟ ଶବ୍ଦ ଯୋଗୁଁ ତିମି ଭଳି ବିରାଟକାୟ ମାଛମାନେ ମଧ୍ୟ ମରିଯାଉଥିବା ନଜିର ରହିଛି । ଶବ୍ଦ ପ୍ରଦୂଷଣ ଶରୀର ଉପରେ ଅନେକ କୁପ୍ରଭାବ ପକେଇଥାଏ । ଏହା ମାନସିକ ସ୍ତରରେ ଚାପ ସୃଷ୍ଟି କରିବା ସହ ଉଦ୍‌ବେଗ ଓ ନିଦ୍ରାହୀନତାର କାରଣ ହୋଇଥାଏ । କାନକୁ ଶୁଣା ନଯିବା, ଭଲ କଥା ନ କହିପାରିବା, ଉଚ୍ଚତମ ପ୍ରଯୋଜନ ଶକ୍ତି ହରାଇବା, ଉଚ୍ଚରକ୍ତଚାପ ବଢ଼ାଇବା ମଧ୍ୟ ହୃଦ୍‌ରୋଗର କାରଣ ହୋଇଥାଏ । ସେଥିପାଇଁ ଚିକିତ୍ସାଳୟ, ବିଚାରାଳୟ, ଛୋଟ ପିଲାଙ୍କ ସ୍କୁଲ, ବାସୋପଯୋଗୀ ଅଞ୍ଚଳରେ ଉଚ୍ଚ ଶବ୍ଦ ବ୍ୟବହାରର ବାରଣ ଅଛି ।

ଭାରତ ସରକାର ପରିବେଶ ସୁରକ୍ଷା ଆଇନ ପ୍ରଣୟନ କରିଛନ୍ତି । ଏହାକୁ ଯେଉଁମାନେ ଉଲଂଘନ କରିବେ ସେମାନଙ୍କୁ ଏକ ଲକ୍ଷ ଟଙ୍କା ଜରିମାନାରେ ଦଣ୍ଡିତ କରିବା ସହ ଜାମିନ୍‌ବିହୀନ ଗିରଫ କରିବା ସହ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ଜେଲ ଦଣ୍ଡାଦେଶ ରହିଛି । ଅଥଚ ଜନ ସଚେତନତାର ଅଭାବରୁ ତାହା କାର୍ଯ୍ୟକାରୀ ହୋଇ ପାରୁନାହିଁ । ଭାରତୀୟ ନାଗରିକମାନେ ଆଇନକାନୁନ୍‌କୁ ଡରନ୍ତି ସିନା କିନ୍ତୁ ତାକୁ ସମ୍ମାନ ଦେଇ ନିଜକୁ ପରିବର୍ତ୍ତନ କରନ୍ତି ନାହିଁ । ଫଳରେ ଦେଖାଯାଇଛି ବଡ଼ ବଡ଼ ସହରମାନଙ୍କରେ ମାନସିକ ରୋଗୀ ବଢିବା ସହ ଆତ୍ମହତ୍ୟାପ୍ରବଣତା ବୃଦ୍ଧି ପାଇଛି । ଏଥିରୁ ଦିଲ୍ଲୀ, ବମ୍ବେ, ଲକ୍ଷ୍ନୌ, କୋଲକାତା, ବେଙ୍ଗାଲୁରୁ ପ୍ରଭୃତି ସହର ବାଦ୍ ପଡ଼ିନାହାନ୍ତି । ଏବେ ସମୟ ଆସିଛି ଶବ୍ଦ ପ୍ରଦୂଷଣ ପ୍ରତି ଆମେ ଜନ ସଚେତନତା ବଢ଼ାଇବା ଓ ଅଯଥା ଉଚ୍ଚ ଶବ୍ଦ ସୃଷ୍ଟି କରିବାରୁ ନିଜେ ନିବୃତ୍ତ ରହିବା ସହ ଅନ୍ୟ ମାନଙ୍କୁ ସଚେତନ କରିବା ।

**ସାମାଜିକ କର୍ମୀ, ଶ୍ରୀବିହାର କଲୋନୀ,**
**ତୁଳସୀପୁର, କଟକ**

# ମିଠାକଥା

ରମେଶ ଚନ୍ଦ୍ର ଦାଶ

କଥାରେ ଅଛି- କହି ଜାଣିଲେ କଥା ସୁନ୍ଦର, ବାନ୍ଧି ଜାଣିଲେ ମଥା ସୁନ୍ଦର । ସ୍ଥାନ, କାଳ, ପାତ୍ର ଦେଖି କଥା କହିଲେ ତାହା ସମସ୍ତଙ୍କ ଦ୍ୱାରା ଆକର୍ଷଣୀୟ ହୋଇଥାଏ । ତାହା ପୁଣି କହିବା ଶୈଳୀ ଉପରେ ନିର୍ଭର କରେ । ଏକା କଥାକୁ ଦୁଇଜଣ କହିଲେ ବି ଦୁଇଜଣଙ୍କର କଥାର ଭାବ ଏକା ହୋଇନପାରେ । ତେଣୁ କବିଙ୍କ ଭାଷାରେ- 'ଅମୃତ ବିନୟ ବଚନ, କହି ତୋଷିବ ଜନମନ।'

କଥାରେ ସରଳତା, ନିଷ୍କପଟତା, ନମ୍ରତା ଭାବ ରହିଲେ ତାହା ସମସ୍ତଙ୍କର ଗ୍ରହଣୀୟ ହୋଇଥାଏ । ଏପରିକି କିଛି କଥାରେ ଶତ୍ରୁ ବି ମିତ୍ର ପାଲଟିଯାଏ । କଥାରୁ ହିଁ ମଣିଷର ଚରିତ୍ର ଜଣାପଡ଼େ । ଅତି ଧୀର ଭାବରେ କଥା କହୁଥିଲେ ମଧ୍ୟ ତାର ଶୈଳୀରୁ ସେଥିରେ ଥିବା କର୍କଶତା ବାରିହୁଏ । ଶାଳୀନତା ଶୂନ୍ୟ କଥାବାର୍ତ୍ତା ଯେ କୌଣସି ମିତ୍ରକୁ ଶତ୍ରୁରେ ପରିଣତ କରିଦେଇପାରେ । ଏହି କଥା କହିବାର ଶୈଳୀ ପାଇଁ କୌଣସି ଦେୟ ଦେବାକୁ ପଡ଼ିନଥାଏ । କେବଳ ସାଧନା ଓ ଅଭିଜ୍ଞତା ବଳରେ ଏହାକୁ ଅର୍ଜନ କରାଯାଇଥାଏ । ଏହାର ମୂଲ୍ୟ ତଉଲିବାକୁ ନିକିତି ନାହିଁ । ଏହା ସମ୍ପର୍କକୁ ମଜବୁତ କରେ । ପୁଣି କେତେବେଳେ ସାମାନ୍ୟ ବ୍ୟତିକ୍ରମ ଦେଖାଦେଲେ ମଜବୁତ ସମ୍ପର୍କ ଚୁରମାର ହୋଇଯାଏ । ମିଠାକଥା ଦ୍ୱାରା କେବଳ ମଣିଷ ନୁହେଁ ଅନେକ ପଶୁପକ୍ଷୀ ବି ଆତ୍ମୀୟ ପାଲଟିଯାଆନ୍ତି । ଏଣୁ ଆସନ୍ତୁ, ଗୋଟିଏ ସୁନ୍ଦର ପୃଥିବୀ ପାଇଁ ମିଠାକଥାର ପ୍ରୟୋଗ କରିବା, ନିଜେ ସୁସ୍ଥ ରହିବା ଓ ଅନ୍ୟମାନଙ୍କୁ ସୁସ୍ଥ ରଖିବା।

**ଶିକ୍ଷାଶ୍ରୀ ଲେନ୍, ଅଠରନଳା, କୁମ୍ଭାରପଡ଼ା,**
**ପୁରୀ-୨, ମୋ-୯୭୭୬୨୩୮୫୨୨**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଜଗନ୍ନାଥଙ୍କ...

କରିଛନ୍ତି ବୋଲି ଶ୍ରୀମତୀ ପାତ୍ରୀ କହିଛନ୍ତି । ରାଜ୍ୟପାଳ ଡ. ହରିବାବୁ କମ୍ପମପାଟି କହିଥିଲେ, ଏହି ଗୃହ ଆପଣଙ୍କୁ ସବୁଦିନ ପାଇଁ ମନେ ରଖିବ । ଏଠାରେ ଆପଣଙ୍କର ଉପସ୍ଥିତି ସ୍ମରଣୀୟ ରହିବ । ଆପଣଙ୍କୁ ଏଠାରେ ହିଁ ସର୍ବଶ୍ରେଷ୍ଠ ବିଧାୟକ ସମ୍ମାନ ମିଳିଥିଲା । ଆପଣଙ୍କର ଜୀବନ କାହାଣୀ ସଂଘର୍ଷପୂର୍ଣ୍ଣ ଥିଲା । ଆପଣଙ୍କ ପାଖରେ ନେତୃତ୍ୱ ନେବାର ଦକ୍ଷତା ରହିଛି । ଆଦିବାସୀମାନଙ୍କର ବିକାଶ ପାଇଁ ଆପଣ କାମ କରିଛନ୍ତି, ଯାହା ସବୁଦିନ ପାଇଁ ମନେ ରହିବ ବୋଲି ରାଜ୍ୟପାଳ ଶ୍ରୀ କମ୍ପମପାଟି କହିଥିଲେ ।

ଗୃହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଥିଲେ, ଓଡ଼ିଶା ବିଧାନସଭାକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କର ଆଜିର ଐତିହାସିକ ସମ୍ବୋଧନ ଓଡ଼ିଶାର ଗଣତାନ୍ତ୍ରିକ ଇତିହାସରେ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ସୃଷ୍ଟି କରିଛି । ଦୀର୍ଘ ୭୫ ବର୍ଷର ବିଧାନସଭା ଇତିହାସରେ ପ୍ରଥମ ଥର ପାଇଁ ଦେଶର ପ୍ରଥମ ନାଗରିକଙ୍କ ମାର୍ଗଦର୍ଶନ ଗ୍ରହଣ କରିବା ଆମ ସମସ୍ତଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ । ଓଡ଼ିଶା ମାଟିର ଏହି ସୁକନ୍ୟା ତାଙ୍କର ସକ୍ରିୟ ରାଜନୈତିକ ଯାତ୍ରା ଏହି ବିଧାନସଭାରୁ ହିଁ ଆରମ୍ଭ କରିଥିଲେ ଏବଂ ନିଜର ଗଠନମୂଳକ ଅବଦାନ, ସ୍ୱଚ୍ଛତା ଓ ଦୃଢ଼ତା ଦ୍ୱାରା ଦେଶର ସର୍ବୋଚ୍ଚ ପଦରେ ପହଞ୍ଚିଛନ୍ତି । ଏହି ପବିତ୍ର ଗୃହକୁ ତାଙ୍କର ପୁନଃଆଗମନ ରାଷ୍ଟ୍ରପତିଙ୍କ ଜନ୍ମମାଟି ଓ କର୍ମଭୂମି ପ୍ରତି ଥିବା ଅତୁଟ ସ୍ନେହ ଓ ଆମ ଉତ୍କଳୀୟ ପରମ୍ପରାର ମୂଲ୍ୟବୋଧକୁ ପୁଣିଥରେ ପ୍ରତିପାଦିତ କରିଛି । ଜଣେ ସାଧାରଣ ଆଦିବାସୀ ପରିବାରର ସଦସ୍ୟା ଭାବେ ତାଙ୍କର ଏହି ସଫଳତା ଆଜିର ଭାରତୀୟ ସମ୍ବିଧାନ ତଥା ଗଣତନ୍ତ୍ରର ଶକ୍ତିକୁ ଦର୍ଶାଉଛି । ଯାହା ସମାଜର ପ୍ରତ୍ୟେକ ବର୍ଗ ପାଇଁ ଏକ ବିଶାଳ ପ୍ରେରଣାର ଉତ୍ସ ହୋଇ ରହିବ ।

ରାଷ୍ଟ୍ରପତିଙ୍କର ମାର୍ଗଦର୍ଶନରେ ଅନୁପ୍ରାଣିତ ହୋଇ ଆମ ସରକାର ଓଡ଼ିଶାବାସୀଙ୍କ ସେବାରେ ନିୟୋଜିତ ଅଛନ୍ତି । ବିଶେଷକରି ମହିଳା, ଯୁବବର୍ଗ ଓ ଜନଜାତି ସମେତ ସମାଜର ସବୁ ବର୍ଗର ବିକାଶ ପାଇଁ ଆମେ ଉଚ୍ଚପ୍ରାଥମିକତା ଭାବେ କାର୍ଯ୍ୟ କରୁଛୁ । ନିଜର ପ୍ରଥମ କର୍ମଭୂମିରେ ରାଷ୍ଟ୍ରପତିଙ୍କ ଅଭିଭାଷଣ ଆମ ସରକାର ଏବଂ ସାଢେ ଚାରି କୋଟି ଓଡ଼ିଆଙ୍କ ଅଦମ୍ୟ ଭାବନାକୁ ଆହୁରି ଅଧିକ ପ୍ରଜ୍ୱଳିତ କରିଛି । ଆଜିର ଏହି ଐତିହାସିକ ମୁହୂର୍ତ୍ତ ଆମଙ୍କୁ ଶାନ୍ତି, ମୈତ୍ରୀ ଓ ଏକତାର ମନ୍ତ୍ରରେ ଆଗାମୀ ବର୍ଷ ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଗଠନ କରିବା ଏବଂ ୨୦୪୭ ସୁଦ୍ଧା ବିକଶିତ ଭାରତର ସ୍ୱପ୍ନକୁ ସାକାର କରିବାରେ ଆମ ଅବଦାନକୁ ସୁନିଶ୍ଚିତ କରିବା ପାଇଁ ଶକ୍ତି ଓ ପ୍ରେରଣା ପ୍ରଦାନ କରିବ ବୋଲି ଶ୍ରୀ ମାଝୀ କହିଥିଲେ ।

ବିଧାନସଭାରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ କହିଥିଲେ, ମାଟିର ଝିଅ ଦେଶର ସର୍ବୋଚ୍ଚ ଆସନରେ ବସିଥିବାରୁ ଆମେ ସମସ୍ତେ ଗର୍ବିତ । ୨୫ ବର୍ଷ ତଳେ ଏହି ଓଡ଼ିଶା ବିଧାନସଭାରୁ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଆରମ୍ଭ କରିଥିଲେ ଜନପ୍ରତିନିଧି ଯାତ୍ରା । ଆଜି ସେ ଦେଶର ରାଷ୍ଟ୍ରପତି ହୋଇ ଏ ମାଟିର ଗୌରବ ବୃଦ୍ଧି କରିଛନ୍ତି । ଆମେ ସମସ୍ତେ ଏଥିପାଇଁ ଗର୍ବିତ । ଆମ ଦେଶ ଆଜି ବହୁତ ଆହ୍ୱାନ ଦେଇ ଗତି କରୁଛି । ଭାଷା ଭିତରେ ଓଡ଼ିଶା ଦେଶର ପ୍ରଥମ ସ୍ୱତନ୍ତ୍ର ରାଜ୍ୟ ଭାବେ ଗଢ଼ିଥିଲେ ଉତ୍କଳ ଗୌରବ ମଧୁସୂଦନ ଦାସ । ଯାହାକି ଆମ ସମସ୍ତଙ୍କ ପାଇଁ ଗର୍ବର ବିଷୟ । ଆଜି ଓଡ଼ିଶା ଦୁର୍ବିପାକ ମୁକାବିଲା, ନାରୀ ସଶକ୍ତିକରଣ, ଭିତ୍ତିଭୂମି ବିକାଶ, ସ୍ୱାସ୍ଥ୍ୟସେବାରେ ସଂସ୍କାର, ଜଳବାୟୁ ସହନଶୀଳ ଶିଳ୍ପ ବିକାଶକୁ ଗୁରୁତ୍ୱ ଦେଇ ବିକାଶ କରିପାରିଛି । ଆମର ଦୁର୍ବିପାକ ମୁକାବିଲା ନୀତି ସମ୍ପୂର୍ଣ୍ଣରେ ପ୍ରଶଂସିତ ହୋଇଛି । ଦେଶ ବର୍ତ୍ତମାନ ଅନେକ ଆହ୍ୱାନ ଭିତରେ ଗତି କରୁଛି । ଭାଷା, ଜୀବନ ଶୈଳୀ, ଧର୍ମ, ସଂସ୍କୃତି ଭାରତୀୟତାକୁ ସମୃଦ୍ଧ କରିଛି ବୋଲି ଶ୍ରୀ ପଟ୍ଟନାୟକ କହିଥିଲେ ।

## ସୁସ୍ଥ...

ଜେଲ୍ କର୍ତ୍ତୃପକ୍ଷ କହିଥିଲେ ଯେ ଇମ୍ରାନଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ରହିଛି । ଇମ୍ରାନ ପାକିସ୍ତାନର ୧୯ ତମ ପ୍ରଧାନମନ୍ତ୍ରୀ ଭାବେ ୨୦୧୮ ରୁ ୨୦୨୨ ପର୍ଯ୍ୟନ୍ତ ଦାୟିତ୍ୱରେ ଥିଲେ । ଅଗଷ୍ଟ ୨୦୨୩ ରୁ ତାଙ୍କ ନାମରେ ଦୁର୍ନୀତି ଓ ଆତଙ୍କବାଦୀ କାର୍ଯ୍ୟ ଅଭିଯୋଗରେ ଗିରଫ କରାଯାଇ ଜେଲରେ ରଖାଯାଇଛି ।

## ଯାଞ୍ଚ...

ଟିମ୍ ଜବତ ଡିଜିଟାଲ ଡିଭାଇସ୍କୁ ପରୀକ୍ଷାନିରୀକ୍ଷା କରୁଛି । ପୋଲିସ ଏସ୍ଆଇ ପରୀକ୍ଷା ପରିଚାଳନା ଲାଗି କୋଲକାତାର ଆଇଟିଆଇ ସଂସ୍ଥାକୁ ଟେଣ୍ଡର ମିଳିଥିଲା । ପରେ ଏହି ସଂସ୍ଥା ହାଇଦ୍ରାବାଦର ସିଲିକନ୍ ଟେକ୍ନୋଲାବ୍ ପ୍ରାଇଭେଟ୍ ଲିମିଟେଡ୍କୁ ଦାୟିତ୍ୱ ଦେଇଥିଲା । ସିଲିକନ ଏହାକୁ ସବ୍ଲେଟ୍ରେ ବ୍ରହ୍ମପୁରର ପଞ୍ଚସଫ୍ଟକୁ ଦେଇଥିଲା । ସେଣ୍ଟର ଚୟନରୁ ଆରମ୍ଭ କରି ପରୀକ୍ଷା ପରିଚାଳନା ପର୍ଯ୍ୟନ୍ତ ସମସ୍ତ ଦାୟିତ୍ୱ ପଞ୍ଚସଫ୍ଟକୁ ମିଳିଥିଲା । ଯାହାକି ମିଳିବା ପରେ ସଂସ୍ଥା ନିର୍ଦ୍ଦେଶକ ଶଙ୍କର ପ୍ରୁଷ୍ଟି ହିଁ କୋରାପୁଟ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିଥିଲା । ଏହି ଅପରାଧ ସିଣ୍ଡିକେଟ୍ରେ ଦକ୍ଷିଣ ଓଡ଼ିଶାକୁ ମୁନା ମହାନ୍ତି ଓ ଉତ୍ତର ଓଡ଼ିଶାକୁ ଅରବିନ୍ଦ ଦାସ ସମ୍ଭାଳୁଥିଲା ବେଳେ ସେମାନଙ୍କ ଅଧୀନରେ ୩୦ଜଣ ଲେଖାଏଁ ଏଜେଣ୍ଟ ଥିଲେ । ଏଜେଣ୍ଟମାନେ ଆଶାୟୀ ପ୍ରାର୍ଥୀଙ୍କୁ ଯୋଗାଡ କରୁଥିଲେ । ତାଙ୍କଠାରୁ ମୁନା ଓ ଏସ୍ଏସ୍ବି ଯବାନ ବିଶ୍ୱରଞ୍ଜନ ଆଗୁଆ ମୂଳ ପ୍ରମାଣପତ୍ର ହାତେଇବା ପରେ ସିଣ୍ଡିକେଟ୍ରେ ଥିବା ଉପର ଲୋକଙ୍କୁ ଦେଉଥିଲେ । ରିମାଣ୍ଡରେ ଆସିଥିବା ୪ ଦଲାଲଙ୍କୁ ଜେରା କରିବା ପରେ ପଞ୍ଚସଫ୍ଟ ନିର୍ଦ୍ଦେଶକ ଶଙ୍କର ପ୍ରୁଷ୍ଟି ଓ ସିଲିକନ୍ ଟେକ୍ ମାଲିକ ସୁରେଶ ନାୟକଙ୍କୁ ରିମାଣ୍ଡରେ ଆଣିବା ପାଇଁ ସିବିଆଇ ତଦନ୍ତକାରୀ ଟିମ୍ ଯୋଜନା କରୁଥିବା ଖବର ମିଳିଛି । ଆଶାୟୀ ପରୀକ୍ଷାର୍ଥୀଙ୍କ ଠାରୁ ମିଳୁଥିବା ତଥ୍ୟ ଅନୁଯାୟୀ ଦଲାଲଙ୍କୁ ରିମାଣ୍ଡ ଆଣି ସେମାନଙ୍କ ସହ ସୁଦ୍ଧ ଜେରା କରାଯିବ । ପ୍ରଥମ ପର୍ଯ୍ୟାୟରେ ୩୦ଜଣ ପରୀକ୍ଷାର୍ଥୀଙ୍କୁ ନୋଟିସ୍ ହେବା ପରେ ସେମାନଙ୍କ ମଧ୍ୟରୁ ୪ଜଣ ହାଜର ହୋଇଥିଲେ । ପରେ ଆଉ ୬ଜଣ ହାଜର ହୋଇ ଜେରାର ସମ୍ମୁଖୀନ ହେଲେ ।

## ଜଳବାୟୁ...

ହୋଇଛି । ଏଥିରେ ଜଳବାୟୁ ସହନଶୀଳ ଓ ଲୋକକୈନ୍ଦ୍ରିକ ବିକାଶ ପାଇଁ ପଥପ୍ରଦର୍ଶକ ବିଷୟବସ୍ତୁକୁ ନେଇ ୧୫ଟି ଟ୍ରାକରେ ଚର୍ଚ୍ଚା ହୋଇ ୪୦ ରୁ ଅଧିକ ପରାମର୍ଶ ଆସିଛି । ଦୁଇଦିନିଆ ସମାବେଶରେ ରାଜ୍ୟରେ ବଢ଼ୁଥିବା ଜଳବାୟୁ ସମସ୍ୟା ସମାଧାନ ପାଇଁ ଏକ ରାଜ୍ୟସ୍ତରୀୟ ଜଳବାୟୁ କାର୍ଯ୍ୟ କନସୋର୍ଟିୟମ୍ ଗଠନ କରିବାକୁ ନେଇ ମତ ପ୍ରକାଶ ପାଇଛି । ଏଥିରେ ସିଭିଲ ସୋସାଇଟି, ସରକାର, କର୍ପୋରେଟ୍ ଓ ସାମାଜିକ ସଂଗଠନ ଗୁଡିକ ଏକାଠି ମିଶି କାମ କରିବା ଆବଶ୍ୟକ ବୋଲି କୁହାଯାଇଛି । ସିଓ୍ୱାଇଏସଡ଼ି ସହ ପ୍ରତିଷ୍ଠାତା ଡକଟର ଜଗଦାନନ୍ଦଙ୍କ ପୌରୋହିତ୍ୟରେ ଆୟୋଜିତ ଉଦଯାପନୀ ଉତ୍ସବରେ ରାଜ୍ୟ ସରକାରଙ୍କ ଯୋଜନା ଓ ସଂଯୋଜନା ବିଭାଗର ନିର୍ଦ୍ଦେଶକ ସୁଧାପ୍ରିୟା ଦାସ, ଡେପୁଟି ଡାଇରେକଟର ସୁଧା ପଣ୍ଡା, ଦେବାଶିଷ ପାତ୍ର, ବିଶିଷ୍ଟ ଅର୍ଥନୀତିଜ୍ଞ ଅମିତାଭ କୁଣ୍ଡୁ, ଉମି ଡାନିଏଲ ଓ ଶିଶିର ପ୍ରଧାନ ଜଳବାୟୁ ସହନଶୀଳ ଓ ଜନ କୈନ୍ଦ୍ରିକ ବିକାଶକୁ ନିଶ୍ଚିତତା ପାଇଁ ଆସିଥିବା ପ୍ରମୁଖ ପରାମର୍ଶ ଉପସ୍ଥାପିତ କରିଥିଲେ । ଡକଟର ଜଗଦାନନ୍ଦ ନିଜ ବକ୍ତବ୍ୟରେ କହିଥିଲେ ଯେ ସିଭିଲ ସୋସାଇଟି, ସରକାର, କର୍ପୋରେଟ ଜଗତ ଓ ଶିକ୍ଷାନୁଷ୍ଠାନ ଗୁଡିକର ସମ୍ମିଳିତ ଦାୟିତ୍ୱ ଓ ସହଯୋଗ ରହିଲେ ଜଳବାୟୁ ସହନଶୀଳ ଜୀବିକା ଓ ଜଳବାୟୁ ପରିବର୍ତ୍ତନ ଜନିତ ପ୍ରଭାବର ମୁକାବିଲା କାର୍ଯ୍ୟ ପ୍ରଭାବୀ ଢଙ୍ଗରେ କ୍ରିୟାନ୍ୱୟନ ହୋଇପାରିବ ।

ସମାବେଶରେ ଓଡ଼ିଶା ନଦୀ ନୀତି ଆଣିବା, ସମନ୍ୱିତ ଜମି ଓ ଜଳ ପରିଚାଳନା, ପ୍ରଶାସନିକ ସ୍ତରରେ ନଦୀ ଅବବାହିକା ଆଧାରିତ ଯୋଜନା, ଜୈବିକ ପରିସଂସ୍ଥା ଓ ଜଳାଶୟ ସଂରକ୍ଷଣ ଉପରେ ଗୁରୁତ୍ୱ ଦିଆଯାଇଛି । ସେହିପରି ଜିଲ୍ଲା ସ୍ତରରେ ସ୍ଥାନାନ୍ତର ସୁବିଧା କେନ୍ଦ୍ର, ସ୍ଥାନନ୍ତରୀ ଶ୍ରମିକ ମାନଙ୍କ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ମାଧ୍ୟମରେ ଦେଶାନ୍ତରର ସମସ୍ୟା ସମାଧାନ କରିବା ପାଇଁ ପରାମର୍ଶ ଦିଆଯାଇଛି । ମହିଳାଙ୍କ ନିକଟରେ ଥିବା ପାରମ୍ପରିକ ଜ୍ଞାନକୁ ସ୍ୱୀକୃତି ଦେବା ସହିତ ଦେଶୀ ବିହନର ସଂରକ୍ଷକ ଭାବେ ସେମାନଙ୍କୁ ଗୁରୁତ୍ୱ ଦେବା ସହିତ ଲିଙ୍ଗ ଅନୁକୂଳ ନିର୍ଦ୍ଦିଷ୍ଟ ପରାମର୍ଶ ଉପସ୍ଥାପିତ ହୋଇଥିଲା । ଗତବର୍ଷ ଓଡ଼ିଶା ଜଳବାୟୁ କାର୍ଯ୍ୟ ପାଇଁ ସିଏସଆର ବ୍ୟୟର କେବଳ ୭-୮% ପାଇଥିଲା । ଏହାକୁ ବଢ଼ାଇ ୩୦% କରିବା ପାଇଁ ରାଜ୍ୟସ୍ତରୀୟ ସମନ୍ୱିତ ଉପାୟ ଆବଶ୍ୟକ, ବୋଲି ଓ୍ୱାନ ଷ୍ଟେଜର ସିଇଓ ଡ଼ା. ପ୍ରତ୍ୟୁଷ କୁମାର ପଣ୍ଡା ସ୍ପଷ୍ଟ କରିଥିଲେ । ସମାବେଶରେ ନୀଳ ଅର୍ଥନୀତି, ଜନ ଜନ୍ତୁ ବିବାଦର ସମାଧାନ ପାଇଁ ଚଲାପଥ ଓ ବସତି ଗୁଡ଼ିକର ସୁରକ୍ଷା, ଜଳବାୟୁ ସହନଶୀଳ ବିକାଶ ,ପଶୁପାଳନ ପାଇଁ ଖାଦ୍ୟ ଓ ଜଳ ସୁରକ୍ଷା ତଥା ସ୍ଥାୟୀ ଜୀବିକା ପାଇଁ ବଜାର ପରିବେଶ ଉନ୍ନତି ଉପରେ ଗୁରୁତ୍ୱ ଦିଆଯାଇଛି ।

## ବିଦେଶୀ...

ମାମଲାର ଗତକାଲି ଶୁଣାଣି କରିଥିଲେ ।ଶୁଣାଣି ସମୟରେ କୁହାଯାଇଥିଲା ଯେ, ଫର୍ମ ୬ ର ଅନ୍ତର୍ନିତ କ୍ଷମତା ଅନୁଯାୟୀ ଜଣେ ଭୋଟର ତାଲିକାରେ ସ୍ଥାନ ପାଇବ । ଆଧାରର ସୀମିତ ଲକ୍ଷ୍ୟ ରହିଛି । ଏହା କେବଳ ଜନକଲ୍ୟାଣ ମୂଳକ ଯୋଜନାରେ କିଛି ସୁବିଧା ପାଇବା ପାଇ ଜଣେ ବ୍ୟକ୍ତି ଯିଏ କି ଆଧାର ଯୋଗୁଁ ରାସନ ପାଉଛି ସେ କ'ଣ ଭୋଟର ହୋଇପାରିବେ ବୋଲି ସୁପ୍ରିମକୋର୍ଟ ପ୍ରଶ୍ନ କରିଛନ୍ତି । ପଡୋଶୀ ରାଷ୍ଟ୍ରରୁ ଏଠାକୁ କାମ କରିବାକୁ ଆସିଥିବା ବ୍ୟକ୍ତିଙ୍କୁ ଆମେ କ'ଣ ଭୋଟ ଦେବାକୁ ଅନୁମତି ଦେଇପାରିବା କି? ଆପଣ କ'ଣ କହୁଛନ୍ତି କି, ନିର୍ବାଚନ କମିଶନ ପୋଷ୍ଟ ଅଫିସ ଭଳି ଫର୍ମ ୬ କୁ ଗ୍ରହଣ କରିବେ ଓ ନାମ ପଞ୍ଜିକରଣ କରିବେ । ବରିଷ୍ଠ ଆଇନଜୀବି କପିଲ ଶିବଲ୍ ଆବେଦନକାରୀଙ୍କ ପକ୍ଷରୁ ଯୁକ୍ତି ବାଢି ଥିଲେ ଯେ, ଏସଆଇ ପ୍ରକ୍ରିୟାରେ ସାଧାରଣ ଲୋକଙ୍କୁ ଅସମ୍ବିଧାନିକ ବୋଝ ଲଦିଦିଆଯାଉଛି । ଅଧିକାଂଶ ଏଥିପାଇଁ ଥିବା କାଗଜ ପତ୍ର କାମ କରିବାକୁ ସମ୍ମୁଖୀନ ହେଉଛନ୍ତି । ଏହା ଗଣତନ୍ତ୍ରକୁ କ୍ଷତି କରାଉଛି । ଏହା ସମ୍ଭବତଃ କିଛି ରାଜ୍ୟରେ ସତ ହୋଇପାରେ ।କେରଳ ଓ ବିହାର ପାଇଁ ନୁହେଁ । ବିହାର ପରେ ତାମିଲନାଡୁ କେରଳ, ବେଙ୍ଗଲ ଓ ପୁଡୁଚେରୀ ଭଳି ୧୨ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ଏସଆଇଆର ଚାଲିଛି । ଏହି ଅଞ୍ଚଳରେ ୫୧ କୋଟି ଭୋଟରଙ୍କ ଯାଞ୍ଚ କରାଯାଉଛି ।

## ସାଂସଦ...

ବିଶେଷକରି ଶିକ୍ଷକଙ୍କ ବଦଳି କ୍ଷେତ୍ରରେ କେବେବି ଗ୍ରହଣ କରାଯାଇ ପାରିବ ନାହିଁ ବୋଲି ହାଇକୋର୍ଟ କହିଛନ୍ତି । ତେବେ କେଉଁ ଆଧାରରେ ଶିକ୍ଷକଙ୍କ ବଦଳି ଆଦେଶ ସାଂସଦ ଏବଂ ବିଧାୟମାନଙ୍କୁ କ୍ଷମତା ଦିଆଗଲା ତାହା ହାଇକୋର୍ଟଙ୍କୁ ଆଶ୍ଚର୍ଯ୍ୟ କରିଛି । ଏନେଇ ରାଜ୍ୟ ସରକାର ମଧ କୌଣସି ପ୍ରକାର ସନ୍ତୋଷଜନକ ଉତ୍ତର ରଖିପାରି ନାହାନ୍ତି । କେବଳ କାର୍ଯ୍ୟପାଳିକା କ୍ଷମତା ବଳରେ ଏଭଳି ଏକ ଆଦେଶ ଜାରି କରାଯାଇଛି । ଏହି ବଦଳିରେ ଶିକ୍ଷକ ଏବଂ ରାଜନୈତିକ ସମ୍ପର୍କ କଥା ହାଇକୋର୍ଟ ଉଠାଇଛନ୍ତି । ନିର୍ବାଚନ କାର୍ଯ୍ୟରେ ଶିକ୍ଷକଙ୍କ ଦ୍ୱାରା କରାଯାଉଥିବା ବିଭିନ୍ନ କାର୍ଯ୍ୟ ଏବେ ବି ପ୍ରଶ୍ନଘେରରେ । ସାଂସଦ/ ବିଧାୟକମାନଙ୍କ ଦ୍ୱାରା ଶିକ୍ଷକମାନଙ୍କ ବଦଳି କରି ରାଜନୈତିକ ଦଳ ଏବଂ ଶିକ୍ଷକ କମ୍ୟୁନିଟି ମଧ୍ୟରେ ଏକ ଭିତିରିଆ ସମ୍ପର୍କ ଗଢ଼ି ଉଠୁଛି । ଏହା ଶିକ୍ଷା ବ୍ୟବସ୍ଥା ପାଇଁ ଶୁଭଙ୍କର ନୁହେଁ ବୋଲି ହାଇକୋର୍ଟ ମତ ଦେଇଛନ୍ତି । ଉଲ୍ଲେଖଯୋଗ୍ୟ ଯେ, ରାଜ୍ୟ ଗଣଶିକ୍ଷା ବିଭାଗ ପକ୍ଷରୁ ଗତ ମେ' ୧୩ ତାରିଖରେ ଏକ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ଯେଉଁଥିରେ ଦର୍ଶାଯାଇଥିଲା ଯେ, ସାଂସଦ ଏବଂ ବିଧାୟକମାନେ ସେମାନଙ୍କ ଅଞ୍ଚଳର ୧୫ଜଣ ଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ ବଦଳି କରିପାରିବେ । ଏହି ବିଜ୍ଞପ୍ତିକୁ ଚାଲେଞ୍ଜ କରି ରଞ୍ଜନ କୁମାର ତ୍ରିପାଠୀ ଏବଂ ଅନ୍ୟ ଶିକ୍ଷକମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ

## ଟ୍ରେଡିଂ...

ହୋଇଛି । ଏନେଇ ୩୬୫/୨୫ରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତକୁ ଗୁରୁବାର କୋର୍ଟ ଚାଲାଣ କରାଯାଇଛି ।

ସୂଚନାଯୋଗ୍ୟ, ସମ୍ବଲପୁର ଜିଲ୍ଲା କ୍ଷେତରାଜପୁର ଥାନା ଅନ୍ତର୍ଗତ ଚନ୍ଦନନଗର ଅଞ୍ଚଳର ମଧୁସୂଦନ ବରେଇ(୩୬) ହାଇଦ୍ରାବାଦର ଏକ ଆଇଟି କମ୍ପାନୀରେ କାମ କରୁଥିଲେ। ମହାମାରୀ କରୋନା ଯୋଗୁଁ ଚାକିରି ହରାଇ ଘରକୁ ଫେରି ଆସିଥିଲେ। ୨୦୨୩ ମସିହାରେ ଜଣେ ସହଯୋଗୀ ସହ ମିଶି ଏଆଣ୍ଡଏ ଇଣ୍ଟରପ୍ରାଇଜେସ୍ ନାମକ ଏକ ସଂସ୍ଥା ଖୋଲିଥିଲେ। ଷ୍ଟକ ମାର୍କେଟରେ ମିଛ ପ୍ରଲୋଭନ ଦେଖାଇ ମୋଟା ଅଙ୍କର ରିଟର୍ଣ୍ଣ ନାମରେ ସରକାରୀ କର୍ମଚାରୀ ଓ ବ୍ୟବସାୟୀଙ୍କ ଠାରୁ ଠକେଇ କରିଥିଲ । ବିନିଯୋଗ ଟଙ୍କାର ୧୦% ସୁଧ ଦେବା ଲୋଭ ଦେଖାଇବା ସହ ନିବେଶକଙ୍କ ଆସ୍ଥା ଓ ବିଶ୍ୱାସ ଭାଜନ ହେବା ପାଇଁ ଚୁକ୍ତିପତ୍ର ମଧ୍ୟ ପ୍ରଦାନ କରୁଥିଲ । ପ୍ରଥମେ କିଛି ଲୋକଙ୍କୁ ସାମାନ୍ୟ ଲାଭ ଦେଇଥିଲେ। ମାତ୍ର ସେମାନଙ୍କ ମୂଳଧନ ଫେରାଇବାରେ ଅସମର୍ଥ ହୋଇଥିଲ । ତେଣୁ ରାଜକୁମାର ପଣ୍ଡା ନାମକ ଜଣେ ବ୍ୟକ୍ତି ଗତ ୨୧ତାରିଖରେ ସଦର ଥାନାରେ ଲିଖିତ ଅଭିଯୋଗ କରିଥିଲ । ଅଭିଯୋଗ ପରେ ପୋଲିସ ଏହି ଘଟଣାର ତଦନ୍ତ କରିଥିଲା । ଏହି ଅଭିଯୋଗରେ ମଧୁସୂଦନ ବରେଇଙ୍କୁ ପୋଲିସ ଗିରଫ କରିଥିଲା । ତାଙ୍କ ଏନ୍ଏସ୍ସିବି କଲେଜ ନିକଟ ଅଫିସ ଉପରେ ଚଢଉ କରିଥିଲା । ଚଢଉ ବେଳେ ପ୍ରାରମ୍ଭିକ ପର୍ଯ୍ୟାୟରେ ୪୭ ଜଣ ଲୋକ ଏହି ଠକେଇରେ ଶିକାର ହୋଇଥିବା ପୋଲିସ ଜାଣିବାକୁ ପାଇଥିଲା। ନିବେଶକ ମାନେ ୨ଲକ୍ଷରୁ ଆରମ୍ଭ କରି ୫୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିନିଯୋଗ କରିଛନ୍ତି । ପ୍ରାୟ ୨୦କୋଟିରୁ ଅଧିକ ଟଙ୍କା ଠକେଇ ହୋଇଥିବା ଜଣାପଡିଛି ।

## ୭୧ ବର୍ଷର...

ସ୍ୱାଭାବିକ ରହୁଥିବା ବେଳେ ସଞ୍ଜ ନଇଁଲେ ପାରଦ ଖସିବା ସହ ଥଣ୍ଡା ତାର ରାଜୁତି ଆରମ୍ଭ କରିଦେଉଛି । ଯେତେ ରାତି ବଢୁଛି ସେତେ ଥଣ୍ଡାର ପ୍ରକୋପ ବଢିବା ସହ ଜାଡ଼ରେ ଥରୁଛି ସାରା ଅଞ୍ଚଳ । ସଞ୍ଜ ନଇଁଲେ ସହର ରାସ୍ତା ଘାଟ ଜନଶୂନ୍ୟ ହୋଇଯାଉଛି । ଆଖପାଖ ଅଞ୍ଚଳରୁ ସହରକୁ ଆସୁଥିବା ଲୋକ ସନ୍ଧ୍ୟା ପୂର୍ବରୁ ନିଜ ନିଜ ଗାଁକୁ ଫେରିଯାଉଛନ୍ତି । ସଞ୍ଜ ହେଲେ ଗାଁ ଠାରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ସାହି ଗଳିକନ୍ଦିରେ ଲୋକ ସ୍ଥାନେସ୍ଥାନେ ନିଆଁ ଜାଳି ବସି ରହୁଛନ୍ତି ।

ପାରଦ ଖସିବା ସହ ଥଣ୍ଡା ପବନ ପ୍ରବାହିତ ହେବା ଯୋଗୁଁ ଥଣ୍ଡାର ପ୍ରକୋପ ଲୋକଙ୍କୁ ବାଧୁଛି । ଆଗାମୀ ଦିନରେ ପାରଦ ଆହୁରି ତଳମୁଁହା ହେବା ସହ ଥଣ୍ଡା ବଢ଼ିବା ନେଇ ପାଣିପାଗ ବିଭାଗ ପୂର୍ବାନୁମାନ କରିଥିବା ବେଳେ ଓଡ଼ିଶାର ସବୁଠାରୁ କମ ତାପମାତ୍ରା ଏବଂ ଥଣ୍ଡାର ସହର ଭାବେ ଜି.ଉଦୟଗିରି ସ୍ଥାନିତ ହେବା ପରେ ସ୍ଥାନୀୟ ଅଞ୍ଚଳକୁ ପର୍ଯ୍ୟଟକଙ୍କ ସୁଅ ଛୁଟିବାରେ ଲାଗିଛି । ପ୍ରାକୃତିକ ସୌନ୍ଦର୍ଯ୍ୟ ଭରା ପର୍ଯ୍ୟଟନସ୍ଥଳୀରେ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ପର୍ଯ୍ୟଟକଙ୍କ ଭିଡ଼ ଜମିବା ସହ ଛୁଟି ଦିନରେ ବଣ ଭୋଜି ପାଇଁ ମଧ ପ୍ରବଳ ଭିଡ଼ ବିଭିନ୍ନ ପର୍ଯ୍ୟଟନ ସ୍ଥାନରେ ଦେଖିବାକୁ ମିଳୁଛି ।

ଗୁରୁବାର ଜି. ଉଦୟଗିରିରେ ସର୍ବନିମ୍ନ ତାପମାତ୍ରା ୭.୪ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ରାଉରକେଲାରେ ୭.୭ ଡିଗ୍ରୀ, ଝାରସୁଗୁଡା ୮.୧ ଡିଗ୍ରୀ, ସେମିଳିଗୁଡାରେ ୮.୬ ଡିଗ୍ରୀ, କିରେଇରେ ୯.୩ ଡିଗ୍ରୀ, ଦାରିଙ୍ଗବାଡିରେ ୯.୫ ଡିଗ୍ରୀ, ଅନୁଗୁଳରେ ୧୦ ଡିଗ୍ରୀ, କେନ୍ଦୁଝରରେ ୧୦.୩ ଡିଗ୍ରୀ, ସୁନ୍ଦରଗଡରେ ୧୦.୬ ଡିଗ୍ରୀ, ଭୁବନେଶ୍ୱରରେ ୧୩.୫ ଡିଗ୍ରୀ ଏବଂ କଟକ ୧୩.୪ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି ।


**AFFIDAVIT**

I, KULADHARA GIRI, aged about 74 years, S/o- Khaira Giri, Resident of At: Nuakhamana, P.O.: Rajnagar, P.S.: Turumunga, Dist.: Kendujhar, Odisha, PIN-758017, declare by this Affidavit No. 12706, Dated: 27.11.2025, that now onwards I shall be known as KULADHAR GIRI for all future purposes.

**AFFIDAVIT**

By virtue of an affidavit sworn before Executive Magistrate,Nayagarh Odisha on dated 27.11.2025 I,Jogeswar Bhujabal S/o -Amar Bhujabal Resident Of Village- Madanmohanpur P.O- Kaibalyapur P.S- Odagaon Dist- Nayagarh,PIN-752081 declare that I have changed my name from Yogeswar Bhujabal to Jogeswar Bhujabal Henceforth, I shall be known as Jogeswar Bhujabal for all purposes.

Sd/- Jogeswar Bhujabal

**AFFIDAVIT**

By virtue of an affidavit sworn before Executive Magistrate,Nayagarh Odisha on dated 27.11.2025 I Pratima Dalabehera W/o - Prabhat Kumar Dalabehera Resident Of Village - Gunthuni P.O- Gunthuni P.S- Khandapada Dist-Nayagarh,PIN- 752068 declare that I have changed my minor Son's name from Prasanta Dalabehera to Prasant Dalabehera Henceforth, He shall be known as Prasant Dalabehera for all purposes.

Sd/- Pratima Dalabehera

E-546

**ADVERTISEMENT**

**TENDER CALL NOTICE FOR PROCUREMENT OF DENTAL CONSUMABLES**

**S.C.B. DENTAL COLLEGE & HOSPITAL, CUTTACK**

Sealed tender is invited from registered firms / agencies / company / having relevant experience for providing Dental Consumables at SCB Dental College and Hospital, Cuttack.

For details of tender paper, terms & conditions etc., visit the website www.odisha.gov.in www.scbdental.odisha.gov.in in ADVERTISEMENTS section.

Sd/-Principal
S.C.B. Dental College & Hospital, Cuttack

**ଦ.ପୂ. ରେଳପଥ-ଟେଣ୍ଡର**

ଟେଣ୍ଡର ନୋଟିସ ନଂ. ୧୧୪-ଇଏଲସି-ଜି-କେଜିପି-୨୫-୨୬-୧୦ଆଇ୨, ତାରିଖ ୨୬.୧୧.୨୦୨୫ । ଭାରତର ରାଷ୍ଟ୍ରପତିଙ୍କ ପକ୍ଷରୁ ଓ ପାଇଁ ସିନିୟର ଇଲେକ୍ଟ୍ରିକାଲ ଇଞ୍ଜିନିୟର/ଜି/ଖଡଗପୁର-୭୨୧୩୦୧ ପ୍ରତିଟି ଆଇଟମ୍ ବିପକ୍ଷରେ ସୂଚିତ ତାରିଖର ୧୨.୦୦ ଘଟିକା ପୂର୍ବରୁ ନିମ୍ନ ସୂଚିତ କାର୍ଯ୍ୟ ନିମନ୍ତେ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । କାର୍ଯ୍ୟର ବର୍ଣ୍ଣନା : ଖଡ଼ଗପୁର ଡିଭିଜନ: ଏବିଏସଏସ ଯୋଜନା(ଫେଜ-୧) ଅଧୀନରେ ୨୨ ଟି ଏସ୍କାଲେଟର (ବାଗନାନ, ମେଚେଦା, ପାଂସକୁରା, ଖଡ଼ଗପୁର, ମିଦନାପୁର ଏବଂ ଉଲୁବାଡିଆରେ) ଯୋଗାଣ, ସଂସ୍ଥାପନ, ପରୀକ୍ଷଣ ଏବଂ କମିଶନିଂ ସହିତ ୧୦ ବର୍ଷର ବ୍ୟାପକ ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତିନାମା । ଟେଣ୍ଡର ମୂଲ୍ୟ : ୧୯,୯୪,୧୮,୨୨୪.୦୬ । ବିଡ୍ ସୁରକ୍ଷା/ଇ.ଏମ୍.ଡି. : ଟ. ୧୧,୪୭,୧୦୦/- । ଟେଣ୍ଡର ଡକ୍ୟୁମେଣ୍ଟର ମୂଲ୍ୟ : କୌଣସି ସମାପ୍ତି ଅବଧି : ଗ୍ରହଣ ପତ୍ର ପ୍ରଦାନ ତାରିଖରୁ ୧୨ ମାସ । ଦାଖଲ ତାରିଖ: ୧୭.୧୨.୨୦୨୫ ଦିନ ୧୨.୦୦ ଘଣ୍ଟା ପର୍ଯ୍ୟନ୍ତ । ଖୋଲିବାର ତାରିଖ: ୧୭.୧୨.୨୦୨୫ । ଆଗ୍ରହୀ ଟେଣ୍ଡରଦାତାମାନେ ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ, ବର୍ଣ୍ଣନା ଏବଂ ନିର୍ଦ୍ଦିଷ୍ଟକରଣ ପାଇଁ www.ireps.gov.in ୱେବସାଇଟ୍ ପରିଦର୍ଶନ କରିପାରିବେ ଏବଂ ସେମାନଙ୍କର ବିଡ୍ ଅନଲାଇନରେ ଦାଖଲ କରିପାରିବେ । କୌଣସି ପରିସ୍ଥିତିରେ ଏହି କାର୍ଯ୍ୟ ପାଇଁ ମାନୁଆଲ୍ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ସୂଚନା : ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବରେ www.ireps.gov.in ପରିଦର୍ଶନ କରିପାରିବେ । (PR-889)

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**

ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ୍ : (୦୬୭୪) ୨୩୯୩୫୨୪
ଇପିବିଏକ୍ସ : (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ (୦୬୭୪) ୨୩୯୩୯୫୨, ୱେବ୍ସାଇଟ୍ www.oshb.org.

CAD-2491

ପତ୍ର ସଂଖ୍ୟା ୨୧୦ **ବିଜ୍ଞାପନ** ତା : ୧୯.୧୧.୨୫

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ପ୍ଲଟ ନଂ. ଏଚ୍ଆଇଜି-୬୪ (HIG-64), ସୋସିଆଲ ହାଉସିଂ ସ୍କିମ୍, ଭଣ୍ଡକୁଦ, ପାରାଦ୍ୱୀପ ଗୃହ ନିର୍ମାଣ ପ୍ରକଳ୍ପରେ ଶ୍ରୀ ଭଗବାନ ପରିଡ଼ା, ପିତା- ସ୍ୱର୍ଗତ କୃଷ୍ଣଚନ୍ଦ୍ର ପରିଡ଼ା, ସା-ବାଲିଡ଼ିଆ, ପୋ-ପାରାଦ୍ୱୀପ ଲକ୍, ଥାନା- ପାରାଦ୍ୱୀପ ଲକ୍, ଜିଲ୍ଲା-ଜଗତସିଂହପୁରଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀ ଭଗବାନ ପରିଡ଼ା ଉକ୍ତ ପ୍ଲଟଟିକୁ ତୃତୀୟ ପକ୍ଷ ଅନ୍ତରଣ ଆଧାରରେ (୧) ଶ୍ରୀମତୀ ସ୍ୱାଗତିକା ମହାନ୍ତି, ସ୍ୱାମୀ- ଶ୍ରୀ ମନୋଜ ମହାନ୍ତି (୨) ଶ୍ରୀମତୀ ଇତିଶ୍ରୀ ମହାନ୍ତି, ସ୍ୱାମୀ-ଶ୍ରୀ ସରୋଜ କୁମାର ମହାନ୍ତି, ସା-ଏରକଣା, ପୋ-ମାଛଗାଁ, ଥାନା- କାଳିକୁଦା, ଜିଲ୍ଲା- ଜଗତସିଂହପୁରଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି ।

ଉକ୍ତ ପ୍ରକଳ୍ପ ପ୍ଲଟର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ ତାହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ । ତତ୍ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟଟିର ମାଲିକାନା ପରିବର୍ତ୍ତନ ଆଇନ୍ ଅନୁଯାୟୀ କରାଯାଇପାରେ ।

ସ୍ୱା/- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

**OFFICE OF THE NOTIFIED AREA COUNCIL : CHANDBALI**

Pin : 756133 (Odisha)
E.Mail : chandbali.nac@gmail.com
Letter No. 3081 Dt. 26.11.2025

C-1592

**Corrigendum**

With reference to the Tender Call Notice No. 2945/CN-01-2025-26, Dt. 11.11.2025 for 81 no. of Individual Civil Construction works of Chandbali NAC, last date for selling & receipt of tender paper along date of opening have been extended as detailed below.

| Sl. No. | Parameter | Present Date | Extended Date |
|---|---|---|---|
| 1 | Date and Time of availability of bid documents at the Municipality office | From 11:00 AM of 15.11.2025 to 5:30 PM of 27.11.2025 | From 11:00 AM of 15.11.2025 to 5:30 PM of 06.12.2025 |
| 2 | Last Date and Time for receipt of bids | 28.11.2025 by 5:30 PM | 09.12.2025 by 5:30 PM |
| 3 | Date and Time of Opening of bids | 29.11.2025 by 11:00 AM | 10.12.2025 by 11:00 AM |

All other terms and conditions remain unchanged.

SD/- Executive Officer
Chandbali NAC

**GOVERNMENT OF ODISHA : OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, RAYAGADA**

Email ID-ccerwcrayagada@gmail.com

Letter No. 3331 Date: 17.11.2025

O-1539

**NATIONAL COMPETITIVE BIDDING THROUGH e Procurement Notice**

1 Name of the work : Building works for the year 2025-2026" (04 Nos of Building Works)
2 Class of contractor : "B" Class, & "A" Class of (Odisha PWD) or relevant class of other licensing authority.
3 Estimated Cost : Varies from Rs.101.05 Lakhs to Rs. 194.42 Lakhs (Approximately)
4 Details projects : As per Annexure attached.

| Procurement Officer | Bid Identification No. | Availability of Tender online for bidding | | Last Date & Time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Rayagada | NCB-25/ RWCRGDA /2025-26 | Dt.29.11.2025 at 11.00 A.M. | Dt.16.12.2025 Up to 5.00 P.M. | Dt.15.12.2025 Up to 5.00 P.M. | Dt.17.12.2025 at 11.00 A.M. | Will be intimated later |

5. The details of works can be seen from the web site https://www.tendersorissa.gov.in
6. Any Corrigendum/Addendum will be displayed in the above e-tender website.

Sd/- Chief Construction Engineer,
RW Circle, Rayagada

**GOVERNMENT OF ODISHA : OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, RAYAGADA**

Email ID-ccerwcrayagada@gmail.com

Letter No. 3320 Date: 17.11.2025

O-1524

**NATIONAL COMPETITIVE BIDDING e- Procurement Notice**

1 Name of the work : Road works for the year 2025-2026" (26 Nos of Road Works)
2 Class of contractor : "B" Class, "A" Class & "Spl." Class of (Odisha PWD) or relevant class of other licensing authority.
3 Estimated Cost : Varies from Rs.164.83 Lakhs to Rs. 980.43 Lakhs (Approximately)
4 Details projects : As per Annexure attached.

| Procurement Officer | Bid Identification No. | Availability of Tender online for bidding | | Last Date & Time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Rayagada | NCB-24/ RWCRGDA /2025-26 | Dt.01.12.2025 at 11.00 A.M. | Dt.18.12.2025 Up to 5.00 P.M. | Dt.17.12.2025 Up to 5.00 P.M. | Dt.19.12.2025 at 11.00 A.M. | Will be intimated later |

5. The details of works can be seen from the web site https://www.tendersorissa.gov.in
6. Any Corrigendum/Addendum will be displayed in the above e-tender website.

Sd/- Chief Construction Engineer,
RW Circle, Rayagada

**GOVT OF ODISHA : OFFICE OF THE SUPERINTENDING ENGINEER RURAL WORKS DIVISION PATNAGARH**

E-mail: cerw_ptng@yahoo.in
Phone No-06658-222121

e Procurement Notice

O-1591

**IFB IDENTIFICATION NO. EEPTNG-online-15/2025-26**

| | | | |
|---|---|---|---|
| 1. | Name of work | : | Repair and Renovation works Sub-Register Office |
| 2. | Total no of work | : | 03 (Three) Nos work |
| 3. | Time for completion | : | 02 (Two) Calendar month |
| 4. | Approximate estimated cost | : | 9.03 lakh to 9.22 lakh |
| 5. | Mode of Submission of tender | : | Tender should be submitted online in www.tendersorissa.gov.in |
| 6. | Other details are as follow | | |

| Procurement Officer | Bid Identification No. | Availability of Tender online for biddng | | Last date and time of seeking tender clarification | Date & time of opening of tender |
|---|---|---|---|---|---|
| | | From | To | | |
| Executive Engineer, R.W.Divn, Patnagarh | EEPTNG-Online-15/2025-26 | 29.11.2025 at 11.00 AM | 11.12.2025 upto 5.00 PM. | 10.12.2025 upto 5.00 PM | 12.12.2025 at 11.00 AM |

- Further details can be seen from the website www.tendersorissa.gov.in
- Any Corrigendum/Addendum will be displayed in the above e tender website only.

Executive Engineer
R-W. Division, Patnagarh

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER, SOUTHERN (R&B) CIRCLE, BERHAMPUR**

B-713

Phone : 0680-2281582, e-mail : ccescbam@gmail.com

**INVITATIONS FOR BIDS (IFB) [e-Procurement]**

**Bid Identification No. CCE, S.C (R&B)-BAM-10/2025-26**
**No. 3952 Dated : 14.11.25**

1) The Chief Construction Engineer, Southern (R&B) Circle, Berhampur on behalf of Governor of Odisha invites percentage rate bid in double cover system in ONLINE MODE from eligible contractors for construction of Road & Building works as detailed in the table below.
2) Nature of work : Road & Building Works
3) No. of work : 06 Nos.
4) Tender Cost : Rs. 10,000/- (online)
5) Class of Contractor : "B" Class / "A" Class
6) Availability of Bid document in the website : 27.11.2025 10.00 AM to 11.12.2025 5.30 PM
7) Date of Opening of Bid : 12.12.2025 at 11.30 A.M.
8) The Bidders have to participate in ONLINE bidding only. Further details can be seen from the website https://tendersodisha.gov.in.
9) Any addendum / corrigendum / cancellation of tender can also be seen in the said website only.

(Sd/- Damodar Kaibartta)
Chief Construction Engineer,
Southern (R&B) Circle, Berhampur

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**

ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ୍ : (୦୬୭୪) ୨୩୯୩୫୨୪
ଇପିବିଏକ୍ସ : (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ (୦୬୭୪) ୨୩୯୩୯୫୨, ୱେବ୍ସାଇଟ୍ : www.oshb.org

CAD-2489

ପତ୍ର ସଂଖ୍ୟା ୨୫୦/ **ବିଜ୍ଞାପନ** ତା : ୨୧.୧୧.୨୫

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ନିମ୍ନଲିଖିତ ସ୍ଥାବର ସମ୍ପତ୍ତି ଆବଣ୍ଟନ ଗ୍ରହୀତାଙ୍କ ମୃତ୍ୟୁ ପରେ ନିମ୍ନ ଆବେଦନକାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ତାଙ୍କ ନାମ ଦଖଲ କରିବା ପାଇଁ ଆବେଦନ କରିଅଛନ୍ତି । ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ । ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ନୁହେଁ ।

| କ୍ର.ନଂ. | ମୃତ ଆବଣ୍ଟନ ଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|---|
| ୧. | ସ୍ୱର୍ଗତ ନିତାଇଚନ୍ଦ୍ର କୁଣ୍ଡୁ, ପିତା - ସ୍ୱର୍ଗତ ସୁବୋଧ ଚନ୍ଦ୍ର କୁଣ୍ଡୁ, ସା-ଉପୁଲ, ପୋ/ଥା-ଖଡଗପୁର, ଜିଲ୍ଲା-ମିଦ୍ନାପୁର (ୱେଷ୍ଟ ବେଙ୍ଗଲ) | ସି-୧୦୪, ବ୍ଲକ-୮ C-104, (B-8) ଚୋଖାଳୀ ଆପାର୍ଟମେଣ୍ଟ ଚନ୍ଦ୍ରଶେଖରପୁର ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା | ୧. କାକନ ବାଳା ଗୋସ୍ୱାମୀ (ସ୍ତ୍ରୀ) ୨. ଦୀପେନ କୁଣ୍ଡୁ (ବି.ପୁତ୍ର) ୩. ସୌମେନ କୁଣ୍ଡୁ (ବି.ପୁତ୍ର) |

ସ୍ୱା/- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

**OFFICE OF THE ADDITIONAL CHIEF ENGINEER-CUM-ELECTRICAL INSPECTOR, SAMBALPUR**

PLOT NO.407 (FIRST FLOOR), AT-NEAR BIDYUT COLONY, AINTHAPALI.
P.O-AINTHAPALI, DIST.-SAMBALPUR-768004
Email-eisambalpur-od@od.gov.in

AA-41

No 1276 / Dated. 26/11/2025

**TENDER NOTICE**

A suitable building is required to be taken on hire at Sambalpur for the office of the functioning of Zonal Standard Testing Laboratory office at Sambalpur.

The building should have an effective carpet area of about 2500 Sq. ft (approximately) with parking facilities excluding veranda, staircase, portico etc. It should have space on the front and backside for parking vehicles and shall be in complete shape in all respects with sanitary and electrical fittings. The building should be located preferably near main roads or easily approachable from the main roads. The owner desire to let out his /her building is requested to submit sealed quotation in plain paper on or before 23/12/2025 by 1 P.M. as per this notice to the O/o the Additional Chief Engineer Cum-Electrical Inspector, Sambalpur stating inter-alia in his/her offer. 1. Location of the building. 2. A copy of approved plan of building. 3. Minimum monthly rent acceptable. It will be the responsibility of the owner to take up repair and maintenance of the building. The tenders will be opened on 24/12/2025 at 11 A.M, the next working day of the last date for submission thereof in presence of the tenderers or their authorized representatives in the office of the Additional Chief Engineer-Cum-Electrical Inspector, Sambalpur, At-Plot No.407 (First Floor), Near Bidyut Colony, Ainthapali, P.o- Ainthapali, Sambalpur-768004. Incomplete tenders and those received after due date are liable to be rejected. The quote rate should be exclusive of Electricity Bill. The authority reserves the right to reject any or all tenders without assigning any reasons whatsoever.

Encl: Approx. Room Size with nos.

Additional Chief Engineer-Cum-E. I,
Sambalpur

**କଟକ ଉନ୍ନୟନ କର୍ତ୍ତୃପକ୍ଷ**

ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ-୧୨

CDA

CAD- 2469

**ସୂଚନା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଅଭିନବ ବିଡାନାସୀ, କଟକ (ମର୍କତ ନଗର) ସେକ୍ଟର-୧୩ରେ ପ୍ଲଟ ନଂ-13-4F/1694ଟିକୁ ଶ୍ରୀମତୀ ବିଜୟଲକ୍ଷ୍ମୀ ବେହେରା, ସ୍ୱାମୀ- ଉମେଶ ଚନ୍ଦ୍ର ବେହେରା, ସା-ଗୋପଳସାହି, ପୋ-ଥା-ବିଡାନାସୀ, ଜିଲ୍ଲା-କଟକଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନଗ୍ରାହୀ ଶ୍ରୀମତୀ ବିଜୟଲକ୍ଷ୍ମୀ ବେହେରା ଉକ୍ତ ପ୍ଲଟ ସହିତ ଗୃହଟିକୁ ତୃତୀୟପକ୍ଷ ଅନ୍ତରଣ ଆଧାରରେ ଶ୍ରୀ ରବି ରାଉତ, ପିତା-ସ୍ୱର୍ଗତ କନିଷ୍ଠ ରାଉତ, ସା-ମୁଣ୍ଡମୁହାଣ, ପୋ-ବ୍ରାହ୍ମଣୀଗାଁ, ଭାୟା- ବାରଙ୍ଗ, ଜିଲ୍ଲା-କଟକଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି ।

ଉକ୍ତ ପ୍ଲଟ ର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହା ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର (୧୫) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତତ୍ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ ।

ସ୍ୱା/- ଭାରପ୍ରାପ୍ତ ଅଧିକାରୀ (ଇଷ୍ଟେଟ)

**OFFICE OF THE NOTIFIED AREA COUNCIL,ASKA**

(Email: -askanac@gmail.com, Ph No: -06822-273068)
Letter No. 4218/2025/NAC, Date. 27.11.2025

C-1594

**QUOTATION CALL NOTICE**

Sealed quotation in prescribe form are Invited from the Intending reputed registered Company/ Firm suppliers/ Contractor having an adequate experience with valid GST Registration Certificate. PAN Card for "Supplying, fitting and Installation of different Children Playground Equipment, Open Air Gym Equipment. Ornamental materials and Horticulture items for ASKA NAC. for the year 2025-26." as per the specification which will be received through Tender Box/Speed Post/Courier Post to the Executive Officer NAC ASKA on or before 07.12.2025. up to 5.00P.M and the same will be opened on 08.12.2025 at 11.30 AM in the presence of the quotationers or their authorized agents present on their behalf. The authority will not be held responsible for the postal delay, if any, in the delivery of the documents or non-receipt of the same. The document schedule will be available in the Office of the N.A.C. ASKA during working hour from 27.11..2025 to 06.12.2025 up to 5.00 P.M on payment Of nonrefundable cash of Rs. 2000.00. The intending bidder are to submit copies of valid Registration certificate from competent authorities of the State Govt./ Central Govt./PSU organization and PAN Card along with Experience Certificate in similar nature of works and EMD of Rs 6000.00 (In shape of Bank Draft/ Bankers Cheque) in favour of Executive Officer N.A.C. ASKA with their bid, failing which their bid shall not be taken in to consideration.

The authority reserves the right to reject any or all the tenders without assigning any reason thereof...

Sd/- Executive Officer
NAC. ASKA


**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୭୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିଓ୍ୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ-୯୪୩୭୭୦୯୦୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ-୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

ସମୟ

### ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ୍ ଇନ୍ସୁରାନ୍ସର

# ଜୀବନବୀମା ଠକେଇ କର୍ମଶାଳା



ଭୁବନେଶ୍ୱର (ସବ୍ୟୁ): ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ୍ ଇନ୍ସୁରାନ୍ସ ଓଡ଼ିଶା ସର୍କଲ ପକ୍ଷରୁ ଜୀବନବିମାରେ ହେଉଥିବା ଠକେଇ ମୋକଦ୍ଦମାର ସଠିକ୍ ତଦନ୍ତ ଓ ଏହା ରୋକିବା ଉପରେ ଏକ କର୍ମଶାଳା ପୁରୀର ଏସ୍‌ପି ପ୍ରତୀକ ସିଂଙ୍କ ନିର୍ଦ୍ଦେଶନା ଓ ଡିଏସ୍‌ପି ସସ୍ମିତା ପଟେଲଙ୍କ ପରିଚାଳନାରେ ରିଜର୍ଭ ପୋଲିସ ସମ୍ମିଳନୀ ପକ୍ଷରେ ଅନୁଷ୍ଠିତ ହୋଇଥିଲା । ଜୀବନବୀମା ସଂସ୍ଥାର ଓଡ଼ିଶା ସର୍କଲ ଆସୋସିଏଟ୍ ରିଜିଓନାଲ ମ୍ୟାନେଜର ଦୁର୍ଗା ପ୍ରସାଦ ମିଶ୍ର, ଜୀବନବୀମାରେ ହେଉଥିବା ଠକେଇ, ତାର ଉପଯୁକ୍ତ ତଦନ୍ତ ଓ ନିରାକରଣ ଉପରେ ବିସ୍ତୃତ ତଥ୍ୟ ଉପସ୍ଥାପନ କରିଥିଲେ । ଏଥିରେ ଅଂଶଗ୍ରହଣ କରିଥିବା ଅଧିକାରୀମାନେ ବିଭିନ୍ନ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଛନ୍ତି । ଡିଏସ୍‌ପି ସସ୍ମିତା ପଟେଲ ଏହି କର୍ମଶାଳା ପାଇଁ ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ୍ ଇନ୍ସୁରାନ୍ସ କର୍ତ୍ତୃପକ୍ଷ ଓ ଏରିଆ ମ୍ୟାନେଜର ଦୁର୍ଗା ପ୍ରସାଦ ମିଶ୍ରଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ । ଅବସରପ୍ରାପ୍ତ ଏସ୍‌ପି ନିଳମୋହନ ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ ।

### ସହରାଞ୍ଚଳ ନୀତି ଆଲୋଚନା ଚକ୍ର ୨୦୨୫

## ଭବିଷ୍ୟତମୁଖୀ ସହର ବିକାଶ ପାଇଁ ଓଡ଼ିଶାର ଦୃଷ୍ଟିକୋଣ ଉପସ୍ଥାପିତ

ଭୁବନେଶ୍ୱର (ସବ୍ୟୁ): ବେଙ୍ଗାଲୁରୁରେ ଇଣ୍ଡିଆନ ଇନଷ୍ଟିଚ୍ୟୁଟ ଅଫ ହ୍ୟୁମାନ ସେଟଲମେଣ୍ଟ ( ଆଇ ଆଇ ଏଚ୍ ଏସ୍) ଦ୍ୱାରା ଆୟୋଜିତ "ସହରାଞ୍ଚଳ ନୀତି ସମ୍ପର୍କିତ ଆଲୋଚନା ଚକ୍ର ୨୦୨୫"ରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପ୍ରମୁଖ ସଚିବ ଉଷା ପାଢ଼ୀ ଅଂଶଗ୍ରହଣ କରି ସହରମାନଙ୍କରେ ବସବାସ କରୁଥିବା ଲୋକମାନଙ୍କ ଜୀବନ ଧାରଣ ମାନରେ ଉନ୍ନତି , ସମ୍ମାନ ଓ ସୁରକ୍ଷା ରୂପରେଖ ପ୍ରସ୍ତୁତ କରିବା ଜରୁରୀ ବୋଲି ମତ ବ୍ୟକ୍ତ କରିଛନ୍ତି । ଏହା ଦେଶର ନଗର ବିକାଶ ନୀତି ଓ ଭବିଷ୍ୟତ ପାଇଁ ପ୍ରସ୍ତୁତ ହେଉଥିବା ରୂପରେଖ ସମ୍ପର୍କିତ ଆଲୋଚନାର ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ବୋଲି ମଧ୍ୟ ଶ୍ରୀମତୀ ପାଢ଼ୀ ଅବହିତ କହିଛନ୍ତି । "ସହରାଞ୍ଚଳ ଭାରତରେ ଅଟକି ରହିଥିବା ସମ୍ପତ୍ତିର ସଙ୍କଟ" ଶୀର୍ଷକ ଆଲୋଚନାରେ ଯୋଗଦେଇ ଶ୍ରୀମତୀ ପଢ଼ୀ କହିଥିଲେ ଯେ, ସହର ପରିକଳ୍ପନା ସ୍ଥିର, ବାତ୍ୟା ନିରୋଧୀ ଏବଂ ନାଗରିକ କେନ୍ଦ୍ରିକ ହେବା ଆବଶ୍ୟକ । ସହରମାନେ କେବଳ ଭୌତିକ ସଂରଚନା ନୁହେଁ ଏହା ଏକ ସାମାଜିକ ଇକୋ ସିଷ୍ଟମ୍, ଆକାଂକ୍ଷା ଏବଂ ସୁଯୋଗର ସମାହାର । ଏଣୁ ଏଠାରେ ବସବାସ କରୁଥିବା ଲୋକଙ୍କ ଜୀବନ ଧାରଣ ମାନରେ ଉନ୍ନତି ଆଣିବା ଏବଂ ସେମାନଙ୍କ ସମ୍ମାନ ଓ ସୁରକ୍ଷା ନିମନ୍ତେ ରୂପରେଖ ପ୍ରସ୍ତୁତ କରିବା ଜରୁରି । ଏହି ଗସ୍ତ ସମୟରେ ସେ, ଗ୍ରେଟର ବେଙ୍ଗାଲୁରୁ ଅଥରିଟିର ମୁଖ୍ୟ ଆୟୁକ୍ତଙ୍କ ସହ ଏକ ଟେକ୍ନିକାଲ ଆଲୋଚନା କରିଛନ୍ତି, ଯାହା ଦ୍ରୁତଗତିରେ ବଢୁଥିବା ସହରଗୁଡ଼ିକରେ ଶକ୍ତିଶାଳୀ ଶାସନ ଗଠନ ଓ ପ୍ରତିଷ୍ଠାନଗତ ସୁଦୃଢ଼ତା ନିର୍ମାଣ ଉପରେ କେନ୍ଦ୍ରିତ ଥିଲା ।



ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସ୍ୱାଗତ କରୁଛନ୍ତି ବିରୋଧୀଦଳ ନେତା ନବୀନ ପଟ୍ଟନାୟକ

## କିଟ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଭିଭାବକ ସମ୍ମିଳନୀ

ଭୁବନେଶ୍ୱର (ସବ୍ୟୁ): ଗତ ଶନିବାର ଓ ରବିବାର ଦୁଇଦିନ ଧରି କିଟ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସମିଳନୀ କକ୍ଷରେ ଅଭିଭାବକ ଓ ଶିକ୍ଷକମାନଙ୍କର ମିଳିତ ସମିଳନୀ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସମିଳନୀରେ କିଟ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଚେୟାରମ୍ୟାନ ତଥା କିଟ୍‌ର ପ୍ରତିଷ୍ଠାତା ସଭ୍ୟ ଡଃ. ଚିତ୍ତ ରଞ୍ଜନ ମିଶ୍ର ଉପସ୍ଥିତ ରହି ସମସ୍ତ ଅଭିଭାବକମାନଙ୍କୁ ଗୁଣାତ୍ମକ ଶିକ୍ଷା ଓ ଶୃଙ୍ଖଳିତ ଜୀବନ ଉପରେ ବୁଝାଇଥିଲେ । ଡଃ. ମିଶ୍ର ସମସ୍ତ ଉପସ୍ଥିତ ଅଭିଭାବଙ୍କୁ ନିଜର କର୍ତ୍ତବ୍ୟ ବୁଝାଇବା ସହିତ କିପରି ଭାବରେ ପିଲାମାନେ ଶୃଙ୍ଖଳିତ ହୋଇ ନିଜର ପାଠପଢାରେ ମନ ନିବେଶ କରିବେ ସେ ବିଷୟରେ କହିଥିଲେ । ସବୁବେଳେ ପିଲାମାନଙ୍କର ସର୍ବାଙ୍ଗିନ ଉନ୍ନତି ପଥରେ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କର ଯେତିକି ଦାୟିତ୍ୱ ରହିଛି ପିତାମାତାଙ୍କର ମଧ୍ୟ ସେତିକି ଦାୟିତ୍ୱ ଅଛି ବୋଲି ଡଃ. ମିଶ୍ର କହିଥିଲେ । କେବଳ ଯେ ପିଲାମାନଙ୍କ ପାଇଁ ସବୁ ସବୁଧା କରିଦେଲେ ତାଙ୍କର ସର୍ବାଙ୍ଗିନ ଉନ୍ନତି ହେବ ତା ଭାବିବା ଭୁଲ ବୋଲି ସେ କହିଥିଲେ । ସେମାନେ କିପରି ନିଜ ପ୍ରତି ଯତ୍ନବାନ ହେବେ ଓ ଦାୟିତ୍ୱବାନ ହେବେ ତାର ମଧ୍ୟ ସମସ୍ତ ଗୁରୁଜନମାନଙ୍କ ଦାୟିତ୍ୱ




ବୋଲି ଡଃ. ମିଶ୍ର କହିଥିଲେ । ଉକ୍ତ ବିଦ୍ୟାଳୟର ଅଧ୍ୟକ୍ଷ ଡଃ. ତ୍ରିବିକ୍ରମ ସଡଙ୍ଗୀ ଉପସ୍ଥିତ ରହି ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ଓ ଅଭିଭାବକମାନଙ୍କୁ ନିଜର ୩୫ ବର୍ଷର ଶିକ୍ଷକତା ଜୀବନର ଅଭିଜ୍ଞତା ବୁଝାଇବା ମାଧ୍ୟମରେ ପିଲାମାନଙ୍କର ସର୍ବାଙ୍ଗିନ ଉନ୍ନତି କାମନା କରିଥିଲେ । ସମିଳନୀରେ ପ୍ରତ୍ୟେକ ଅଭିଭାବକଙ୍କଠାରୁ ଗୁଣାତ୍ମକ ଉପଦେଶ ଆହ୍ୱାନ କରାଯାଇଥିଲା ଏବଂ ସେହି ଉପଦେଶ କିପରି ଭାବରେ ଶିଘ୍ର ସମାଧାନ କରାଯାଇପାରିବ ତା' ଉପରେ ଆଲୋଚନା ହୋଇଥିଲା । ଯେଉଁ ବିଷୟ ଗୁଡିକରେ ପିଲାମାନଙ୍କର ଅସୁବିଧା ଅଛି ସେ ବିଷୟ ଗୁଡିକର ସମାଧାନ ପାଇଁ ବିଷୟର ଶିକ୍ଷକମାନେ ପ୍ରତିଶୃତି ଦେଇଥିଲେ । ଉକ୍ତ ଦୁଇଦିନ ସମିଳନୀରେ ସମସ୍ତ ଦ୍ୱତୀୟବର୍ଷର ଛାତ୍ରଛାତ୍ରୀମାନଙ୍କର ଅଭିଭାବକ ମଧ୍ୟ ଉପସ୍ଥିତ ଥିଲେ । ସର୍ବଶେଷରେ ଉକ୍ତ ବିଦ୍ୟାଳୟର ଉପାଧ୍ୟକ୍ଷ ଡଃ. ରୁଦ୍ରମୋହନ ନନ୍ଦ ସମସ୍ତଙ୍କୁ ଧନ୍ୟବାଦ ଦେବା ସହିତ ମଧ୍ୟାନ ଭୋଜନରେ ଯୋଗ ଦେବା ପାଇଁ ଅନୁରୋଧ କରିଥିଲେ ।

### ଭାଷଣରେ ମଣ୍ଡି ଖୋଲୁଛନ୍ତି ସରକାର

# ୪ ଡ଼ିସେମ୍ବରରେ ସବୁ ଜିଲ୍ଲାରେ ଜିଲ୍ଲାପାଳ ଅଫିସ ଘେରିବ କଂଗ୍ରେସ

ଭୁବନେଶ୍ୱର, (ସବ୍ୟୁ): କୃଷକମାନଙ୍କ ବିଭିନ୍ନ ସମସ୍ୟାକୁ ବିଶେଷତଃ ମଣ୍ଡି ଖୋଲିବାକୁ ନେଇ କଂଗ୍ରେସ କିସାନସେଲ ପକ୍ଷରୁ ସ୍ଥାନୀୟ କଂଗ୍ରେସ ଭବନ ଠାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ସମ୍ମିଳନୀକୁ ରାଜ୍ୟ କିସାନ ସେଲ ଅଧ୍ୟକ୍ଷ ଅଭୟ ସାହୁ ସଭାପତିତ୍ୱ କରି କହିଥିଲେ ଯେ ରାଜ୍ୟର ବିଜେପି ସରକାରଙ୍କର କଥା ପ୍ରବଳ କାମ ଦୁର୍ବଳ । ପ୍ରତିଦିନ ମନ୍ତ୍ରୀ ପରେ ମନ୍ତ୍ରୀ କହିଚାଲିଛନ୍ତି ମଣ୍ଡି ଆଜି ଖୋଲୁଛି ମଣ୍ଡି କାଲି ଖୋଲିବ । କିନ୍ତୁ ଆଜି ସୁଦ୍ଧା ମଣ୍ଡି ଖୋଲି ପାରିଲା ନାହିଁ । ଧାନଚାଷର ପ୍ରାଣ କେନ୍ଦ୍ର ବରଗଡ଼ ସମେତ ଓଡ଼ିଶାର ବିଭିନ୍ନ ପ୍ରାନ୍ତରେ ପ୍ରାୟ ୪୦ ରୁ ୫୦ ଭାଗ ଧାନ ଅମଳ ସରିଲାଣି । ଚାଷୀ ଏପର୍ଯ୍ୟନ୍ତ ଧାନ ମଣ୍ଡିରେ ପୈଠ କରିବାପାଇଁ ଅସମର୍ଥ ।

ଅନେକ ଚାଷୀ ଅଛନ୍ତି ଯେଉଁମାନେ ଏପର୍ଯ୍ୟନ୍ତ ଟୋକନ



ପାଇ ନାହାନ୍ତି । ଏ ସରକାର ପଞ୍ଜିକରଣ ଓ ଟୋକନ ଦେବାରେ ଅସମର୍ଥ । ବରଗଡ଼ ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ଟୋକନରୁ ବଞ୍ଚିତ ଚାଷୀମାନେ ଆନ୍ଦୋଳନରତ ଅଛନ୍ତି । ସରକାର ଏବଂ ସରକାରୀ କଳର ନିଘାଥିଲା ପରି ବୁଝାପଡୁ ନାହିଁ । ମଣ୍ଡି ଖୋଲିପାରି ନାହିଁ । ଅନ୍ୟ ପକ୍ଷରେ ସରକାର ଆଦର୍ଶ ମଣ୍ଡି ଖୋଲିବାରେ ଡିଣ୍ଡିମ ପିଟିଚାଲିଛନ୍ତି ସରକାର ବୋଲି କଂଗ୍ରେସ ଅଭିଯୋଗ କରିଛି । ଆଜି ବିଧାନସଭା ଅଧିବେଶନ ଆରମ୍ଭ । ରାଷ୍ଟ୍ରପତି ବିଧାନସଭାରେ ଅଭିଭାଷଣ ରଖିବେ । ରାଜ୍ୟର ଚାଷୀ ଓ ଚାଷର ସମସ୍ୟା ଓ ରାଜ୍ୟ ସରକାର ସେ ସମସ୍ୟାକୁ ପୂରଣ କରିବାରେ ଅସମର୍ଥ ସେଥିରେ ସ୍ଥାନ ପାଇବବୋଲି ଆଶା କରୁଛୁ ବୋଲି ଶ୍ରୀ ସାହୁ କହିଥିଲେ ।

ଯୁଦ୍ଧ କାଳୀନ ଭିତିରେ ମଣ୍ଡି ଖୋଲନ୍ତୁ ରାଜ୍ୟ ସରକାର ଧାନ ସଂଗ୍ରହ କରନ୍ତୁ । ମଣ୍ଡିରେ କଟନୀ ଛଟଣୀ ଏଫଏକ୍ୟୁ ମାନ ନିର୍ଦ୍ଧାରଣ ସହିତ ସମସ୍ତ ଅବବ୍ୟସ୍ଥା ଦୂର କରନ୍ତୁ । ଚଳିତବର୍ଷ କେନ୍ଦ୍ର ସରକାର କ୍ୱିଣ୍ଟାଲ ପିଛା ବୃଦ୍ଧି କରିଥିବା ୬୯ଟଙ୍କା ବୋନସ ସହିତ ଚାଷୀକୁ ପ୍ରାପ୍ୟ ଅର୍ଥ ପ୍ରଦାନ କରନ୍ତୁ । କୌଣସି ହଇରାଣ ଓ ହରକତକୁ ବରଦାସ୍ତ କରାଯିବ ନାହିଁ ବୋଲି ଅଧ୍ୟକ୍ଷ ଶ୍ରୀ ସାହୁ ସରକାରଙ୍କୁ ଚେତାବନୀ ଦେଇଥିଲେ ।

ଜାତୀୟ କଂଗ୍ରେସ କିଷାନ ସେଲ ସମ୍ପାଦକ ଅମୀୟ ପଟ୍ଟନାୟକ ଦାବୀ ଜଣାଇଥିଲେ ଯେ,ପ୍ରଦେଶ କିଷାନ କଂଗ୍ରେସର ଘୋଷଣା କରୁଛି ଚାଷୀର ସମସ୍ତ ବଳକା ଧାନ ସରକାର ସଂଗ୍ରହ କରନ୍ତୁ । ୫୫ ବର୍ଷପରେ ଚାଷୀ ଓ ଭାଗଚାଷୀଙ୍କୁ ୧୦ ହଜାର ଟଙ୍କା ମାସିକ ପେନସନ ବିଧେୟକ ଚଳିତ ବିଧାନସଭାରେ ଆଣନ୍ତୁ । ଫସଲବୀମାରେ ଥିବା ଅସଙ୍ଗତିକୁ ଦୂରକରି ଚାଷୀ ପରିବାରର ସ୍ୱାସ୍ଥ୍ୟବୀମା ଲାଗୁ କରନ୍ତୁ ବୋଲି ପ୍ରକାଶ କରିଛନ୍ତି । ଏହି ତିନିଗୋଟି ପ୍ରମୁଖ ଦାବିକୁ ନେଇ ପ୍ରଦେଶ କିଷାନ କଂଗ୍ରେସ ପକ୍ଷରୁ ଡିସେମ୍ବର-୪ ଗୁରୁବାର ପ୍ରତ୍ୟେକ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯିବ । ଉପରୋକ୍ତ ଦାବିଗୁଡ଼ିକୁ ଯଥାଶୀଘ୍ର ପୂରଣ କରିବାର ପ୍ରତିଶ୍ରୁତି ଓ ପଦକ୍ଷେପ ନନେଲେ ଆନ୍ଦୋଳନ ତୀବ୍ର କରାଯିବ ବୋଲି କୁହାଯାଇଛି ।

## ନୂଆପଡା ଶିଶୁମନ୍ଦିରରେ ଶୂନ ମୃତାହତ ପକ୍ଷ ପାଳନ

କଟକ, (ସ୍ୱପ୍ର): ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ନୂଆପଡା, କଟକରେ ଓଡିଶା ପରିବହନ ବିଭାଗ ତରଫରୁ ଶୂନ ମୃତାହତ ପକ୍ଷ ପାଳିତ ହୋଇଯାଇଛି । ଏ ଅବସରରେ ଏକ ସଡକ ସୁରକ୍ଷା ନିୟମ ସଚେତନତା କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥିଲା । ଏଥିରେ ସଡକ ସୁରକ୍ଷା ଅଧିକାରୀ (ଏସଟିଓ) ରବିନ ପଟ୍ଟନାୟକ, ସଡକ ସୁରକ୍ଷା ଅଧିକାରୀ ନେତ୍ରାନନ୍ଦ ମିଶ୍ର, ଜିଲ୍ଲା ସଡକ ସୁରକ୍ଷା କମିଟି ସଭ୍ୟ ଆଡଭୋକେଟ ସୁଜିତ ସେନାପତି, ବିଦ୍ୟାଳୟର ପ୍ରାକ୍ତନ ସମ୍ପାଦକ ରାମକୃଷ୍ଣ ଦାସ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଗୋବିନ୍ଦ ଚନ୍ଦ୍ର ପ୍ରଧାନ ପିଲାମାନଙ୍କୁ ସଡକ



ସୁରକ୍ଷା ନିୟମ ଉପରେ ସଚେତନ କରାଇଥିଲେ । ବିଦ୍ୟାଳୟ ତରଫରୁ ପ୍ରଧାନ ଆଚାର୍ଯ୍ୟ ଓ ପ୍ରାକ୍ତନ ସମ୍ପାଦକ ଅତିଥିମାନଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରିଥିଲେ । ଶେଷରେ ସମସ୍ତ ଶିକ୍ଷାର୍ଥୀଙ୍କୁ ସ୍ୱଳ୍ପାହାର ପ୍ରଦାନ କରାଯାଇଥିଲା । ସମସ୍ତ ଗୁରୁଜୀଗୁରୁମାଙ୍କ ସହାୟତାରେ କାର୍ଯ୍ୟକ୍ରମଟି ସରସ ସୁନ୍ଦର ହୋଇଥିଲା ।

## ଏୟାରଟେଲ୍ ପେମେଣ୍ଟ ବ୍ୟାଙ୍କ ସେଫ ସେକେଣ୍ଡ ଆକାଉଣ୍ଟର ଶୁଭାରମ୍ଭ

ଭୁବନେଶ୍ୱର (ସବ୍ୟୁ): ଭାରତୀ ଏୟାରଟେଲର ଉପାଧ୍ୟକ୍ଷ ତଥା ଏମଡି ଗୋପାଳ ଭିଟ୍ଟଲ ଏୟାରଟେଲର ଗ୍ରାହକମାନଙ୍କୁ ଚିଠି ଲେଖି ଡିଜିଟାଲ ସ୍କାମ ଏବଂ ଠକେଇର ବଢୁଥିବା ସମସ୍ୟାର ସମାଧାନ କରିବା ପାଇଁ କହିଛନ୍ତି । ନକଲି ପାର୍ସଲ ଡେଲିଭରି କଲ୍, ଫିସିଂ ଲିଙ୍କ୍ ଏବଂ ଡିଜିଟାଲ୍ ଗିରଫଦାରୀ ଠକେଇ ଭଳି ବିପଦ କ୍ରମଶଃ ପ୍ରଚଳିତ ହେଉଥିବାରୁ, ସେ ଏୟାରଟେଲ୍‌ର ଉପଭୋକ୍ତାଙ୍କ ସୁରକ୍ଷା ପାଇଁ ପ୍ରତିବଦ୍ଧତାକୁ ପୁନଃ ଦୋହରାଇଛନ୍ତି । ତାଙ୍କ ଚିଠିରେ ସେ ଏୟାରଟେଲ୍ ପେମେଣ୍ଟ ବ୍ୟାଙ୍କର ସେଫ୍ ସେକେଣ୍ଡ ଆକାଉଣ୍ଟର ଶୁଭାରମ୍ଭ ବିଷୟରେ ଘୋଷଣା କରିଛନ୍ତି, ଯାହା ଗ୍ରାହକଙ୍କ କଷ୍ଟାର୍ଜିତ ଅର୍ଥକୁ ସେମାନଙ୍କର ପ୍ରାଥମିକ ବ୍ୟାଙ୍କ ଆକାଉଣ୍ଟରୁ ଡିଜିଟାଲ୍ ପେମେଣ୍ଟକୁ ଅଲଗା ରଖି ସୁରକ୍ଷା ଦେବା ପାଇଁ ପରିକଳ୍ପିତ ଏକ ସୁରକ୍ଷିତ ସମାଧାନ ଅଟେ ।

"ଆମ ନେଟୱାର୍କରେ କୌଣସି ଅପରାଧ କିମ୍ବା ଠକେଇ ଆମକୁ ଏୟାରଟେଲରେ ଗଭୀର ଭାବରେ ଦୁଃଖିତ କରେ । ଆପଣଙ୍କ ସୁରକ୍ଷା ସର୍ବଦା ଆମର ସର୍ବୋଚ୍ଚ ପ୍ରାଥମିକତା ଅଟେ," ଗୋପାଳ କହିଛନ୍ତି, "ଉନ୍ନତ ଏ.ଆଇ. ସହିତ, ଆମେ ସ୍କାମ୍ କଲ୍ ଏବଂ ବାର୍ତ୍ତା ପାଇଁ ତୁରନ୍ତ ସତର୍କ ସୂଚନା ଦେବାରେ ଅଗ୍ରଣୀ ଏବଂ ଭୁଲ୍‌ରେ କ୍ଲିକ୍ କଲେ ମଧ୍ୟ ଠକେଇ ଲିଙ୍କ୍‌ଗୁଡ଼ିକୁ ଅବରୋଧ କରିବା ଆରମ୍ଭ କରିଛୁ । କିନ୍ତୁ ଆଜିକାଲିର ଡିଜିଟାଲ୍ ପେମେଣ୍ଟ ପରିଦୃଶ୍ୟରେ, ଆପଣଙ୍କର ପ୍ରାଥମିକ ବ୍ୟାଙ୍କ ଆକାଉଣ୍ଟକୁ ୟୁ.ପି. ଆଇ. କିମ୍ବା ପେମେଣ୍ଟ ଆପ୍ ସହିତ ସଂଯୋଗ କରିବା ଦ୍ୱାରା ଆପଣଙ୍କ ସଞ୍ଚୟ ପ୍ରକାଶ ପାଇଥାଏ । ଆମର ସେଫ୍ ସେକେଣ୍ଡ ଆକାଉଣ୍ଟ ସୁରକ୍ଷିତ ରହିବା ପାଇଁ ଏକ ସରଳ ଏବଂ ନିରାପଦ ଉପାୟ ପ୍ରଦାନ କରିଥାଏ

ଗ୍ରାହକମାନେ ସେମାନଙ୍କର ପ୍ରାଥମିକ ବ୍ୟାଙ୍କରୁ ଟଙ୍କା ସ୍ଥାନାନ୍ତର କରି କିମ୍ବା ଯେକୌଣସି ଏୟାରଟେଲ ପେମେଣ୍ଟ ବ୍ୟାଙ୍କ ରିଟେଲ ପଏଣ୍ଟରେ ନଗଦ ଟଙ୍କା ଜମା କରି ସେଫ୍ ସେକେଣ୍ଡ ଆକାଉଣ୍ଟକୁ ଅଧିକ ସୁରକ୍ଷିତ କରିପାରିବେ । ଏହି ସୁବିଧା ଲକ୍ଷ ଲକ୍ଷ ଲୋକଙ୍କୁ ଡିଜିଟାଲ୍ ପେମେଣ୍ଟର ମଜା ନେବା ସହିତ ଅନଧିକୃତ ପ୍ରବେଶ ଏବଂ ଠକେଇରୁ ସେମାନଙ୍କର ଆର୍ଥିକ ସୁରକ୍ଷା କରିବାରେ ସାହାଯ୍ୟ କରେ ।

## ଯୁବକଙ୍କ ମୃତଦେହ ଉଦ୍ଧାର ,ହତ୍ୟା ଅଭିଯୋଗ

ବାରଙ୍ଗ ,(ସବ୍ୟୁ): ବାରଙ୍ଗ ଥାନା ଅନ୍ତର୍ଗତ ମଧୁପୁର ପଞ୍ଚାୟତର ପୂର୍ବତନ ସରପଞ୍ଚଙ୍କ ପୁଅ ନିଖୋଜ ହେବାର ୫ଦିନରେ ତାଙ୍କର ମୃତଦେହ ଉଦ୍ଧାର ହୋଇଛି । ତେବେ ପରିବାର ଲୋକ ହତ୍ୟା ଅଭିଯୋଗ ଆଣିଛନ୍ତି । ସୂଚନା ଅନୁଯାୟୀ ମଧୁବନ ଗ୍ରାମର ପୂର୍ବତନ ସରପଞ୍ଚ ସୁମିନା ପ୍ରଧାନଙ୍କ ବଡ଼ପୁଅ ରାହୁଲ ପ୍ରଧାନ ( ୨୦ ) ଗତ ରବିବାର ସକାଳୁ କେଉଁଆ ନିଖୋଜ ହୋଇଯାଇଥିଲେ । ବହୁ ଖୋଜାଖୋଜି ପରେ କୌଣସି ପତ୍ତା ନପାଇବାରୁ ସୋମବାର ରାତିରେ ବାରଙ୍ଗ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ପୋଲିସ ୫୧/୨୫ କେସ ନମ୍ୱର ରେ ଏକ ନିଖୋଜ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ତେବେ ନିଖୋଜ ହେବାର ୫ଦିନରେ ଗୁରୁବାର ସକାଳୁ କଟକ କିଶୋରନଗର ଥାନା ଅଧୀନସ୍ଥ ଗୁଆଳି ବେଲକଣ ମଠ ନିକଟ ମହାନଦୀର ମଝି ପଠାରୁ ରାହୁଲଙ୍କ ମୃତଦେହ ଉଦ୍ଧାର ହୋଇଛି । ମହାନଦୀର ମଝିପଠାରେ ମୃତଦେହ ଲାଗିଥିବାର ସ୍ଥାନୀୟଲୋକ ଗୁରୁବାର ସକାଳେ ଦେଖି ପୋଲିସକୁ ଖବର ଦେଇଥିଲେ । ପରେ ପରିବାର ଲୋକ ଘଟଣାସ୍ଥଳକୁ ଯାଇ ମୃତଦେହ ଚିହ୍ନଟ ପରେ ଘଟଣା ଜଣାପଡିଥିଲା । ମୃତ ରାହୁଲ ଘରୁ ଗଲା ବେଳେ ପିନ୍ଧିଥିବା ସେଇ ପ୍ୟାଣ୍ଟ ସାର୍ଟ ପିନ୍ଧିଥିବା ବେଳେ ମୁହଁ ଓ ହାତ ପୋଡ଼ି ହେବା ଭଳି ରହିଥିଲା । ତାଙ୍କ ପ୍ୟାଂଟ ପ୍ୟାକେଟରେ ମୋବାଇଲ ଥିବା ବେଳେ ସାଙ୍ଗରେ ନେଇଥିବା ଓଡି ୦୫ବିଏM ୩୩୦୦ ନମ୍ୱରର ବୁଲେଟଟି ଆଖପାଖରେ ନଥିଲା । ପୁଅକୁ କେହି ଏସିଡ ପକାଇ ହତ୍ୟା କରି ମହାନଦୀରେ ଫୋପାଡି ଦେଇଥିବା ନେଇ ପରିବାର ଲୋକେ ଅଭିଯୋଗ ଆଣୁଥିବା ବେଳେ କିଏ ଓ କାହିଁକି ହତ୍ୟା କରିଛି ତାହା ଅସ୍ପଷ୍ଟ ରହିଛି ।

## ଟିପିସିଓଡିଏଲକୁ "ପ୍ରିମିୟମ ଗୋଲ୍ଡ' ସମ୍ମାନ

ଭୁବନେଶ୍ୱର,(ସବ୍ୟୁ): ଟିପିସିଓଡିଏଲ୍‌କୁ କଳିଙ୍ଗ ସେଫ୍ଟି ଏକ୍ସଲେନ୍ସ ନ୍ୟାସନାଲ ଆୱାର୍ଡରେ "ପ୍ରିମିୟମ ଗୋଲ୍ଡ' ବର୍ଗରେ ସମ୍ମାନିତ କରାଯାଇଛି । ନିକଟରେ ନୂଆଦିଲ୍ଲୀସ୍ଥିତ କନଷ୍ଟିଚ୍ୟୁସନ୍



କ୍ଲବ୍ ଅଫ୍ ଇଣ୍ଡିଆରେ ଆୟୋଜିତ ନ୍ୟାସନାଲ ସେଫ୍ଟି କନକ୍ଲେଭ ୨୦୨୫ରେକମ୍ପାନୀକୁ ଏହି ପୁରସ୍କାର ପ୍ରଦାନ କରାଯାଇଛି । ଇନଷ୍ଟିଚ୍ୟୁଟ୍ ଅଫ୍ କ୍ୱାଲିଟି ଆଣ୍ଡ ଏନଭାଇରନମେ ମ୍ୟାନେଜମେଣ୍ଟ ସର୍ଭିସେସ୍ (ଆଇକ୍ୟୁଇଏମଏସ୍) ଦ୍ୱାରା ସ୍ଥାପିତ ଏହି କଳିଙ୍ଗ ସେଫ୍ଟିଏକ୍ସଲେନ୍ସ ଆୱାର୍ଡ ବୃତ୍ତିଗତ ସୁରକ୍ଷା, ସ୍ୱାସ୍ଥ୍ୟ ଏବଂ ପରିବେଶ ( ଓ ଏ ସ ଏ ଚ / ଏ ସ ଏ ଚ ଇ ) କ୍ଷେତ୍ରରେ ଭାରତର ଅନ୍ୟତମ ପ୍ରମୁଖ ସମ୍ମାନଭାବେ ପରିଗଣିତ ହୁଏ । ୨୦୨୪ ବର୍ଷ ପାଇଁ ସୁରକ୍ଷା ବ୍ୟବସ୍ଥା, ସଚେତନତା କାର୍ଯ୍ୟକ୍ରମ ଏବଂ ସାମଗ୍ରିକ ସୁରକ୍ଷା ସଂସ୍କୃତି ଭଳି ପ୍ରମୁଖ ମାନଦଣ୍ଡଗୁଡ଼ିକର କଠୋର ଏବଂ ନିରପେକ୍ଷ ସମୀକ୍ଷା ମାଧ୍ୟମରେ ବିଭିନ୍ନ ସଂସ୍ଥାକୁ ଚୟନ କରାଯାଇଥିଲା । ଟିପିସିଓଡିଏଲର ଏହି "ପ୍ରିମିୟମ ଗୋଲ୍ଡ' ସ୍ୱୀକୃତି କମ୍ପାନୀର ସୁରକ୍ଷାକୁ ଅଗ୍ରାଧିକାର ଏବଂ କାର୍ଯ୍ୟକ୍ଷେତ୍ରରେ ନିରନ୍ତର ଉନ୍ନତି ପାଇଁ ଥିବାଦୃଢ଼ ପ୍ରତିବଦ୍ଧତାକୁ ଦର୍ଶାଉଛି । ଟିପିସିଓଡିଏଲର ସିଓଓ ଦୁଷ୍ୟନ୍ତ କୁମାର ତ୍ୟାଗୀ ଏହି ପୁରସ୍କାର ଗ୍ରହଣ କରିଥିଲେ । ଉତ୍ତରପ୍ରଦେଶରଶ୍ରମ ଓ ନିୟୋଜନ ମନ୍ତ୍ରୀ ଡ. ରାଜବୀର ସିଂହ, ଯାଜପୁର ସାଂସଦ ଡ. ରବି ନାରାୟଣ ବେହେରା, ବରିଷ୍ଠ ବିଜେପି ନେତା ପ୍ରିୟଦର୍ଶୀ ମିଶ୍ର ଏବଂ ବ୍ରିଗେଡିୟର ଆଲୋକ ଜୈନ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଏହି ପୁରସ୍କାର ପ୍ରଦାନ କରିଥିଲେ । ଏହି ସଫଳତାରେ ଆଉ ଏକ ଅଧ୍ୟାୟ ଯୋଡ଼ି ଭୁବନେଶ୍ୱରରେ ଅନୁଷ୍ଠିତ କନକ୍ଲେଭରେ ଟିପିସିଓଡିଏଲ ପାରାଦ୍ୱୀପ ଇଲେକ୍ଟ୍ରିକାଲ ସର୍କଲକୁ"ବୃହତ ଶିଳ୍ପ (ଗୋଲ୍ଡ କ୍ୟାଟେଗୋରୀ)' ରେ କଳିଙ୍ଗ ସେଫ୍ଟି ଏକ୍ସଲେନ୍ସ ନ୍ୟାସନାଲ ଆୱାର୍ଡରେ ସମ୍ମାନିତ କରାଯାଇଛି । ଓଡ଼ିଶା ବିଧାନସଭାର ବାଚସ୍ପତିସୁରମା ପାଢ଼ୀ ଏହି ପୁରସ୍କାର ପ୍ରଦାନ କରିଥିଲେ । ଏହି ଉଲ୍ଲେଖନୀୟ ସଫଳତା ସମ୍ପର୍କରେ ଟିପିସିଓଡିଏଲର ସିଇଓ ଅରବିନ୍ଦ ସିଂହ କହିଛନ୍ତି ଯେ, ଏହି ସ୍ୱୀକୃତି ସୁରକ୍ଷା ପ୍ରତି ଆମରନିରନ୍ତର ପ୍ରତିବଦ୍ଧତା ଏବଂ ସେବା ଯୋଗାଣରେ ସର୍ବୋଚ୍ଚ ମାନ ବଜାୟ ରଖିବା ପାଇଁ ଅକ୍ଳାନ୍ତ ପରିଶ୍ରମ କରୁଥିବା ଆମ ଟିମର ଉତ୍ସର୍ଗୀକୃତ ମନୋଭାବର ପରିଚୟ ।

## ଭାରତର ସର୍ବବୃହତ ବୈଦ୍ୟୁତିକ ଫୋର୍କଲିଫ୍ଟ ଫ୍ଲିଟ ସଂଖ୍ୟାକୁ ଦ୍ୱିଗୁଣିତ କରିଛି ବେଦାନ୍ତ ଆଲୁମିନିୟମ

ଭୁବନେଶ୍ୱର, (ସବ୍ୟୁ): ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ, ଭାରତର ସର୍ବବୃହତ ଲିଥିୟମ-ଆୟନ ବ୍ୟାଟେରୀ ଚାଳିତ ବୈଦ୍ୟୁତିକ ଫର୍କଲିଫ୍ଟ ଫ୍ଲିଟର ବିସ୍ତାର ଘୋଷଣା କରିବା ସହିତ ଓଡ଼ିଶା ଏବଂ ଛତିଶଗଡ଼ରେ ଏହାର ବିଶ୍ୱସ୍ତରୀୟ କାର୍ଯ୍ୟରେ ନିୟୋଜିତ ୧୪୨ଟି ଯାନକୁ ନେଇ ଅର୍ନ୍ତଭୁକ୍ତ ଏବଂ ଯାହାକି ଏହାର ପୂର୍ବ ମୋଟ ସଂଖ୍ୟା ଦୁଇଗୁଣରୁ ଅଧିକ ଅଟେ । ବିଶ୍ୱ ସ୍ଥାୟୀ ପରିବହନ ଦିବସ (ନଭେମ୍ବର ୨୬) ରେ, ଏହା ଏକ ଯୁଗାନ୍ତକାରୀ ପଦକ୍ଷେପ ଭାବରେ ଆସିଛି ଯାହା ଭାରତର ଶିଳ୍ପ ଦୃଶ୍ୟପଟ ମଧ୍ୟରେ କାର୍ଯ୍ୟକୁ ପୁନଃପରିଭାଷିତ କରୁଛି ଏବଂ ସ୍ଥାୟୀ ବ୍ୟବସାୟିକ ଅଭ୍ୟାସଗୁଡ଼ିକୁ ସୁନିଶ୍ଚିତ କରିବା ଉପରେ ଅଧିକ ଧ୍ୟାନ କେନ୍ଦ୍ରିଭୁତ କରିଛି । ପ୍ରତିବର୍ଷ ୨୬ ନଭେମ୍ବରରେ ଜାତିସଂଘ ଦ୍ୱାରା ବିଶ୍ୱ ସ୍ଥାୟୀ ପରିବହନ ଦିବସ ପାଳନ କରାଯାଏ, ଯାହା ସ୍ଥାୟୀ ଆର୍ଥିକ ଅଭିବୃଦ୍ଧି ଏବଂ ସାମାଜିକ କଲ୍ୟାଣକୁ ପରିଚାଳନା କରିବାରେ ସୁରକ୍ଷିତ, ସୁଲଭ, ସୁଲଭ ଏବଂ ପରିବେଶ ଅନୁକୂଳ ପରିବହନ ବ୍ୟବସ୍ଥାର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଗୁରୁତ୍ୱାରୋପ



କରିବା ଲକ୍ଷ୍ୟରେ ପାଳିତ ହୁଏ । ଏହା ସ୍ଥାୟୀ, କମ ନିର୍ଗମନ ଭିତିଭୂମି ବିକାଶ କରିବା ଦିଗରେ ବିଶ୍ୱବ୍ୟାପୀ ସହଯୋଗକୁ ପ୍ରୋତ୍ସାହିତ କରିବା ପାଇଁ ମଧ୍ୟ କାର୍ଯ୍ୟ କରିଛି ।

ପରିବେଶଗତ ପ୍ରଭାବ ହ୍ରାସ କରିବା ଏବଂ ଦକ୍ଷତା ବୃଦ୍ଧି କରିବା ବ୍ୟତୀତ, ସ୍ଥାୟୀ ପରିବହନ ଲିଙ୍ଗ ସମାନତା ଏବଂ ଜଳବାୟୁ କାର୍ଯ୍ୟ ଭଳି ବ୍ୟାପକ ବିକାଶ ଲକ୍ଷ୍ୟ ହାସଲ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଉତେଜକ ଭାବରେ ଉଭା ହେଉଛି । ବୈଦ୍ୟୁତିକ ଫୋର୍କଲିଫ୍ଟକୁ ପରିବର୍ତନ ୨୦୫୦ ସୁଦ୍ଧା ନେଟ୍-ଶୂନ୍ୟ କାର୍ବନ ନିର୍ଗମନ ହାସଲ କରିବା ପାଇଁ ବେଦାନ୍ତର ପ୍ରତିବଦ୍ଧତା ସହିତ ସମନ୍ୱିତ, ଏବଂ ୨୦୩୦ ସୁଦ୍ଧା ଏହାର ହାଲୁକା ମୋଟର ଯାନ (ଏମଏମଭି) ଫ୍ଲିଟ୍ ଡିକାର୍ବୋନାଇଜେସନ୍ ଲକ୍ଷ୍ୟକୁ ଆଗକୁ ଅଗ୍ରସର ହେଉଛି । ବେଦାନ୍ତ ଆଲୁମିନିୟମର ଗୁରୁତ୍ୱପୂର୍ଣ୍ଣ ମାଇଲଖୁଂଟ ଏହାର କାର୍ଯ୍ୟରେ ୧୪୨ ବୈଦ୍ୟୁତିକ ଫୋର୍କଲିଫ୍ଟର ଏକ ବହୁ-ପର୍ଯ୍ୟାୟ ରୋଲଆଉଟ୍ ମାଧ୍ୟମରେ ହାସଲ କରାଯାଇଥିଲା, ଯାହାକି ପରିବର୍ତନ କାରୀ ପରିବେଶଗତ, କାର୍ଯ୍ୟକ୍ଷମ ଏବଂ ସାମାଜିକ ଲାଭ ପ୍ରଦାନ କରିଥିଲା । କେବଳ ଝାରସୁଗୁଡା ସ୍ମେଲ୍ଟରରେ, ଯେଉଁଠାରେ ୧୧୬ଟି ଏପରି ଫୋର୍କଲିଫ୍ଟ ନିୟୋଜିତ କରାଯାଇଛି, ଏହି ପଦକ୍ଷେପ ବାର୍ଷିକ ପ୍ରାୟ୪,୪୫୦ ଟନ୍ ସିଓ୨-ସମତୁଲ୍ୟ ଗ୍ରୀନହାଉସ୍ ଗ୍ୟାସ ନିର୍ଗମନକୁ ଦୂର କରିବ ଏବଂ ପ୍ରତିବର୍ଷ ୧୬.୩ ଲକ୍ଷ ଲିଟର ଡିଜେଲ ବ୍ୟବହାର ହ୍ରାସ କରିବ ବୋଲି ଆଶା କରାଯାଉଛି । ଏହି ସ୍ଥାୟୀତ୍ୱ ଲାଭ ବ୍ୟତୀତ, ପରିବର୍ତନ କାର୍ଯ୍ୟକ୍ଷେତ୍ର ସୁରକ୍ଷାକୁ ବୃଦ୍ଧି କରେ ଏବଂ ଦ୍ରୁତ ଚାର୍ଜିଂ ଏବଂ କମ୍ ରକ୍ଷଣାବେକ୍ଷଣ ଆବଶ୍ୟକତା ମାଧ୍ୟମରେ କାର୍ଯ୍ୟକ୍ଷମ ଦକ୍ଷତାକୁ ବୃଦ୍ଧି କରେ, ଯାହା ଦ୍ୱାରା ପରିବେଶଗତ ଦାୟିତ୍ୱ ଏବଂ ସାମାଜିକ ପ୍ରଗତି ସହିତ କାର୍ଯ୍ୟକ୍ଷମ ଉତ୍କର୍ଷତାକୁ ସମନ୍ୱିତ କରିବାର ବେଦାନ୍ତର ଦୃଷ୍ଟିକୋଣକୁ ଦୃଢ଼ କରେ ।

ଏହି ମାଇଲଖୁଂଟ ବିଷୟରେ ମତ ଦେଇ, ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି, "ବେଦାନ୍ତ ଆଲୁମିନିୟମରେ, ଆମେ ସ୍ଥାୟୀତ୍ୱକୁ ଏକ ପ୍ରତିବଦ୍ଧତା ଅପେକ୍ଷା ଅଧିକ ଦେଖୁ, ଏହା ପରିବର୍ତନ ପାଇଁ ଏକ ଉତେଜକ ଅଟେ । ଆମର ବିସ୍ତାରିତ ବୈଦ୍ୟୁତିକ ଫୋର୍କଲିଫ୍ଟ ଫ୍ଲିଟ୍ ହେଉଛି ଆମର କାର୍ଯ୍ୟ ଏବଂ ଆମ ଗ୍ରହ ଉଭୟକୁ ଲାଭଦାୟକ ପ୍ରଯୁକ୍ତିବିଦ୍ୟାରେ ନିବେଶ କଲେ କ'ଣ ସମ୍ଭବ ହୁଏ ତାହାର ଏକ ପ୍ରମାଣ ଅଟେ । ଏହି ମାଇଲଖୁଂଟ କେବଳ ଆମର ପରିବେଶଗତ ପ୍ରୟାସକୁ ମଜବୁତ କରିଛି ନାହିଁ ବରଂ ଶିଳ୍ପ ଭୂମିକାରେ ଅଧିକ ଅନ୍ତର୍ଭୁକ୍ତି ପାଇଁ ନୂତନ ପଥ ସୃଷ୍ଟି କରିଛି ଯାହା ପୂର୍ବରୁ ମହିଳାମାନଙ୍କ ପାଇଁ ଦୁର୍ଗମ ବୋଲି ବିବେଚନା କରାଯାଉଥିଲା ।

# ହ୍ୱାଇଟ ହାଉସ ନିକଟରେ ଆତଙ୍କୀ ହମ୍ଲା

## ରାଷ୍ଟ୍ରପତି ଟ୍ରମ୍ପଙ୍କ କଡା ନିନ୍ଦା

ୱାଶିଂଟନ: ଆମେରିକାର ହ୍ୱାଇଟ ହାଉସ ନିକଟରେ ଆତଙ୍କବାଦୀ ହମଲା। ହ୍ୱାଇଟ ହାଉସ ନିକଟରେ ମୁତୟନ ଥିବା ସୁରକ୍ଷାକର୍ମୀଙ୍କ ଉପରେ ହୋଇଛି ଗୁଳିମାଡ଼। ଏଥିରେ ଦୁଇ ଜଣ ସୁରକ୍ଷାକର୍ମୀ ଗୁରୁତର ଆହତ ହୋଇଥିବା ବେଳେ ଗୁଳି ମାଡ଼ କରିଥିବା ଆତଙ୍କବାଦୀକୁ ପୁଲିସ୍ ଗିରଫ କରିଛି।

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏପରି ଆକ୍ରମଣକୁ ଆତଙ୍କୀ କାର୍ଯ୍ୟକଳାପ ଓ ମାନବତା ବିରୋଧୀ ଅପରାଧ ବୋଲି କହିଛନ୍ତି। ଗୁଳି ମାଡ଼ ଘଟଣାରେ ଗିରଫ ଥିବା ବ୍ୟକ୍ତି ଜଣକ ଆଫଗାନିସ୍ତାନ ନାଗରିକ। ସେ ୨୦୨୧ରେ ଆମେରିକାସିଥିଲା। ଏଠାରେ ୪ ବର୍ଷ ହେଲା ଶରଣାର୍ଥୀ ଭାବେ ଜୀବନ ବିତାଉଥିବା ବେଳେ ଏବେ ସେ ଆମେରିକାର ହାର୍ଟ କୁହାଯାଉଥିବା ହ୍ୱାଇଟ ହାଉସ ନିକଟରେ ଗୁଳିମାଡ଼ କରିଛି।

ଏହି ଘଟଣା ପରେଆମେରିକା ପକ୍ଷରୁ ନିଆଯାଇଛି ବଡ଼ ପଦକ୍ଷେପ। ଆଫଗାନ ନାଗରିକଙ୍କ ସମସ୍ତ ଇମିଗ୍ରେସନ ଅନୁରୋଧ ଉପରେ ଆମେରିକା ପକ୍ଷରୁ ରୋକ ଲଗାଇ




ଦିଆଯାଇଛି। ସ୍ପଷ୍ଟ ଦିବାଲୋକରେ ଜଣେ ଆଫଗାନ ନାଗରିକ ହ୍ୱାଇଟ ହାଉସ ନିକଟରେ ଗୁଳି ମାଡ଼ କରିଥିବାରୁ ଆମେରିକା ଏପରି ପଦକ୍ଷେପ ନେଇଛି।

ଆମେରିକା ନାଗରିକତ୍ୱ ଓ ଇମିଗ୍ରେସନ ସେବା ପକ୍ଷରୁ କୁହାଯାଇଛି ଯେ ତତ୍କାଳ ଭାବେ ଆଫଗାନ ନାଗରିକଙ୍କ ସହ ଜଡ଼ିତ ସମସ୍ତ ପ୍ରକାରର ଇମ୍ରଗେସନ ଅନୁରୋଧ ପ୍ରକ୍ରିୟାକୁ ବନ୍ଦ କରାଯାଉଛି। ଆଗାମୀ ସୁରକ୍ଷା ପ୍ରୋଟକଲର ଯାଞ୍ଚ ଶେଷ ହେବା ଯାଏ ଏପରି ନିୟମ ବଳବତ୍ତର ରହିବଛ। ଆମେରିକା ନାଗରିକଙ୍କ ସୁରକ୍ଷା ସର୍ବୋପରି ବୋଲି ସଂସ୍ଥା ପକ୍ଷରୁ କୁହାଯାଇଛି। ଶରଣାର୍ଥୀମାନଙ୍କୁ ନିଜକୁ ଦେଶକୁ ପଠାଇବା ପାଇଁ ରାଷ୍ଟ୍ରପତି ଟ୍ରମ୍ପ ପଦକ୍ଷେପ ନେଉଥିବା ବେଳେ ୨୦୨୧ ପରେ ଆଫଗାନ ଛାଡ଼ି ଆମେରିକା ଆସିଥିବା ଲୋକଙ୍କ ଯାଞ୍ଚ ପୁଣି କରାଯିବ ବୋଲି କହିଛନ୍ତି।

ହ୍ୱାଇଟ ହାଉସ ନିକଟରେ ଦୁଇ ଜଣ ଜାତୀୟ ଗାର୍ଡଙ୍କ ଉପରେ ଗୁଳି ଚଳାଇଥିବା ବ୍ୟକ୍ତି ଜଣକ ହେଉଛି ରହମନୁଲ୍ଲା ଲକନୱାଲ। ୨୦୨୧ରେ ତାଲିବାନ ଆଫଗାନକୁ ଦଖଲ କରିବା ପରେ ସେ କାବୁଲ ଛାଡ଼ି ଦେଇଥିଲା। ଏହାପରେ ୱାଶିଂଟନର ବେଲିଙ୍ଗହାମରେ ସେଟଲ ହୋଇଯାଇଥିଲା। ବାଇଡେନ ପ୍ରଶାସନର କାର୍ଯ୍ୟକ୍ରମ ଜରିଆରେ ସେ ଆମେରିକାରେ ପ୍ରବେଶ କରିଥିଲା।

୨୦୨୧ରେ ଆମେରିକା ପକ୍ଷରୁ ଆଫଗାନରୁ ସେନା ପ୍ରତ୍ୟାହାର କରାଯାଇଥିଲା। ଏହାପରେ ତାଲିବାନ ଉକ୍ତ ଦେଶକୁ ଦଖଲ କରିଥିଲା। ଏହାପରେ ଅନେକ ଆଫଗାନ ନାଗରିକ ଦେଶ ଛାଡ଼ିଥିଲେ। ସେମାନଙ୍କ ପାଇଁ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ ବାଇଡେନ ପ୍ରଶାସନ। ଏହି କାର୍ଯ୍ୟକ୍ରମ ଜରିଆରେ ପ୍ରାୟ ୭୬ ହଜାର ଲୋକ ଆମେରିକାରେ ପ୍ରବେଶ କରିଥିଲେ।

ଗୁଳିମାଡ଼ କରିଥିବା ରହମନୁଲ୍ଲା ମଧ୍ୟ ସୁରକ୍ଷାକର୍ମୀଙ୍କ ପାଲଟା ଆକ୍ରମଣରେ ଆହତ ହୋଇଛି। ହେଲେ ତା' ଜୀବନ ପ୍ରତି କୌଣସି ବିପଦ ନଥିବା ଜଣାପଡ଼ିଛି। ଆକ୍ରମଣକୁ ଆତଙ୍କବାଦୀ କାର୍ଯ୍ୟକଳାପ ଭାବେ ଚିତ୍ରିତ କରି ରାଷ୍ଟ୍ରପତି ଟ୍ରମ୍ପ କହିଛନ୍ତି ଯେ ୨ ଜାତୀୟ ଗାର୍ଡଙ୍କ ଉପରେ ଆକ୍ରମଣ ମାନବତା ବିରୋଧୀ ଅପରାଧ।

ଜୋ ବାଇଡେନ ପ୍ରଶାସନ ପାଇଁ ଏପରି ଗୁଳିକାଣ୍ଡ ଘଟିଛି। ଆଫଗାନିସ୍ତାନକୁ ସେ ନର୍କରଚ୍ଛେଦ ବୋଲି ମଧ୍ୟ କହିବାକୁ ପଛାଇ ନାହାନ୍ତି। ସେ କହିଛନ୍ତି, ଏହା ଗୋଟିଏ ଭୟଙ୍କର କାଣ୍ଡ ଓ ରାକ୍ଷାସର କାର୍ଯ୍ୟ। ଏହା ଗୋଟିଏ ଘୃଣା ଓ ଆତଙ୍କୀ କାର୍ଯ୍ୟକଳାପ। ଏହା ଆମ ଦେଶ ବିରୋଧରେ ଅପରାଧ। ଏହା ମାନବତା ବିରୋଧୀ ଅପରାଧ। ଅପରାଧ ଘଟାଇଥିବା ଲୋକ ଆଫଗାନିସ୍ତାନରୁ ଆମ ଦେଶରେ ପ୍ରବେଶ କରିଥିଲା। ତା'କୁ ଗିରଫ କରାଯାଇଛି।

## ହଂକଂ ହାଉସିଂ କମ୍ପ୍ଲେକ୍ସରେ ଅଗ୍ନିକାଣ୍ଡ

## ମୃତାହତଙ୍କ ସଂଖ୍ୟା ବଢୁଛି

ହଂକଂ : ହଂକଂର ତାଇ ପୋ ଜିଲ୍ଲାରେ ଏକ ହାଉସିଂ କମ୍ପ୍ଲେକ୍ସରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି। ଏହି ଅଗ୍ନିକାଣ୍ଡକୁ ଦଶନ୍ଧି ମଧ୍ୟରେ ସବୁଠାରୁ ବଡ଼ ଭୟଙ୍କର ଘଟଣା ମଧ୍ୟରୁ ଗୋଟିଏ ବୋଲି ବିବେଚନା କରାଯାଉଛି। ୩୨ ମହଲା ବିଶିଷ୍ଟ କୋଠାର ବାହାର ଭାଗରେ ବନ୍ଧା ହୋଇଥିବା ବାଉଁଶରେ ହଠାତ ନିଆଁ ଲାଗିଯାଇଥିଲା। ବୁଧବାର ଅପରାହ୍ନରେ ନିଆଁ ଦ୍ରୁତ ଗତିରେ ବ୍ୟାପିଥିଲା। କମ୍ପ୍ଲେକ୍ସର ଆଠଟି ଟାୱାର ମଧ୍ୟରୁ ସାତଟି ଟାୱାର ପ୍ରଭାବିତ ହୋଇଥିଲା। ଯେହେତୁ ବାଉଁଶ ସ୍କାଫୋଲିଂ ଜ୍ୱଳନଶୀଳ ଫୋମ୍ ସିଟ୍ ଏବଂ ବାଉଁଶରେ ତିଆରି ହୋଇଥିଲା, ତେଣୁ ନିଆଁ ଅଳ୍ପ ସମୟ ମଧ୍ୟରେ ଟାୱାରଗୁଡ଼ିକୁ ଗ୍ରାସ



କରିଥିଲା। ପ୍ରବଳ ପବନ ଯୋଗୁ ନିଆଁ ଉଗ୍ର ରୂପ ନେଇଥିଲା। ଫଳରେ ଉଦ୍ଧାର କାର୍ଯ୍ୟକୁ ଅଧିକ କଷ୍ଟକର ହୋଇ ପଡ଼ିଥିଲା। ଏହି ଭୟଙ୍କର ଅଗ୍ନିକାଣ୍ଡରେ ଏପର୍ଯ୍ୟନ୍ତ ୪୪ ଜଣଙ୍କର ମୃତ୍ୟୁ ହୋଇଛି ଏବଂ ପ୍ରାୟ ୨୭୯ ଜଣ ନିଖୋଜ ଅଛନ୍ତି ବୋଲି ଜଣାପଡିଛି। ଅଗ୍ନିଶମ ବାହିନୀଙ୍କ ଉଦ୍ୟମ ସତ୍ତ୍ୱେ ଗୁରୁବାର ସକାଳ ସୁଦ୍ଧା ନିଆଁ ସମ୍ପୂର୍ଣ୍ଣ ଲିଭି ନଥିଲା। କୋଠା ଭିତରେ ତାପମାତ୍ରା ଅଧିକ ରହିଥିଲା। ଯାହା ଫଳରେ ଭିତରେ ଫସି ରହିଥିବା ଲୋକଙ୍କ ପାଖକୁ ଅଗ୍ନିଶମ କର୍ମଚାରୀଙ୍କ ପହଞ୍ଚିବା କଷ୍ଟକର ହୋଇପଡ଼ିଥିଲା। ୯୦୦ ରୁ ଅଧିକ ଲୋକଙ୍କୁ ଅସ୍ଥାୟୀ ଆଶ୍ରୟ କେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି।

## ମାଡ଼ି ଆସିଲା ଟ୍ରେନ୍ : ୧୧ କର୍ମଚାରୀଙ୍କ ମୃତ୍ୟୁ

ବେଜିଂ : ଚୀନର ଦକ୍ଷିଣ-ପଶ୍ଚିମ ଅଞ୍ଚଳରେ ଥିବା କୁନମିଙ୍ଗସ୍ଥିତ ଲୁଓୟାଙ୍ଗଝୋନ ଷ୍ଟେସନରେ ଗୁରୁବାର ଏକ ଭୟାବହ ଟ୍ରେନ ଦୁର୍ଘଟଣା ଘଟିଛି। ଏହି ଦୁର୍ଘଟଣାରେ ରେଳ ଧାରଣାରେ କାମ କରୁଥିବା ୧୧ ଜଣ ରକ୍ଷଣାବେକ୍ଷଣ କର୍ମଚାରୀଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ଦୁଇଜଣ ଆହତ ହୋଇଥିବା ଜଣାପଡ଼ିଛି।

ପ୍ରକାଶିତ ରିପୋର୍ଟ ଅନୁଯାୟୀ, ରେଳ କର୍ମଚାରୀମାନେ ଧାରଣାର ରକ୍ଷଣାବେକ୍ଷଣ ଯାଞ୍ଚ କରୁଥିବା ସମୟରେ ହଠାତ ଟ୍ରେନଟି ମାଡ଼ି ଆସିଥିଲା। କାର୍ଯ୍ୟରତ କର୍ମଚାରୀମାନେ ଚାହିଁକି ବି ଧାରଣାରୁ ହଟି ପାରି ନଥିଲେ। ଫଳରେ ଟ୍ରେନଟି ସେମାନଙ୍କୁ ଧକ୍କା ଦେଇ ଆଗକୁ ବଢି ଯାଇଥିଲା। ଏହି ଦୁର୍ଘଟଣାରେ ଘଟଣାସ୍ଥଳରେ ୧୧ଜଣ କର୍ମଚାରୀଙ୍କ ମୃତ୍ୟୁ ହୋଇଛି। ଦୁର୍ଘଟଣା ସମ୍ପର୍କରେ ରେଳ ପ୍ରଶାସନ ଖବର ପାଇବା ପରେ ତୁରନ୍ତ ଜରୁରୀକାଳିନ ବ୍ୟବସ୍ଥାକୁ ସକ୍ରିୟ କରିଛି।

## ଏକାଧିକ ବିବାହ କଲେ ୧୦ ବର୍ଷ ଜେଲ୍

ଗୌହାଟି : ଆସାମ ବିଧାନସଭାରେ ଗୁରୁବାର (୨୭ ନଭେମ୍ବର, ୨୦୨୫) ବହୁବିବାହ ନିଷେଧ କରିବା ପାଇଁ ଏକ ବିଲ୍ ପାସ୍ ହୋଇଛି। ଏହି ଆଇନ ଅନୁଯାୟୀ, ଦୋଷୀ ସାବ୍ୟସ୍ତ ହୋଇଥିବା ଯେକୌଣସି ବ୍ୟକ୍ତିଙ୍କୁ ଏକ ଫୌଜଦାରୀ ଅପରାଧ ବୋଲି ବିବେଚନା କରାଯିବ ଏବଂ କିଛି ବ୍ୟତିକ୍ରମ ସହିତ, ସର୍ବାଧିକ ୧୦ ବର୍ଷ ଜେଲ୍ ଦଣ୍ଡ ହୋଇପାରେ। ପୀଡିତାଙ୍କୁ ୧.୪୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାର ବ୍ୟବସ୍ଥା ମଧ୍ୟ ଅଛି।



ବିଲ୍ ଅନୁସୂଚିତ ଜନଜାତି ବର୍ଗ ଏବଂ ଷଷ୍ଠ ଅନୁସୂଚୀ ଅଧୀନରେ ଥିବା ଅଞ୍ଚଳଗୁଡ଼ିକୁ ବାଦ ଦେଇଛି। ଆସାମ ବହୁବିବାହ ନିଷେଧ ବିଲ୍, ୨୦୨୫ ପାସ୍ ହେବା ସମୟରେ, ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା କହିଥିଲେ ଯେ ଏହା ଇସଲାମ ବିରୋଧୀ ନୁହେଁ, ଯେପରି କିଛି ବର୍ଗ ବିଶ୍ୱାସ କରନ୍ତି।

ଆଇନ ଅନୁଯାୟୀ, ବହୁବିବାହ ପାଇଁ ଦୋଷୀ ସାବ୍ୟସ୍ତ ବ୍ୟକ୍ତିଙ୍କୁ ସାତ ବର୍ଷ ପର୍ଯ୍ୟନ୍ତ ଜେଲ୍ ଏବଂ ଜରିମାନା ହୋଇପାରେ। ଯଦି କୌଣସି ବ୍ୟକ୍ତି ସେମାନଙ୍କର ପୂର୍ବର ବିବାହକୁ ଲୁଚାଇ ଦ୍ୱିତୀୟ ବିବାହ କରନ୍ତି, ତେବେ ସେମାନଙ୍କୁ ୧୦ ବର୍ଷ ପର୍ଯ୍ୟନ୍ତ ଜେଲ୍ ଏବଂ ଜରିମାନା ହୋଇପାରେ।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏହି ବିଲ୍ ହିନ୍ଦୁ, ମୁସଲମାନ, ଖ୍ରୀଷ୍ଟିଆନ ଏବଂ ଅନ୍ୟ ସମସ୍ତ ସମ୍ପ୍ରଦାୟର ଲୋକଙ୍କୁ ଅନ୍ତର୍ଭୁକ୍ତ କରିବ।" ମୁଖ୍ୟମନ୍ତ୍ରୀ ସମସ୍ତ ବିରୋଧୀ ସଦସ୍ୟଙ୍କୁ ସେମାନଙ୍କର ସଂଶୋଧନ ପ୍ରତ୍ୟାହାର କରିବାକୁ ଅନୁରୋଧ କରିଥିଲେ ଯାହା ଦ୍ୱାରା ଗୃହରେ ବାର୍ତ୍ତା ପହଞ୍ଚିବ ଯେ ମହିଳାମାନଙ୍କୁ ସଶକ୍ତ କରିବା ପାଇଁ ଉଦ୍ଦିଷ୍ଟ ଏହି ବିଲ୍ ସର୍ବସମ୍ମତିକ୍ରମେ ଗୃହୀତ ହୋଇଛି।



ଦୃଷ୍ଟି ବାଧିତ ବିଶ୍ୱ କପ୍ ଟି -୨୦ ଜିତିଥିବା ଭାରତୀୟ ମହିଳା ଟିମ୍‌ଙ୍କ ଗହଣରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ରମୋଦୀ। ଭାରତୀୟ ମହିଳା ଖେଳାଳିଙ୍କର ଏହି ସଫଳତା ପାଇଁ ସେମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ଆଗାମୀ ଦିନରେ ଭାରତ ପାଇଁ ସଫଳତା ଆଣିବାକୁ ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

### ୟୁପିଏସସିର ଶତାବ୍ଦୀ ସମ୍ମେଳନ କାର୍ଯ୍ୟକ୍ରମ

## ସମ୍ବୋଧନ କଲେ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ

ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡକ୍ଟର ପି.କେ. ମିଶ୍ର ଆଜି ନୂଆଦିଲ୍ଲୀରେ ୟୁପିଏସସିର ଶତାବ୍ଦୀ ସମ୍ମେଳନ କାର୍ଯ୍ୟକ୍ରମର ପୂର୍ଣ୍ଣାଙ୍ଗ ଅଧିବେଶନରେ ଉଦବୋଧନ ଦେଇଛନ୍ତି। ଏହି ଅବସରରେ ସେ କହିଛନ୍ତି, ବିଗତ ୧୦୦ ବର୍ଷ ଧରି ୟୁପିଏସସି ଦେଶର ସବୁଠାରୁ ସମ୍ମାନିତ ସାମ୍ବିଧାନିକ ସଂସ୍ଥା ଭାବରେ ମର୍ଯ୍ୟାଦା ଏବଂ ଭରସାଯୋଗ୍ୟତା ବଜାୟ ରଖିବା ସହିତ ଯୋଗ୍ୟତା, ନିରପେକ୍ଷତା, ଉତ୍କର୍ଷତା ଏବଂ ବିଶ୍ୱସନୀୟତାକୁ ବଜାୟ ରଖିଛି। ଡକ୍ଟର ପି.କେ. ମିଶ୍ର ଗୁରୁତ୍ୱାରୋପ କରି କହିଥିଲେ, ଏହି ଅବସର ସମ୍ବିଧାନର ପ୍ରତିଷ୍ଠାତା ଏବଂ ଆୟୋଗର ଗଠନମୂଳକ ବର୍ଷଗୁଡ଼ିକରେ ମାର୍ଗଦର୍ଶନ କରିଥିବା ଦୂରଦ୍ରଷ୍ଟା ବ୍ୟକ୍ତିଙ୍କ ବିଚକ୍ଷଣତା ପ୍ରତି ଶ୍ରଦ୍ଧାଞ୍ଜଳି। ୟୁପିଏସସିର ସମସ୍ତ ଅଧ୍ୟକ୍ଷ, ସଦସ୍ୟ, ଅଧିକାରୀ ଏବଂ କର୍ମଚାରୀଙ୍କ ଅବଦାନ ଉପରେ ମଧ୍ୟ ସେ ଆଲୋକପାତ କରିଥିଲେ ଯେଉଁମାନେ ବିଭିନ୍ନ ଆହ୍ୱାନ ସତ୍ତ୍ୱେ ସ୍ୱଚ୍ଛତା ଏବଂ ଯୋଗ୍ୟତାକୁ ନିଶ୍ଚିତ କରି ପାରିଥିଲେ।

ଭାରତର ବିବିଧତା ପରିଧିରୁ ଆସିଥିବା ପ୍ରଶାସନିକ ଅଧିକାରୀଙ୍କ ବିଭିନ୍ନ ପିଢ଼ି ପ୍ରାୟତଃ ସ୍ୱୀକୃତି



ବିନା କର୍ତ୍ତବ୍ୟ, ନିରପେକ୍ଷତା ଏବଂ ରାଷ୍ଟ୍ର ସେବାର ଆଦର୍ଶକୁ ଆଗକୁ ବଢ଼ାଇଛନ୍ତି, ଅନୁଷ୍ଠାନ ଗଢ଼ିଛନ୍ତି, ସ୍ଥିରତା ରକ୍ଷା କରିଛନ୍ତି, ସଂସ୍କାର କାର୍ଯ୍ୟକାରୀ କରିଛନ୍ତି ଏବଂ ସାମ୍ବିଧାନିକ ନୈତିକତାକୁ ବଜାୟ ରଖିଛନ୍ତି ବୋଲି ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ କହିଥିଲେ।

ୟୁପିଏସସିର ଇତିହାସ ଉପରେ ଅବଲୋକନ କରି ଡକ୍ଟର ମିଶ୍ର କହିଥିଲେ, ଏହି ପ୍ରତିଷ୍ଠାନର ପୂର୍ବସୂରୀ ହେଉଛି ୧୯୨୬ ମସିହାରେ ପ୍ରତିଷ୍ଠିତ ଲୋକସେବା ଆୟୋଗ, ଯାହାକୁ ପରେ ଭାରତ ସରକାର ଆଇନ, ୧୯୩୫ ଆଧାରରେ ଫେଡେରାଲ ପବ୍ଲିକ୍ ସର୍ଭିସ କମିଶନ ନାମରେ ସ୍ୱୀକୃତି ଦିଆଯାଇଥିଲା। ସ୍ୱାଧୀନତା ପରେ ଏହାକୁ ସଂଘ ଲୋକସେବା ଆୟୋଗ (ୟୁନିଅନ୍ ପବ୍ଲିକ୍ ସର୍ଭିସ୍ କମିଶନ) ବା ୟୁପିଏସସି ନାମରେ ନାମକରଣ କରାଯାଇଥିଲା। ଭାରତର "ଦୃଢ଼ ଢାଞ୍ଚା" ପ୍ରଶାସନିକ ସେବା ପାଇଁ ପରୀକ୍ଷା ପରିଚାଳନା ଏହାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ହୋଇ ରହିଛି।

## କଲେଜ ନା ସାଇବର ଠକେଇ ସେଣ୍ଟର : ୯୦ କୋଟି ଲୁଟିନେଲେ ୭ ଛାତ୍ର

ନୂଆଦିଲ୍ଲୀ: ପାଠପଢା ଛାଡି ଠକେଇରେ ମାତିଥିଲେ ଛାତ୍ର। ଜଣେ କି ଦୁଇ ଜଣ ନୁହେଁ ୭ ଜଣ ଛାତ୍ର ସାଇବର ଠକେଇରେ ସାମିଲ ଥିବାର ଅଭିଯୋଗରେ ଏବେ ଗିରଫ ହୋଇଛନ୍ତି। ପୁଡୁଚେରୀର ସାଇବର ଅପରାଧ ପୋଲିସ ଏକ ସାଇବର ଠକେଇ ନେଟୱାର୍କର ପର୍ଦ୍ଦାଫାସ କରିଛି। ଏହି ନେଟୱାର୍କ ଏକ ଇଞ୍ଜିନିୟରିଂ କଲେଜ ଭିତରୁ କାର୍ଯ୍ୟ କରୁଥିବା ଅଭିଯୋଗ ହୋଇଛି। ତଦନ୍ତକାରୀ ଅଧିକାରୀମାନେ କହିଛନ୍ତି ଯେ ଏହା ମୂଳତଃ ସାଇବର ଅପରାଧର ଏକ କେନ୍ଦ୍ର ଥିଲା।

ପ୍ରକୃତରେ, ସାଇବର ଅପରାଧ ବାବଦରେ ତଦନ୍ତ ବେଳେ ପୋଲିସ ଜାଣିପାରିଲା ଯେ ଛାତ୍ରମାନେ ୯୦ କୋଟି ଟଙ୍କାର ଏକ ଠକେଇ ସହିତ ଜଡିତ ଅଛନ୍ତି। ଏହି ରାକେଟ୍ ରେ ସେମାନଙ୍କର ବନ୍ଧୁ ଏବଂ ସହପାଠୀଙ୍କ ବ୍ୟାଙ୍କ ଆକାଉଣ୍ଟ ସାଇବର ଅପରାଧୀଙ୍କୁ ବିକ୍ରି କରୁଥିଲେ। ତଦନ୍ତକାରୀମାନେ କହିଛନ୍ତି ଯେ ଏହି



ଅପରାଧୀମାନେ ଭାରତରୁ ଦୁବାଇକୁ ଟଙ୍କା ସ୍ଥାନାନ୍ତର କରିଥିଲେ ଏବଂ ଏକ ଚୀନ୍ ନେଟୱାର୍କ ମାଧ୍ୟମରେ ଏହାକୁ କ୍ରିପ୍ଟୋକରେନ୍ସିରେ ପରିଣତ କରିଥିଲେ।

ଦୁଇଜଣ ଇଞ୍ଜିନିୟରିଂ ଛାତ୍ର ପୋଲିସ ସହିତ ଯୋଗାଯୋଗ କରିବା ପରେ ମାମଲାଟି ସାମ୍ନାକୁ ଆସିଲା। ଦିନେଶ ଏବଂ ଜୟପ୍ରତାପର ବ୍ୟାଙ୍କ ଆକାଉଣ୍ଟ ହଠାତ୍ ଫ୍ରିଜ୍ ହୋଇଗଲା। ଉଭୟ ଛାତ୍ର କହିଛନ୍ତି ଯେ ସେମାନେ ସେମାନଙ୍କ ଆକାଉଣ୍ଟ ବିବରଣୀ ସେମାନଙ୍କ ବନ୍ଧୁ ହରିଶଙ୍କ ସହ ସେୟାର କରିଥିଲେ। ପୋଲିସ ତଦନ୍ତରୁ ଜଣାପଡିଥିଲା ଯେ ଠକେଇ ଅର୍ଥ ଜମା କରିବା ପାଇଁ ଏହି ଆକାଉଣ୍ଟଗୁଡ଼ିକୁ ଡମି ଆକାଉଣ୍ଟ ଭାବରେ ବ୍ୟବହାର କରାଯାଉଥିଲା। ତଦନ୍ତକାରୀ ଅଧିକାରୀମା କହିଛନ୍ତି ଯେ ଏହି ଆକାଉଣ୍ଟଗୁଡ଼ିକରୁ ଅତି କମରେ ୭ କୋଟି ଟଙ୍କା ଉଠାଯାଇଥିଲା।

ଏହି ମାମଲାରେ ପୋଲିସ ଏପର୍ଯ୍ୟନ୍ତ ଚାରି ଜଣ ଇଞ୍ଜିନିୟରିଂ ସ୍ନାତକଙ୍କ ସମେତ ସାତ ଜଣଙ୍କୁ ଗିରଫ କରିଛି। ଗିରଫ ଯୁବକମାନଙ୍କ ମଧ୍ୟରେ ଥମାସ ଓରଫ ହାୟାଗ୍ରୀଭା, ହରିଶ, ଗଣେଶନ, ଗୋବିନ୍ଦରାଜ, ଯଶଭିନ, ରାହୁଲ ଏବଂ ଆୟାପ୍ପାନ ଅଛନ୍ତି। ପୋଲିସ ୫ ଲକ୍ଷ ଟଙ୍କା ନଗଦ, ୧୭୧ ଚେକବୁକ୍, ୭୫ଟି ଏଟିଏମ୍ କାର୍ଡ, ୨୦ଟି ମୋବାଇଲ୍ ଫୋନ୍, ଲାପଟପ୍, କମ୍ପ୍ୟୁଟର, ଅନେକ ବ୍ୟାଙ୍କ ପାସବୁକ୍, କ୍ରେଡିଟ୍ କାର୍ଡ ଏବଂ ଏକ ହୁଣ୍ଡାଇ ଭର୍ନା କାର ଜବତ କରିଛି।

## ଚର୍ଚ୍ଚାରେ ୩ ଫୁଟ ଉଚ୍ଚତାର ଡାକ୍ତର

ଭାବନଗର : ଡାକ୍ତର ହେବାର ଯାତ୍ରା ତାଙ୍କ ପାଇଁ ଆଦୌ ସହଜ ନଥିଲା। ତାଙ୍କୁ ଅନେକ ଆଇନଗତ ଓ ସାମାଜିକ ଚ୍ୟାଲେଞ୍ଜର ସମ୍ମୁଖୀନ ହେବାକୁ ପଡ଼ିଥିଲା। କିଛି ବର୍ଷ ପୂର୍ବରୁ ଯେତେବେଳେ ଗଣେଶ ନିଟ୍ ପାସ୍ କରିଥିଲେ ଓ ଆଡମିସନ ପାଇଁ ଭାବନଗର ସରକାରୀ ମେଡିକାଲ କଲେଜକୁ ଯାଇଥିଲେ ସେତେବେଳେ ମେଡିକାଲ ବୋର୍ଡ ତାଙ୍କୁ ଫେରାଇ ଦେଇଥିଲା। ଅଦ୍ୟମ ଇଚ୍ଛା ଶକ୍ତି ଆଗରେ ସମସ୍ତ ପ୍ରତିକୂଳ ପରିସ୍ଥିତି ଫେଲ ମାରେ। ଇଚ୍ଛା ଥିଲେ ସଫଳତା କେବେ ବି ଆପଣଙ୍କ ବାଟରେ ପ୍ରତିବନ୍ଧକ ସାଜି ପାରିବ ନାହିଁ। ସଫଳତା ପାଇଁ ଇଚ୍ଛା ଶକ୍ତି ସହ ଅଦମ୍ୟ ସାହସ ମଧ୍ୟ ଆବଶ୍ୟକ। ଏହାକୁ ପ୍ରମାଣ କରି ଦେଖାଇଛନ୍ତି ଗୁଜରାଟର ଭାବନଗରରେ ରହୁଥିବା ୨୫ ବର୍ଷୀୟ ଗଣେଶ ବାରାୟା। ତାଙ୍କ ଉଚ୍ଚତା ମାତ୍ର ୩ ଫୁଟ। ଓଜନ ୨୦ କେଜିରୁ କମ। ଶରୀରର ୭୨ ପ୍ରତିଶତ ଅଂଶ ଲୋକମୋଟର ଦିବ୍ୟାଙ୍ଗ। ଅର୍ଥାତ ତାଙ୍କ ହାଡ଼, ଗଣ୍ଠି ଠିକ ବିକଶିତ ହୋଇନାହିଁ। ଏତେ ସବୁ ସମସ୍ୟା ସତ୍ତ୍ୱେ ଏବେ ସେ ଜଣେ ଡାକ୍ତର। ସେ ସାଧାରଣ ଡାକ୍ତରଙ୍କ ଭଳି ଜନସେବା ବି କରୁଛନ୍ତି। ଗ୍ରାମାଞ୍ଚଳରେ ଗରିବଙ୍କ ଚିକିତ୍ସା କରିବା ପାଇଁ ତାଙ୍କର ଆଶା ମଧ୍ୟ ରହିଛି। କିନ୍ତୁ ଡାକ୍ତର ହେବାର ଯାତ୍ରା ତାଙ୍କ ପାଇଁ ଆଦୌ ସହଜ ନଥିଲା। ତାଙ୍କୁ ଅନେକ ଆଇନଗତ ଓ ସାମାଜିକ ଚ୍ୟାଲେଞ୍ଜର ସମ୍ମୁଖୀନ ହେବାକୁ ପଡ଼ିଥିଲା। କିଛି ବର୍ଷ ପୂର୍ବରୁ ଯେତେବେଳେ ଗଣେଶ ନିଟ ପାସ୍ କରିଥିଲେ ଓ ଆଡମିସନ ପାଇଁ ଭାବନଗର ସରକାରୀ ମେଡିକାଲ କଲେଜକୁ ଯାଇଥିଲେ ସେତେବେଳେ ମେଡିକାଲ ବୋର୍ଡ ତାଙ୍କୁ ଫେରାଇ ଦେଇଥିଲା। କମ ଉଚ୍ଚତା ଓ ଶାରିରୀକ ଅକ୍ଷମତାକୁ ଆଳ କରି ଏମସିଆଇ ତାଙ୍କୁ ଡାକ୍ତରୀ ପାଠ ପଢିବାକୁ ଅନୁମତି ଦେଇ ନଥିଲା। ଏମସିଆଇ କହିଥିଲା ଯେ ଏତେ କମ ଉଚ୍ଚତାରେ ଆପଣ କେମିତି ରୋଗୀମାନଙ୍କ ପରୀକ୍ଷା କରିବେ? ଅସ୍ତ୍ରୋପଚାର ଥିଏଟର କାର୍ଯ୍ୟ କରିପାରିବ ତ? ଏମସିଆଇର ଏପରି କଥା ଗଣେଶ ଓ ତାଙ୍କ ପରିବାର ବର୍ଗଙ୍କୁ ବେଶ କଷ୍ଟ ଦେଇଥିଲା। ଗଣେଶଙ୍କ ପରିବାର



ପ୍ରଥମେ ଗୁଜରାଟ ହାଇକୋର୍ଟରେ ଆବେଦନ ଦାଖଲ କରିଥିଲେ। ହେଲେ କୋର୍ଟ ଏହାକୁ ଗ୍ରହଣ କରି ନଥିଲେ। ଏମସିଆଇ ନିଷ୍ପତ୍ତି କାଏମ ରହିଥିଲା। ଏହା ରାୟ ଗଣେଶକୁ ଆଘାତ ଦେଇଥିଲେ ହେଁ ସେ ହାର ମାନି ନଥିଲେ। ଗଣେଶ ଏହା ବିରୋଧରେ ସୁପ୍ରିମକୋର୍ଟ ଯାଇଥିଲେ। ସର୍ବୋଚ୍ଚ ଅଦାଲତ ଗଣେଶଙ୍କ ସପକ୍ଷରେ ଐତିହାସିକ ରାୟ ଦେଇ ତାଙ୍କୁ କଲେଜରେ ନାଁ ଲେଖାଇବାକୁ ଅନୁମତି ଦେଇଥିଲେ। ସେ ଭାବନଗର ମେଡିକାଲ କଲେଜରେ ନାମ ଲେଖାଇଥିଲେ।

### ମିଳିତ ଜାତିସଂଘ ସହ ଜଡିତ ସିଆଇଟିଇଏସ ସାର୍ଟିଫିକେଟ୍

## ବନ୍ୟପ୍ରାଣୀ ସଂରକ୍ଷଣ : ବନତାରାକୁ ଗ୍ଲୋବାଲ ହବ୍ ଘୋଷଣା

ଜାମନଗର (ଗୁଜରାଟ) : ଜାମନଗରର ବନ୍ୟପ୍ରାଣୀ ସଂରକ୍ଷଣ କେନ୍ଦ୍ର ବନତାରାର କାର୍ଯ୍ୟକୁ ଆନ୍ତର୍ଜାତୀୟ ସ୍ତରରେ ପ୍ରଶଂସା ମିଳିଛି। ସିଓପି ୨୦ ସହିତ ଜଡିତ ସିଆଇଟିଇଏସର ଉଜବେକିସ୍ତାନର ସମରକନ୍ଦରେ ଅନୁଷ୍ଠିତ ୨୦ତମ ବୈଠକରେ ସଦସ୍ୟ ଦେଶମାନେ ବହୁ ମାତ୍ରାରେ ଭାରତକୁ ସମର୍ଥନ କରି କହିଥିଲେ ଯେ ପଶୁ ଆମଦାନୀ ସମ୍ପର୍କରେ ଭାରତ କିମ୍ବା ବନତାରା ବିରୁଦ୍ଧରେ କୌଣସି କାର୍ଯ୍ୟନୁଷ୍ଠାନ ପାଇଁ କୌଣସି ଆଧାର କିମ୍ବା ପ୍ରମାଣ ନାହିଁ।

ଏହି ନିଷ୍ପତ୍ତି ଦ୍ୱାରା ବନତାରାର ଆଇନଗତ, ପାରଦର୍ଶୀ ଏବଂ ବିଜ୍ଞାନ-ଆଧାରିତ କାର୍ଯ୍ୟପ୍ରଣାଳୀ ନେଇ ଅନ୍ତର୍ଜାତୀୟ ସ୍ୱୀକୃତି ମିଳିବା ସହିତ ଏହାର ରିପୋର୍ଟ ବନତାରାକୁ ବିଶ୍ୱର ସବୁଠାରୁ ବିଶ୍ୱସନୀୟ ବନ୍ୟପ୍ରାଣୀ ସଂରକ୍ଷଣ କେନ୍ଦ୍ର ମଧ୍ୟରୁ ଅନ୍ୟତମ ଭାବେ ସିଦ୍ଧ କରିଛି। ସେପ୍ଟେମ୍ବର ୨୦୨୫ ରେ, ସିଆଇଟିଇଏସ ସଚିବାଳୟ ବନତାରାର ଦୁଇ ଦିନିଆ ନିରୀକ୍ଷଣ କରିଥିଲା ଏବଂ ପଶୁ ଆବାସ, ଚିକିତ୍ସା ଓ ଯନି, ଉଦ୍ଧାର ବ୍ୟବସ୍ଥା ଏବଂ ସମସ୍ତ ରେକର୍ଡର ପୁଙ୍ଖାନୁପୁଙ୍ଖ ସମୀକ୍ଷା କରିଥିଲା। ସେପେଟମ୍ବର ୩୦ ତାରିଖରେ ପ୍ରସ୍ତୁତ ହୋଇଥିବା ରିପୋର୍ଟରେ ବନତାରାକୁ ଆଧୁନିକ ସୁବିଧା ସମ୍ପନ୍ନ ଏବଂ ଏକ ସୁଦୃଢ଼ କଲ୍ୟାଣ ବ୍ୟବସ୍ଥା ରହିଥିବା ଏକ ବିଶ୍ୱସ୍ତରୀୟ କେନ୍ଦ୍ର ଭାବରେ ବର୍ଣ୍ଣନା କରାଯାଇଥିଲା। ରିପୋର୍ଟରେ ସ୍ପଷ୍ଟ ଭାବରେ ଉଲ୍ଲେଖ କରାଯାଇଥିଲା ଯେ ବନତାରାର ପ୍ରାଥମିକ ଉଦ୍ଦେଶ୍ୟ ହେଉଛି ପଶୁ କଲ୍ୟାଣ ଏବଂ ସଂରକ୍ଷଣ, ଏବଂ ଏହା କୌଣସି ପ୍ରକାରର ବନ୍ୟପ୍ରାଣୀ ବାଣିଜ୍ୟରେ ସାମିଲ ନାହିଁ। ଏହା ମଧ୍ୟ ଉଲ୍ଲେଖ କରାଯାଇଥିଲା ଯେ ଏହାର ସମ୍ପୂର୍ଣ୍ଣ କାର୍ଯ୍ୟ ଆଧୁନିକ ଭିତ୍ତିଭୂମି, ଉନ୍ନତ ପଶୁଚିକିତ୍ସା, ସଂରକ୍ଷଣ ବିଜ୍ଞାନ ଏବଂ ଦାୟିତ୍ୱପୂର୍ଣ୍ଣ ଯନି ଉପରେ କେନ୍ଦ୍ରିତ। ସିଆଇଟିଇଏସ ସ୍ଥାୟୀ କମିଟି ଆଲୋଚନା ସମୟରେ ଅଧିକାଂଶ ଦେଶ ଭାରତ ପକ୍ଷରେ ଦୃଢ଼ ସମର୍ଥନ ପ୍ରକାଶ କରିଥିଲେ। ଅନ୍ତର୍ଜାତୀୟ



ସମ୍ପ୍ରଦାୟର ଏହି ସ୍ପଷ୍ଟ ବାର୍ତ୍ତା ବନତାରା ଉପରେ ଲଗାଯାଇଥିବା ସମସ୍ତ ଭିତ୍ତିହୀନ ଅଭିଯୋଗକୁ ସମ୍ପୂର୍ଣ୍ଣ ଭାବରେ ଖଣ୍ଡନ କରିଥିଲା।

ପୂର୍ବରୁ, ବନତାରାକୁ ଭାରତର ସୁପ୍ରିମକୋର୍ଟ ଦ୍ୱାରା ନିଯୁକ୍ତ ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସଆଇଟି) ଦ୍ୱାରା କ୍ଲିନ୍ ଚିଟ୍ ମିଳିଥିଲା। ଏସଆଇଟି ପକ୍ଷରୁ ଏହି କେନ୍ଦ୍ରକୁ ଆଇନଗତ, ଆର୍ଥିକ ଏବଂ ବନ୍ୟପ୍ରାଣୀ ସେବାର ସମସ୍ତ ଦିଗ ଉପରେ ଏକ ବିସ୍ତୃତ ତଦନ୍ତ କରିଥିଲା। ତଦନ୍ତରେ ସମସ୍ତ ଅଭିଯୋଗ ନିରାଧାର ଏବଂ ଭିତ୍ତିହୀନ ବୋଲି ଜଣାପଡ଼ିଥିଲା। ଏସଆଇଟି ଏହା ମଧ୍ୟ ସୂଚିତ କରିଥିଲାଯେ ସମସ୍ତ ପ୍ରାଣୀ ବୈଧ ଆମଦାନୀ ଅନୁମତି ସହିତ ଏବଂ କେବଳ ଅଣ-ବାଣିଜ୍ୟିକ ଉଦ୍ଦେଶ୍ୟରେ ଅଣାଯାଇଥିଲା। ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଦ୍ୱାରା ପରିଚାଳିତ ବନତାରା କେନ୍ଦ୍ରୀୟ ଚିଡ଼ିଆଖାନା ପ୍ରାଧିକରଣ (ସିଜେଡଏ) ର ସମସ୍ତ ନିୟମ ପାଳନ କରିବା ସହିତ ଆହୁରି ଅଧିକ ଯନିର ସହିତ କାର୍ଯ୍ୟ କରୁଛି। ଏହା ଏକ ବ୍ୟକ୍ତିଗତ ସଂଗ୍ରହ ନୁହେଁ ବରଂ ଗ୍ଲୋବାଲ୍ ହ୍ୟୁମେନ୍ ସାର୍ଟିଫାଏଡ୍ ମାନ୍ୟତା ପ୍ରାପ୍ତ ଏକ ଆନ୍ତର୍ଜାତୀୟ ସ୍ତରର ସଂରକ୍ଷଣ ଏବଂ ଉଦ୍ଧାର କେନ୍ଦ୍ର। ଏହି ଉପଲବ୍ଧି କେବଳ ବନତାରା ପାଇଁ ନୁହେଁ ବରଂ ଭାରତର ସେହି କ୍ଷମତାର ପରିଚାୟକ ଯାହା ସହାନୁଭୂତି, ବିଜ୍ଞାନ ଏବଂ ସଠିକ ନିୟମ ଅନୁପାଳନ ମାଧ୍ୟମରେ ବନ୍ୟପ୍ରାଣୀ ସଂରକ୍ଷଣକୁ ବିଶ୍ୱ ସ୍ତରରେ ସ୍ଥାପିତ କରିଛି।

### ସୁଲତାନ ଆଜଲାନ ଶାହଙ୍କ ହକି

# ନ୍ୟୁଜିଲାଣ୍ଡକୁ ଧରାଶାୟୀ କଲା ଭାରତ

ଇପୋ, ୨୭।୧୧(ଏଜେନ୍ସି) : ମାଲେସିଆର ଇପୋରେ ଚାଲିଥିବା ସୁଲତାନ ଆଜଲାନ ଶାହ କପ୍ ହକି ଟୁର୍ଣ୍ଣାମେଣ୍ଟରେ ଗୁରୁବାର ନ୍ୟୁଜିଲାଣ୍ଡକୁ ୩-୨ ଗୋଲରେ ଧରାସାୟୀ କରିଛି ଭାରତ। ଦିନକ ଆଗରୁ ଆୟୋଜକ ମାଲେସିଆକୁ ୪-୩ ଗୋଲରେ ପରାଜିତ କରି ଭାରତ ବିଜୟଧାରାକୁ ଫେରିଥିଲା। ନ୍ୟୁଜିଲାଣ୍ଡ ବିପକ୍ଷ ମ୍ୟାଚରେ ଓଡିଆ ପୁଅ ଅମିତ ରୋହିଦାସଙ୍କ ଚମକ ଦେଖିବାକୁ ମିଳିଛି। ମ୍ୟାଚର ଚତୁର୍ଥ ମିନିଟରେ ଅମିତ ରୋହିଦାସ ଗୋଲ କରିଥିଲେ। ୩୨ ତମ ମିନିଟରେ ସଞ୍ଜୟ ଏବଂ ୫୪ତମ ମିନିଟରେ ସେଲଭମ୍ କାର୍ତ୍ତି ଗୋଲ କରିବାରୁ ଭାରତ ବିଜୟ ଲାଭ କରିଥିଲା। ନ୍ୟୁଜିଲାଣ୍ଡ ପକ୍ଷରୁ ଜର୍ଜବେକର ୪୨ ଓ ୪୮ ତମ ମିନିଟରେ ଡବଲ ଗୋଲ କରିଥିଲେ।

ଆୟୋଜକ ମାଲେସିଆ ବିପକ୍ଷରେ ମଧ୍ୟ ସେଲଭମ୍, ସୁଖଜିତ ଓ ଅମିତ ରୋହିଦାସ ଗୋଲ କରିଥିଲେ। ନ୍ୟୁଜିଲାଣ୍ଡ ବିପକ୍ଷରେ ଅମିତ ଓ ସେଲଭମ୍ ଗୋଲ କରି ଧାରାକୁ ଆଗେଇ ନେଇଥିଲେ। ଗତ ମାଲେସିଆ ବିପକ୍ଷ ମ୍ୟାଚରେ ଭାରତ ପକ୍ଷରୁ ସେଲଭମ୍ କାର୍ତ୍ତି ୭ମ ମିନିଟ୍, ସୁଖଜୀତ ସିଂ ୨୧ ତମ ମିନିଟ୍ ଅମିତ ରୋହିଦାସ ୩୯ତମ ମିନିଟ୍ ଏବଂ ସଞ୍ଜୟ ୫୩ତମ ମିନିଟରେ ଗୋଲ କରିଥିଲେ। ମାଲେସିଆ ପକ୍ଷରୁ ଫଏଜଲ ସାରି ୧୩ତମ ମିନିଟ୍ , ଫିଟ୍ରି ସାରି ୩୬ତମ ମିନିଟ୍ ଏବଂ ମାରହନ୍ ଜଲିଲ୍ ୪୫ତମ ମିନିଟ୍‌ରେ ଗୋଲ କରିଥିଲେ। ଶନିବାର ଭାରତୀୟ ଦଳ ପରବର୍ତ୍ତୀ ମ୍ୟାଚରେ କାନାଡାକୁ ଭେଟିବ । ଏହି ମ୍ୟାଚ ଭାରତୀୟ ସମୟ ଅପରାହ୍ନ ୧.୩୦ରେ ଆରମ୍ଭ ହେବ। ଦର୍ଶକ ଏହି ମ୍ୟାଚରେ ସିଧାପ୍ରସାରଣ ଫ୍ରାନକୋଡରେ ଦେଖିପାରିବେ।



### ଡବ୍ଲ୍ୟୁପିଏଲ୍ ଖେଳାଳି ନିଲାମ

# ଦିପ୍ତୀ ଶର୍ମା ସବୁଠୁ ମହଙ୍ଗା ଖେଳାଳି

ନୂଆଦିଲ୍ଲୀ, ୨୭।୧୧(ଏଜେନ୍ସି) : ମହିଳା ପ୍ରିମିୟର ଲିଗ୍ ୨୦୨୬ ପାଇଁ ଖେଳାଳି ନିଲାମ ହୋଇଛି। ପ୍ରଥମ ପର୍ଯ୍ୟାୟରେ ମର୍କି ଖେଳାଳିଙ୍କ ନିଲାମ ହୋଇଥିଲା। ଏହି ବର୍ଗରେ ମୋଟ ୮ ଜଣ ଥିଲେ। ସମସ୍ତଙ୍କୁ ଫ୍ରାଞ୍ଚାଇଜ୍‌ମାନେ କିଣିଥିବା ବେଳେ କେବଳ ଆଲିସା ହେଲି ଅନସୋଲ୍ଡ ରହିଛନ୍ତି। ଏହି ରାଉଣ୍ଡରେ ସବୁଠୁ ମହଙ୍ଗା ଖେଳାଳି ହୋଇଛନ୍ତି ଭାରତୀୟ ଅଲରାଉଣ୍ଡର ଦିପ୍ତୀ ଶର୍ମା। ତାଙ୍କୁ ୟୁପି ୱାରିୟର୍ସ ଆରଟିଏମ୍ ବ୍ୟବହାର କରି ଦଳରେ ସାମିଲ କରିଛି। ଦଳ ତାଙ୍କୁ ୩ କୋଟି ୨୦ ଲକ୍ଷ ଟଙ୍କାରେ କିଣିଛି। ୟୁପି ୱାରିୟର୍ସକୁ ଫେରିବା ନେଇ ଖୁସି ପ୍ରକାଶ କରିଛନ୍ତି ଦିପ୍ତୀ ଶର୍ମା। ସେ କହିଛନ୍ତି ଭଲ ଲାଗୁଛି, ମୁଁ ଘରକୁ ଫେରିଲା ଭଳି ୟୁପି ୱାରିୟର୍ସକୁ ଆସିଛି। ତେଣୁ ଏହି ଦଳ ସହ ମୋର ଦୃଢ ସମ୍ପର୍କ ଅଛି। ଟିମ୍‌ର ପରିଚାଳନା ସଦସ୍ୟ ଏବଂ ସହାୟକମାନେ ବହୁତ ଭଲ। ମହିଳା ପ୍ରିମିୟର ଲିଗ୍ ମୋର ପ୍ରଦର୍ଶନକୁ ଉନ୍ନତ କରିବାରେ ସାହାଯ୍ୟ କରିଛି। ଦିପ୍ତୀ ଶର୍ମା ମହିଳା ପ୍ରିମିୟର ଲିଗ୍ ୨୦୨୬ ନିଲାମ ତାଲିକାରେ ଆଲିସା ହେଲିଙ୍କ ପଛରେ ତୃତୀୟ ସ୍ଥାନରେ ଥିଲେ। ହେଲିଙ୍କୁ କୌଣସି ଦଳ ନନେବା ଆଶ୍ଚର୍ଯ୍ୟ କଲା ଭଳି ହୋଇଛି। କାରଣ ହେଲି ମହିଳା ବିଶ୍ୱ କପ୍‌ରେ ଭଲ ପ୍ରଦର୍ଶନ କରିଥିଲେ। ଦିପ୍ତୀଙ୍କୁ ନେବା ପାଇଁ ଦିଲ୍ଲୀ ପ୍ରଥମ ଆଗ୍ରହ ଦେଖାଇଥିଲା। ୟୁପି ୱାରିୟର୍ସ ଟ୍ରେଡ୍ ଟୁ ରିଟର୍ଣ୍ଣ (ଆରଟିଏମ୍) ବ୍ୟବହାର କରିଥିଲା। ଏହାପରେ ଦିଲ୍ଲୀ ଚୂଡାନ୍ତ ମୂଲ୍ୟ ୩ କୋଟି ୨୦ ଲକ୍ଷ ଟଙ୍କା ଘୋଷଣା କରିଥିଲା। ୟୁପି ଆରଟିଏମ୍ ଜରିଆରେ ଦିପ୍ତୀଙ୍କୁ ଦଳରେ ସାମିଲ କରିଛି।

ମର୍କି ରାଉଣ୍ଡରେ ବିକ୍ରୀ ହେଉଥିବା ଖେଳାଳିମାନେ ହେଲେ ସୋଫି ଡିଭାଇନ୍। ତାଙ୍କୁ ଗୁଜରାଟ ଜ୍ୟାଣ୍ଟସ୍ ଦୁଇ କୋଟି ଟଙ୍କାରେ କିଣିଛି। ମୁମ୍ବାଇ ଇଣ୍ଡିଆନ୍ସ ୩ କୋଟି ଟଙ୍କାରେ ଆମେଲିଆ କେର୍, ଗୁଜରାଟର ଜ୍ୟାଣ୍ଟସ୍ ୬୦ ଲକ୍ଷ ଟଙ୍କାରେ ରେଣୁକା ସିଂ, ୟୁପି ୱାରିୟର୍ସ ୮୫ ଲକ୍ଷ ଟଙ୍କାରେ ସୋଫି ଏକଲେଷ୍ଟୋନ୍, ୟୁପି ୱାରିୟର୍ସ ୧.୯ କୋଟି ଟଙ୍କାରେ ମେଗ୍ ଲନିଙ୍ଗ୍ ଏବଂ ଦିଲ୍ଲୀ କ୍ୟାପିଟାଲ୍ସ ୧.୧ କୋଟି ଟଙ୍କାରେ ଲୌରା ଓଲଭର୍ଡିଟ୍‌ଙ୍କୁ କିଣିଛି। ୟୁପି ୱାରିୟର୍ସ ମର୍କି ରାଉଣ୍ଡରେ ୩ ଜଣ ଖେଳାଳି ଦିପ୍ତୀ ଶର୍ମା , ସୋଫି ଏକଲେଷ୍ଟୋନ୍ ଏବଂ ମେଗ୍ ଲର୍ଣ୍ଣିଂଗକୁ କିଣିଛି। ଏହି ରାଉଣ୍ଡରେ ଗୁଜରାଟ ଜ୍ୟାଣ୍ଟସ୍ ଦୁଇଜଣ ଖେଳାଳି ସୋଫି ଡିଭାଇନ୍ ଓ ରେଣୁକା ସିଂଙ୍କୁ ସାମିଲ କରିଛି।




## ୧୯ ବର୍ଷରୁ କମ ଓଡ଼ିଶା କ୍ରିକେଟ ଦଳରେ ସାର୍ଥକ ସ୍ୱୟଂପ୍ରକାଶ

କେନ୍ଦୁଝର,୨୭।୧୧ (ସବ୍ୟୁ): କେନ୍ଦୁଝରର ଉଦୀୟମାନ ତରୁଣ କ୍ରିକେଟ ଖେଳାଳି ସାର୍ଥକ ସ୍ୱୟଂପ୍ରକାଶ ୧୯ ବର୍ଷରୁ କମ ଓଡ଼ିଶା କ୍ରିକେଟ ଦଳରେ ସାମିଲ ହୋଇଛନ୍ତି । ଓଡ଼ିଶା କ୍ରିକେଟ ଆସୋସିଏସନ ପକ୍ଷରୁ ଘୋଷିତ ୧୯ ବର୍ଷରୁ କମ ଦଳରେ ସାର୍ଥକ ସ୍ଥାନ ହାସଲ କରିବା ସହ ବିସିସିଆଇ ବୋର୍ଡ ଅଫ କଣ୍ଟ୍ରୋଲ ଫର କ୍ରିକେଟ ଇନ ଇଣ୍ଡିଆ ଆନୁକୁଲ୍ୟରେ ଚଳିତ ନଭେମ୍ବର ୧୬ ତାରିଖରୁ ମହାରାଷ୍ଟ୍ରରେ ଆରମ୍ଭ ହୋଇ ଆନ୍ଧ୍ରପ୍ରଦେଶ, ଉତ୍ତରାଖଣ୍ଡ ଏବଂ ଓଡ଼ିଶାରେ ଅନୁଷ୍ଠିତ ହେବାକୁ ଥିବା କୁଚ ବିହାର ଟ୍ରଫି ମ୍ୟାଚରେ ରାଜ୍ୟ ତରଫରୁ ଖେଳିବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି ।ସୂଚନାଯୋଗ୍ୟଯେ ଗତ ବର୍ଷ ମଧ୍ୟ ସେ ଓଡ଼ିଶା ରାଜ୍ୟ ଟିମ ରେ ସାମିଲ ହୋଇ କୁଚ ବିହାର ଟ୍ରଫି ପାଇଁ ଖେଳିଥିଲେ ।ନିର୍ମଳା କନଭେନଫ ସ୍କୁଲ କେନ୍ଦୁଝରରୁ ମାଟ୍ରିକ ପାସ କରିବା ପରେ ରେଭେନସା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କଟକରେ ଯୁକ୍ତ ଦୁଇ ପଢ଼ିଥିଲେ ଏବଂ ବର୍ତମାନ ରେଭେନସାୟୁନିଭରସିଟି କଟକରେ ୩ ପ୍ରଥମ ବର୍ଷ କଳାରେ ଅଧ୍ୟୟନରତ ସାର୍ଥକ ବରିଷ୍ଠ ପ୍ରଶିକ୍ଷକ ଗିରୀଶ ଚନ୍ଦ୍ର ହୋତା ଏବଂ ବୋଦାପଲସା କ୍ରିକେଟ କ୍ଲବର ବରିଷ୍ଠ ପ୍ରଶିକ୍ଷକ ତଥା ମାର୍ଗଦର୍ଶକ ସୁଧାଂଶୁ ନାୟକଙ୍କ ପ୍ରତ୍ୟକ୍ଷ ପ୍ରଶିକ୍ଷଣ ଦ୍ୱାରା ଓଡ଼ିଶା ଦଳରେ ପୁନର୍ବାର ସ୍ଥାନ ପାଇ ବେଶ ଖୁସି ଅଛନ୍ତି । ସୂଚନାଯୋଗ୍ୟ ଯେ ୨୦୨୧ ମସିହା ୧୬ ବର୍ଷରୁ କମ କ୍ରିକେଟ ଦଳରେ ବିଜୟ ମର୍ଚ୍ଚଣ୍ଟ ଟ୍ରଫି ପାଇଁ ମଧ୍ୟ ସାର୍ଥକ ଚୟନ ହୋଇଥିଲେ । ସୂଚନା ଓ ଲୋକସମ୍ପର୍କ ବିଭାଗର ଯୁଗ୍ମନିର୍ଦ୍ଦେଶକ ତଥା ରାଜ୍ୟପାଳଙ୍କ ଲୋକସମ୍ପର୍କ ଅଧିକାରୀ ସଂଜୀବ ବାରିକ ଏବଂ ରଂଜିତା ବାରିକଙ୍କ କନିଷ୍ଠ ପୁତ୍ର ସାର୍ଥକଙ୍କୁ ଏହି ସଫଳତା ପାଇଁ କେନ୍ଦୁଝର ଜିଲ୍ଲା କ୍ରୀଡ଼ା ସଂସ୍ଥାର ସାଧାରଣ ସମ୍ପାଦକ ସଂଗ୍ରାମ ପଟ୍ଟନାୟକ ଙ୍କ ସମେତ ବିଭିନ୍ନ ବ୍ୟକ୍ତିବିଶେଷ ତାଙ୍କର ସଫଳତା ପାଇଁ ଶୁଭେଚ୍ଛା ଜଣାଇଛନ୍ତି ଏବଂ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି ।

## ରାଜ୍ୟସ୍ତରୀୟ ଗୟାବନ୍ଧ ଫୁଟବଲ : ଫାଇନାଲରେ ଏ ଜି କ୍ଲବ

ନିରାକାରପୁର,୨୭/୧୧ (ସବ୍ୟୁ) : ଖୋର୍ଦ୍ଧା ଜିଲ୍ଲା ଗୟାବନ୍ଧ ଖେଳ ପଡିଆରେ ବାପୁଜୀ କ୍ଲବ ଆନୁକୁଲ୍ୟରେ ଚାଲିଥିବା ରାଜ୍ୟସ୍ତରୀୟ ଗୟାବନ୍ଧ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଆଜି ପ୍ରଥମ ସେମିଫାଇନାଲ ଏ ଜି କ୍ଲବ , ଖୋର୍ଦ୍ଧା ବନାମ ଏସ ଏସ ଏ ଫୁଟବଲ କ୍ଲବ, ଶରଧାପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଏସ ଏସ ଏ ଫୁଟବଲ କ୍ଲବ, ଶରଧାପୁରକୁ ୨-୧ ଗୋଲ ରେ ଏ ଜି କ୍ଲବ , ଖୋର୍ଦ୍ଧା ଫୁଟବଲ କ୍ଲବ ହରାଇ ଫାଇନାଲରେ ପ୍ରବେଶ କରିଛି । ଆଜିର ଖେଳକୁ ଶରତ କୁମାର ଛୋଟରାୟ, ଚିତ୍ତରଞ୍ଜନ ପରିଡ଼ା, ବୈକୁଣ୍ଠ ମହାପାତ୍ର ଓ ଲକ୍ଷ୍ମୀଧର ଚୌଧୁରୀ ପ୍ରମୁଖ ପରିଚାଳନା କରିଥିଲେ । ଆଜି ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ରାଜେନ୍ଦ୍ର କୁମାର ସାହୁ , ସମ୍ମାନୀତ ଅତିଥି ଭାବେ ଟାଙ୍ଗୀ ବ୍ଲକ ଅଧକ୍ଷା ରିସ୍ମା ମାନ୍ଧାତା, ସମିତି ସଭ୍ୟ ନେତ୍ରାନନ୍ଦ ପ୍ରଧାନ, ଦୁର୍ଗ ମାଧବ ରାୟ, ରଜାକ ଖାଁ ଓ ନବକିଶୋର ଭୁଜବଳ ପ୍ରମୁଖ ଯୋଗ ଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ । କ୍ଲବର ସଭ୍ୟ ସୁଶାନ୍ତ କୁମାର ଶ୍ରୀଚନ୍ଦନ, ଅଜୟ କୁମାର ଭୁଜବଳ, ଆନନ୍ଦ ଭୁଜବଳ, ମଧୁ ସୁଦନ ଶ୍ରୀଚନ୍ଦନ, କୃତିବାସ ଭୁଜବଳ ଓ କାଲୁ ଖାଁ, ରହିମ ଖାଁ ପ୍ରମୁଖ ସହଯୋଗ କରିଥିଲେ । ଆସନ୍ତା କାଲି ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଯଦୁମଣି ସ୍ପୋର୍ଟସ କ୍ଲବ, ଇଟାମାଟି ଓ ବୋଲଗଡ଼ ଫୁଟବଲ କ୍ଲବ ମଧ୍ୟରେ ଅନୁଷ୍ଠିତ ହେବ ।

## କ୍ଷମା ମାଗିଲେ ପନ୍ତ

ଗୌହାଟି, ୨୭।୧୧(ଏଜେନ୍ସି) : ଦ.ଆଫ୍ରିକା ବିପକ୍ଷ ଟେଷ୍ଟ ଶୃଙ୍ଖଳାରେ ଭାରତ ଖରାପ ପ୍ରଦର୍ଶନ ନେଇ ଅଧିନାୟକ ରିଷଭ ପନ୍ତ କ୍ଷମା ମାଗିଛନ୍ତି। ଆମେ ଦୁଇ ସପ୍ତାହ ହେବ ଭଲ କ୍ରିକେଟ୍ ଖେଳିନାହୁଁ। ପ୍ରଶଂସକଙ୍କୁ ବ୍ୟଥିତ କରିଥିବ ନିଶ୍ଚିତ। ଆମେ ଖୁବ୍ ଶୀଘ୍ର ପ୍ରତ୍ୟାବର୍ତ୍ତନ କରିବୁ ବୋଲି ପନ୍ତ କହିଛନ୍ତି। ଭାରତ ଟେଷ୍ଟ ଶୃଙ୍ଖଳାରେ ଦୁଇଟି ଯାକ ମ୍ୟାଚ ହାରିଥିଲା। ଦ୍ୱିତୀୟ ଟେଷ୍ଟରେ ଟିମ୍ ଇଣ୍ଡିଆ ୪୦୮ ରନର ବଡ ବ୍ୟବଧାନରେ ପରାଜିତ ହୋଇଥିଲା। ଭାରତର ପ୍ରତିନିଧିତ୍ୱ କରିବା ଆମ ପାଇଁ ଗର୍ବର ବିଷୟ। ଦକ୍ଷତା ସମ୍ପନ୍ନ ଖେଳାଳିଙ୍କ ଅଭାବ ନାହିଁ । ଆମେ ଜାଣିଛୁ କିଭଳି ପ୍ରଦର୍ଶନ କରିପାରିବୁ। ପ୍ରଥମ ଟେଷ୍ଟରେ ଶୁଭମନ୍ ଗିଲ ଆହତ ହୋଇ ମ୍ୟାଚରୁ ଓହରିଯାଇଥିଲେ। ତାଙ୍କ ସ୍ଥାନରେ ପନ୍ତଙ୍କୁ ଦଳର ନେତୃତ୍ୱ ମିଳିଥିଲା। ପନ୍ତ ୪ ଟି ଇନିଂସରେ କେବଳ ୪୯ ରନ୍ କରିଥିଲେ। ତାଙ୍କ ବିଫଳତା ଦଳର ପ୍ରଦର୍ଶନକୁ ପ୍ରଭାବିତ କରିଥିଲା। ଏ ଦୃଷ୍ଟିରୁ ପନ୍ତ ଖରାପ ପ୍ରଦର୍ଶନ ଓ ଦଳର ପରାଜୟ ପାଇଁ ଅସଂଖ୍ୟ ଭାରତୀୟ ପ୍ରଶଂସକଙ୍କୁ ବିନମ୍ର କ୍ଷମା ମାଗିଛନ୍ତି।

## ଗମ୍ଭୀର, ଅଗରକରଙ୍କ ପଦ ସୁରକ୍ଷିତ କି ?

ନଆଦିଲ୍ଲୀ, ୨୭।୧୧(ଏଜେନ୍ସି) : ଦ.ଆଫ୍ରିକା ବିପକ୍ଷରେ ଭାରତ ଶୃଙ୍ଖଳା ହାରିଯିବା ପରେ ମୁଖ୍ୟ କୋଚ ଗୌତମ ଗମ୍ଭୀର ଓ ଚୟନ କମିଟି ମୁଖ୍ୟ ଅଜିତ ଅଗରକରଙ୍କୁ ତୀବ୍ର ସମାଲୋଚନାର ସରବ୍ୟ ହେବାକୁ ପଡିଛି। ଉଭୟଙ୍କ କିଛି ନିଷ୍ପତ୍ତିକୁ ବରିଷ୍ଠ ଖେଳାଳି ଓ ସମୀକ୍ଷକଙ୍କ ପସନ୍ଦ କରିନାହାଁନ୍ତି। ଏପରିକି ଦୁହେଁ ସେମାନଙ୍କ ପଦ ହରାଇବେ ବୋଲି ମଧ୍ୟ ଆଲୋଚନ ହେଉଛି। ଇଂରାଜୀ ଖବର କାଗଜ ଇଣ୍ଡିଆନ୍ ଏକ୍ସପ୍ରେସ୍‌ରେ ପ୍ରକାଶିତ ରିପୋର୍ଟ ଅନୁସାରେ ଉଭୟଙ୍କ ପଦବୀ ସୁରକ୍ଷିତ ରହିଛି। କାରଣ ବିସିସିଆଇ ତରବରିଆ ଭାବରେ କୌଣସି ନିଷ୍ପତ୍ତି ନେବାକୁ ଚାହିଁନାହିଁ। ଦଳରେ ଅନେକ ଯୁବ ଖେଳାଳି ଅଛନ୍ତି। ଧୀରେ ଧୀରେ ସେମାନେ ଦାୟିତ୍ୱ ନେବେ। ସେଥିପାଇଁ କିଛି ସମୟର ଅଭାବ ଅଛି ବୋଲି ବିସିସିଆଇର ଜଣେ ଅଧିକାରୀ କହିଛନ୍ତି। ବିଶ୍ୱ କପ୍ ୨୦୨୭ ପର୍ଯ୍ୟନ୍ତ ଗମ୍ଭୀର ତାଙ୍କ ଦାୟିତ୍ୱ ବଜାୟ ରଖିବେ। ଜୁଲାଇ ୨୦୨୪ରେ ଗମ୍ଭୀରଙ୍କୁ ଭାରତୀୟ ଦଳର କୋଚ୍ ଭାବେ ନିଯୁକ୍ତି କରାଯାଇଥିଲା। ୧୬ ମାସ ହେବ ସେ ଭାରତୀୟ ଦଳର ମୁଖ୍ୟ କୋଚ୍ ଅଛନ୍ତି। ଏବେ ପରବର୍ତ୍ତୀ ଟେଷ୍ଟ ଶୃଙ୍ଖଳା ପାଇଁ ଢେର ସମୟ ଅଛି।



ଅଗଷ୍ଟ ୨୦୨୬ରେ ଭାରତୀୟ ଦଳର ଶ୍ରୀଲଙ୍କା ଗସ୍ତରେ ଯିବ। ସେହିପରି ୨୦୨୭ରେ ଅଷ୍ଟ୍ରେଲିଆ ଗସ୍ତରେ ଯିବ ଭାରତ। ଗମ୍ଭୀର ଏହା ମଧ୍ୟରେ ଏକ ଶକ୍ତିଶାଳୀ ଦଳ ଗଠନ ପାଇଁ ଆବଶ୍ୟକ ପଦକ୍ଷେପ ନେବେ ବୋଲି ଆଶା କରାଯାଉଛି।

## ଘର ବାହୁଡା ଲୋମାଙ୍କୁ ବିମାନ ବନ୍ଦରରେ ସ୍ୱାଗତ ସମ୍ବର୍ଦ୍ଧନା

ଭୁବନେଶ୍ୱର, ୨୭।୧୧(ସବ୍ୟୁ) : ନିକଟରେ ଜାପାନରେ ଅନୁଷ୍ଠିତ ଡେଫ୍ ଅଲମ୍ପିକ୍ସରେ ଅଂଶଗ୍ରହଣ କରି ଓଡିଶାର ଲୋମା ସ୍ୱାଇଁ ବ୍ରୋଞ୍ଜ ପଦକ ଜିତିଥିଲେ। ସେ କରାଟେ କ୍ରୀଡାର ୫୦ କିଲୋ ଫାଇଟରେ ଏହି ସଫଳତା ଲାଭ କରିଛନ୍ତି। ଗୁରୁବାର ଲୋମା ପଦକ ସଫଳତା ସହ ଭୁବନେଶ୍ୱର ଫେରିଛନ୍ତି। ଜାପାନରୁ ଦିଲ୍ଲୀ ହୋଇ ଭୁବନେଶ୍ୱରରେ ସକାଳ ୭ ଟରେ ଲୋମା ପହଞ୍ଚିଥିଲେ। ଲୋମାଙ୍କୁ ରାଜ୍ୟ କ୍ରୀଡା ଯୁବସେବା ବିଭାଗର ଅଧିକାରୀ ବିଜୟ କୁମାର ରାଉତ, ଓଡିଶା ସ୍ପୋର୍ଟ୍ସ କାଉନସିଲ ଫର ଡେଫ୍‌ର ସଭାପତି ଅମିତ ମିଶ୍ର ଓ ସଦସ୍ୟମାନେ ଉତ୍କଳ କରାଟେ ସ୍କୁଲର କରାଟେ ଓ ଯୁଜିଟସୁ ଖେଳାଳି ତଥା ଅନ୍ତର୍ଜାତୀୟ ପ୍ରତିଭା ଅନୁପମା ସ୍ୱାଇଁ ସନ୍ତୋଷ ମହାରଣା, ସ୍ୱରାଜ ଜାନି, ଓମ୍ ଶୁଭମ୍ ମହାନ୍ତି, କୃଷ୍ଣଚନ୍ଦ୍ର ନାୟକ, ରଜନୀ ବିସି, ସୁସ୍ମିନ୍ ପାଲଟାସିଂ, ନ୍ୟାସା କୁମାରୀ ଓ ଅନେକ କ୍ରୀଡା ବିତ୍ ଉପସ୍ଥିତ ରହି ଲୋମାଙ୍କୁ ସ୍ୱାଗତ କରିଥିଲେ। ଲୋମାନଙ୍କ ବାପା ଓ ମା' ମଧ୍ୟ ଉପସ୍ଥିତ ଥିଲେ। ବିମାନ ବନ୍ଦରରୁ ଲୋମା ପ୍ରଶିକ୍ଷଣ କେନ୍ଦ୍ର ଉତ୍କଳ କରାଟେ ସ୍କୁଲ ଯାଇଥିଲେ।



### ତୃତୀୟ ହକି ଇଣ୍ଡିଆ କନିଷ୍ଠ ମହିଳା ଏକାଡେମୀ ଚାମ୍ପିଅନସିପ୍

# ପୁଣି ସ୍ୱର୍ଣ୍ଣ ପଦକ ଜିତିଲା ଓଡ଼ିଶା ନାଭାଲ ଟାଟା ହକି ଏଚ୍‌ପିସି

ଭୁବନେଶ୍ୱର,(ସବ୍ୟୁ): ତୃତୀୟ ହକି ଇଣ୍ଡିଆ କନିଷ୍ଠ ମହିଳା ଏକାଡେମି ଚାମ୍ପିଅନସିପ୍ ରେ ପୁଣିଥରେ ଜାତୀୟସ୍ତରରେ ପ୍ରତିଭା ଦେଖାଇ ସ୍ୱର୍ଣ୍ଣ ପଦକ ଜିତିଛନ୍ତି ଓଡ଼ିଶା ନାଭାଲ ଟାଟା ହକି ଏଚ୍‌ପିସି ମହିଳା ଟିମ୍ । ହରିୟାଣାର କର୍ଣ୍ଣାଲଠାରେ ଚାଲିଥିବା ଚାମ୍ପିୟନସିପରେ ଲଗାତାର ଦ୍ୱିତୀୟ ବର୍ଷ ପାଇଁ ଓଡ଼ିଶା ନାଭାଲ ଟାଟା ହକି ହାଇ ପରଫର୍ମାନ୍ସ ସେଣ୍ଟର (ଓଏନ୍‌ଟିଏଚ୍‌ଏଚ୍‌ପିସି)ର ମହିଳା ଟିମ୍ କୁ ସ୍ୱର୍ଣ୍ଣ ପଦକ ମିଳିଛି । ଗ୍ରାଣ୍ଡ ଫିନାଲେରେ ରାଉଣ୍ଡଗ୍ଲାସ୍ ପାବ ହକି ଏକାଡେମିକୁ ୨-୦ରେ ପରାସ୍ତ କରି ଓଏନ୍‌ଟିଏଚ୍‌ଏଚ୍‌ପିସି ଟିମ୍ ଚମକାର ଢଙ୍ଗରେ ଟୁର୍ଣ୍ଣାମେଣ୍ଟ ସୁଇପ କରିଛି ।

ଟୁର୍ଣ୍ଣାମେଣ୍ଟରେ ଓଏନ୍‌ଟିଏଚ୍‌ଏଚ୍‌ପିସି ଟିମ୍ ଉନ୍ନତ ଖେଳ ପ୍ରଦର୍ଶନ ସହ ଶୃଙ୍ଖଳା ରକ୍ଷା ଓ ପରସ୍ପର ମଧ୍ୟରେ ସମନ୍ୱୟ ରକ୍ଷା କରି ଏହି ସଫଳତା ଅର୍ଜନ କରିଛି । ଗ୍ରୁପ୍ ସ୍ତରରୁ ହିଁ ଟିମ୍ ଏହାର ଚମକାର ପ୍ରଦର୍ଶନ ଆରମ୍ଭ କରିଥିଲା । ଗ୍ରୁପ୍ ସ୍ତରରେ ଏହା ସ୍ପୋର୍ଟସ୍ ଅଥରିଟି ଅଫ୍ ଗୁଜରାଟ ହକି ଏକାଡେମିକୁ ୩-୦ରେ ଏବଂ ମୁମ୍ବାଇ ସ୍କୁଲ ସ୍ପୋର୍ଟସ୍ ଆସୋସିଏସନ୍‌କୁ ୯-୦ରେ ପରାସ୍ତ କରିଥିଲା । ସେମି ଫାଇନାଲ୍‌ରେ ମଧ୍ୟ ସେମାନେ ସେହି ଧାରା ବଜାୟ ରଖି ଜୟ ଭାରତ ହକି ଏକାଡେମିକୁ ୪-୦ରେ ପରାସ୍ତ କରିଥିଲେ । ଫାଇନାଲ୍‌ରେ ମଧ୍ୟ ଓଏନ୍‌ଟିଏଚ୍‌ଏଚ୍‌ପିସି ଟିମ୍ ଧୈର୍ଯ୍ୟର ସହ ମ୍ୟାଚ ଖେଳି ଚାମ୍ପିୟନ ହୋଇଛି ।



ଷ୍ଟାର ମିଡ୍‌ଫିଲ୍‌ଡର୍ ପ୍ରଜ୍ଞା ପଟେଲ୍ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ଗ୍ରାଣ୍ଡ ଫିନାଲେରେ ପ୍ଲେୟାର ଅଫ୍ ଦି ମ୍ୟାଚ୍ ହୋଇଛନ୍ତି । ପୁରା ମ୍ୟାଚରେ ପ୍ରଭାବଶାଳୀ ପ୍ରଦର୍ଶନ ପାଇଁ ତାଙ୍କୁ ଏହି ପୁରସ୍କାର ଦିଆଯାଇଥିଲା । ଲଗାତାର ଦ୍ୱିତୀୟ ବର୍ଷ ପାଇଁ ସ୍ୱର୍ଣ୍ଣ ପଦକ ଜିତିଥିବା ଏହି କ୍ରୀଡ଼ାବିତମାନଙ୍କର ସଫଳତା ହିଁ ଭବିଷ୍ୟତର ହକି ଚାମ୍ପିଅନ ପ୍ରସ୍ତୁତ କରିବା ଦିଗରେ ଓଏନ୍‌ଟିଏଚ୍‌ଏଚ୍‌ପିସିର ପ୍ରତିବଦ୍ଧତାକୁ ଦର୍ଶାଉଛି । ଏହା ଖେଳାଳି, ପ୍ରଶିକ୍ଷକ ଓ ସମଗ୍ର ହାଇ ପରଫର୍ମାନ୍ସ ଟିମ୍‌ର କଠିନ ପରିଶ୍ରମକୁ ପ୍ରତିଫଳିତ କରୁଛି । ଏହି ଉଲ୍ଲେଖନୀୟ ସଫଳତା ପାଇଁ ଓଡ଼ିଶା ନାଭାଲ ଟାଟା ହକି ଏଚ୍‌ପିସି ପକ୍ଷରୁ ଟିମ୍‌କୁ ଅଭିନନ୍ଦନ ଜ୍ଞାପନ କରାଯାଇଥିବା ବେଳେ ସମସ୍ତ ପ୍ରଶିକ୍ଷକ, ସହାୟକ ଓ ସହଯୋଗୀଙ୍କ ପ୍ରୟାସକୁ ପ୍ରଶଂସା କରାଯାଇଛି । ଓଡ଼ିଶା ନାଭାଲ ଟାଟା ହକି ଏଚପିସି ନିକଟରେ ଅନେକ ସଫଳତା ହାସଲ କରିଛି । ୧୪ ବର୍ଷରୁ କମ୍ ଗ୍ରାସରୁଟ୍ ବାଳକ ଟିମ୍ ୩୫ତମ କେ ଡି ସିଂହ ବାବୁ ହକି ଟୁର୍ଣ୍ଣାମେ ବିଜେତା ହୋଇଥିବା ବେଳେ ୯ତମ ଏସଏନବିପି ଅଲ୍ ଇଣ୍ଡିଆ ହକି ଟୁର୍ଣ୍ଣାମେରେ ରୌପ୍ୟ ପଦକ ହାସଲ କରିଛି । ସେହିପରି ଜୁନିଅର ମହିଳା ଟିମ୍ ଏଚଏଓ ରାଜ୍ୟ ହକି ଚ୍ୟାମ୍ପିୟନସିପ୍ ବିଜେତା ହୋଇଛନ୍ତି ଏବଂ ଜୁନିଅର ପୁରୁଷ ଦଳ ରାଜ୍ୟ ଚାମ୍ପିୟନସିପରେ ତୃତୀୟ ସ୍ଥାନରେ ରହିଛନ୍ତି ।

## ଏକାମ୍ର କଲେଜର ଶୁଭଶ୍ରୀ, କୃଷ୍ଣପ୍ରିୟାଙ୍କ ପଦକ ସଫଳତା

ଭୁବନେଶ୍ୱର, ୨୭।୧୧(ସବ୍ୟୁ) : ଉତ୍କଳ ବିଶ୍ୱବିଦ୍ୟାଳୟ ଆନ୍ତଃକଲେଜ ଆଥଲେଟିକ୍ ମିଟ୍ ଉଦୟନାଥ କଲେଜ ଅଡସପୁର ପଡିଆରେ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ ଏକାମ୍ର କଲେଜର ଦୁଇ ଛାତ୍ରୀ ଶୁଭଶ୍ରୀ ପରିଡା ଓ କୃଷ୍ଣପ୍ରିୟା ବରିଶଲ୍ୟ ପଦକ ସଫଳତା ଅର୍ଜନ କରିଛନ୍ତି। ଶୁଭଶ୍ରୀ ପରିଡା ୧୦୦ ମିଟର ଓ ୪୦୦ ମିଟର ଦୌଡ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରି ଦୁଇଟି ସ୍ୱର୍ଣ୍ଣ ପଦକ ଏବଂ ୨୦୦ ମିଟର ଦୌଡରେ ରୌପ୍ୟ ପଦକ ଜିତିଛନ୍ତି। ସେହିପରି କୃଷ୍ଣପ୍ରିୟା ବରିଶଲ୍ୟ ୧୦୦ ମିଟର ଓ ୨୦୦ ମିଟର ଦୌଡରେ ତୃତୀୟ ସ୍ଥାନ ଅଧିକାର କରି ଦୁଇଟି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ବରିଷ୍ଠ କ୍ରିକେଟ୍ କୋଚ୍ ମନୋଜ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ପ୍ରଶିକ୍ଷଣ ନେଇଥିବା ଏହି ଦୁଇ ଛାତ୍ରୀ ପଦକ ସଫଳତା ଲାଭ କରି ଏକାମ୍ର କଲେଜର ଗୌରବ ବଢାଇଛନ୍ତି।



## ସରିଗୀପାଲି କପ ଉଦଯାପିତ , ସରିଗୀପାଲି ଚାମ୍ପିଅନ

ଠାକୁରଗଡ ୨୭/୧୧(ସବ୍ୟୁ) : ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ହଣ୍ଡପା ଥାନା ସରିଗୀପାଲି ନିକଟରେ ଥିବା ଖେଳ ପଡିଆରେ ଚାଲିଥିବା ସରିଗୀପାଲି ଜୟ ମେମୋରିଆଲ କପ ବୁଧବାର ଦିନ ଉଦଯାପିତ ହୋଇ ଯାଇଛି । ଏହି ଟୁର୍ଣ୍ଣାମେଣ୍ଟରେ ୧୬ ଟି ଟିମ ଅଂଶ ଗ୍ରହଣ କରିଥିଲେ । ଫାଇନାଲ ମ୍ୟାଚରେ ଅଏଡାକୁ ହାରାଇ ସରିଗୀପାଲି କ୍ରିକେଟ ଟିମ ଚାମ୍ପିୟାନ ହୋଇଛି । ପ୍ରଥମେ ଅଏଡା ବ୍ୟାଟିଂ କରି ୬୯ ରନ ସଂଗ୍ରହ କରିଥିଲା । ଜବାବରେ ସରିଗୀପାଲି ୭୦ ରନ କରି ଚମ୍ପିୟାନ ହୋଇଥିଲା । ଏହି ମ୍ୟାଚ ସରୋଜ କୁମାର ପ୍ରଧାନ, ଅନିଲ ଦେହୁରି , ପରିଚାଳନା କରିଥିଲେ । ଉଦଯାପନୀ ସଭାରେ ମୁଖ୍ୟ ଅତିଥି ଭାବରେ ଭାଜପା ନେତା ଡ ଅଲେଖ କୁମାର ପ୍ରଧାନ ,ଅନ୍ୟତମ ଅତିଥି ଭାବରେ ଯୁବ ସାମାଜିକ କର୍ମୀ ସତ୍ୟବ୍ରତ ସାହୁ ଯୋଗ ଦେଇ ଉଭୟ ଦଳକୁ ପୁରସ୍କାର ବଣ୍ଟନ କରିଥିଲେ । ଏହି କ୍ରିଡାକୁ ବର୍ଣ୍ଣି ସାହୁ , ଗୋଲଡି ସାହୁ ପରିଚାଳନା କରିଥିଲେ।

# କଳିଙ୍ଗରେ ଓଡ଼ିଶା ମାଷ୍ଟର୍ସ ୨୦୨୫-ବିଡବ୍ଲ୍ୟୁଏଫ୍ ଟୁର୍ ସୁପର ୧୦୦ ଟୁର୍ଣ୍ଣାମେଣ୍ଟ

ଭୁବନେଶ୍ୱର, ୨୭।୧୧(ସବ୍ୟୁ) : ଆସନ୍ତା ଡିସେମ୍ବର ମାସ ୯ ତାରିଖରୁ ୧୪ ତାରିଖ ପର୍ଯ୍ୟନ୍ତ କଟକର ଜବାହରଲାଲ ନେହେରୁ ଇଣ୍ଡୋର ଷ୍ଟାଡ଼ିୟମ୍ ଠାରେ ଓଡ଼ିଶା ମାଷ୍ଟର୍ସ ୨୦୨୫-ବିଡବ୍ଲ୍ୟୁଏଫ୍ ଟୁର୍ ସୁପର ୧୦୦ ଟୁର୍ଣ୍ଣାମେଣ୍ଟର ଆୟୋଜନ କରାଯିବ। ବ୍ୟାଡ଼ମିଣ୍ଟନ ୱାର୍ଲଡ଼ ଫେଡ଼େରେସନ୍, ବ୍ୟାଡ଼ମିଣ୍ଟନ ଆସୋସିଏସନ୍ ଅଫ୍ ଇଣ୍ଡିଆ, ଓଡ଼ିଶା ଷ୍ଟେଟ୍ ବ୍ୟାଡ଼ମିଣ୍ଟନ ଆସୋସିଏସନ୍ ଏବଂ କ୍ରୀଡ଼ା ଓ ଯୁବସେବା ବିଭାଗର ମିଳିତ ଆନୁକୂଲ୍ୟରେ ଏହି ଅନ୍ତର୍ଜାତୀୟ ଟୁର୍ଣ୍ଣାମେଣ୍ଟର ଆୟୋଜନ କରାଯିବ।

ଓଡ଼ିଶାରେ ଚତୁର୍ଥ ଥର ପାଇଁ ଏହି ଅନ୍ତର୍ଜାତୀୟ ଟୁର୍ଣ୍ଣାମେଣ୍ଟର ଆୟୋଜନ କରାଯିବ।

ଆଜି କଳିଙ୍ଗ ଷ୍ଟାଡ଼ିୟମ ଠାରେ ଆୟୋଜିତ ହୋଇଥିବା ସାମ୍ବାଦିକ ସମ୍ମିଳନୀରେ ଓଡ଼ିଶା ମାଷ୍ଟର୍ସ ୨୦୨୫-ବିଡବ୍ଲ୍ୟୁଏଫ୍ ଟୁର୍ ସୁପର ୧୦୦ ଟୁର୍ଣ୍ଣାମେଣ୍ଟର ଆୟୋଜନ ସମ୍ବନ୍ଧରେ କ୍ରୀଡ଼ାମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ ସବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ।

ଚଳିତ ବର୍ଷ ୨୨ଟି ଦେଶ - ଭାରତ, ଫିନଲ୍ୟାଣ୍ଡ, ହଙ୍ଗକଙ୍ଗ ଚାଇନା, ଶ୍ରୀଲଙ୍କା, ମ୍ୟାଲେସିଆ, ଇଜରେଲ, ଜାପାନ, ସ୍ପେନ୍, ଇଜିପ୍ଟ, ଇଣ୍ଡୋନେସିଆ, ଆମେରିକା, ଅଷ୍ଟ୍ରେଲିଆ, ଇଂଲଣ୍ଡ, ଥାଇଲାଣ୍ଡ, ବଲଗେରିଆ, ଚାଇନିଜ-ତାଇପେଇ, ୟୁଏଇ, ଉଗାଣ୍ଡା, ସାଉଦି ଆରବିଆ, ଭେନେଜୁଆଲା, ରସିଆ, ବାଙ୍ଗଲାଦେଶର କ୍ରୀଡ଼ାବିତ୍‌ମାନେ ଏହି ଅନ୍ତର୍ଜାତୀୟ ଟୁର୍ଣ୍ଣାମେଣ୍ଟରେ କରିବେ। ୨୨ଟି ଦେଶରୁ ୪୦୦ରୁ ଉର୍ଦ୍ଧ୍ୱ କ୍ରୀଡ଼ାବିତ୍ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ପ୍ରତିଯୋଗିତା ପୁରୁଷ ସିଙ୍ଗଲସ୍

ମହିଳା ସିଙ୍ଗଲସ୍, ପୁରୁଷ ଡ଼ବଲସ୍, ମହିଳା ଡ଼ବଲସ୍ ଏବଂ ମିକ୍ସଡ଼ ଡ଼ବଲସ୍ କ୍ୟାଟାଗୋରୀରେ ଆୟୋଜିତ ହେବ। ବିଶ୍ୱର ଟପ୍ ରାଙ୍କିଙ୍ଗ ବ୍ୟାଡ଼ମିଣ୍ଟନ ଖେଳାଳୀମାନେ ଏହି ଟୁର୍ଣ୍ଣାମେଣ୍ଟରେ ଭାଗ ନେବେ ବୋଲି ସୂଚନା ଦେଇଛନ୍ତି କ୍ରୀଡ଼ାମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ।

ଏଥିସହ ଡ଼ିସେମ୍ବର ୧ ତାରିଖରୁ ୬ ତାରିଖ ପର୍ଯ୍ୟନ୍ତ ୩୭ତମ ଜାତୀୟ ସବ ଜୁନିୟର ବ୍ୟାଡ଼ମିଣ୍ଟନ ଚାମ୍ପିୟନସିପ୍ର ଆୟୋଜନ କଳିଙ୍ଗ ଷ୍ଟାଡ଼ିୟମ ଠାରେ କରାଯିବ। ଅଣ୍ଡର-୧୫ ଓ ଅଣ୍ଡର-୧୭ରେ ଏହି ଟୁର୍ଣ୍ଣାମେଣ୍ଟ ଖେଳାଯିବ। ସାରା ଦେଶରୁ ବିଭିନ୍ନ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରୁ ପ୍ରାୟ ୭୫୦ରୁ ଉର୍ଦ୍ଧ୍ୱ କ୍ରୀଡ଼ାବିତ୍ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ଓଡ଼ିଶାରୁ ଅଣ୍ଡର-୧୫ ଓ ଅଣ୍ଡର-୧୭ ଟିମ୍ରେ ମୋଟ ୨୫ଜଣ କ୍ରୀଡ଼ାବିତ୍ ଅଂଶଗ୍ରହଣ କରିବେ ବୋଲି କ୍ରୀଡ଼ାମନ୍ତ୍ରୀ ଶ୍ରୀ ସୂରଜ କହିଛନ୍ତି।



ବିଗତ ଦିନରେ ଓଡ଼ିଶାରେ ୱାର୍ଲଡ଼ ଆଥଲେଟିକ୍ସ କଣ୍ଟିନେଣ୍ଟାଲ ଟୁର ବ୍ରୋଞ୍ଜ ଏବଂ ଏସିଆନ ଟେବୁଲ ଟେନିସ ଚାମ୍ପିୟନସିପ ଭଳି ଅନ୍ତର୍ଜାତୀୟ ଟୁର୍ଣ୍ଣାମେଣ୍ଟର ଆୟୋଜନ ସଫଳତାର ସହ କରାଯାଇଛି। ବିଭିନ୍ନ ଅନ୍ତର୍ଜାତୀୟ ଟୁର୍ଣ୍ଣାମେଣ୍ଟର ଆୟୋଜନ କରି ବିଶ୍ୱ କ୍ରୀଡ଼ା ଜଗତରେ ଓଡ଼ିଶା ନିଜ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛି। ଓଡ଼ିଶା ମାଷ୍ଟର୍ସ ଟୁର୍ଣ୍ଣାମେଣ୍ଟର ସଫଳ ଆୟୋଜନ ସହ ଓଡ଼ିଶାରେ କ୍ରୀଡ଼ାର ବିକାଶ ପାଇଁ ଲକ୍ଷ୍ୟ ରଖାଯାଇଛି ବୋଲି ମନ୍ତ୍ରୀ ଶ୍ରୀ ସୂରଜ ମତପ୍ରକାଶ କରିଛନ୍ତି।

ଓଡ଼ିଶା ଷ୍ଟେଟ୍ ବ୍ୟାଡ଼ମିଣ୍ଟନ ଆସୋସିଏସନର ସଭାପତି ଶ୍ରୀ ରାଜେଶ ପ୍ରଭାକର ପାଟିଲ୍ କହିଛନ୍ତି ଯେ, ଓଡ଼ିଶାରେ ଏହି ଅନ୍ତର୍ଜାତୀୟ ବ୍ୟାଡ଼ମିଣ୍ଟନ ଟୁର୍ଣ୍ଣାମେଣ୍ଟର ଆୟୋଜନ ହେବା ଆମ ପାଇଁ ଗର୍ବର ବିଷୟ। ଏହା ଓଡ଼ିଶାର ସମସ୍ତ କ୍ରୀଡ଼ାପ୍ରତିଭାମାନଙ୍କୁ ପ୍ରେରିତ କରିବ। ବିଭିନ୍ନ ଅନ୍ତର୍ଜାତୀୟ ଟୁର୍ଣ୍ଣାମେଣ୍ଟର ଆୟୋଜନ କରି ବିଶ୍ୱକ୍ରୀଡ଼ା ଜଗତରେ ଓଡ଼ିଶା ନିଜ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛି ବୋଲି କ୍ରୀଡ଼ା ଓ ଯୁବସେବା ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀ ସଚିନ ରାମଚନ୍ଦ୍ର ଯାଦବ କହିଛନ୍ତି।

ଆଜିର କାର୍ଯ୍ୟକ୍ରମରେ ଓଡ଼ିଶା ମାଷ୍ଟର୍ସ ୨୦୨୫ ଟୁର୍ଣ୍ଣାମେଣ୍ଟ ଆୟୋଜନ ଏବଂ ବ୍ୟାଡ଼ମିଣ୍ଟନ ଖେଳର ପ୍ରଚାର ଓ ପ୍ରସାର ପାଇଁ ଉଦ୍ଦିଷ୍ଟ ଏକ ପ୍ରଚାର ଭ୍ୟାନକୁ ପତାକା ଦେଖାଇ ମନ୍ତ୍ରୀ ଶ୍ରୀ ସୂରଜ ଏହାର ଶୁଭାରମ୍ଭ କରିଥିଲେ। ଏଥିସହ ଓଡ଼ିଶା ମାଷ୍ଟର୍ସ ୨୦୨୫ ଟୁର୍ଣ୍ଣାମେଣ୍ଟର ଲୋଗୋ ଉନ୍ମୋଚିତ ହୋଇଥିଲା। ଟୁର୍ଣ୍ଣାମେଣ୍ଟ ମାସ୍କଟ "ଓଲି" ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ସମସ୍ତ କ୍ରୀଡ଼ା ପ୍ରଶଂସକମାନଙ୍କୁ ଉତ୍ସାହିତ କରିଥିଲେ।

ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୨୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୨୪ରେ ଯୋଗାଯୋଗ କରନ୍ତୁ।

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି